# ଧରିତ୍ରୀ DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୨୫/୨୦୨୧ (୧୬ ପୃଷ୍ଠା) | Sambalpur, Monday, January 25/2021 | ★★

୧୬ଶ ଭାଗ ୩୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସ୍ୱପ୍ନ ପୂରଣ କଲେ ସୋନାକ୍ଷୀ**

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଏବେ ତାଙ୍କ ସ୍ୱପ୍ନ ସତ କରିଛନ୍ତି। ମୁମ୍ବାଇର ବାନ୍ଦ୍ରାରେ ସେ ଏକ ୪ ବିଏଚ୍‌କେ ଘର କିଣିଛନ୍ତି।

୧୪

୧୩

**ସାୱ୍ରନ ପହାରିଆଙ୍କ ଦ୍ରୁତ ଦ୍ୱିଶତକ**

କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟରେ ରବିବାର ଗଜପତି ବିପକ୍ଷରେ ଦ୍ରୁତ ଦ୍ୱିଶତକ ହାସଲ କରିଛନ୍ତି ଯାଜପୁରର ସାୱ୍ରନ ପହାରିଆ।



# ଟାଣିଆଣି ସମ୍ମାନ

**ତଥାଗତ ସତପଥୀ**

ଗତ ସପ୍ତାହର ଶେଷଦିନକୁ ଦେଶବ୍ୟାପୀ ଏକ ପର୍ବ ଭାବେ ପାଳନ କରାଯିବାର ପ୍ରଚେଷ୍ଟା ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ, ଜାତୀୟ କଂଗ୍ରେସର ସଭାପତି ଏବଂ ଇଣ୍ଡିଆନ୍ ନ୍ୟାଶନାଲ୍ ଆର୍ମି (ଭାରତୀୟ ସେନାନୀ ବା ଆଜାଦ ହିନ୍ଦ୍ ଫୌଜ)ର ଜନ୍ମଦାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୫ତମ ଜନ୍ମଦିବସ ପାଳନ କରାଯାଇଛି। ଏହି ଅବସରରେ ଅନେକ ନାଟକ ଏବଂ କୌତୂହଳପୂର୍ଣ୍ଣ ଘଟଣା ଦେଖିବାର ସୁଯୋଗ ମିଳିଲା। କଲିକତାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କ୍ରୋଧର ଦୃଷ୍ଟାନ୍ତ ଦେଖିଲାବେଳକୁ ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିନା ମାସ୍କରେ ଅନେକ ଲୋକଙ୍କୁ ଭେଟିବା ଓ ଉଦ୍‌ବୋଧନ ଦେବାର ଉଦାହରଣ ଦେଖିବାକୁ ମିଳିଲା। ସେହିଭଳି ଇନ୍ଦୋର ଭାଜପା ସାଂସଦ ଶଙ୍କର ଲାଲଓ୍ୱାନି ଏକ ସଭାରେ ନେତାଜୀ ଚନ୍ଦ୍ରଶେଖର ଆଜାଦ କହି ସେହି ତ୍ରୁଟିକୁ ସଂଶୋଧନ କରିବାକୁ ଯାଇ କହିଲେ ନେତାଜୀ ଚନ୍ଦ୍ରଶେଖର ବୋଷ। ଏ ଘଟଣା ମଧ୍ୟ ଆମେ ଶୁଣିଲୁ। ଭାତହାଣ୍ଡିରୁ ଗୋଟିଏ ଦାନା ଚିପିବା ଭଳି ଦୃଷ୍ଟିକୁ ଆସିଥିବା ଏହିସବୁ ଘଟଣା ପ୍ରମାଣ କରୁଛି ଯେ, ସୁଭାଷ ବୋଷଙ୍କ ଉପରେ ପଡ଼ିଥିବା ନଜର ପଛରେ ତାଙ୍କ ପ୍ରତି ଶ୍ରଦ୍ଧା କିମ୍ବା ସମ୍ମାନ ପରିବର୍ତ୍ତେ ସମସ୍ତେ ରାଜନୈତିକ ଭାଗବଣ୍ଟୁରାକୁ ଅନିଷା କରି ରହିଛନ୍ତି। ହୁଏତ ଆସନ୍ତା ପଶ୍ଚିମବଙ୍ଗ ନିର୍ବାଚନ ଏତେ ନିକଟରେ ହେବାକୁ ନ ଥିଲେ, କେନ୍ଦ୍ର ସରକାରଙ୍କ ଦ୍ୱାରା ରେଳଗାଡ଼ି ନାମ ପରିବର୍ତ୍ତନଠାରୁ ଦେଶବ୍ୟାପୀ ସୁଭାଷ ବୋଷ ପରାକ୍ରମ ଦିବସ କରାଯାଇ ନ ଥାନ୍ତା। ଭାଜପାର ଅନ୍ୟଜଣେ ସାଂସଦ ସାକ୍ଷୀ ମହାରାଜ ବିବୃତି ଦେଇଛନ୍ତି ଯେ, ନେତାଜୀଙ୍କ ମୃତ୍ୟୁ ପାଇଁ କଂଗ୍ରେସ ଦଳ ଦାୟୀ। ତାଙ୍କର ଏହି ମନ୍ତବ୍ୟ ସହିତ କୌଣସି ଚିନ୍ତାଶୀଳ ଭାରତୀୟ ଦ୍ୱିମତ ହୋଇପାରିବ ନାହିଁ। ସାକ୍ଷୀ ମହାରାଜ ଆହୁରି ମଧ୍ୟ କହିଛନ୍ତି ଯେ, ସୁଭାଷ ବୋଷଙ୍କ ଲୋକପ୍ରିୟତାକୁ ଉଭୟ ଗାନ୍ଧୀ ଓ ନେହେରୁ ସହିପାରୁ ନ ଥିଲେ। ସାକ୍ଷୀଙ୍କର ଏ କଥା ମଧ୍ୟ ସତ୍ୟ। ତେବେ ଦୀର୍ଘ ଆଠ ବର୍ଷ ହେବାକୁ ଯାଉଥିବା ସାକ୍ଷୀ ମହାରାଜଙ୍କ ଦଳର ସରକାର କାହିଁକି ସତ୍ୟ ଉନ୍ମୋଚନ କରିନାହାନ୍ତି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଆଜି ଯେଉଁ ଆଡ଼ମ୍ବରରେ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କରେ ଦେଶବ୍ୟାପୀ କାର୍ଯ୍ୟକ୍ରମ କରାଯାଉଛି, ତାହା ମଧ୍ୟ ସନ୍ଦେହ ଘେରକୁ ଟାଣିହୋଇ ଯାଉଛି। ମନେହେଉଛି ଯେପରି ଆମର ପୂର୍ବପୁରୁଷଙ୍କୁ ମଧ୍ୟ ଆଜି ଆମେମାନେ ନିଜର ସୁବିଧା ପାଇଁ ବ୍ୟବହାର କରିବାକୁ ପଛାଉ ନାହୁଁ।

ପ୍ରଧାନମନ୍ତ୍ରୀ ମୋଦିଙ୍କ କଲିକତା କାର୍ଯ୍ୟକ୍ରମରେ ମମତା ବାନାର୍ଜୀଙ୍କ କ୍ରୋଧ ପ୍ରକାଶ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିବ। ସେହି କ୍ରୋଧ ବାସ୍ତବ ଥିଲା କି ନାହିଁ ଜାଣିବା ଅସମ୍ଭବ। ଅପରପଟେ ସେ କ୍ରୋଧ ଯୋଗୁ ଯଦି ବଙ୍ଗାଳୀ ଜାତିର ସ୍ୱାଭିମାନକୁ ଜାଗ୍ରତ କରିବାର ଉଦ୍ଦେଶ୍ୟ ଥାଏ, ତେବେ ନିକଟରେ ହେବାକୁ ଥିବା ନିର୍ବାଚନରେ କେତେଦୂର ପ୍ରଭାବ ପକାଇବ ତାହା ଦେଖିବାକୁ ଅଛି। ଏହା ସତ୍ୟ ଯେ, ବଙ୍ଗାଳୀମାନଙ୍କ ଧାର୍ମିକ ବିଶ୍ୱାସ ଓଡ଼ିଆଙ୍କ ସହିତ ଅନେକ ସାମଞ୍ଜସ୍ୟ ରହିଛି। ଜଗନ୍ନାଥ ପ୍ରେମ ଏବଂ ମା'ଦୁର୍ଗାଙ୍କ ପୂଜା ଏଇ ଦୁଇ ଜାତିର ଶୀର୍ଷ ସ୍ଥାନରେ ଅନେକ ଶତାବ୍ଦୀ ଧରି ରହିଆସିଛି। ଯେମିତି ଓଡ଼ିଶାର ପ୍ରାୟ ସବୁ ଗ୍ରାମରେ ଗ୍ରାମଦେବୀ ମନ୍ଦିର ସହିତ ଜଗନ୍ନାଥ ଏବଂ ଶିବମନ୍ଦିର ଥିବା ଦେଖିବାକୁ ମିଳିଥାଏ, ପଶ୍ଚିମବଙ୍ଗର ଗ୍ରାମାଞ୍ଚଳରେ ମଧ୍ୟ ଅନୁରୂପ ପ୍ରକାରର ମନ୍ଦିର ଓ ଠାକୁରାଣୀ ଠାକୁର ଦେଖିବାକୁ ମିଳନ୍ତି। ଆମ ଜାଣିବାରେ ଓଡ଼ିଶାର କୌଣସି ଗ୍ରାମରେ ପ୍ରାଚୀନ ରାମମନ୍ଦିର ଦେଖିବାକୁ ମିଳେନାହିଁ। ସେହିଭଳି ପଶ୍ଚିମବଙ୍ଗରେ ମଧ୍ୟ ରାମଙ୍କର ପ୍ରଭାବ ନାହିଁ। ସେଠାରେ ଭାଜପା କର୍ମୀଙ୍କ ଦ୍ୱାରା ଦିଆଯାଇଥିବା 'ଜୟ ଶ୍ରୀରାମ' ଧ୍ୱନି ଯୋଗୁ ମମତା କ୍ଷୁବ୍ଧ ହୋଇଛନ୍ତି ବୋଲି ଯାହା ଶୁଣିବାକୁ ମିଳୁଛି, ତାହା ମଧ୍ୟ ସତ୍ୟ ହୋଇପାରେ। ଧର୍ମବିଶ୍ୱାସର ସାମଞ୍ଜସ୍ୟ ଥିବାବେଳେ ଓଡ଼ିଆ ଭାଷା ଓ ଜାତିର ବଙ୍ଗଳା ସହିତ କ୍ୱଚିତ୍ ସାମଞ୍ଜସ୍ୟ ଦେଖିବାକୁ ମିଳେ। ଆମ ସାହିତ୍ୟରେ ଆସିଥିବା ସବୁଜ ଯୁଗର ମୁଖ୍ୟ ଉଦ୍ଦେଶ୍ୟ ଯେଉଁମାନେ ଜାଣିଛନ୍ତି ସେମାନେ ବୁଝିପାରିବେ ଯେ, ଓଡ଼ିଆ ଜାତି କେବେହେଲେ କାହାରି ଗୋଲାମ ହୋଇପାରି ନାହିଁ। ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ କଲିକତାରେ ଡେରା ପକାଇଥିବା ବେଳେ ଓଡ଼ିଶାରେ ରାଜରାଜୁଡ଼ାଙ୍କ ସହିତ ବ୍ୟବସାୟ କରିଥିଲା। କିନ୍ତୁ ବ୍ରିଟିଶ୍ ଶାସନ ବେଳେ ଓଡ଼ିଶା ଏକପ୍ରକାର ତା'ର ନିଜସ୍ୱ ରାଜରାଜୁଡ଼ାଙ୍କ ଶାସନରେ ରହିଲା, ସିଧାସଳଖ ଗୋରା ଶାସନକୁ ଯାଇ ନ ଥିଲା। କେବଳ ଉପକୂଳବର୍ତ୍ତୀ କିଛି ଅଞ୍ଚଳକୁ ଛାଡ଼ିଦେଲେ ଓଡ଼ିଶାର ସବୁ ରାଜା ନିଜ ହାତରେ ରାଜସ୍ୱ ଆଦାୟ ଏବଂ ପୋଲିସ ପ୍ରଶାସନକୁ ରଖିଥିଲେ। ଗୋରା ଶାସକଙ୍କ ପୂର୍ବରୁ ମୋଗଲ ରାଜାମାନେ ମଧ୍ୟ ଓଡ଼ିଶା (କଳିଙ୍ଗ) ମାଟିକୁ ସିଧାସଳଖ ଅକ୍ତିଆର କରିପାରି ନ ଥିଲେ। ହୁଏତ ସେଥିପାଇଁ ଓଡ଼ିଶାରେ ବହୁମାତ୍ରାରେ ଖ୍ରୀଷ୍ଟିଆନ କିମ୍ବା ମୁସଲମାନ ସମ୍ପ୍ରଦାୟର ଜନସଂଖ୍ୟା ବୃଦ୍ଧି ପାଇପାରି ନାହିଁ।

ଏଭଳି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ଅନେକ ଓଡ଼ିଆ ଭାବିଛନ୍ତି ସୁଭାଷ ଚନ୍ଦ୍ର ବୋଷ ଓଡ଼ିଶାର ଗୌରବ। ବାସ୍ତବ ଚିତ୍ର ଦେଖିଲେ ଏ ଚିନ୍ତାଧାରା ତ୍ରୁଟିପୂର୍ଣ୍ଣ ବୋଲି ମନେହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ସୁଭାଷ ଚନ୍ଦ୍ର ବୋଷ ତାଙ୍କର କୌଣସି ଭାଷଣରେ, ଲେଖାରେ କିମ୍ବା ବିବୃତିରେ କେବେହେଲେ, ଥରେ ମଧ୍ୟ ସ୍ୱୀକାର କରିନାହାନ୍ତି ଯେ ତାଙ୍କର ଜନ୍ମ ଓଡ଼ିଶା ମାଟିରେ ହୋଇଛି। ଏଠାରେ ଗୋଟିଏ ଉଦାହରଣ ଦିଆଯାଇପାରେ। ଜଣେ ଗର୍ଭବତୀ ମହିଳା ଟ୍ରେନ୍ ଯୋଗେ ଚେନ୍ନାଇରୁ କଲିକତା ଯାଉଛନ୍ତି। ବ୍ରହ୍ମପୁର ପାଖାପାଖି ତାଙ୍କର ପ୍ରସବ ବେଦନା ଆରମ୍ଭ ହେଲା ଏବଂ କଟକରୁ ବାଲେଶ୍ୱର ମଧ୍ୟରେ ପିଲାଟି ଜନ୍ମନେଲା। ପରବର୍ତ୍ତୀ ସମୟରେ ସେହି ପିଲା ଅନେକ ନାମ ଅର୍ଜନ କଲା କିନ୍ତୁ କେବେହେଲେ କହିଲା ନାହିଁ ତା'ର ଜନ୍ମ କେଉଁଠି। ନିଜ ଜନ୍ମସ୍ଥାନକୁ ଏବଂ ସେହି ସ୍ଥାନର ଭାଷାକୁ ଯିଏ ନିଜର ବୋଲି ଭାବେନାହିଁ ସେହି ବ୍ୟକ୍ତି ସେଠାକାର ଜାତିର ଗୌରବ ହେବା ଉଚିତ ନୁହେଁ। ସେ ଦୃଷ୍ଟିକୋଣରୁ ଭାବିଲେ କଟକ ବସ୍‌ଷ୍ଟାଣ୍ଡକୁ ସୁଭାଷ ବୋଷଙ୍କ ନାମରେ ନାମିତ କରିବା ହେଉ କିମ୍ବା ଓଡ଼ିଶାର ଜଣେ ପୂର୍ବତନ ବଙ୍ଗାଳୀ ମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱର ରସୁଲଗଡ଼ ଛକଠାରୁ ବାଣୀବିହାର ମଧ୍ୟରେ ଅନେକ ପ୍ରମୋଦ ଉଦ୍ୟାନ ନିର୍ମାଣ କରିବା ଏବଂ ସେଗୁଡ଼ିକୁ ବିଭିନ୍ନ ବଙ୍ଗାଳୀ, ମରାଠି ଏବଂ ଅନ୍ୟ ରାଜ୍ୟର ଲୋକଙ୍କ ନାମରେ ନାମିତ କରିବା ମୋ ମତରେ ଓଡ଼ିଶା ଜାତିକୁ ଅସମ୍ମାନିତ କରିବା ହେଉଛି। ମନ ଦୁଃଖ ହେଉଛି ଯେ, ସତରେ କ'ଣ ଏହି ମାଟିରୁ କୌଣସି ଗୋଟିଏ ଯୋଗ୍ୟ ସନ୍ତାନ ଜନ୍ମ ନେଇନାହିଁ, ଯେଉଁଥିପାଇଁ ଓଡ଼ିଆ ଜାତି ସବୁବେଳେ ବାହାର ଲୋକଙ୍କୁ ଉପରେ ପଡ଼ି ଟାଣିଆଣି ସମ୍ମାନ ଦେଉଛି ? ଏହିଭଳି ନିଷ୍ପତ୍ତି ନିଆଯିବା ଫଳରେ ଆମର ଆସନ୍ତା ପିଢ଼ିର ଅସ୍ମିତାକୁ ଆମେ ନିଜେ ଧ୍ୱଂସ କରିଦେଉଛେ।

# ତେଲରେ ନିଆଁ

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

- **ସପ୍ତାହରେ ତେଲ ଦର ୪ ଥର ବଢ଼ିଲାଣି**
- **ଜାନୁୟାରୀରେ ପେଟ୍ରୋଲ ୨.୧, ଡିଜେଲ ୨.୧୮ ଟଙ୍କା ବୃଦ୍ଧି**



ପେଟ୍ରୋଲ ଏବଂ ଡିଜେଲ ଦର କମିବା ଦେଖାଯାଉନାହିଁ। ଚଳିତ ସପ୍ତାହରେ ଇନ୍ଧନ ଦର ୪ଥର ବଢ଼ିଲାଣି। ସେହିଭଳି ଜାନୁୟାରୀରେ ତେଲ ଦର ୮ଥର ବୃଦ୍ଧି ପାଇବା ଅସହ୍ୟ ହେଲାଣି। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ଶନିବାର ଲଗାତର ଦ୍ୱିତୀୟ ଦିନ ଲାଗି ତେଲ ଦର ବଢ଼ାଇଥିଲେ। ଫଳରେ ଏବେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୮୬.୩୮ ଟଙ୍କା ଏବଂ ଡିଜେଲ ୮୨.୬୮ଟଙ୍କା ଛୁଇଁଛି। ଏଠାରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଲାଗି ଖାଉଟିଙ୍କୁ ଦିଲ୍ଲୀ ତୁଳନାରେ ଅଧିକ ଦାମ୍ ଦେବାକୁ ପଡୁଛି। ରାଜ୍ୟର ମାଲକାନଗିରିରେ ଶନିବାର ପେଟ୍ରୋଲ ୯୧.୪୨ ଟଙ୍କା ଏବଂ ଡିଜେଲ ୮୭.୬୫ ଟଙ୍କା ରହିଥିଲା। ବର୍ତ୍ତମାନ ଓଡ଼ିଶାରେ ପେଟ୍ରୋଲ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ସେହିଭଳି ରାଜ୍ୟର ଅନ୍ୟ ପ୍ରମୁଖ ସହର ସମ୍ବଲପୁରରେ ପେଟ୍ରୋଲ ୮୬.୯୭ଟଙ୍କା ଓ ଡିଜେଲ ୮୩.୨୭ ଟଙ୍କାରେ ବିକ୍ରି ହେଉଛି। ଅପରପକ୍ଷରେ ବାଲେଶ୍ୱରରେ ଲୋକମାନେ ତେଲ ପାଇଁ ଯଥାକ୍ରମେ ୮୬.୩୭ ଟଙ୍କା ଏବଂ ୮୨.୯୬ ଟଙ୍କା ଦେଉଥିବା ସୂଚନା ମିଳିଛି।

ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ୨୬ ପଇସା ଏବଂ ଡିଜେଲ ୨୭ ପଇସା ବଢ଼ିଛି। ଶୁକ୍ରବାର ମଧ୍ୟ ପେଟ୍ରୋଲ ୨୫ ପଇସା ଏବଂ ଡିଜେଲ ୨୮ ପଇସା ବଢ଼ିଥିଲା। ଚଳିତ ମାସରେ ଭୁବନେଶ୍ୱରରେ ପେଟ୍ରୋଲ ୨.୧ ଟଙ୍କା ଏବଂ ଡିଜେଲ ୨.୧୮ ଟଙ୍କା ବଢ଼ିଲାଣି। ଜାନୁୟାରୀର ପ୍ରତି ସପ୍ତାହରେ ତେଲ ଦର ୨ ଥର ଲେଖାଏ ବଢ଼ିଛି। ରାଜସ୍ଥାନର ଗଙ୍ଗାନଗରରେ ଇନ୍ଧନ ମୂଲ୍ୟ ୯୭.୫୦ ଟଙ୍କା ଛୁଇଁଛି। ସାରା ଦେଶର ଦର କଥା ବିଚାର କଲେ ଏହା ସର୍ବାଧିକ। ସେହିଭଳି ଭୋପାଳରେ ତେଲ ଦର ୯୩.୫୬ ଟଙ୍କା ଏବଂ ମୁମ୍ବାଇରେ ୯୨.୨୮ ଟଙ୍କା ଛୁଇଁଛି। ନୂଆଦିଲ୍ଲୀରେ ୨୩ ଜାନୁୟାରୀରେ ପେଟ୍ରୋଲ ଦର ୮୫.୭୦ ଟଙ୍କା ରହିଥିଲା। ଏଠାରେ ଡିଜେଲ ୭୫.୮୮ ଟଙ୍କା ସ୍ତରରେ ରହିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୧.୯୯ ଟଙ୍କା ଏବଂ ଡିଜେଲ ୨.୦୧ ଟଙ୍କା ମହଙ୍ଗା ହୋଇଛି। ପେଟ୍ରୋଲ ଏବଂ ଡିଜେଲ ଉପରେ ମୂଳ ମୂଲ୍ୟ ବର୍ତ୍ତମାନ ଯଥାକ୍ରମେ ୨୮.୦୩ ଟଙ୍କା ଏବଂ ୨୯.୧୯ ଟଙ୍କା ରହିଛି। କେନ୍ଦ୍ର ସରକାର ପେଟ୍ରୋଲ ଉପରେ ଲିଟର ପିଛା ୩୨.୯୮ ଟଙ୍କା ଏବଂ ଡିଜେଲ ଉପରେ ୩୧.୮୩ ଟଙ୍କା ଉତ୍ପାଦ ଟିକସ ଲାଗୁ କରିଛନ୍ତି। ସେହିଭଳି ରାଜ୍ୟ ଭ୍ୟାଟ୍ ଭାବେ ଓଡିଶା ପେଟ୍ରୋଲ ଉପରେ ୧୬.୬୦ ଟଙ୍କା ଏବଂ ଡିଜେଲରେ ୧୪.୩୪ ଟଙ୍କା ଆଦାୟ କରୁଛି। ଏହାବାଦ ପରିବହନ ବାବଦ ଖର୍ଚ୍ଚ ଭାବେ ୦.୩୪ ପଇସାରୁ ୦.୩୭ ପଇସା ଏବଂ ଡିଲର କମିଶନ ପ୍ରାୟ ୨.୫୩ ଟଙ୍କାରୁ ୩.୬୭ ଟଙ୍କା ଲାଗୁ ହେଉଛି। ଫଳରେ ତେଲ ଦର ଆକାଶ ଛୁଆଁ ହେଉଛି। କରୋନା ଲକ୍‌ଡାଉନ ଜନିତ ☞ପୃଷ୍ଠା–୪

# ଟିକସ ବଢ଼ାଇ ୨୦ ଲକ୍ଷ କୋଟି ଆୟ

**ନୂଆଦିଲ୍ଲୀ, ୨୪।୧**

**କେନ୍ଦ୍ରକୁ କଂଗ୍ରେସର ଟାର୍ଗେଟ**

ପେଟ୍ରୋଲ, ଡିଜେଲର କ୍ରମାଗତ ଦରବୃଦ୍ଧିକୁ ନେଇ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରବିବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାର ଟିକସ ସଂଗ୍ରହରେ ବ୍ୟସ୍ତ ଥିବାବେଳେ ଦେଶରେ ହୁ ହୁ ହୋଇ ଦରଦାମ୍ ବଢ଼ି ଚାଲିଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ନୂଆ ମୂଲ୍ୟସୂଚୀ ଟୁଇଟରରେ ଶେୟାର କରିଛନ୍ତି। ଏଥିରେ ପେଟ୍ରୋଲ ଦର ୯୩ ଟଙ୍କା ୬୩ ପଇସା, ଡିଜେଲ୍ ୮୩ ଟଙ୍କା ୬୪ ପଇସା ରହିଥିବାବେଳେ ଗ୍ୟାସ୍ ଦର ୯୩.୫ ଟଙ୍କା ବୃଦ୍ଧି ପାଇଥିବା ଉଲ୍ଲେଖ ରହିଛି। ମୋଦିଜୀ ଜିଡିପି (ଗ୍ୟାସ୍, ଡିଜେଲ, ପେଟ୍ରୋଲ)ରେ ଅଭୂତପୂର୍ବ ଅଭିବୃଦ୍ଧି କରିଛନ୍ତି ବୋଲି ରାହୁଲ ତାଚ୍ଛଲ୍ୟ କରିଛନ୍ତି। ତୈଳ ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିବାର ଦିନକ ପରେ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ମୋଦି ସରକାରଙ୍କ ସମୟରେ ଲାଗୁ ହୋଇଥିବା ଉତ୍ପାଦ ଶୁଳ୍କ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ କଂଗ୍ରେସ ଦାବି କରିଛି। ଦରଦାମ୍ ବୃଦ୍ଧି ଯୋଗୁ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପେଟ୍ରୋଲ ଦରବୃଦ୍ଧି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିବା କଂଗ୍ରେସ ମୁଖପାତ୍ର ☞ପୃଷ୍ଠା–୪



ରାହୁଲ ଗାନ୍ଧୀ

# ନବୀନ ସର୍ବୋତ୍ତମ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୧**

**ଇଣ୍ଡିଆ ଟୁଡେ ଗ୍ରୁପ୍-କାର୍ଭି ଇନ୍‌ସାଇଟ୍ସ ମୁଡ୍ ଅଫ୍ ଦି ନେଶନ ସର୍ଭେ**

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକପ୍ରିୟତାରେ ପୁଣି ଥରେ ଏକ ନମ୍ବର ହୋଇଛନ୍ତି। ରାଜ୍ୟ ସ୍ତରରେ ସେ ସବୁଠୁ ଭଲ ପ୍ରଦର୍ଶନ କରିଥିବା ମୁଖ୍ୟମନ୍ତ୍ରୀ ବୋଲି ଏକ ସର୍ଭେ ସଂସ୍ଥା କହିଛି। ଇଣ୍ଡିଆ ଟୁଡେ ଗ୍ରୁପ୍-କାର୍ଭି ଇନ୍‌ସାଇଟ୍ସ ମୁଡ୍ ଅଫ୍ ଦି ନେଶନ୍‌ର ୨୦୨୧ ଜାନୁୟାରୀ ଜନମତ ସର୍ଭେରେ ବିଭିନ୍ନ ରାଜ୍ୟର ଲୋକମାନଙ୍କୁ ସେମାନଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାର ମୂଲ୍ୟାୟନ କରିବାକୁ କୁହାଯାଇଥିଲା। ଏଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ପଛରେ ପକାଇ ନବୀନ ନମ୍ବର ୱାନ୍ ହୋଇଛନ୍ତି। ଓଡ଼ିଶାର ୫୧ ପ୍ରତିଶତ ଲୋକ ନବୀନଙ୍କୁ ପଜିଟିଭ୍ ରେଟିଂ ଦେଇଥିଲେ। କେଜ୍‌ରିୱାଲଙ୍କ ସପକ୍ଷରେ ୪୧%, ଯୋଗୀଙ୍କୁ ୩୯% ଏବଂ ଉଦ୍ଧବ ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ମିଳିତ ଭାବେ ୩୫ ପ୍ରତିଶତ ରେଟିଂ ମିଳିଛି।

ନବୀନ ସବୁବେଳେ ଜାତୀୟ ରାଜନୀତିଠାରୁ ନିଜକୁ ଦୂରେଇ ରଖି ରାଜ୍ୟ ଉପରେ ଫୋକସ୍ କରିଥାନ୍ତି। ଓଡ଼ିଶାରେ ତାଙ୍କର ଦୁଇଦଶନ୍ଧିର ଶାସନ କାଳରେ ଭାଜପା ଓ କଂଗ୍ରେସକୁ କ୍ଷମତାଠାରୁ ଦୂରେଇ ରଖିବା ସହ ବିଜେଡିକୁ ସଫଳ କରାଇ ଆସିଛନ୍ତି। ଏହା ସତ୍ତ୍ୱେ ଜାତୀୟ ରାଜନୀତରେ ତାଙ୍କର ପ୍ରଭାବ ରହିଛି। ସୂଚନାଯୋଗ୍ୟ ନିକଟରେ ☞ପୃଷ୍ଠା–୪



ନବୀନ ପଟ୍ଟନାୟକ








TCL
GLOBAL TOP2 TV BRAND Source: OMDIA
3 YEARS WARRANTY
REPUBLIC DAY SALE
OFFER ENDS 31ST JAN
TCL QLED TV AI×IN C715
Quantum Dot | HANDS-FREE VOICE CONTROL | Dolby VISION • ATMOS | prime video
50 ₹49,990
TCL AI Ultra-Inverter AC 1.5 Ton
BEST SELLING
Works with Google Assistant
Works with TCL Home App
WARRANTY 3+10 YEARS
Offer Price ₹30,990
Titan Gold Evaporator & Condenser | 60°C High Ambient Cooling | 30 Sec Fast Cooling | Up to 40% Energy Saving | 100% Copper
4K UHD TV AI×IN P715
Starting from ₹35,990
4K ANDROID TV AI×IN P615
4K HDR | androidtv | UNLIMITED CONTENT | Dolby AUDIO | prime video
Starting from ₹26,990
FHD/HD androidtv AI×IN S6500
HDR | Dolby AUDIO | NETFLIX | Google Assistant | prime video
Starting from ₹13,490
iECO Air 1.5 ton
Starting From ₹34,990
Silver Ion Filter | Titan Gold Evaporator & Condenser | Upto 50% Energy Saving | 30 Sec Fast Cooling | 60°C High Ambient Cooling
Turbo Air 1.5 Ton
17,500,000 ANNUAL PRODUCTION
1+10 YEARS WARRANTY
Starting From ₹29,990
Titan Gold Evaporator & Condenser | Upto 40% Energy Saving | 30 Sec Fast Cooling | 60°C High Ambient Cooling | 100% Copper
Buy now: storeindia.tcl.com
www.tcl.com | /TheCreativeLifeIndia | Toll Free: 1800 419 0622
Available At
Reliance digital
GUPTA DISTRIBUTORS
ELECTRONICS • DIGITAL PRODUCTS • HOME APPLIANCES
PATRA ELECTRONICS
DISTRIBUTION PARTNER ODISHA
SA INFOSYS PVT LTD | Mr. ABHISHEK PODDAR: 9937517777
SWAPNAJIT: 7894403848 / SUSANTA: 7894404120
SAMBALPUR: Agrawall Enterprises: 9437543237; Akash Home Appliances: 9777911197; G. N. World:9861277988; G.n. Electronics: 8908112233; G.n.sales: 9861055662; Hirakhand Enterprises: 9437059260; Jaypee Electronics: 9438386240; Laxmi Electronics, Rengali: 7873964864; M/s Dash Enterprises: 9937315731; M/s Jain Enterprises: 9437755171; M/s Krishna Traders:9437463997; M/s Mishra Electronics: 9937074108; M/s Santosh Electronics: 9338277480; M/s Upahar: 9776220630; Maa Tarini Sales: 9437881906; Radha Krishna Agencies: 9937092077; Radiant Enterprises: 9437054101; Rahul Trading: 9437059646; Rajveer Enterprises: 8328962309; Sahoo Sales: 9937072455; Sandhya Enterprises: 9438625903; Smart Retail: 9938435253; Swiss Time:9937102518; Tarini Electricals: 9777741121; Sundargarh: Agarwal Electronics: 9776111144; Chandan Electronics: 9437245109; Hindustan Enterprises: 797829395; Jitu Electronic: 9437767747; Kamlesh General Store: 9692203040; Raj Electronics: 9668489510; Shibu Electronics: 9437194519; Deogarh: Maa Samaleswari Sale: 9437175166; Padmalaya Fancy Store: 9437881404; Sonepur: Hansika Traders: 9937219477; Sahu Electronics: 7381870020; Sahu Furniture: 9937788961; Trupti Electronics: 8018794114; Boudh: A-one Electrical: 7873209406; Bargarh: Durga Traders: 9692300688; Gupta Enterpriser: 9777664046; Jagadamba Electronics: 9777472622; M/s Maa Samleswari Sales: 9438409457; Maheswari Bartan: 7873253056; Jharsuguda: Bhuwania Digital: 8658572929; Kedia & Son: 9437058020; M/s Gayatri Enterprises: 9937684248; Narayni Store: 9861366573; Prakash Furniture: 9861352756; Trendz: 9437058499; Bolangir: Image Video House: Mishra Enterprises: 9861066840; Plaza Enterprises: 9937055437; Shree Shyamji Solutions: 9437639652; Nuapada: Gurunanak Electronices World:9437079636; Kalahandi: Chidananda Electronics: 9583187984; Lalit Electronics: 9437070312; M/s Jagannath Electronics: 9437327470; Bondomunda: Shree Balaji: 9937072004; Jhelpani: Gupta Electronics: 7008619500; Rourkella: Real Digital: 9124323986; Laxmi Agency: 7873755040; Chakradhari Retail: 8249325534; Lefripara: Gupta Electronics: 6370241004; Subdega: Patel Electronics: 9937077926; Rajgangpur: Digital India: 9777701040; Citi Mega Bazar: 8093764095; Baba Electronics: 9437152164
Trade Enquiry: Branch Manager Mr. Kishore: 9866789653 / Trade Marketing Mr. Monodip: 7318822016

# ନେତାଜୀଙ୍କୁ ହତ୍ୟା କରାଇଛି କଂଗ୍ରେସ

## ସାକ୍ଷୀ ମହାରାଜଙ୍କ ବିବାଦୀୟ ମନ୍ତବ୍ୟ

ନୂଆଦିଲ୍ଲୀ, ୨୪।୧

ନିଜ ମନ୍ତବ୍ୟକୁ ନେଇ ବିବାଦରେ ରହୁଥିବା ଭାଜପା ଏମ୍‌ପି ସାକ୍ଷୀ ମହାରାଜ ପୁଣି ବିବାଦୀୟ ମତ ରଖି ଚର୍ଚ୍ଚାକୁ ଆସିଛନ୍ତି। କ୍ଷମତା ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ କଂଗ୍ରେସ ହତ୍ୟା କରାଇଥିଲା ବୋଲି ସେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ମହାତ୍ମା ଗାନ୍ଧୀ ଓ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ତୁଳନାରେ ସୁଭାଷ ଚନ୍ଦ୍ର ବୋଷଙ୍କ ଲୋକପ୍ରିୟତା ଅଧିକ ଥିବାରୁ କଂଗ୍ରେସ ଜାଣିଶୁଣି ନେତାଜୀଙ୍କୁ ମୃତ୍ୟୁମୁଖକୁ ଠେଲିଦେଇଥିଲା ବୋଲି ଉନ୍ନାଓର ଭାଜପା ଭାଜପା ଏମ୍‌ପି କହିଛନ୍ତି। ଏପରି କି ଇତିହାସରେ ମଧ୍ୟ ନେତାଜୀଙ୍କ ଗାଥା ମଳିନ କରିବାକୁ କଂଗ୍ରେସ ଉଦ୍ୟମ କରିଥିବା ସେ ସମାଲୋଚନା କରିଛନ୍ତି। ସାକ୍ଷୀ ମହାରାଜଙ୍କ ଏହି ମନ୍ତବ୍ୟ ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି।

ଉତ୍ତରପ୍ରଦେଶର ଉନ୍ନାଓରେ ଏକ ସମାବେଶରେ ସାକ୍ଷୀ ମହାରାଜ କହିଛନ୍ତି, ଭାରତକୁ ସ୍ୱାଧୀନତା ଦେବାରେ ନେତାଜୀଙ୍କ ଭୂମିକା ଅତୁଳନୀୟ। ସେ ତାଙ୍କ ସମଗ୍ର ଜୀବନ ଦେଶ ପାଇଁ ଉତ୍ସର୍ଗ କରିଥିଲେ। 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ସ୍ଲୋଗାନରେ ସେ ବୀରତ୍ୱପୂର୍ଣ୍ଣ ବିପ୍ଳବ ଆରମ୍ଭ କରିଥିଲେ। ଦେଶକୁ ଶାସନ କରୁଥିବା ବ୍ରିଟିଶ୍‌ମାନେ ସେତେ ସହଜରେ ଭାରତ ଛାଡ଼ି ଯାଇ ନ ଥିଲେ। ରକ୍ତର ମୂଲ୍ୟ ବଦଳରେ ଭାରତୀୟ ସ୍ୱାଧୀନତା କିଣିଥିଲେ। ଦେଶ କେବେ ବି ନେତାଜୀଙ୍କ ବଳିଦାନକୁ ଭୁଲିପାରିବ ନାହିଁ। କିନ୍ତୁ ଇତିହାସରେ ତାଙ୍କ ବୀରତ୍ୱ ଓ ସାହସର ଗାଥାକୁ ଚାପି ଦିଆଯାଇଛି। ନେହେରୁ ଓ ଗାନ୍ଧିଜୀ ନେତାଜୀଙ୍କ ଲୋକପ୍ରିୟତାଠାରୁ କାହିଁ କେତେ ପଛରେ ରହିଥିଲେ। ଏହା ଦେଖି କଂଗ୍ରେସ ହାତରୁ ଶାସନ ଗାଦି ଚାଲିଯିବାର ଭୟ ସୃଷ୍ଟି ହୋଇଥିଲା। କ୍ଷମତା ଲୋଭରେ କଂଗ୍ରେସ ନେତାଜୀଙ୍କୁ ସମୟ ପୂର୍ବରୁ ମୃତ୍ୟୁର ଖାଲକୁ ଠେଲିଦେଇଥିଲା ବୋଲି ସାକ୍ଷୀ ମହାରାଜ କହିଛନ୍ତି। ଏହା ନ କରିଥିଲେ ନେତାଜୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥାନ୍ତେ ଏବଂ ନେହେରୁଙ୍କୁ ଏହି ପଦ ମିଳିପାରି ନ ଥାନ୍ତା। ଏଥିପାଇଁ କଂଗ୍ରେସ ନେତାଜୀଙ୍କ ବୀରତ୍ୱକୁ ଚାପି ଦେବାକୁ ଉଦ୍ୟମ କରିଥିଲା। କାହିଁକି ଆଜି ପର୍ଯ୍ୟନ୍ତ ନେତାଜୀଙ୍କ ମୃତ୍ୟୁ ରହସ୍ୟମୟ ହୋଇ ରହିଛି ବୋଲି ସେ ପ୍ରଶ୍ନ କରିଥିଲେ। ୧୯୪୫ ଅଗଷ୍ଟ ୧୮ରେ ତାଇପେଇରେ ଏକ ବିମାନ ଦୁର୍ଘଟଣାରେ ନେତାଜୀଙ୍କ ମୃତ୍ୟୁ ଘଟିଥିବା କୁହାଯାଇଥିଲେ ହେଁ ତାଙ୍କ ସମର୍ଥକ ଏବଂ ସଙ୍ଗଠନ ଆଜାଦ ହିନ୍ଦ ଫୌଜର ସଦସ୍ୟମାନେ ମଧ୍ୟ ଏହାକୁ ବିଶ୍ୱାସ କରି ନ ଥିଲେ। ନେହେରୁ କାହିଁକି ଏହାର କାରଣ ଜାଣିବାକୁ ତଦନ୍ତ କରାଇ ନ ଥିଲେ ବୋଲି ସାକ୍ଷୀ ମହାରାଜ ପ୍ରଶ୍ନ କହିଛନ୍ତି। ଏପରିକି ନେହେରୁ ସୁଭାଷ ବୋଷଙ୍କ ପଛରେ ଗୁପ୍ତଚର ଲଗାଇଥିଲେ ବୋଲି ସେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ହେଲେ ଭାଜପା ନେତାଜୀଙ୍କ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ପାଳନ କରିବା ଗୌରବର କଥା ବୋଲି ସେ କହିଛନ୍ତି।


ପଣ୍ଡିତ ଜବାହରଲାଲ ନେହେରୁଙ୍କ ସହ ସୁଭାଷ ଚନ୍ଦ୍ର ବୋଷ।

# ନକଲି ପାଣି ବୋତଲ କାରଖାନା ଠାବ

## ୧୦୦୦ ପେଟି ବୋତଲ ଜବତ, ମାଲିକ ଅଟକ

ବ୍ରହ୍ମପୁର ଅଫିସ, ୨୪।୧

ବ୍ରହ୍ମପୁର ବଡ଼ ବଜାର ଥାନା ଅଞ୍ଚଳରେ ପୁଣି ଏକ ନକଲି କାରବାରର ପର୍ଦ୍ଦାଫାଶ ହୋଇଛି। ଗୁଟ୍‌ଖା, ସସ୍ ପରେ ରବିବାର ଠାବ ହୋଇଛି ନକଲି ପାଣି ବୋତଲ କାରଖାନା। ହରିଡ଼ାଖଣ୍ଡି ଲକ୍ଷ୍ମୀବିହାର ଦ୍ୱିତୀୟ ଲେନ୍‌ସ୍ଥିତ ଏକ ଘରେ ଚାଲିଥିବା ବଟଲିଂ ୟୁନିଟ୍‌କୁ ପୋଲିସ ଧରିଛି। ସେଠାରୁ ବିପୁଳ ପରିମାଣର ପାଣି ବୋତଲ ଓ ମେଶିନ ଜବତ ହୋଇଛି। ଏ ସଂକ୍ରାନ୍ତରେ ଏସ୍. ରାକେଶ ପାତ୍ର ନାମକ ଜଣେ ବ୍ୟବସାୟୀଙ୍କୁ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି। ଲକ୍ଷ୍ମୀନଗରରେ ନକଲି ପାଣି ବଟଲ୍ ୟୁନିଟ୍ ଚାଲିଥିବା ନେଇ ପୋଲିସ ଖବର ପାଇଥିଲା। ସେ ନେଇ ଟାଉନ୍ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଓ ବଡ଼ ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଯାଞ୍ଚ ପରେ ସେହି ଘରେ ନକଲି ପାଣି ବୋତଲ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଥିଲା। ଏହି ୟୁନିଟର କୌଣସି ଲାଇସେନ୍ସ ନ ଥିବା ପୋଲିସ କହିଛି। କେତେକ ଶ୍ରମିକଙ୍କୁ ସେଠାରେ ନିୟୋଜିତ କରି ପାଣି ବୋତଲ ପ୍ରସ୍ତୁତ କରାଯାଉଥିଲା। ବିଭିନ୍ନ ସ୍ଥାନରୁ ଖାଲି ବୋତଲ ଆଣି ସେଥିରେ ପାଣି ଭର୍ତ୍ତି କରାଯାଉଥିଲା। ଏହାପରେ ୩ଟି କମ୍ପାନୀର ଷ୍ଟିକର୍ ଲଗାଇ ତାହା ମାତ୍ର ୧୦ ଟଙ୍କାରେ ବଜାରକୁ ଛଡ଼ା ଯାଉଥିଲା। ବ୍ରହ୍ମପୁର ସହର ସମେତ ବିଭିନ୍ନ ଅଞ୍ଚଳକୁ ଏହି ପାଣି ବୋତଲ ରପ୍ତାନି ହେଉଥିବା ପୋଲିସ ଜାଣିବାକୁ ପାଇଛି। ଘଟଣାସ୍ଥଳରୁ ୩ଟି କମ୍ପାନୀର ଷ୍ଟିକର୍, ୧୦୦୦ ପେଟି ପାଣି ବୋତଲ ଓ ବସ୍ତା ବସ୍ତା ଖାଲି ବୋତଲ ଜବତ ହୋଇଛି। ଏ ନେଇ ୨୦/୨୧ ନମ୍ବରରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ କହିଛି।


ପାଣି ବୋତଲ କାରଖାନାରେ ଚଢ଼ାଉ।




# ସଡ଼କ ଦୁର୍ଘଟଣାରେ ୨ ଭାଇଙ୍କ ମୃତ୍ୟୁ

**ଖଣ୍ଡପଡା, ୨୪।୧ (ସ୍ୱ.ପ୍ର.):** ଖଣ୍ଡପଡା ଥାନା ଅଧୀନ କଣ୍ଟିଲୋ ଫାଣ୍ଡି ସିଧାମୂଳା ପଞ୍ଚାୟତର ରାଜକିଆରି ଛକ ନିକଟରେ ରବିବାର ଅପରାହ୍ନ ସାଢ଼େ ୪ଟାରେ ସଡ଼କ ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଥାନା ଅଧୀନ ରୟତଢୋଲମରା ପଞ୍ଚାୟତ ମଇଁଷିବିନ୍ଧା ଗାଁର ଦୁଃଶାସନ ପ୍ରଧାନ(୪୧) ଓ ବିପିନ ପ୍ରଧାନ(୨୮)। ଉଭୟେ ସମ୍ପର୍କରେ ଭାଇ ହେବେ ବୋଲି ଜଣାପଡିଛି। ଦୁଇ ଭାଇ ବାଇକ୍ ଯୋଗେ କଣ୍ଟିଲୋ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେବାରୁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଏଥିରେ ଉଭୟ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ବେଳେ ଅନ୍ୟଜଣଙ୍କ ମୃତ୍ୟୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ଓ ଖଣ୍ଡପଡ଼ା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ୨ ଭାଇଙ୍କ ମୃତଦେହକୁ ଜବତ କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ହିମାଳୟ ଚଢ଼ିଲେ ଚନ୍ଦାହାଣ୍ଡିର ପ୍ରଦୀପ


ପ୍ରଦୀପ ସିନ୍ହା।

ଚନ୍ଦାହାଣ୍ଡି ୨୪।୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଶରଧାପୁର ପଞ୍ଚାୟତ ତେଲଟାଣ୍ଡି ଗ୍ରାମର ପ୍ରଦୀପ ସିନ୍ହା କଳିଙ୍ଗ ଡେୟାର ଡେଭିଲ୍‌ସ ପକ୍ଷରୁ ହିମାଳୟର ଦୟାରା ବୃଗ୍ୟାଲ୍ ପର୍ବତ ଆରୋହଣ ଆରମ୍ଭ କରିଛନ୍ତି। ସେ ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜର ଫିଜିଓଥେରାପି ବିଭାଗର ୪ର୍ଥ ବର୍ଷ ଛାତ୍ର। କରୋନା ଯୋଦ୍ଧାଙ୍କ ସମ୍ମାନ ଉଦ୍ଦେଶ୍ୟରେ ସେ ଉତ୍ତରାଖଣ୍ଡସ୍ଥିତ ହିମାଳୟର ଦୟାରା ବୃଗ୍ୟାଲ୍ ପର୍ବତର ୧୩ ହଜାର ଫୁଟ୍ ଉଚ୍ଚତାରେ ଜାତୀୟ ପତାକା ଉଡ଼ାଇବେ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୩ ପର୍ବତାରୋହୀଙ୍କ ମଧ୍ୟରେ ପ୍ରଦୀପ ସ୍ଥାନ ପାଇଛନ୍ତି। ତାଙ୍କର ସଫଳତା ପଛରେ ତାଙ୍କ ମା' ବାପାଙ୍କ ଭୂମିକା ରହିଛି ବୋଲି ପ୍ରଦୀପ କହିଛନ୍ତି। ଅନ୍ୟପକ୍ଷରେ ବାପା ନରେଶ କୁମାର ଏବଂ ମା' ହରିପ୍ରିୟା ପୁଅର ସଫଳତା ନେଇ ଆଶାବ୍ୟକ୍ତ କରିଛନ୍ତି।

MAHESWARI NURSING COLLEGE
MNC
Approved by : Health & Family Welfare Deptt. & DMET, Govt. of Odisha
ADMISSION OPEN 2020-21
COURSE

| B.SC. NURSING | ANM (HW/F) |
|---|---|
| (Male / Female) 4 Years Course | (Female) 2 Years Course |
| ELIGIBILITY: +2 Science Passed with PCB from CHSE Odisha / CBSE / ICSE (45% Gen. & 40% SC/ST) | ELIGIBILITY: +2 Passed any Stream (40% Gen. & 35% SC/ST) |
| AGE LIMIT: 17 Years to 30 Years | AGE LIMIT: 17 Years to 30 Years |

Address: Infront of Vishal Mega Mart, Bhatli Chowk, Bargarh
Mob- 9437158472, 9937693555, 9438015943
Email-nlcattabira@gmail.com website : www.maheswarigroup.in

BADRIPRASAD
College of Nursing, Bargarh
UNDER THE AEGIS OF SRI HARNARAYAN EDUCATION TRUST
Approved BY Govt. of Odisha
ADMISSION OPEN FOR 2020-21
Nursing Programmes
Eligibility as per INC/ONMRC Norms
GNM Pass in +2 Sc/Arts/ Com. with English as a Subject & 40% Marks for General & 35% Marks for SC/ST
BSC (N) Pass in +2 Sc. with 45% Marks for General & 40% in PCB for SC/ST
The candidate may Contact in following Numbers or Send application for at the Email mentioned below.
APPOINTMENT
Applications Are Invited From Elegible Candidates For The Post of Principal, Professors, Associate Professors, Assistant Professors, and Clinical Instructors for The Following Disciplines
* Medical Surgical Nursing
* Community Health Nursing
* Mental Health & Psychiatric Nursing
* Hostel Warden/Supt.(Female) For Ladies Hostel
* Child Health Nursing
* Obstetrics & Gynaecological Nursing
* Clinical Training
* Qualifications Required- As per The Norms of INC, * Preference will be Given to experienced and Higher Qualified Candidates.* Salary is not a Constraint for Suitable Candidates, Email your CV to: badriprasad.nursing@gmail.com
Campus: At: Ambapali, Bargarh
City Office:- Badriprasad Jaiprakash, Infront of Hotel Ganapathi, Bargarh, Contact: 9668822600, 9861599299, 8093798113, 9853435210,

# ମନ୍ଦିର ପ୍ରବେଶ କଲେ ବୁଢାଦେଓ

## ସରିଲା ପାହୁଲ ଯାତ୍ରା

ବିନିକା, ୨୪।୧ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଅସୁରମୁଣ୍ଡା ଗାଁରେ ତିନିଦିନ ଧରି ଚାଲିଥିବା ବୁଢାଦେଓଙ୍କର ଦଶମୀ ଯାତ୍ରା ରବିବାର ପାହୁଲ ଯାତ୍ରା ସହ ଶେଷ ହୋଇଛି। ଆଦିବାସୀ ଗଣ୍ଡ ସମାଜ ପକ୍ଷରୁ ପାଳିତ ଯାତ୍ରାର କର୍ତ୍ତା ଭାବେ ରାଜୁ ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ। ଶୁକ୍ରବାର ବୁଢାଦେଓଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ଗମ୍ଭୀରାରୁ ବାହାରିଥିଲେ। ନଗର ଯାତ୍ରା ଶନିବାର ହୋଇଥିଲା। ଗ୍ରାମବାସୀ ଦେଇଥିବା ଗୁଆଘିଅ ଓ କଳା ରାଶିରେ ନିର୍ମିତ ପ୍ରଲେପ ବୁଢାଦେଓଙ୍କୁ ପ୍ରଲେପନ ପରେ ଛତର, ନିସାନ୍ ଓ ଅସ୍ତ୍ରଶସ୍ତ୍ରର ପୂଜାର୍ଚ୍ଚନା ହୋଇଥିଲା। ପରେ ସ୍ୱତନ୍ତ୍ର ବାଦ୍ୟ ବିକ୍ରବାନା ବାଦନ ସହ ବୁଢାଦେଓଙ୍କ ଉତ୍ସବ ଆରମ୍ଭ ହୋଇଥିଲା। ରବିବାର ସକାଳୁ କର୍ତ୍ତାକର୍ତ୍ତାଙ୍କ ସହ ଭକ୍ତମାନେ ବୁଢାଦେଓଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ବଡଦେଓଙ୍କ ପୂଜା ପରେ ଭକ୍ତମାନଙ୍କ ଶରୀରରେ ବରୁଆ ସବାର ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ବୁଢାଦେଓଙ୍କ ଗ୍ରାମ ବିଜେଯାତ୍ରା। ବୁଢାଦେଓଙ୍କଠାରୁ ଆଶୀର୍ବାଦ ନେଇଥିଲେ ଭକ୍ତ ଓ ଶ୍ରଦ୍ଧାଳୁ। ସନ୍ଧ୍ୟାରେ ବୁଢାଦେଓଙ୍କୁ ମନ୍ଦିର ସମ୍ମୁଖରେ ରଖାଯାଇ ଆରମ୍ଭ ହୋଇଥିଲା ବଳି। ଶେଷରେ ବୁଢାଦେଓଙ୍କ ମନ୍ଦିର ପ୍ରବେଶ ସହ ସମ୍ପନ୍ନ ହୋଇଛି ପାହୁଲ ଯାତ୍ରା।

DSPL-167
ଆମେ...


ଜାତୀୟ ଭୋଟର ଦିବସ
୨୫ ଜାନୁୟାରୀ ୨୦୨୧
ରାଜ୍ୟସ୍ତରୀୟ ସମାରୋହ ( ଅନଲାଇନ ମାଧ୍ୟମରେ )
ମୁଖ୍ୟ ନିର୍ବାଚନ ଅଧିକାରୀ ଓଡିଶା କାର୍ଯ୍ୟାଳୟ ପରିସର, ଭୁବନେଶ୍ୱର
ସମୟ-୧୨.୦୦ ଘଟିକା
କାର୍ଯ୍ୟକ୍ରମ:
• ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା "ଭୋଟର ସଂକଳ୍ପ" ପାଠ:-
• ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଭୋଟର ମାନଙ୍କୁ ପରିଚୟପତ୍ର ପ୍ରଦାନ ।
e –EPIC ଉନ୍ମୋଚନ: (e –EPIC ମାଧ୍ୟମରେ ଭୋଟର ନିଜର ଫଟୋ ଭୋଟର କାର୍ଡ କୁ ଡାଉନଲୋଡ୍ କରିପାରିବେ)
• ଚଳିତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ଉତ୍ତମ ପ୍ରଦର୍ଶନ କରିଥିବା ନିର୍ବାଚନ ଅଧିକାରୀ, ପଂଜୀକରଣ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ତଥା ଉପନିର୍ବାଚନ ୨୦୨୦କୁ ସୁରକ୍ଷିତ, ଅବାଧ ତଥା ନିରପେକ୍ଷ ଭାବେ ପରିଚାଳନା କରିଥିବା ଦୁଇ ଜିଲ୍ଲାର ନିର୍ବାଚନ ଅଧିକାରୀ, ରିଟର୍ଣ୍ଣ ଅଧିକାରୀ ଓ ଆରକ୍ଷୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ।
ସୌଜନ୍ୟ : ମୁଖ୍ୟ ନିର୍ବାଚନ ଅଧିକାରୀ , ଓଡିଶା
ସମସ୍ତ ମତଦାତା ହୁଅନ୍ତୁ ; ସଶକ୍ତ, ସତର୍କ, ସୁରକ୍ଷିତ ଏବଂ ସଚେତନ
OIPR–12030/13/0001/2021

**ଆଜିର ମନ୍ତବ୍ୟ**

କଂଗ୍ରେସ-ଏଆଇୟୁଡିଏଫ୍ ମେଣ୍ଟ ଆସାମକୁ ଅନୁପ୍ରବେଶକାରୀଙ୍କ ସବୁ ଗେଟ୍ ଖୋଲିଦେବ।
**-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆୟାଂଶ
ପରିବାରବର୍ଗ


ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାପ ବମିଲେ,**
**ତା'ର ଚକ୍ର ବଢ଼େ।**

କେତେକ ବ୍ୟକ୍ତି ଅତ୍ୟନ୍ତ ଖଳ ବା ମନ୍ଦ ପ୍ରକୃତିର ହୋଇଥାନ୍ତି। ଏପରି ବ୍ୟକ୍ତିଙ୍କୁ ଠିକ୍ ସମୟରେ ବାଟକୁ ନ ଆଣିପାରିଲେ ତାଙ୍କର ବଦ୍‌ଗୁଣ ଆହୁରି ବଢ଼ିଯାଇଥାଏ। ସମୟ ଯେତେ ଯେତେ ଗଡ଼ିଚାଲେ ତାଙ୍କର ଦୁଷ୍ଟାମି ସେତେ ସେତେ ବୃଦ୍ଧି ପାଇଚାଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସକାଳ ଗାଧୁଆ ପଖାଳ ଖିଆ,**
**ଦେହରେ ଯଦି ଯାଏ ;**
**ଶାଳୀ ସାଙ୍ଗରେ ହାସ ପରିହାସ,**
**କହିଲେ ସେ ଯେବେ ସହେ।**

ଦେହ ଖରାପ ହେଉ ନ ଥିଲେ ବଡି ସକାଳୁ ଗାଧୋଇବା ତଥା ପଖାଳ ଭାତ ଖାଇବାରେ କିଛି ବାରଣ ରହି ନ ଥାଏ। ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥିବାବେଳେ ଶାଳୀ ହିଁ ଭିଣୋଇର ଥଟ୍ଟା ମଜାର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ**
**- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଦୁର୍ଘଟଣା ପରେ ଧରାପଡ଼ିଲା ଗଞ୍ଜେଇ ଚାଲାଣ

**କଣାସ, ୨୪।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ନୟାଗଡ଼ରୁ ପୁରୀ ଦେଇ ପଶ୍ଚିମବଙ୍ଗକୁ ରବିବାର ଏକ ବୋଲେରୋ ଯୋଗେ ଗଞ୍ଜେଇ ଚାଲାଣ ହେଉଥିଲା। ବାଟରେ ଗାଡ଼ିଟି ଦୁର୍ଘଟଣା ଘଟାଇ ଖସିଯିବାକୁ ଚେଷ୍ଟା କରୁଥିବାବେଳେ କଣାସ ଥାନା ଅଞ୍ଚଳରେ ଧରାପଡ଼ିଛି। ଏଥିରେ ସ୍ଥାନୀୟ ଲୋକେ ୨ଜଣଙ୍କୁ କାବୁ କରିଥିବାବେଳେ ଖବରପାଇ କଣାସ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଗିରଫ କରିଛି। ସେମାନେ ହେଲେ କୋଲକତାର ଚବିଶପ୍ରଗଣା ଥାନା ଅଞ୍ଚଳର ଡ୍ରାଇଭର ସୟଫଲ ଇସଲାମ କାୟଲ ଓ ସାବିରାନୀ ମୋଲିୟା। ପୋଲିସ ଗାଡ଼ି ଡିକିରୁ ୨୬ କେଜି ଗଞ୍ଜେଇ( ଆନୁମାନିକ ମୂଲ୍ୟ ୨ଲକ୍ଷରୁ ଊର୍ଦ୍ଧ୍ୱ), ୧୨ହଜାର ୨୦୦ଟଙ୍କା ଓ ୩ଟି ଏଟିଏମ୍ କାର୍ଡ, ଏକାଧିକ ନମ୍ବର ପ୍ଲେଟ୍ ଜବତ କରିଛି। ଏ ନେଇ ପୋଲିସ ନଂ ୨୦/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ତପନ ରାଉତ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ରବିବାର ସକାଳେ ଏକ ବୋଲେରୋ ଗାଡ଼ି (ନଂଡବ୍ଲ୍ୟୁ .ବି-୦୬ ଏ୯୮୧୦)ରେ ଗଞ୍ଜେଇ ନେଇ ନୟାଗଡରୁ ପୁରୀ ଯାଉଥିଲା। ଗାଡ଼ିରେ ଡ୍ରାଇଭର ସୟଫଲଙ୍କ ସହ ତିନି ମହିଳା ଥିଲେ। ବାଟରେ ସେମାନଙ୍କ ଗାଡ଼ି ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଭୟରେ ସେମାନେ ଦ୍ରୁତ ଗତିରେ ଖୋର୍ଦ୍ଧା ଆଡ଼କୁ ଚାଲି ଆସିଥିଲେ। ହେଲେ ମଝିରେ ରାସ୍ତା ଭୁଲିଯିବାରୁ ମନ୍ଦାରବସ୍ତ ନିକଟରେ ବଡ଼ପୁଟ ଗ୍ରାମର ୨ଜଣଙ୍କୁ ପୁଣି ଧକ୍କା ଦେଇଥିଲେ। ଫଳରେ ସ୍ଥାନୀୟ ଲୋକେ ବାଇକ୍‌ରେ ସେମାନଙ୍କ ଗାଡ଼ିକୁ ପିଛା କରିବା ସହ ଢେଲା ପଥର ମାଡ଼ କରିଥିଲେ। ବୀରକେଶରପୁରଠାରେ ସେମାନେ ଦୟାନଦୀ ବନ୍ଧରେ ଆସି କଣାସ ବଜାରରେ ପହଞ୍ଚିଥିଲେ। ହେଲେ ଆଗରେ ଗୋଟେ ଅନ୍ୟ ଏକ ଗାଡ଼ି ଥିବାରୁ ଆଗକୁ ଯାଇପାରି ନ ଥିଲେ। ବଜାରରେ ଲୋକେ ସେମାନଙ୍କ ଗାଡ଼ିକୁ ଘେରି ଯାଇ ମାଡ ମାରିଥିଲେ। ଭିଡ଼ ଭିତରେ ୨ଜଣ ମହିଳା ଖସି ପଳାଇଥିଲେ। ପରେ ପୋଲିସ ଆସି ଡ୍ରାଇଭର ଓ ଜଣେ ମହିଳା ସହ ଗାଡ଼ିକୁ ଥାନାକୁ ନେଇ ଥିଲେ। ଖବରପାଇ ମାଜିଷ୍ଟ୍ରେଟ ଲକ୍ଷ୍ମୀଧର ମହାରଣା ଥାନାରେ ପହଞ୍ଚି ଗାଡି ଡିକି ଖୋଲି ପୋଲିସ ୩ଟି ବ୍ୟାଗରୁ ଗଞ୍ଜେଇ ବାହାର କରିଥିଲା। ଏପରି କି ସେମାନେ ଗାଡ଼ିରେ ଏକାଧିକ ନମ୍ବର ପ୍ଲେଟ ରଖି ବାରମ୍ବାର ପରିବର୍ତ୍ତନ କରି ବ୍ୟବହାର କରୁଥିଲେ। ଡ୍ରାଇଭର ପରିଚୟ ପତ୍ର ସହିତ ଅନ୍ୟ ଜିନିଷ ପୋଲିସ ଜବତ କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ତେଲରେ ନିଆଁ...

ସମୟରେ ସରକାର ୨୦୨୦ ମେ' ୬ତାରିଖରେ ଇନ୍ଧନ ଉପରେ ଉତ୍ପାଦ ଟିକସ ବଢ଼ାଇଥିଲେ। ଏହି ସମୟରେ ପେଟ୍ରୋଲ ଉପରେ ୧୦ ଟଙ୍କା ଏବଂ ଡିଜେଲ ଉପରେ ୧୩ ଟଙ୍କା ଶୁଳ୍କ ବୃଦ୍ଧି ପାଇଥିଲା। ଏହାର ପ୍ରଭାବ ଲୋକଙ୍କ ଉପରେ ପଡିବ ନାହିଁ ବୋଲି ସରକାର କହିଥିଲେ। ତେଲ କମ୍ପାନୀ ଟିକସ ବୋଝକୁ ନିଜେ ମୁଣ୍ଡାଇବେ ବୋଲି କୁହାଯାଇଥିଲା। ହେଲେ ଏହାପରଠାରୁ ତେଲ ଦର ବୃଦ୍ଧି ଲୋକଙ୍କୁ ଅତିଷ୍ଠ କଲାଣି। ଇନ୍ଧନ ଉପରେ ତେଲ କମ୍ପାନୀ ତାଙ୍କ ଲାଭ, ଡିଲର କମିଶନ, କେନ୍ଦ୍ର ଏବଂ ରାଜ୍ୟ ସ୍ତରର ଟିକସ ଯୋଗୁ ମୂଳ ମୂଲ୍ୟ ତୁଳନାରେ ରିଟେଲ ମୂଲ୍ୟ ଢେର ଅଧିକ ରହୁଛି। ରିପୋର୍ଟ ମୁତାବକ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ ୨୦୧୪ରେ ସରକାରକୁ ଆସିବା ପରେ ତେଲ ଦର ନୂଆଦିଲ୍ଲୀରେ ପ୍ରାୟ ୨୦% ମହଙ୍ଗା ହୋଇଛି। କେନ୍ଦ୍ର ସରକାରଙ୍କ ଉତ୍ପାଦ ଟିକସ ବାଦ୍ ରାଜ୍ୟ ସ୍ତରରେ ଭାଟ୍ ଭିନ୍ନ ରହୁଛି। ରାଜସ୍ଥାନ ସରକାର ସବୁଠାରୁ ଅଧିକ ଭାଟ୍ ଲାଗୁ କରୁଛନ୍ତି। ଏଠାରେ ପେଟ୍ରୋଲ ଉପରେ ୩୮% ଏବଂ ଡିଜେଲ ଉପରେ ୨୮% ଭାଟ୍ ଲାଗୁଛି। ସେହିଭଳି ଓଡ଼ିଶାରେ ୩୨% ଏବଂ ୨୮% ଭାଟ୍ ଲାଗୁ ହେଉଛି।

ତେଲ ଉପରେ ଅତ୍ୟଧିକ ଟିକସ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢିଲେ ଏହାର ପ୍ରଭାବ ଦେଖାଯାଉଛି। କରୋନା କାଳରେ ଲୋକମାନେ ସମସ୍ୟାରେ ରହୁଥିବା ବେଳେ ଏଭଳି ଦର ବୃଦ୍ଧି ଚିନ୍ତା ବଢ଼ାଇଛି। ଏପଟେ ଉଭୟ ରାଜ୍ୟ କିମ୍ବା କେନ୍ଦ୍ର ସରକାର ତେଲ ଟିକସ ହ୍ରାସ କରିବା ନେଇ କୌଣସି ପଦକ୍ଷେପ ନେଉନାହାନ୍ତି। କରୋନା ଯୋଗୁ ସରକାରଙ୍କ ରାଜସ୍ୱ ପ୍ରଭାବିତ ହୋଇ ରହିଛି। ଅନ୍ୟ କୌଣସି ସାମଗ୍ରୀ ଉପରେ ସରକାର ଟିକସ ବଢ଼ାଇନାହାନ୍ତି। ଉତ୍ପାଦ ଟିକସ ଏବଂ ରାଜ୍ୟ ସ୍ତରରେ ଭାଟ୍ ବଢ଼ାଇ ଟିକସ ଆଦାୟ ହେଉଛି। ଫଳରେ ଆଗାମୀ ଦିନରେ ମଧ୍ୟ ତେଲ ଦର ଖସିବା ନେଇ କୌଣସି ଆଶା ଦେଖାଯାଉନାହିଁ। ଟିକସ ହ୍ରାସ କରିବା ଲାଗି ବିଭିନ୍ନ ମହଲରୁ ଦାବି ହେଉଥିଲେ ମଧ୍ୟ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ(ୟୁପିଡିଏ)ର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି, ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ତେଲ ଦର ଉଚ୍ଚା ରହିଛି। ତେଲ ଉପରେ ଟିକସ ଯୋଗୁ ଦର ଖସୁନାହିଁ। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଟିକସ କମିଲେ ଏହାର ଲାଭ ଖାଉଟିଙ୍କୁ ମିଳିପାରନ୍ତା ବୋଲି ମତ ପ୍ରକାଶ ପାଇଛି।

### ତେଲ ଉପରେ ଟିକସ

**କେନ୍ଦ୍ରୀୟ ଟିକସ**
ପେଟ୍ରୋଲ୍ (ଲିଟର ପ୍ରତି) - ୩୨.୯୮ ଟଙ୍କା
ଡିଜେଲ (ଲିଟର ପ୍ରତି) ୩୧.୮୩ ଟଙ୍କା

**ରାଜ୍ୟ ଟିକସ (ଭ୍ୟାଟ୍)**
ପେଟ୍ରୋଲ (ଲିଟର ପିଛା)- ୧୬.୬୦ ଟଙ୍କା
ଡିଜେଲ(ଲିଟର ପିଛା)- ୧୪.୩୪ ଟଙ୍କା

**ପରିବହନ ଖର୍ଚ୍ଚ**
ପେଟ୍ରୋଲ- ୦.୩୭
ଡିଜେଲ- ୦.୩୪

**ଡିଲର କମିଶନ**
ପେଟ୍ରୋଲ- ୩.୬୭ ଟଙ୍କା
ଡିଜେଲ- ୨.୫୩ ଟଙ୍କା

**ମୂଳ ମୂଲ୍ୟ**
ପେଟ୍ରୋଲ- ୨୮.୦୩ ଟଙ୍କା
ଡିଜେଲ -୨୯.୧୯ ଟଙ୍କା

### ଟିକସ ବଢ଼ାଇ ୨୦ ଲକ୍ଷ ...

ଅଜୟ ମାକେନ କହିଛନ୍ତି। ୨୦୧୪ ମେ'ରେ କଂଗ୍ରେସ କ୍ଷମତାରୁ ଯିବାବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପ୍ରତି ୧୦୮ ଡଲାର ଥିବାବେଳେ ଦେଶରେ ପେଟ୍ରୋଲ ଓ ଡିଜେଲ ଯଥାକ୍ରମେ ଲିଟର ପ୍ରତି ୭୧.୫୧ ଏବଂ ୫୭.୨୮ ଟଙ୍କାରେ ବିକ୍ରି ହେଉଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଅଧାକୁ ଖସିଆସିଥିବାବେଳେ ଦିଲ୍ଲୀରେ ଏବେ ପେଟ୍ରୋଲ ୮୫.୭୦ ଓ ଡିଜେଲ ୭୫.୮୮ ଟଙ୍କାରେ ପହଞ୍ଚିଛି। ମୋଦି ସରକାର ଗତ ୬ ବର୍ଷ ୬ ମାସ ମଧ୍ୟରେ ପେଟ୍ରୋଲ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ବଢ଼ାଇ ୨୦ ଲକ୍ଷ କୋଟି ଟଙ୍କା ଆୟ କରିଥିବା କଂଗ୍ରେସ ମୁଖପାତ୍ର କହିବା ସହ ଏହି ଟଙ୍କା କୁଆଡ଼େ ଗଲା ତାହାର ଜବାବ ଦେବାକୁ ଦାବି କରିଥିଲେ।

### ନବୀନ ସର୍ବୋତ୍ତମ...

ହୋଇଥିବା ଏବିପି-ସି ଭୋଟର ସର୍ଭେରେ ନବୀନ ଦେଶର ନମ୍ବର ୱାନ ମୁଖ୍ୟମନ୍ତ୍ରୀ ଭାବେ ସ୍ଥାନ ପାଇଥିଲେ। ଏଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଦୁଇ ନମ୍ବର ସ୍ଥାନରେ ଥିଲାବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ତୃତୀୟ ସ୍ଥାନରେ ଥିଲେ। ସେହିପରି ୪ ନମ୍ବର ସ୍ଥାନରେ କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ ଓ ୫ ନମ୍ବରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ରହିଥିଲେ। ପୁନର୍ବାର ଆଉ ଏକ ସର୍ଭେରେ ନବୀନ ଏକ ନମ୍ବର ସ୍ଥାନରେ ରହିବା ନେଇ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଛି। ଲଗାତର କୋଡିଏ ବର୍ଷରୁ ଊର୍ଦ୍ଧ୍ୱ ସମୟ କ୍ଷମତାରେ ରହିଥିବା ନବୀନଙ୍କର ଏବେ ପଞ୍ଚମ ପାଳି ସରକାର ଚାଲିଛି। ତାଙ୍କ ଲୋକପ୍ରିୟତାକୁ ଏହି ଜାତୀୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ସର୍ଭେ ପ୍ରମାଣିତ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମସ୍ଥ ରାଜଯୋଗର ସୁପ୍ରଭାବରେ ଆପଣ କଳ୍ପନା କରି ନ ଥିବା ମର୍ଯ୍ୟାଦାଜନକ ସ୍ଥିତିରେ ପହଞ୍ଚିଯିବେ। ପାରିବାରିକ କ୍ଷେତ୍ର ମଧ୍ୟମ ପ୍ରକାର ରହିବା ସ୍ଥଳେ ସାମାଜିକ ଜୀବନ ଉନ୍ନତତର ହେବ। ଅର୍ଥନୈତିକ ଅଭିବୃଦ୍ଧି, କଥନଶୈଳୀର ଲାଳିତ୍ୟ, ଲୋକପ୍ରିୟତା ବୃଦ୍ଧି ପାଇବ। ଈର୍ଷାପରାୟଣ ଆତ୍ମୀୟମାନେ ଦୂରେଇ ଯାଇପାରନ୍ତି।

**ବୃଷ** ଚନ୍ଦ୍ର ପାପଗ୍ରହ ରାହୁଯୁକ୍ତ କାରଣରୁ ମାନସିକ ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ଅପ୍ରତିଦ୍ୱନ୍ଦ୍ୱୀ ରହିବେ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ ଲାଗି ଯତ୍ପରୋନାସ୍ତି ଚେଷ୍ଟା କରିପାରନ୍ତି। ସକାଳୁ ଘରେ ଦ୍ରବ୍ୟ ନଷ୍ଟ ହୋଇପାରେ। ନିଜ ପରିସରରେ ଘଟିଯାଉଥିବା ସମ୍ପର୍କବିହୀନ ବ୍ୟକ୍ତିଙ୍କ ଘଟଣାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମିଥୁନ** ଏକାଧିକଗ୍ରହ ଧନସ୍ଥାନକୁ ଦେଖୁଥିବାରୁ ଆର୍ଥିକ ଅନଟନ ଦୂରେଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଏବଂ ସଜ୍ଜନମାନଙ୍କ ସଙ୍ଗ ଲାଭକରି ଖୁସି ରହିବେ। ପାରିବାରିକ, ଲୋକ ସମ୍ପର୍କ କ୍ଷେତ୍ରରେ ଆଶଙ୍କା କରି ମନ ଅସ୍ଥିର ରହିବ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

**କର୍କଟ** ଆଜିର ଗ୍ରହସ୍ଥିତି ଏପରି ଯେ-କୌଣସି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କଲେ ସଫଳତା ମିଳିବନି। ପୁଷ୍ୟା ନକ୍ଷତ୍ରର ସାମ୍ପ୍ରତିକ ପରିସ୍ଥିତି ବଦଳି ଯିବାର ଶୁଭ ସୂଚନା ପାଇ ଖୁସି ହେବେ। ଅଫିସ୍ କାମରେ କୌଣସି ବ୍ୟକ୍ତି ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ।

**ସିଂହ** ଆପଣ ଋଣମୁକ୍ତ ହେବା ସାଙ୍ଗକୁ ଆରୋଗ୍ୟଲାଭ କରିବେ। ଷଷ୍ଠସ୍ଥ ଗ୍ରହ ପ୍ରଭାବରୁ ଆପଣଙ୍କୁ କେହି ଅସୁବିଧାରେ ପକାଇ ପାରିବନାହିଁ। ସମ୍ପର୍କୀୟମାନେ ନିଜ ଫାଇଦା ପାଇଁ ଫନ୍ଦିଫିକର କରିପାରନ୍ତି। ଗବେଷଣା, ଅନୁସନ୍ଧାନ, ରଚନାତ୍ମକ କାର୍ଯ୍ୟ ତଥା ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା** ଲାଭଭାବକୁ ଗ୍ରହମାନେ ଦେଖୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ପାଇଁ ଅସନ୍ତୋଷ ସୃଷ୍ଟି ହୋଇପାରେ। ଆମଦାନୀ କାରବାର, ପରିବହନ, କଚେରି ମାମଲା ବିଶୃଙ୍ଖଳିତ ରହିବାର ଆଶଙ୍କା ରହିଛି।

**ତୁଳା** ତୃତୀୟଭାବସ୍ଥ ଶୁକ୍ର ଆପଣଙ୍କୁ ସାହିତ୍ୟ, ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟ ମାଧ୍ୟମରେ ଆନନ୍ଦ ପ୍ରଦାନ କରିବ। ଆଜି କୌଣସି ବ୍ୟକ୍ତିଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କଚେରି ମାମଲା ମନ୍ଥର ହେତୁ ଅନୁଶୋଚନା କରିପାରନ୍ତି। ଅଫିସ୍ କାମରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ ସ୍ଥଗିତ କାମ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ।

**ବିଛା** ରାଶିରେ କେତୁ ପ୍ରଭାବରୁ ବିଭିନ୍ନ ଅସଙ୍ଗତ କଥା ମନକୁ ବିଭ୍ରାନ୍ତ କରାଇବ। ଅନୁରାଧା ନକ୍ଷତ୍ର ଯାହା ହୋଇ ପାରିନାହିଁ, ସେଥିପାଇଁ ଚିନ୍ତା ନ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କଲେ ଉପକୃତ ହେବେ। ଆକସ୍ମିକ ଭାବେ ରୋଗପୀଡା ଅନୁଭବ ହୋଇପାରେ । ସତ୍ୟର ପରିପନ୍ଥୀ ହେତୁ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ।

**ଧନୁ** କର୍ମାଧିପଙ୍କ ଦୁର୍ବଳତା ହେତୁ ଆଜି ଦିନରେ କାମ ହାସଲ କଷ୍ଟକର ହୋଇପାରେ । ଅପରାହ୍ଣରେ ଆଲୋଚନା ପରିସରରେ ବନ୍ଧୁଙ୍କ ଔଚିତ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ । ପାରିପାର୍ଶ୍ୱିକ ପରିସ୍ଥିତି ସୁହାଉ ନ ଥିବାରୁ ଆନମନା ରହିପାରନ୍ତି।

**ମକର** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି କାର୍ଯ୍ୟ ହାସଲର ରାସ୍ତା ଉନ୍ମୁକ୍ତ କରିପାରନ୍ତି । ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ସାଂସ୍କୃତିକ କାମରେ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ ଓ ପରିବହନରେ ଲାଭବାନ୍ ହେବେ।

**କୁମ୍ଭ** ନିଜର ଦୂରଦର୍ଶୀ ଗୁଣ ହେତୁ ସବୁ ପରିସ୍ଥିତିରେ ନିଜକୁ ଖାପଖୁଆଇ ନେବାରେ ଅସୁବିଧା ରହିବ ନାହିଁ। ଦ୍ୱାଦଶସ୍ଥ ଶୁକ୍ରଙ୍କ ସୁପ୍ରଭାବରୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କିନ୍ତୁ କର୍ମକ୍ଷେତ୍ରରେ ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ।

**ମୀନ** ସ୍ୱଭାବରୁ ଅଷ୍ଟମସ୍ଥ ଚତୁଃଗ୍ରହଜନିତ କୌଣସି କାମ ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଅନ୍ୟଥା ସାଙ୍ଗରେ ନେବା ଜିନିଷକୁ ଭୁଲି ଯାଇପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅନ୍ୟମାନେ ଶତ୍ରୁତା କଲେ ମଧ୍ୟ ଆପଣଙ୍କ ପ୍ରତିଷ୍ଠା ନ୍ୟୂନ ହେବ ନାହିଁ।

ଆଜି ପୌଷ ଶୁକ୍ଳ ଦ୍ୱାଦଶୀ ସୋମବାର, ଜାନୁୟାରୀ ୨୫ ତାରିଖ, ଜାତୀୟ ପର୍ଯ୍ୟଟନ ଦିବସ, ରାଷ୍ଟ୍ରୀୟ ମତଦାତା ଦିବସ, ରାଶିନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ.୦୧.୦୧ମି. ଗତେ ମିଥୁନ ଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୫୨ମି. ଗତେ ଘ.୦୧.୦୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୩.୧୮ମି. ଗତେ ଘ.୦୪.୪୬ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୭.୫୦ମି. ଗତେ ଘ.୦୯.୧୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Teacher's colony at Tamando, Bhubaneswar book now independent Duplex with amenities. Price: 60Lakhs/ 75Lakhs/ 85Lakhs. Contact: 8260595320 (only Teachers & Lecturers contact). D-70505

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? **9040744989, 6371364640.** D-70160

ଭୁବନେଶ୍ୱର New Rly Station ପାଖରେ 30ft road yellowzone plot sqft.-500/- first possession/ registration. 6371406921. D-69363

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ **800mtr 100ft** ପିଚୁରୋଡ୍‌କୁ ଲାଗି **30'**ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ **boundary plot** ବିକ୍ରିହେବ। **9439116553.** D-70147

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଲ IIT ପାଖରେ 1200sqft. 1,44,000/-, 7894433357. D-70164

ଭୁବନେଶ୍ୱର ପାହାଳ **NH side** ଘରବାରି **yellowzone fully developed demarcated** ବାସୋପଯୋଗୀ **plot road, electricity** ଥାଇ ତୁରନ୍ତ ଘର କରନ୍ତୁ। **PUJA- 6371970725.** D-70162

Banker's colony at Tamando, Bhubaneswar book now a independent Duplex with amenities. Price: 60lakhs / 75lakhs / 85lakhs. Contact:8260595320 (only Bankers contact). D-70506

**6,00,000/-** ଟଙ୍କା ଦେଇ **Bhubaneswar new Railway station** ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। **First possession/ registration. 9937349112.** D-70163

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70504

ଭୁବନେଶ୍ୱର ଖଣ୍ଡଗିରିରୁ **10K.M distance** ରେ ପିତାପଲ୍ଲୀ ଛକ **NH**କୁ ଲାଗି **boundary, patta, registry cost** ଏବଂ ମୋରମ୍ **filling** ସହ **sqft. 1100/-**ରେ ମିଳୁଛି। **9090963952.** D-70153

Software colony at Patia, Bhubaneswar book now a independent Duplex with amenities. Price: 93lakhs. Contact: 8260595320(only software's contact). D-70507

ଭୁବନେଶ୍ୱର **Airport** ଠାରୁ ୬କି.ମି. ଦୂର ବୋଡଣ୍ଡାରେ **1406sqft.** ଘରବାରି ପ୍ଲଟ୍ **@ 24,50,000/-, 9040404420, 9777686666.** D-19669

କଟକ **Highcourt**ରୁ **8K.M.** ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ **200mtr** ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **6372930002.** D-70148

**Immediate Construction Plotting Nakhara @780000, Sundarpada @240000, Saivihar S-3000000. 9437522338** D-19563

**Plot for sale near Oxford College, Bhingarpur, Kuranga 25' Road (Ready for Construction) 9861302460, 6370354458.** D-70161




**For construction only in your plot inside Bhubaneswar area, contact MRC- 9937064680.** D-27287




1BHK flat main road Soubhagya Nagar Unit-8 office, family, bachelors. 9000004523. D-19713

1280sqft. 2nd floor Unit-4 Madhusudan Nagar, Bhubaneswar commercial @20,500/-, 7978805969. D-70165

**2320sqft Go-down for Rent, Talasahi, Shikharpur, Cuttack. Contact Saroj- 8895331410, 9437552432.** D-19686

3000sft./ 4000sft. Office space with parking 100mtr. from Lewis road, Hyundai showroom- 9437031324, 9810064588. D-69681




Newly open full body massage ladies and gents. 9861141344, 8658994614. D-70416

Revitalize your self with our ayurvedic massage and refreshment, Call: 7381239385. D-70100

Experience full body massage with expert therapists. Call: 7377048581. D-70501

Get refreshment Body Massage by Expert Therapist. Contact for: 6371537969. D-70099

Swarna SPA newly open positively health benefits with expert therapist. 9556978408. D-70097

Rejuvenate and Ayurvedic full body massage by smart therapist. 9348123330. D-70098

Refreshing your mind & body with best therapy at Lotus SPA. 8018234866. D-70417

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Computer Science & Engineering ରେ (Ph.D.)**



ଶ୍ରୀ ପ୍ରେମାନନ୍ଦ ସାହୁ ପାରଳାଖେମୁଣ୍ଡି ସ୍ଥିତ Centurion University of Technology & Management ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ (Ph.D.) ଡିଗ୍ରୀ ହାସଲ କରିଛନ୍ତି। ସେ CUTMର Dr. Satyasis Mishra ଏବଂ Dr. Manas Ranjan Senapati, Associate Professor, VSSUT, Burlaଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Detection and Classification of Brain Tumor Using Machine Learning and Soft Computing Techniques from Magnetic Resonance images" ଶୀର୍ଷକ ନିବନ୍ଧ ଉପରେ ଗବେଷଣା କରୁଥିଲେ। ଶ୍ରୀ ପ୍ରେମାନନ୍ଦ ସାହୁ ହିଞ୍ଜିଳିକାଟୁ ଶ୍ୟାମଳାଇ ନଗର ସ୍ଥିତ ଶ୍ରୀମତୀ ମୀନତି ସାହୁ ଏବଂ ଶ୍ରୀଯୁକ୍ତ ଗୋକୁଳାନନ୍ଦ ସାହୁଙ୍କର ଜ୍ୟେଷ୍ଠପୁତ୍ର ଏବଂ ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ ଏବଂ ଶ୍ରୀଯୁକ୍ତ ଗୌରଚନ୍ଦ୍ର ପାଣିଗ୍ରାହୀଙ୍କର କନିଷ୍ଠ ଜାମାତା ଅଟନ୍ତି। **ସେ ଭୁବନେଶ୍ୱରର ମଞ୍ଚେଶ୍ୱର ସ୍ଥିତ ରାଜଧାନୀ ଇଞ୍ଜିନିୟରିଂ କଲେଜରେ କମ୍ପ୍ୟୁଟର ସାଇନ୍ସ ଡିପାର୍ଟମେଣ୍ଟରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି।** ଶ୍ରୀ ସାହୁ ତାଙ୍କର ଏହି ସଫଳତାର ଶ୍ରେୟ କନିଷ୍ଠ ଭ୍ରାତା ଦେବାନନ୍ଦ ସାହୁ, ଶ୍ରୀମତୀ ସଙ୍ଗୀତା ପାଣିଗ୍ରାହୀ ଏବଂ ପୁତ୍ର ସପ୍ନେଶ୍ୱରଙ୍କୁ ଦେଇଛନ୍ତି। ଏହି କୃତିତ୍ୱ ପାଇଁ ରାଜଧାନୀ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଡ. ବିମଳ ଷଡ଼ଙ୍ଗୀ ଏବଂ ବିଭାଗ ମୁଖ୍ୟ ପ୍ରଫେସର ଉତ୍ତମ କୁମାର ଜେନାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କର ଏହି ଉପାଧି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତି ଅର୍ଘ୍ୟ ଅର୍ପଣ କରିବା ସଙ୍ଗେ ସଙ୍ଗେ ପିତା-ମାତାଙ୍କ କଲ୍ୟାଣ ଓ ସମସ୍ତ ଗୁରୁଜନମାନଙ୍କ ଆଶୀର୍ବାଦ ଓ ପରିବାରବର୍ଗଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୧୯୭୦୮


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## ମହାନଦୀ ପଠାରେ ଫସି ରହିଛନ୍ତି ହାତୀ ପଲ

**ବାଙ୍କୀ,୨୪।୧(ସ୍ୱ.ପ୍ର.):** କଟକ ଜିଲା ବାଙ୍କୀ ବ୍ଲକ କଇଁମୁଣ୍ଡି ନିକଟ ମହାନଦୀ ପଠାରେ ହାତୀ ପଲ ଫସି ରହିଛନ୍ତି। ଶନିବାର ରାତିରେ ଆଠଗଡ ସୁକାସନ ସଂରକ୍ଷିତ ଜଙ୍ଗଲରୁ ଡମପଡ଼ା ଚନ୍ଦକା ଅଭୟାରଣ୍ୟକୁ ହାତୀପଲ ଫେରୁଥିବାବେଳେ ଘନ କୁହୁଡି ଯୋଗୁ ଆଗକୁ ଯାଇ ନ ପାରି ନଦୀ ବାଲି ପଠାରେ ଅଟକି ଯାଇଥିଲେ। ଏହାଦେଖି କଇଁମୁଣ୍ଡି ଗାଁର ଲୋକେ ବନ ବିଭାଗରେ ଖବରଦେଇଥିଲେ। ପରେ ଡମପଡ଼ା ଚନ୍ଦକା ଅଭୟାରଣ୍ୟ ଅଧୀନ ଭାଗୀପୁର ବନଖଣ୍ଡ କର୍ମଚାରୀ ସେଠାରେ ପହଞ୍ଚି ହାତୀପଲଙ୍କ ଗତିବିଧି ଅନୁଧ୍ୟାନ କରୁଛନ୍ତି।

## ନନ୍ଦନକାନନରେ ଭିଡ଼

**ବାରଙ୍ଗ,୨୪।୧(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା ପୁଣି ବଢ଼ିଛି। ନନ୍ଦନକାନନ ଖୋଲିବାପରଠାରୁ ପ୍ରତି ରବିବାର ପର୍ଯ୍ୟଟକ ସଂଖ୍ୟା ବଢୁଥିବାର ଦେଖିବାକୁ ମିଳୁଛି। ଏହି ରବିବାର ନନ୍ଦନକାନନକୁ ୧୪ହଜାର ୯୦୭ଜଣ ପର୍ଯ୍ୟଟକ ଆସିଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିଭଳି ୩୧୫୧ଜଣ ପର୍ଯ୍ୟଟକ ରବିବାର ବଟାନିକାଲ ଗାର୍ଡେନକୁ ଆସିଛନ୍ତି।

## ମହୁମାଛି ଆକ୍ରମଣ: ୧୧ ଆହତ, ମହିଳା ଗୁରୁତର

**ଛେଣ୍ଡିପଦା,୨୪।୧(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ଟାଙ୍ଗିରି ଗ୍ରାମରେ ମହୁମାଛି ଆକ୍ରମଣରେ ୧୧ ଜଣ ଆହତ ହୋଇଥିବାବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରଞ୍ଜିତା ସାହୁ ବଦାମ ବଗିଚାରେ କାମ ସାରି ଆଉଁଳି ନଦୀରେ ଗାଧୋଇ ଘରକୁ ଫେରୁଥିବାବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଗ୍ରାମବାସୀ ମଧ୍ୟ ମହୁମାଛି ଆତଙ୍କରୁ ବର୍ତ୍ତି ନ ଥିଲେ। ଏଥିରେ ୧୧ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୯୫,୦୦,୦୮୭ | ୨୧,୩୩,୮୨୫ | ୭,୧୫,୨୫,୮୫୨ |
| ଭାରତ | ୧,୦୬,୭୧,୯୪୩ | ୧,୫୩,୪୭୦ | ୧,୦୩,୨୨,୯୫୧ |
| ଓଡ଼ିଶା | ୩,୩୪,୩୦୦ | ୧୯୦୫(+୫୩) | ୩,୩୧,୧୪୪ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ପୂର୍ବତନ ବିଧାୟକ ସୁରେନ୍ଦ୍ର ନାଥ ମିଶ୍ରଙ୍କ ଦେହାନ୍ତ

**ବୋଲଗଡ/ବେଗୁନିଆ, ୨୪।୧ (ଡି.ଏନ୍.ଏ.):** ବୋଲଗଡ଼-ବେଗୁନିଆର ପୂର୍ବତନ ବିଧାୟକ ସୁରେନ୍ଦ୍ର ନାଥ ମିଶ୍ରଙ୍କର ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉଭୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ସେ କିଛି ଦିନ ଧରି ଅସୁସ୍ଥ ହୋଇଥିଲେ।



ରବିବାର ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ହସ୍ପିଟାଲ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକ କହିଛନ୍ତି। ସ୍ୱର୍ଗତ ମିଶ୍ରଙ୍କର ମରଶରୀରକୁ ଖଣ୍ଡଗିରିସ୍ଥିତ ଧର୍ମବିହାର ଅଞ୍ଚଳର ବାସଭବନରେ ରଖାଯାଇଛି। ତାଙ୍କ ମୃତଦେହ ନିକଟରେ ସ୍ତ୍ରୀ ଶାନ୍ତିଲତା ମିଶ୍ର ଥିବାବେଳେ ପରେ ଖବର ପାଇ ପୁତ୍ର ସୁଧିରଞ୍ଜନ ମିଶ୍ର ଓ ୨ ଝିଅ ଜ୍ୱାଇଁ ଏବଂ ୨ଭାଇ ପହଞ୍ଚିଥିଲେ। ସ୍ୱର୍ଗତ ମିଶ୍ରଙ୍କ ମରଶରୀରକୁ ଶେଷଦର୍ଶନ ପାଇଁ ପ୍ରମୁଖ ବ୍ୟକ୍ତି ବିଶେଷମାନେ ଖଣ୍ଡଗିରିସ୍ଥିତ ବାସଭବନକୁ ପହଞ୍ଚିଛନ୍ତି । ସ୍ୱର୍ଗତ ସୁରେନ୍ଦ୍ର ନାଥ ମିଶ୍ର ୧୯୯୦ଠାରୁ ୯୫ ପର୍ଯ୍ୟନ୍ତ ଜନତା ଦଳର ବିଧାୟକ ଥିଲେ।

## ଚଳଚ୍ଚିତ୍ର ଅଭିନେତା ଶାନ୍ତିସ୍ୱରୂପଙ୍କ ପରଲୋକ

**ସମ୍ବଲପୁର, ୨୪।୧ (ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଶାନ୍ତିସ୍ୱରୂପ ମିଶ୍ର (ଟିକୁ)ଙ୍କ ରବିବାର ସମ୍ବଲପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି।



ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହେଉଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ ସଂଯୁକ୍ତା, ଝିଅ ମଧୁଛନ୍ଦା, ପୁଅ ରୋହିତ ଓ ବୋହୂ ଉପସ୍ଥିତ ଥିଲେ। ସେ ଓଡିଆ ଚଳଚ୍ଚିତ୍ର ମନଆକାଶ, ବନ୍ଧୁ ମହାନ୍ତି ଓ କୃଷ୍ଣ ସୁଦାମରେ ଅଭିନୟ କରିଥିଲେ। ସେ ଝାଡୁଆପଡାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ସମ୍ବଲପୁରରେ ଶୋକର ଛାୟା ଖେଳିଯାଇଛି। ଚଳଚ୍ଚିତ୍ର ଅଭିନେତା, ମଞ୍ଚ କଳାକାର, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟକାର, ସଂଗୀତଜ୍ଞମାନେ ଶୋକପ୍ରକାଶ କରିଛନ୍ତି।

# ତଦନ୍ତ ନିର୍ଦ୍ଦେଶ ଦେଲେ ଭିନ୍ନକ୍ଷମ କମିଶନ

**ଭୁବନେଶ୍ୱର, ୨୪।୧ (ବ୍ୟୁରେ)**

**ତାଲିମ କେନ୍ଦ୍ରରେ ଯୌନ ଶୋଷଣ ଘଟଣା**
- ଭାଇରାଲ ଭିଡିଓକୁ ନେଇ ତନାଘନା, ମାମଲା ରୁଜୁ
- ଅଭିଯୋଗ ପରେ ଚୁପ୍ ବସିଛି ଏୟାରପୋର୍ଟ ପୋଲିସ

ରାଜଧାନୀର ଏକ ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ମହିଳା ଓ ଯୁବତୀଙ୍କୁ ଯୌନ ଶୋଷଣ କରାଯାଉଥିବା ନେଇ ଭିଡିଓ ଭାଇରାଲ ପରେ ନିଜ ଆଡୁ ମାମଲା ରୁଜୁ କରିଛନ୍ତି ଭିନ୍ନକ୍ଷମ କମିଶନ। ଏଥିସହ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କମିଶନ ଅଧକ୍ଷା ସୁଲୋଚନା ଦାସ କହିଛନ୍ତି। ସୋମବାର ଉକ୍ତ ତାଲିମ କେନ୍ଦ୍ରକୁ ଯାଇ ଭାଇରାଲ ଭିଡିଓର ତର୍ଜମା କରାଯିବା ସହ ଅଭିଯୋଗକାରୀଙ୍କ ବୟାନ ରେକର୍ଡ ହେବ। ଏହାର ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦାସ କହିଛନ୍ତି।

ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ପୂର୍ବରୁ ଏୟାରପୋର୍ଟ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଚୁପ୍ ବସିଥିବାରୁ ନିର୍ଯାତନାରେ ଅତିଷ୍ଠ ହୋଇ ପିଡିତାମାନେ ଏଭଳି ଭିଡିଓ ଭାଇରାଲ୍ କରିଥିବା କୁହାଯାଉଛି। ପଳାଶପଲ୍ଲୀ ଅଞ୍ଚଳରେ ଥିବା ନିଖିଳ ଉତ୍କଳ ଶାରୀରିକ ଭିନ୍ନକ୍ଷମ ତାଲିମକେନ୍ଦ୍ରର ସାଧାରଣ ସମ୍ପାଦକ ସୁରେଶ ବେହେରାଙ୍କ ବିରୋଧରେ ଥାନା ଓ ଭିଡିଓରେ ଏଭଳି ସଙ୍ଗୀନ ଅଭିଯୋଗ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ଏହି ସଂସ୍ଥାରେ ଭିନ୍ନକ୍ଷମ ଯୁବକ ଯୁବତୀମାନେ କମ୍ପ୍ୟୁଟର, ସିଲେଇ ଏବଂ ବିୟୁଟି ପାର୍ଲର ଆଦି ତାଲିମ ନେଉଛନ୍ତି। ସଂସ୍ଥାର ମୁଖ୍ୟ ସରକାରୀ ଅର୍ଥ ହଡ଼ପ କରିବା ସହ କାର୍ଯ୍ୟ ତଦାରଖ କରିବାକୁ ଆସୁଥିବା ବାବୁଙ୍କୁ ଖୁସି କରିବାକୁ କଲ୍‌ଗାର୍ଲ ଯୋଗାଇ ଦେଉଛନ୍ତି। କଲ୍‌ଗାର୍ଲ ନ ମିଳିଲେ ଟ୍ରେନିଂ ନେଉଥିବା କିମ୍ବା ଅଫିସ୍‌ରେ କାର୍ଯ୍ୟରତ ଯୁବତୀଙ୍କୁ ରାତି କାଟିବାକୁ ବାଧ କରାଯାଉଛି। ଭିଡିଓରେ ଜଣେ ଯୁବତୀଙ୍କ ସହ ସଂସ୍ଥାର ମୁଖ୍ୟ ସୁରେଶ ଓ ଅନ୍ୟ କେତେଜଣ ବ୍ୟକ୍ତିଙ୍କର ଏ ସଂକ୍ରାନ୍ତ ବାର୍ତ୍ତାଳାପ ରହିଛି। ପରେ ଯୁବତୀଙ୍କୁ ଏକ କୋଠରିରେ ଛାଡ଼ିବା ପରେ ବାହାର ପଟୁ ତାଲା ପକାଯାଉଛି। ଏଥିସହିତ ଭିଡିଓରେ କିଛି ଅଶ୍ଳୀଳ କଥାବାର୍ତ୍ତା ସହ ଇଙ୍ଗିତ ମଧ ରହିଛି। ଗତ ନଭେମ୍ବର ୨୩ରେ ଉକ୍ତ ସଂସ୍ଥାରେ କାମ କରୁଥିବା ଜଣେ ଯୁବତୀ ଯୌନ ଶୋଷଣ ନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ସଂସ୍ଥାରେ ବିୟୁଟିପାର୍ଲର ଇନ୍‌ଷ୍ଟ୍ରକ୍ଟର ପଦ ଖାଲି ଅଛି କହି ସୁରେଶ ତାଙ୍କୁ ମାସିକ ୭ହଜାର ୨ଶହ ଟଙ୍କାରେ ଚାକିରିରେ ରଖିଥିଲେ। ହେଲେ ଦରମା ନ ଦେଇ ସମୟ ଗଡ଼ାଇଥିଲେ। କରୋନା ସମୟରେ ତାଙ୍କୁ ମାଗଣାରେ ଅଫିସରେ ରହିବାକୁ ଦିଆଯାଇଥିଲା। ସେତେବେଳେ ସୁରେଶ ତାଙ୍କୁ ରାତିରେ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ ମଧ୍ୟ କରିଥିଲେ। ଏହାପରଠୁ ଯୁବତୀ ଜଣକ ସାମନ୍ତରାପୁର ଅଞ୍ଚଳରେ ରହିଥିଲେ। ସେଠାରେ ମଧ ସୁରେଶ ତାଙ୍କ ବନ୍ଧୁଙ୍କ ସହ ପହଞ୍ଚି ଦୁର୍ବ୍ୟବହାର କରି ଧମକ ଦେଇଥିଲେ। ଏନେଇ ଯୁବତୀ ଜଣକ ଏୟାରପୋର୍ଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏନେଇ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ତଦନ୍ତ ଚାଲିଛି। ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ସ୍ୱାଭିମାନ ଅଞ୍ଚଳରୁ ମାଓବାଦୀ ସାମଗ୍ରୀ ଜବତ

**ଚିତ୍ରକୋଣ୍ଡା, ୨୪।୧(ଡି.ଏନ.ଏ.)**




ଆନ୍ଧ୍ର ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ଅଞ୍ଚଳ ରୂପେ ପରିଚିତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳର ମାଟିଖାଲ ଜଙ୍ଗଲରୁ ବିଏସ୍‌ଏଫ୍ ଯବାନମାନେ ମାଓବାଦୀଙ୍କ ବ୍ୟବହୃତ ବିଭିନ୍ନ ସାମଗ୍ରୀ ରବିବାର ଜବତ କରିଛନ୍ତି। ପଣସପୁଟ ପଞ୍ଚାୟତର ଗୋରାସେତୁ ନିକଟରେ ଥିବା ଏହି ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ଯବାନମାନେ ଏହିସବୁ ସାମଗ୍ରୀ ଠାବ କରିଥିଲେ। ସେଗୁଡିକ ମଧ୍ୟରେ ମଲ୍ଟିମିଟର୍, ତାର, ପଲିଥିନ, ସୋଲ୍ଡରିଂ ମେଶିନ, ଓୟାର କଟର, ଟ୍ରାଞ୍ଜିଷ୍ଟର, ବ୍ୟାଟେରି ଆଦି ସାମଗ୍ରୀ ରହିଛି। ଉକ୍ତ ସାମଗ୍ରୀଗୁଡିକ ବୋମା ତିଆରିରେ ବ୍ୟବହାର କରାଯାଏ। ଏକ ବଡ ଧରଣର ଅଘଟଣ ଘଟାଇବାକୁ ମାଓବାଦୀମାନେ ଯୋଜନା କରି ଏହିସବୁ ସାମଗ୍ରୀ ଜଙ୍ଗଲରେ ଲୁଚାଇ ରଖିଥିବା ପୋଲିସ ଅନୁମାନ କରୁଛି।



୨୦୨୦ ରଥଯାତ୍ରା ଆୟୋଜନକୁ ଅନୁମତି ଦେବା ପାଇଁ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଖଲ କରି ନୟାଗଡ଼ର ଛାତ୍ର ଆଫ୍‌ତାବ୍ ହୋସେନ୍ ଚର୍ଚ୍ଚାକୁ ଆସିଥିଲେ। ରବିବାର ପୁରୀ ଭକ୍ତ ସାଲବେଗ ପୀଠରେ ଆଫ୍‌ତାବଙ୍କୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

## ୩ ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରରେ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

୨ ଓଡ଼ିଶା କ୍ୟାଡର ଏବଂ ଜଣେ ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରରେ ନୂଆ ଦାୟିତ୍ୱ ମିଳିଛି। ପୂର୍ବରୁ ଓଡ଼ିଶାର ବିଭିନ୍ନ ବିଭାଗରେ ସଚିବଭାବେ ଦାୟିତ୍ୱ ତୁଲାଉଥିବା ଉକ୍ତ ୩ ଅଧିକାରୀ ଏବେ କେନ୍ଦ୍ରୀୟ ଡେପୁଟେଶନରେ ରହିଛନ୍ତି। ଏହି ସମସ୍ତ ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ୧୯୮୫ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ଉପେନ୍ଦ୍ର ସିଂଙ୍କୁ କେନ୍ଦ୍ର ବୟନ ସଚିବଭାବେ ଦାୟିତ୍ୱ ମିଳିଛି। ସେହିପରି ୧୯୮୮ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ବିଦ୍ୟୁତ୍ ବିହାରୀ ସ୍ୱାଇଁ ଏମ୍‌ଏସ୍‌ଏମ୍‌ଇ ସଚିବ ହୋଇଥିବାବେଳେ ଜି.ଭି.ଭି. ଶର୍ମା ନ୍ୟାଶନାଲ ଅଥରିଟି କେମିକାଲ ୱିପନ କନ୍‌ଭେନ୍‌ଶନ (ଏନ୍‌ଏସିଡବ୍ଲ୍ୟୁସି)ର ଅଧକ୍ଷ ହୋଇଛନ୍ତି।

## କିଏ କେଉଁଠି ପତାକା ଉତ୍ତୋଳନ କରିବେ

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଜିଲାସ୍ତରୀୟ ଉତ୍ସବରେ କେଉଁ ମନ୍ତ୍ରୀ କେଉଁଠାରେ ପତାକା ଉତ୍ତୋଳନ କରିବେ ସେନେଇ ତାଲିକା ପ୍ରକାଶ ପାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କଟକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପୁରୀ, ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଅନୁଗୋଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କଳାହାଣ୍ଡି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗଞ୍ଜାମ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ବାଲେଶ୍ୱର, କୃଷିମନ୍ତ୍ରୀ ଅରୁଣ ସାହୁ ରାୟଗଡ଼ା, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କନ୍ଧମାଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୟୂରଭଞ୍ଜ, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବରଗଡ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ ସମ୍ବଲପୁର, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ନୟାଗଡ଼, ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କେନ୍ଦୁଝର, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯାଜପୁର, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବଲାଙ୍ଗୀର, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୁନ୍ଦରଗଡ଼, ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାଏକ କୋରାପୁଟ, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ନବରଙ୍ଗପୁର, ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଗଜପତି ଓ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମାଲକାନଗିରି ଜିଲାସ୍ତରୀୟ ଉତ୍ସବରେ ପତାକା ଉତ୍ତୋଳନ କରିବେ। ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ନୂଆପଡ଼ା, ସୁବର୍ଣ୍ଣପୁର ଏବଂ ଜଗତ୍‌ସିଂହପୁରରେ ଜିଲାପାଳ ପତାକା ଉତ୍ତୋଳନ କରିବେ।

# ଆହୁରି ସହଜ ହେବ ଦର୍ଶନ

**ପୁରୀ ଅଫିସ, ୨୪।୧**

- ମାର୍କେଟ ଛକରୁ ଘୁଞ୍ଚାଗଲା ବ୍ୟାରିକେଡ୍
- ସାନିଟାଇଜ୍ ହେଲା ଶ୍ରୀମନ୍ଦିର ପରିସର

ପୁରୀ ଜିଲା ପୋଲିସ ପ୍ରଶାସନ ରବିବାର ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରିଛି। ମାର୍କେଟ ଛକଠାରେ ଥିବା ବ୍ୟାରିକେଡ୍‌କୁ ଉଚ୍ଛେଦ କରି ମରିଚିକୋଟ ଛକ ପର୍ଯ୍ୟନ୍ତ ଆଣିଛି। ପୂର୍ବରୁ ଶ୍ରଦ୍ଧାଳୁମାନେ ଶ୍ରୀଜଗନ୍ନାଥ ବଲ୍ଲଭ ସାମ୍ନା ମାର୍କେଟ ଛକଠାରୁ ବ୍ୟାରିକେଡ୍ ଦେଇ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆସୁଥିଲେ। ସୋମବାରଠାରୁ ଶ୍ରଦ୍ଧାଳୁମାନେ ମରିଚିକୋଟ୍ ବ୍ୟାରିକେଡ୍‌ରେ ପ୍ରବେଶ କରି ଶ୍ରୀମନ୍ଦିରକୁ ଯିବେ। ଦର୍ଶନାର୍ଥୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଶନିବାର ପ୍ରବଳ ଭିଡ଼ ହୋଇଥିଲା। ଫଳରେ ଦର୍ଶନ ଓ ଟ୍ରାଫିକ୍ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା କଷ୍ଟସାଧ ହୋଇପଡ଼ିଥିଲା। ତେଣୁ ଏସ୍‌ପି କନ୍‌ୱର ବିଶାଲ ସିଂ ଟ୍ରାଫିକ୍ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ରବିବାର ଏଭଳି ପଦକ୍ଷେପ ନେଇଛନ୍ତି। ଏଣିକି ଦର୍ଶନାର୍ଥୀମାନେ ମାର୍କେଟ ଛକରେ ଗାଡ଼ି ରଖିବା ପରେ ମରିଚିକୋଟ୍ ପର୍ଯ୍ୟନ୍ତ ଚାଲିଚାଲି ଯାଇ ବ୍ୟାରିକେଡ୍ ମଧ୍ୟରେ ପ୍ରବେଶ କରିବେ। ବ୍ୟାରିକେଡ୍ ହଟିବା ପରେ ମରିଚିକୋଟ୍ ଯାଏ ରାସ୍ତା ପ୍ରଶସ୍ତ ହୋଇଥିବାରୁ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆସିବ। ଅନ୍ୟପକ୍ଷରେ ପୂର୍ବ ନିର୍ଦ୍ଧାରିତ ଏସ୍‌ଓପି ଅନୁଯାୟୀ ରବିବାର ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିଥିବାବେଳେ ଶ୍ରୀମନ୍ଦିର ଭିତର ଓ ବାହାର ପରିସରକୁ ବିଶୋଧନ କରାଯାଇଛି। ଏହି କାର୍ଯ୍ୟରେ ପୁରୀ ଅଗ୍ନିଶମ କେନ୍ଦ୍ରର ୧୦ରୁ ଅଧିକ କର୍ମଚାରୀ ନିୟୋଜିତ ଥିଲେ। ମୁଖ୍ୟତଃ ବ୍ୟାରିକେଡ୍, ଭକ୍ତଙ୍କ ପାଦଚଲା ରାସ୍ତା, ଶ୍ରୀମନ୍ଦିର ଚାରିଦ୍ୱାର, ବାଇଶିପାହାଚ, ସ୍ନାନମଣ୍ଡପ ଏବଂ କଣ୍ଟେନର ପ୍ରଭୃତିକୁ ବିଶୋଧନ କରାଯାଇଛି। ସୋମବାରଠାରୁ ପୁଣି ସ୍ୱାଭାବିକ ଦର୍ଶନ ଆରମ୍ଭ ହେବ। ଏସ୍‌ଓପି ଅନୁଯାୟୀ ପ୍ରତି ରବିବାର ଦର୍ଶନ ବନ୍ଦ ରଖାଯାଇ ମନ୍ଦିର ପରିସରକୁ ସାନିଟାଇଜ କରାଯିବ।



ଶ୍ରୀମନ୍ଦିର ସମ୍ମୁଖ ସ୍ଥାନକୁ ବିଶୋଧନ କରାଯାଉଛି।


**EMPLOYMENT NOTICE**

**ECHS POLYCLINIC BRAHMAPUR, BHAWANIPATNA (ODISHA)**

1. Application invited for the forthcoming vacancy for contractual employment in **ECHS Polyclinic Brahmapur and Bhawanipatna.**

| Ser No. | Post Name | No. of Vacancy | Vacancy for Polyclinic |
|---|---|---|---|
| a) | Medical Officer | 01 | Brahmapur |
| b) | Dental Officer | 01 | Brahmapur |
| c) | Pharmacist | 01 | Bhawanipatna |
| d) | Data Entry Operator | 01 | Brahmapur |
| e) | Female Attendant | 01 (Each Polyclinic) | Brahmapur & Bhawanipatna |
| f) | Chowkidar | 01 (Each Polyclinic) | Brahmapur & Bhawanipatna |
| g) | Safaiwala | 01 (Each Polyclinic) | Brahmapur & Bhawanipatna |

2. For Application form, Terms and Conditions, Eligibility Criteria, etc visit **www.echs.gov.in.** 3. Last date for submission of application by post: **22 Feb 2021.** 4. Date and Time of interview will be intimated telephonically/ e-mail/SMS. 5. Interview at Station Headquarters Gopalpur Military Station. 6. For guidance contact **ECHS Cell, Stn HQ Gopalpur, PO:Golabandha, Distt-Ganjam (ODISHA), PIN:761052.** Any queries, contact: **(Tele:0680-2343301) & (Mob No: 8018211891), Also send scanned copy of application in PDF format** to this office **Mail Id: gopalpurechsstnhq@gmail.com**

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର

**ଟେଣ୍ଡର ସୂଚନା**

**ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପରିସର ମଧ୍ୟରେ ଭୋଜନାଳୟର ସୁବିଧା ଯୋଗାଇ ଦେବା ନିମନ୍ତେ କ୍ୟାଟରିଂ ସଂସ୍ଥା ପାଇଁ ଟେଣ୍ଡର ସୂଚନା ।**

ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟ ନିମନ୍ତେ ସୁପ୍ରତିଷ୍ଠିତ ଏବଂ ଖ୍ୟାତିସମ୍ପନ୍ନ (କ୍ୟାଣ୍ଟିନ ପରିଚାଳନାରେ ଯଥେଷ୍ଟ ଅଭିଜ୍ଞତା ଥିବା) କ୍ୟାଟରିଂ ସଂସ୍ଥାମାନଙ୍କ ଠାରୁ ଏହାର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ପରିସର ମଧ୍ୟରେ ଷ୍ଟାଫ ସଦସ୍ୟମାନଙ୍କୁ କ୍ୟାଣ୍ଟିନ ସୁବିଧା ଯୋଗାଇ ଦେବାପାଇଁ ଆବେଦନ ପତ୍ର ଆହ୍ୱାନ କରୁଛି । ସଂପୂର୍ଣ୍ଣ ଭାବରେ ଲିଖିତ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ଫେବୃଆରୀ **18, 2021** (ଅପରାହ୍ନ **2.00** ଟା) ।

ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବାପାଇଁ ଆରବିଆଇ ୱେବସାଇଟ **www.rbi.org.in** ର 'ଟେଣ୍ଡର ବିଭାଗ' ରେ ଲଗ ଇନ୍ କରନ୍ତୁ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**

**EMPLOYMENT NOTICE**

**ECHS POLYCLINIC KORAPUT (ODISHA)**

1. Application invited for the forthcoming vacancy for contractual employment in **ECHS Polyclinic Koraput.**

| Ser No. | Post Name | No. of Vacancy | Vacancy for Polyclinic |
|---|---|---|---|
| a) | Medical Officer | 01 | Koraput |
| b) | Pharmacist | 01 | Koraput |
| c) | Female Attendant | 01 | Koraput |
| d) | Safaiwala | 01 | Koraput |

**2.** For Application form, Terms and Conditions, Eligibility Criteria, etc visit **www.echs.gov.in. 3.** Last date for submission of application by post : **22 Feb 2021. 4.** Date and Time of interview will be intimated telephonically/ e-mail/SMS. **5.** Interview at Station Headquarters Gopalpur Military Station. **6.** For guidance contact **ECHS Cell, Stn HQ Gopalpur, PO:Golabandha, Distt-Ganjam (ODISHA), PIN:761052.** Any queries, contact: **(Tele:0680-2343301) & (Mob No: 8018211891), Also send scanned copy of application in PDF format to this office** Mail Id: **gopalpurechsstnhq@gmail.com**

**ସର୍ବସାଧାରଣ ଘୋଷଣା**
(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | **ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍** |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍‌୨୦୦୮ପିଏଲ୍‌ସି୦୧୦୫୦୧ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁଚୁଆ, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬ | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭ | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | **ନାମ: ପଙ୍କଜ ଧାନୁକା** ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ **ପଞ୍ଜୀକୃତ ଇମେଲ୍ ଠିକଣା: pankajdhanuka@gmail.com** ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ **ଯୋଗାଯୋଗ ଇମେଲ୍ ଠିକଣା: inmtpclip@deloitte.com** |
| ୮ | ଇ-ନିଲାମର ତାରିଖ | **ନିଲାମ ଆରମ୍ଭ ତାରିଖ ଓ ସମୟ: ଫେବୃୟାରୀ ୧୫, ୨୦୨୧ @ ପୂ. ୧୧.୦୦ ଘ. ନିଲାମ ସମାପ୍ତିର ତାରିଖ ଓ ସମୟ: ଫେବୃୟାରୀ ୧୫, ୨୦୨୧ @ ଅ. ୪.୩୦ ଘ.** |
| ୯ | ପ୍ରକ୍ରିୟା ଦସ୍ତାବିଜ୍ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡର୍‌ମାନେ **inmtpclip@deloitte.com**କୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦ | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ଫେବୃୟାରୀ ୧୩, ୨୦୨୧ |
| ୧୧ | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨ | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩ | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡର୍‌ମାନେ ଖୋଲା ସମୟ ଅବଧି ମଧ୍ୟରେ ଅନ୍ୟାନ୍ୟ ବିଡର୍‌ମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ। କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂରଣ ଦିଆଯିବ ନାହିଁ । |
| ୧୪ | ସଂରକ୍ଷିତ ମୂଲ୍ୟ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଏହି ଇ-ନିଲାମ ସଞ୍ଚାଳନ ଉଦ୍ଦେଶ୍ୟରେ ସଂରକ୍ଷିତ ମୂଲ୍ୟକୁ **ଆଇଏନ୍‌ଆର୍ ୫୪ କୋଟି** ଭାବେ ନିର୍ଦ୍ଧାରଣ କରାଯାଇଛି। |
| ୧୫ | ଅମାନତ ରାଶି ଜମାର ଆବଶ୍ୟକତା | କମ୍ପାନୀ ଏବଂ ଏକ ଚାଲୁ ବ୍ୟବସାୟ ଭାବେ ଏହାର ବ୍ୟବସାୟକୁ ଅଧିଗ୍ରହଣ କରିବା ନିମନ୍ତେ ବିଡ୍ କରିବା ପାଇଁ ବିଡର(ମାନ)ଙ୍କୁ **ଆଇଏନ୍‌ଆର୍ ୫୦ ଲକ୍ଷର** ଅମାନତ ରାଶି ଜମା (''ଇଏମ୍‌ଡି'') ଦାଖଲ କରିବାକୁ ହେବ । |

**ଦ୍ରଷ୍ଟବ୍ୟ:** ଏଠାରେ ସନ୍ନିହିତ କୌଣସି ଲେଖା କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ ।
ବିଡର୍‌ମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ (''ସଂହିତା'') ଏବଂ ତାହା ଅଧୀନ ସମ୍ପର୍କିତ ବ୍ୟାବସ୍ଥାପନ ଅନୁଯାୟୀ ସଞ୍ଚାଳିତ ହେଉଛି । ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୂତ ହୋଇଯିବ।
ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ **www.mtpcl.in**ରେ ଅଧିସୂଚିତ ହେବ।

ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ
ସ୍ୱା./- ପଙ୍କଜ ଧାନୁକା
ମୀମାଂସା ବୃତ୍ତିଧାରୀ - ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା: ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ତାରିଖ: ଜାନୁୟାରୀ ୨୫, ୨୦୨୧
ସ୍ଥାନ: କୋଲକାତା
ଯୋଗାଯୋଗ ଇମେଲ୍: inmtpclip@deloitte.com

**ଫର୍ମ ବି**
**ସର୍ବସାଧାରଣ ଘୋଷଣା**
(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୧୨ ଅଧୀନରେ)
**କେଭିକେ ନୀଳାଚଳ ପାୱାର ପ୍ରାଇଭେଟ ଲିମିଟେଡ୍‌ର ହିତଗ୍ରାହୀମାନଙ୍କ ଧ୍ୟାନାର୍ଥେ**

| କ୍ର.ସଂ. | ସବିଶେଷ ବିବରଣୀ | ବର୍ଣ୍ଣନା |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | **କେଭିକେ ନୀଳାଚଳ ପାୱାର ପ୍ରାଇଭେଟ ଲିମିଟେଡ୍** |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୬ ଜୁନ୍ ୨୦୦୧ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – ହାଇଦ୍ରାବାଦ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୭ଟିଜି୨୦୦୧ପିଟିସି୦୩୬୮୪୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଓ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ)ର ଠିକଣା | ୪, ପ୍ଲଟ୍ ନଂ.୪୮୪, ଜୁବିଲି ହିଲ୍ସ, ରୋଡ୍ ନଂ.୩୬, ହାଇଦ୍ରାବାଦ, ତେଲେଙ୍ଗାନା-୫୦୦୦୩୩ |
| ୬. | ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ସମାପ୍ତି ତାରିଖ | ୧୬ ଡିସେମ୍ବର ୨୦୨୦ |
| ୭. | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ୨୦ ଜାନୁୟାରୀ ୨୦୨୧ (୨୦ ଜାନୁୟାରୀ ୨୦୨୧ରେ ପ୍ରାପ୍ତ ୧୭ ଡିସେମ୍ବର ୨୦୨୦ର ଆଦେଶ) |
| ୮. | ପରିସମାପକ ଭାବେ କାର୍ଯ୍ୟ କରୁଥିବା ଇନ୍‌ସଲ୍‌ଭେନ୍ସି ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | **ଶ୍ରୀ ଆର୍.ପି. ଟକ** ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୬୨/୨୦୧୭-୧୮/୧୦୯୫୧ |
| ୯. | ବୋର୍ଡ ସହିତ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ପରିସମାପକଙ୍କ ଠିକଣା ଓ ଇ-ମେଲ୍ | ଠିକଣା: ୩/୧୫, ୪ର୍ଥ ମହଲା, ଅସଫ ଅଲୀ ରୋଡ୍, ଦିଲ୍ଲୀ–୧୧୦୦୦୨ ଇ-ମେଲ୍ ଆଇଡି: rptak@kgsomani.com |
| ୧୦. | ପରିସମାପକଙ୍କ ସହିତ ପତ୍ରଯୋଗାଯୋଗ ପାଇଁ ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇ-ମେଲ୍ | ମେସର୍ସ କେ.ଜି. ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ ଲିମିଟେଡ୍ – ୩/୧୫, ୪ର୍ଥ ମହଲା, ଅସଫ ଅଲୀ ରୋଡ୍, ଦିଲ୍ଲୀ–୧୧୦୦୦୨ ଇ-ମେଲ୍ ଆଇଡି: kvknilachalkgs2019@gmail.com Rptak@kgsomani.com, ମୋ.: ୯୩୧୩୧୦୨୫୫୨ |
| ୧୧. | ଦାବି ଦାଖଲର ଶେଷ ତାରିଖ | ୧୯ ଫେବୃୟାରୀ ୨୦୨୧ |

ଏତଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, ହାଇଦ୍ରାବାଦ ଖଣ୍ଡପୀଠ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ ଲିମିଟେଡ୍‌ର ପରିସମାପକ ଆରମ୍ଭ କରିବା ଲାଗି ୧୭ ଡିସେମ୍ବର ୨୦୨୦ (ଆଦେଶ ୨୦ ଜାନୁୟାରୀ ୨୦୨୧ରେ ପ୍ରାପ୍ତ ହୋଇଥିଲା) ଦିନ ଆଦେଶ ଦେଇଛନ୍ତି ।
ଏତଦ୍ୱାରା କେଭିକେ ନୀଳାଚଳ ପାୱାର ପ୍ରାଇଭେଟ ଲିମିଟେଡ୍‌ର ହିତଗ୍ରାହୀମାନଙ୍କୁ ଉପରୋକ୍ତ ସାମଗ୍ରୀ ନଂ.୧୦ରେ ପ୍ରଦତ୍ତ ଠିକଣାରେ ପରିସମାପକଙ୍କ ନିକଟରେ ୧୯ ଫେବୃୟାରୀ ୨୦୨୧ କିମ୍ବା ତାହା ପୂର୍ବ ସୁଦ୍ଧା ପ୍ରମାଣ ସହିତ ସେମାନଙ୍କର ଦାବିଗୁଡ଼ିକୁ ଦାଖଲ କରିବା ଲାଗି ଆହ୍ୱାନ କରାଯାଉଛି ।
ଆର୍ଥିକ ଋଣଦାତାମାନେ ପ୍ରମାଣ ସହିତ ସେମାନଙ୍କର ଦାବିଗୁଡ଼ିକୁ କେବଳ ବୈଦ୍ୟୁତିକ ମାଧ୍ୟମ ଦ୍ୱାରା ଦାଖଲ କରିପାରିବେ । ଅନ୍ୟ ସମସ୍ତ ଋଣଦାତାମାନେ ବ୍ୟକ୍ତିଗତ ଭାବେ, ଡାକଯୋଗେ କିମ୍ବା ବୈଦ୍ୟୁତିକ ମାଧ୍ୟମ ଜରିଆରେ ସେମାନଙ୍କର ଦାବି ଦାଖଲ କରିପାରନ୍ତି।
ମିଥ୍ୟା କିମ୍ବା ଭ୍ରମାତ୍ମକ ଦାବି ପ୍ରମାଣର ଦାଖଲ ଜରିମାନା ଆକର୍ଷିତ କରିବ ।
ସ୍ୱା./-
ତାରିଖ: ୨୫।୦୧।୨୦୨୧ ରାଜେନ୍ଦ୍ର ପ୍ରସାଦ ଟକ
ସ୍ଥାନ: ନୂଆଦିଲ୍ଲୀ ପଞ୍ଜୀକରଣ ସଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୬୨/୨୦୧୭-୧୮/୧୦୯୫୧

See Career Appointment on every Wednesday & Saturday

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା

# ସଶସ୍ତ୍ର ସେନାରେ ମହିଳାଙ୍କୁ ସମାନତା



ଅଜୟ କୁମାର

ବ୍ରିଟିଶ ଶାସନ କାଳରୁ ଭାରତୀୟ ପ୍ରତିରକ୍ଷା ବଳରେ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ମହିଳାମାନଙ୍କ ପ୍ରବେଶାଧିକାର ରହିଆସିଥିଲେ ସୁଦ୍ଧା, ସେମାନଙ୍କ ଭୂମିକା ମୁଖ୍ୟତଃ ନର୍ସିଂ ଓ ମେଡିକାଲ ଅଧିକାରୀ ଏବଂ ସେନା, ସେମାନଙ୍କ ପରିବାର ଓ କୌଣସି ସ୍ଥାନରେ ସେନା ମୁତୟନ ଥିବାବେଳେ ସେଠାକାର ଜନସାଧାରଣଙ୍କ ସେବା ମଧ୍ୟରେ ହିଁ ସୀମିତ ରହିଥିଲା। କିନ୍ତୁ ଭାରତୀୟ ସଶସ୍ତ୍ର ସେନାବଳର କେତେକ ଗୋଷ୍ଠୀଙ୍କ ମନରେ ମହିଳାମାନଙ୍କ ଶାରୀରିକ ଗଢ଼ଣ, ମାତୃତ୍ୱ ଓ ଶାରୀରିକ ସାମର୍ଥ୍ୟକୁ ନେଇ କିଛିମାତ୍ରାରେ ଉଦ୍‌ବେଗ ଥିବାରୁ ସେମାନଙ୍କୁ (ମହିଳାମାନଙ୍କୁ) ସମାନ ଅଧିକାର ମିଳିପାରୁ ନ ଥିଲା।

ସରକାର ମହିଳାମାନଙ୍କୁ ଭାରତୀୟ ପ୍ରତିରକ୍ଷା ବାହିନୀର ଏକ ଗୌରବ ତଥା ପ୍ରମୁଖ ସଦସ୍ୟ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି ଏବଂ ସେମାନେ ମଧ୍ୟ ନିଜ ସାମର୍ଥ୍ୟର ପରାକାଷ୍ଠା ଅନୁରୂପ ଭାବେ ପ୍ରମାଣିତ କରିଛନ୍ତି। ତେଣୁ ଗତ ଛଅ ବର୍ଷ ମଧ୍ୟରେ ସରକାର ଦେଶର ପ୍ରତିରକ୍ଷା ବାହିନୀରେ ମହିଳାମାନଙ୍କୁ ଅଧିକ ସୁଯୋଗ ପ୍ରଦାନ କରିବା ସକାଶେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିସହ ଏହି କ୍ଷେତ୍ରରେ ଚାକିରି କ୍ଷେତ୍ରରେ ଥିବା ସର୍ତ୍ତାବଳୀରେ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ସମାନ ସର୍ତ୍ତାବଳୀ ସୃଷ୍ଟି କରିଛନ୍ତି। ଏହା ଫଳରେ ମହିଳାମାନେ ପ୍ରତିରକ୍ଷା କ୍ଷେତ୍ର- ତାହା ସ୍ଥଳସେନା, ନୌସେନା ଅବା ବାୟୁସେନା ହୋଇଥାଏ ସେଥିରେ ଯଥେଷ୍ଟ ମାତ୍ରାରେ ସଶକ୍ତ ହୋଇପାରିଛନ୍ତି। ସରକାରଙ୍କର ଏହି ପରିକଳ୍ପନାର ପରିଚୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ନିମ୍ନଲିଖିତ ଉଦ୍ଧୃତିରୁ ସ୍ପଷ୍ଟ ସୂଚିତ ହୁଏ: 'ଭାରତ ସରକାର'ସ୍ତ୍ରୀ ଶକ୍ତିକୁ ସଶକ୍ତ କରିବା ନିମନ୍ତେ ଆମର ସଶସ୍ତ୍ର ସେନାରେ ସେମାନଙ୍କୁ ସାମିଲ କରିଛନ୍ତି ଏବଂ ଏହି ଦିଗରେ ଆମେ ଆଗକୁ ଅଗ୍ରସର ହେବା ନିମନ୍ତେ କୃତସଂକଳ୍ପ।

ସ୍ୱାଧୀନୋତ୍ତର କାଳରେ, ମହିଳା ସ୍ୱତନ୍ତ୍ର ପ୍ରବେଶ ଯୋଜନା (ଡବ୍ଲ୍ୟୁଏସ୍‌ଇଏସ୍) ଜରିଆରେ ଭାରତୀୟ ସେନାରେ ମହିଳା ଅଧିକାରୀମାନଙ୍କୁ ସାମିଲ କରିବା ନିମନ୍ତେ ୧୯୯୨ ମସିହାରେ ଆରମ୍ଭ କରାଯାଇଥିଲା। ୨୦୧୯ ଫେବୃୟାରୀରେ ସୈନ୍ୟବାହିନୀ ପକ୍ଷରୁ ମହିଳା ଅଫିସରମାନଙ୍କୁ ଆଠଟି ବର୍ଗରେ ଯଥା, ସିଗନାଲ୍ସ, ଇଞ୍ଜିନିୟର୍ସ, ଆର୍ମି ଏଭିଏଶନ, ଆର୍ମି ଏୟାର ଡିଫେନ୍ସ, ଇଲେକ୍ଟ୍ରୋନିକ୍ସ ଏବଂ ମେକାନିକାଲ ଇଞ୍ଜିନିୟର୍ସ, ଆର୍ମି ସେବା କୋର, ଆର୍ମି ଗୋଳାବାରୁଦ କୋର ଏବଂ ଗୁଇନ୍ଦା ବିଭାଗରେ ସ୍ଥାୟୀ ଭାବେ କମିଶନ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ପୂର୍ବରୁ ୨୦୦୮ ମସିହାରେ ଜେଏଜି ଏବଂ ଏଇସି ବିଭାଗରେ ମଧ୍ୟ ଏଭଳି ଅନୁମତି ମଞ୍ଜୁର କରାଯାଇଥିଲା। ସରକାର ଏ କଥାକୁ ସୁନିଶ୍ଚିତ କରିଥିଲେ ଯେ, ମହିଳା ଅଧିକାରୀମାନଙ୍କ ନିମନ୍ତେ ସେମାନଙ୍କ ପୁରୁଷ ପ୍ରତିପକ୍ଷଙ୍କଠାରୁ ଭିନ୍ନ ଭିନ୍ନ ଚାକିରି ସର୍ତ୍ତାବଳୀକୁ ହଟାଇ ଦିଆଯିବ। ଏବେ ମହିଳାମାନେ ଭାରତୀୟ ସୈନ୍ୟବାହିନୀରେ ଛାମୁଆ କ୍ଷେତ୍ରରେ ମଧ୍ୟ ନେତୃତ୍ୱ ନେଉଛନ୍ତି।

ସେହିଭଳି ଭାରତୀୟ ନୌସେନାରେ ମଧ୍ୟ ମହିଳାମାନଙ୍କୁ ୨୦୦୮ ମସିହାଠାରୁ ଶିକ୍ଷା ବିଭାଗ, ଆଇନ ଓ ନୌସେନା କନ୍‌ଷ୍ଟ୍ରକ୍ଟର କୋରରେ ସ୍ଥାୟୀ କମିଶନ ପଦ ପାଇଁ ଅନୁମତି ମିଳିଛି। ତେବେ ଏଥିରେ ଥିବା କେତେକ ଆଇନଗତ ବିବାଦ କୋର୍ଟରେ ସମାଧାନ ହେବା ପରେ ୨୦୨୦ ମସିହା ଅକ୍ଟୋବରଠାରୁ ତାହା ପ୍ରବର୍ତ୍ତିତ ହୋଇଛି। ଫଳସ୍ୱରୂପ, ପ୍ରଥମଥର ପାଇଁ ୪୧ଜଣ ମହିଳାଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ସ୍ଥାୟୀ କମିଶନ ପଦ ମଞ୍ଜୁର କରାଯାଇଛି। ବସ୍ତୁତଃ ଭାରତୀୟ ନୌସେନାର ପ୍ରତ୍ୟେକ ବିଭାଗରେ ଏବେ ମହିଳାମାନଙ୍କ ପାଇଁ ସ୍ଥାୟୀ କମିଶନ ଉପଲବ୍ଧ ହୋଇଛି। ତେଣୁ କେବଳ ସ୍ଥାୟୀ କମିଶନ ନୁହେଁ, ସରକାର ଏବେ ମହିଳା ଅଧିକାରୀମାନଙ୍କ ନିମନ୍ତେ ବ୍ୟାପକ ସୁଯୋଗର ସମ୍ପ୍ରସାରଣ ଘଟାଇଛନ୍ତି। ଯଥା ୨୦୧୯ ଡିସେମ୍ବରରେ ଡୋର୍ନିଅର ବିମାନ ଚାଳନା ସକାଶେ ଜଣେ ମହିଳା ଅଫିସରଙ୍କୁ ନୌସେନା ପାଇଲଟ ଭାବେ ଚୟନ କରାଯାଇଥିଲା। ସେହିଭଳି ୨୦୨୦ ସେପ୍ଟେମ୍ବରରେ ଦୁଇଜଣ ମହିଳା 'ଅବଜରଭର' ଅଫିସରଙ୍କୁ ସି-କିଙ୍ଗ୍ ହେଲିକପ୍ଟର ଚାଳନା ନିମନ୍ତେ ମନୋନୀତ କରାଯାଇଥିଲା। ଭାରତୀୟ ନୌସେନା ଜାହାଜରେ ଦାୟିତ୍ୱ ନିର୍ବାହ ନିମନ୍ତେ ଚାରିଜଣ ମହିଳା ଅଧିକାରୀଙ୍କୁ ନିଯୁକ୍ତ ପ୍ରଦାନ କରାଯାଇଛି ଏବଂ ଜଣେ ମହିଳା ଅଧିକାରୀଙ୍କୁ ପ୍ରଥମ ଥର ପାଇଁ ରିମୋଟଲି ପାଇଲଟେଡ ଏୟାରକ୍ରାଫ୍ଟ ଚାଳନା ନିମନ୍ତେ ଚୟନ କରାଯାଇଛି। ବିଶ୍ୱ ପରିକ୍ରମା ନିମନ୍ତେ 'ନାବିକା ସାଗର ପରିକ୍ରମା' କାର୍ଯ୍ୟକ୍ରମରେ ଭାରତୀୟ ନୌସେନାର କେବଳ ମହିଳା ନାବିକମାନେ ଆଇଏନ୍‌ଏସଭି ତାରିଣୀରେ ୨୦୧୭-୨୦୧୮ରେ ସେମାନଙ୍କର ଏହି ଅଭିଯାନକୁ ସଫଳତାର ସହ ସମ୍ପାଦନ କରିପାରିଛନ୍ତି। ଭାରତୀୟ ନୌସେନା ଅଭିଯାନରେ ମହିଳା ଶକ୍ତିକୁ ଏହା ପ୍ରମାଣସିଦ୍ଧ କରିଛି।

୧୯୯୩ ମସିହାରେ ଭାରତୀୟ ବାୟୁସେନାରେ ପ୍ରଥମ ଥର ପାଇଁ ମହିଳା ଅଫିସରମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେହିଭଳି ୧୯୯୪ ଡିସେମ୍ବରରେ ବାୟୁସେନାର ପରିବହନ ବିମାନ ଓ ହେଲିକପ୍ଟର ଚାଳନା ନିମନ୍ତେ ମହିଳା ପାଇଲଟମାନଙ୍କୁ ଅନୁମତି ପ୍ରଦାନ କରାଯାଇଥିଲା।

କିନ୍ତୁ ଭାରତୀୟ ବାୟୁସେନା ୨୦୧୬ ମସିହାରେ ହିଁ ଏହାର ସମସ୍ତ ବିଭାଗ ମହିଳାମାନଙ୍କ ନିମନ୍ତେ ଉନ୍ମୁକ୍ତ କରିଥିଲା। ଫଳସ୍ୱରୂପ ଅତୀତର ସମସ୍ତ ବାଧାବନ୍ଧନକୁ ତୁଟାଇ ୨୦୧୬ ଜୁନରେ ଭାରତ ତା'ର ପ୍ରଥମ ମହିଳା ଲଢୁଆ ବିମାନ ପାଇଲଟ ହାସଲ କରିଥିଲା। ୨୦୨୦ ସେପ୍ଟେମ୍ବର ସୁଦ୍ଧା ଭାରତୀୟ ବାୟୁସେନାରେ ୧,୮୭୫ଜଣ ମହିଳା ଅଫିସର ସାମିଲ ହୋଇଛନ୍ତି ଏବଂ ସେମାନଙ୍କ ଭିତରୁ ୧୦ଜଣ ବାୟୁସେନାର ଲଢୁଆ ପାଇଲଟ ହୋଇଥିବାବେଳେ ୧୮ଜଣ ନାଭିଗେଟର ଅଛନ୍ତି।

ଭାରତୀୟ ବାୟୁସେନାର ଅନେକ ମହିଳା ଦେଶକୁ ସେମାନଙ୍କ କର୍ମକୁଶଳ ଦ୍ୱାରା ଗୌରବାନ୍ୱିତ କରିଛନ୍ତି। ୨୦୧୯ ମେ ୨୯ ତାରିଖରେ ଉଭୟ ଦିବା ଓ ରାତ୍ର ଲଢୁଆ ବିମାନ ଚାଳନା କରିବାରେ ଫ୍ଲାଇଟ ଲ୍ୟୁଟନାଣ୍ଟ ଭାୱନା କାନ୍ତ ପ୍ରଥମ ମହିଳା ପାଇଲଟର ମାନ୍ୟତା ହାସଲ କରିଛନ୍ତି। ଅପରନ୍‌ପକ୍ଷରେ 'ସାରଙ୍ଗ ଫର୍ମେସନ ଏରୋବାଟିକ୍ ଡିସପ୍ଲେ' ଦଳରେ ଫ୍ଲାଇଟ ଲ୍ୟୁଟନାଣ୍ଟ ଦୀପିକା ମିଶ୍ର ପ୍ରଥମ ମହିଳା ପାଇଲଟ ଭାବେ ସାମିଲ ହୋଇଛନ୍ତି।

୨୦୧୯ ମେ ମାସରେ ଫ୍ଲାଇଟ ଲ୍ୟୁଟ୍‌ନାଣ୍ଟ ପରୁଲ ଭରଦ୍ୱାଜ, ଫ୍ଲାଇଂ ଅଫିସର ଅମନ ନିଧି ଏବଂ ଫ୍ଲାଇଟ ଲ୍ୟୁଟ୍‌ନାଣ୍ଟ ହୀନା ଜୟସ୍ୱାଲ ବାୟୁସେନାର ବିମାନ ଉଡାଣରେ ପ୍ରଥମ 'କେବଳ ମହିଳା' ପାଇଲଟ ଦଳ ଭାବେ ଗୌରବ ଅର୍ଜନ କରିଛନ୍ତି। ସ୍କ୍ୱାଡ୍ରନ ଲିଡର ମିନତୀ ଅଗ୍ରୱାଲ, ଯିଏ କି ଜଣେ ଫାଇଟର କଣ୍ଟ୍ରୋଲର ଭାବେ ସୁପରିଚିତ, ୨୦୧୯ ମସିହାରେ କଶ୍ମୀର ଆକାଶରେ ଶତ୍ରୁପକ୍ଷଙ୍କ ସକଳ ଷଡ଼ଯନ୍ତ୍ରକୁ ବିଫଳ କରିବାରେ ଗ୍ରହଣ କରିଥିବା ବିଶେଷ ଭୂମିକା ନିମନ୍ତେ ଯୁଦ୍ଧସେନା ମେଡାଲ ଅର୍ଜନ କରିଛନ୍ତି। ୱିଙ୍ଗ କମାଣ୍ଡର ଆଶା ଜ୍ୟୋତିର୍ମୟୀ ଦେଶରେ ସର୍ବାଧିକ ଥର ପାରା ଜମ୍ପର ଆଖ୍ୟା ହାସଲର ରେକର୍ଡ଼ର ଅଧିକାରିଣୀ ହୋଇଛନ୍ତି।

୨୦୧୭ରେ ପ୍ରଥମ ଥର ପାଇଁ ଦେଶର ସୈନିକ ବିଦ୍ୟାଳୟମାନଙ୍କରେ ବାଳିକାମାନଙ୍କୁ ନାମ ଲେଖାଇବା ସକାଶେ ସରକାର ଏହାର ଦ୍ୱାର ଉନ୍ମୁକ୍ତ କରିଛନ୍ତି। ମିଜୋରାମର ଛିଙ୍ଗଛିପସ୍ଥିତ ସୈନିକ ସ୍କୁଲ ୨୦୧୮-୧୯ରେ ବାଳିକାମାନଙ୍କ ନାମ ଲେଖାଇ ଦେଶର ଏଭଳି ଧରଣର ପ୍ରଥମ ବିଦ୍ୟାଳୟ। ସେହି ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ସକଳ ପ୍ରକାର କାର୍ଯ୍ୟକ୍ରମ ତାହା କ୍ରୀଡ଼ା ହୋଇଥାଉ କିମ୍ବା ବିଦ୍ୟାଧ୍ୟୟନ ସେଥିରେ ସକ୍ରିୟତାର ସହ ଅଂଶଗ୍ରହଣ କରିଆସୁଛନ୍ତି ଏବଂ ସବୁଥିରେ ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛନ୍ତି। ଦେଶର ଅନ୍ୟ ପାଞ୍ଚଟି ବିଦ୍ୟାଳୟ ଯଥା ସୈନିକ ସ୍କୁଲ, ବିଜାପୁର; ସୈନିକ ସ୍କୁଲ କୋଡାଗୁ, କର୍ନାଟକ; ସୈନିକ ସ୍କୁଲ,ଚନ୍ଦ୍ରପୁର, ମହାରାଷ୍ଟ୍ର; ସୈନିକ ସ୍କୁଲ, ଘୋରାଖାଲ, ଉରାଖଣ୍ଡ ଏବଂ ସୈନିକ ସ୍କୁଲ, କାଲିକିରି, ଆନ୍ଧ୍ର ପ୍ରଦେଶଙ୍କୁ ୨୦୨୦-୨୧ଠାରୁ ଛାତ୍ରୀମାନଙ୍କୁ ନାମ ଲେଖିବା ନିମନ୍ତେ ସୁଯୋଗ ଦେବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଦେଶର ଅବଶିଷ୍ଟ ସୈନିକ ବିଦ୍ୟାଳୟଗୁଡ଼ିକ ୨୦୨୧-୨୨ ମସିହାଠାରେ ଏହି ଧାରା ଅବଲମ୍ବନ କରିବେ।

ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏହିସବୁ ପଦକ୍ଷେପ ସ୍ୱରୂପ, ମହିଳା ଅଫିସରମାନଙ୍କ ପ୍ରତି ଥିବା ଲିଙ୍ଗଗତ ବୈଷମ୍ୟ ଚିନ୍ତାଧାରା ଓ ବୈଷମ୍ୟର ସମାଧାନ କରାଯାଇପାରିଛି। ଏହା ଫଳରେ ଅଧିକରୁ ଅଧିକ ସଂଖ୍ୟକ ମହିଳା ପ୍ରତିରକ୍ଷା ବାହିନୀରେ ସାମିଲ ହେଉଛନ୍ତି ଏବଂ ରାଷ୍ଟ୍ରର ସେବା କରିବା ସହିତ ଦେଶକୁ ଗୌରବାନ୍ୱିତ କରୁଛନ୍ତି।

ପ୍ରତିରକ୍ଷା ସଚିବ

# କରୋନା ସଂକ୍ରମିତ ମା'ଙ୍କ ସ୍ତନ୍ୟପାନ



ଡା.ଜ୍ୟୋତିରଞ୍ଜନ ଚମ୍ପତିରାୟ

ବର୍ତ୍ତମାନ ସମୟରେ କରୋନା ଯଦିଓ ତଳ ମୁହାଁ ହେଲାଣି ତଥାପି ସାଧାରଣରେ ଲୋକମାନଙ୍କ ଭିତରେ ଭୟ ରହିଛି। ବିଶେଷକରି କରୋନାର ଶିକାର ହୋଇଥିବା ମା'ମାନେ ନିଜ ଶିଶୁଙ୍କୁ ସ୍ତନ୍ୟପାନ ଦେବା ନେଇ ବଡ଼ ଚିନ୍ତାରେ ପଡୁଛନ୍ତି। ମା'କ୍ଷୀର ଅମୃତ ସମାନ। ନବଜାତ ଶିଶୁର ବିକାଶର ପ୍ରଥମ ପାହାଚ। ଶିଶୁ ଜନ୍ମ ହେବା ପରଠାରୁ ଛଅ ମାସ ବୟସ ପୂରା ହେବା ପର୍ଯ୍ୟନ୍ତ କେବଳ ମା'କ୍ଷୀର ଏବଂ ତା' ପରେ ପରିପୂରକ ଖାଦ୍ୟ ସହିତ ଦୁଇ ବର୍ଷ ପର୍ଯ୍ୟନ୍ତ ମା'କ୍ଷୀର ଦେବା ନିତାନ୍ତ ଜରୁରୀ। କାରଣ ଏହି ବୟସରେ ଶିଶୁର ୮୫ ପ୍ରତିଶତ ମସ୍ତିଷ୍କ ବିକାଶ ହୋଇଥାଏ। ମା'କ୍ଷୀର ଶିଶୁ ପାଇଁ ଏକ ସମ୍ପୂର୍ଣ୍ଣ ଖାଦ୍ୟ ଏବଂ ଏହା ଶିଶୁର ମାନସିକ, ଶାରୀରିକ ବୃଦ୍ଧି ପାଇଁ ନିହାତି ଆବଶ୍ୟକ। ମା' ଓ ମା' କ୍ଷୀରର ବିକଳ୍ପ ନାହିଁ। ବର୍ତ୍ତମାନ କରୋନା ମହାମାରୀର ଭୟ ସମାଜର ପ୍ରତିଟି ମଣିଷକୁ ଗ୍ରାସ କରିଛି। କୌଣସି ମା'ଙ୍କୁ ସାଧାରଣ ଥଣ୍ଡା, କାଶ ହେଲେ ବି ତା' ମନରେ ପ୍ରଶ୍ନ ଉଠୁଛି। ତା' ଶିଶୁକୁ ସ୍ତନ୍ୟପାନ କରାଇବା ସୁରକ୍ଷିତ ତ ? ଏହି ପ୍ରଶ୍ନର ଉତ୍ତର ଦେବାକୁ ହେଲେ ଆମକୁ କରୋନାରୁ ଶିଶୁମାନଙ୍କୁ ଥିବା ବିପଦ ସହିତ ସ୍ତନ୍ୟପାନ ଓ ମା' କ୍ଷୀରରୁ ବଞ୍ଚିତ ହେବା ଦ୍ୱାରା ଅନ୍ୟାନ୍ୟ ରୋଗ ହେବାର ସମ୍ଭାବନାକୁ ତୁଳନା କରିବାକୁ ହେବ। ମାଆର ପ୍ରଥମ କ୍ଷୀର ଯାହାକୁ କଷ କ୍ଷୀର କୁହାଯାଇଥାଏ ତାହା ଶିଶୁ ପାଇଁ ଅମୃତ ସଞ୍ଜୀବନୀ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଏଥିରେ ଅନେକ ରୋଗ ପ୍ରତିରୋଧକାରୀ ଶକ୍ତି ରହିଛି। ସେଗୁଡ଼ିକ ହେଉଛି ଇମ୍ୟୁନୋଗ୍ଲୋବୁଲିନ୍‌ସ, ଏପିଡର୍ମାଟ ଗ୍ରୋଥ ଫ୍ୟାକ୍ଟର୍ସ, ଲାକ୍ଟୋଫେରିସ୍, ଲାଇସୋଜାଇମ୍, ବାଇଲ ସଲ୍ଟ, ଷ୍ଟିମୁଲେଟେଡ ଲାଇପେଜ ମାର୍କୋଫେଜେସ୍। ଏଗୁଡ଼ିକ ପିଲାଙ୍କୁ ଅନେକ ସଂକ୍ରମିତ ଏପରି କି ଅଣସଂକ୍ରମିତ ରୋଗରୁ ସେମାନଙ୍କୁ ସୁରକ୍ଷା କବଚ ପରି ଶକ୍ତି ପ୍ରଦାନ କରିଥାଏ।

ଅନେକ ଗବେଷଣାର ତତ୍ତ୍ୱ ଅନୁଯାୟୀ ମାଆର ଏହି କଷ କ୍ଷୀର ଅନେକ ମାତ୍ରାରେ ଗ୍ରହଣ କରିଥିବା ପିଲାମାନଙ୍କ କ୍ଷେତ୍ରରେ ପରବର୍ତ୍ତୀ ସମୟରେ ଉଚ୍ଚରକ୍ତଚାପ, ହୃଦ୍ ସମସ୍ୟା, ଡାଇବେଟିସ ଓ ମେଦବହୁଳତା ସମ୍ଭାବନାକୁ କମ୍ କରିଦିଏ। ସବୁଠାରୁ ବଡ଼ କଥା ହେଉଛି ମାଆ ଜଣଙ୍କ ନିଜ ପିଲାକୁ ଯଥାର୍ଥ ଭାବରେ ସ୍ତନ୍ୟପାନ କରାଉଥିଲେ ସେମାନେ ନିଜର ସ୍ତନକର୍କଟଜନିତ ସମସ୍ୟା ଓ ସେମାନଙ୍କର ମେଦବହୁଳତା ସମସ୍ୟାକୁ ଦୂରୀଭୂତ କରିଦିଏ। କରୋନା ସଂକ୍ରମିତ ପିଲାମାନଙ୍କ କ୍ଷେତ୍ରରେ ଅନେକ ଲକ୍ଷଣ ବିହୀନ ଓ କେତେକ କ୍ଷେତ୍ରରେ ଅଳ୍ପ ଲକ୍ଷଣଧାରୀ ହୋଇଥାନ୍ତି। ତେଣୁ ମାଆ କ୍ଷୀରର ବିକଳ୍ପ ଭାବେ ଡବା କ୍ଷୀର ଦିଅନ୍ତୁ ନାହିଁ। ମାଆ କ୍ଷୀର ପ୍ରଚୁର ମାତ୍ରାରେ ଖାଉ, ଖାଇ ନ ଥିବା ଶିଶୁମାନଙ୍କ କ୍ଷେତ୍ରରେ ମୃତ୍ୟୁହାର ୧୪ଗୁଣଠାରୁ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଓ ପରାମର୍ଶ ଅନୁଯାୟୀ ଯଦି ମାଆ କିମ୍ବା ଶିଶୁ କରୋନାରେ ପୀଡ଼ିତ ବା କରୋନାର ଲକ୍ଷଣରେ ଥାଆନ୍ତି ଓ ମାଆର ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ନ ଥାଏ ସେ କ୍ଷେତ୍ରରେ ମାଆ ପିଲାଟିକୁ ସ୍ତନ୍ୟପାନ କରାଇବା ଦରକାର। କିନ୍ତୁ ଏହି ସମୟରେ ମାସ୍କ ପିନ୍ଧିବା ସହ ପିଲାଟିକୁ ଛୁଇଁବା ପୂର୍ବରୁ ଭଲ ଭାବରେ ବାରମ୍ବାର ସାବୁନରେ ଧୋଇବା ଓ ଯେଉଁମାନେ ବି ପିଲାଟି ସଂସ୍ପର୍ଶରେ ଆସୁଥାନ୍ତି ସେମାନେ ମଧ୍ୟ କରୋନାର ସମସ୍ତ ସ୍ୱାସ୍ଥ୍ୟ ସତର୍କତାକୁ ପାଳନ କରିବା ଜରୁରୀ। ଅନେକ କ୍ଷେତ୍ରରେ ଦେଖାଯାଏ ମାଆଟି ଗୁରୁତର ଭାବେ କରୋନାରେ ସଂକ୍ରମିତ ହୋଇ ପିଲାଟିକୁ ସ୍ତନ୍ୟପାନ କରାଇବାରେ ଅସମର୍ଥ ହୋଇଥାନ୍ତି। ସେ କ୍ଷେତ୍ରରେ ବ୍ରେଷ୍ଟ ପମ୍ପ ଅର୍ଥ ନିଜ ସ୍ତନ୍ୟରୁ କ୍ଷୀର ସଂଗ୍ରହ କରି ପିଲାଟିକୁ ଗିନା ବା ଚାମଚରେ ଦେଇପାରନ୍ତି। ତେବେ ନବଜାତ ଶିଶୁକୁ ଏହି ଏକ୍ସପ୍ରେସ୍‌ଡ ବ୍ରେଷ୍ଟ ମିଲ୍କ ଦେବେ ସେମାନେ ସୁସ୍ଥ ଓ କରୋନା ଲକ୍ଷଣବିହୀନ ହୋଇଥିବା ଜରୁରୀ। କରୋନା ଭୂତାଣୁ ମାଆ ଠାରୁ ଶିଶୁକୁ ମାଆ କ୍ଷୀର ଦ୍ୱାରା ହେବାର ସମ୍ଭାବନା ଖୁବ୍ କମ୍ ରହିଥାଏ। ସ୍ତନ୍ୟପାନ କରାଇବା ଦ୍ୱାରା ମାଆଙ୍କ ମାନସିକ ଓ ଶିଶୁର ଶାରୀରିକ ଓ ସର୍ବୋପରି ପରିବାରର ଅର୍ଥନୈତିକ କ୍ଷେତ୍ର ସୁରକ୍ଷିତ ହୋଇଥାଏ। କରୋନାକୁ ନେଇ ଭୟଭୀତ ନ ହୋଇ ନିଜ ଶିଶୁକୁ କେବଳ ବର୍ତ୍ତମାନର କରୋନା ସଂକ୍ରମଣ ନୁହଁ ଭବିଷ୍ୟତର ଅନ୍ୟାନ୍ୟ ରୋଗ ପାଇଁ ସୁରକ୍ଷା କବଚ ସାଜୁଥିବା ମାଆର କଷ କ୍ଷୀର ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ସରକାରୀ ଡାକ୍ତରଖାନାର ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ
ମୋ: ୯୪୩୭୧୨୪୦୭୪

## ଏଇ ଭାରତରେ

କେହି ଯଦି ଆପଣଙ୍କୁ ପଚାରେ କି ଆପଣ ୨୬ ଜାନୁୟାରୀକୁ ଦେଖିଛନ୍ତି! ତା'ହେଲେ ଆପଣଙ୍କୁ ପ୍ରଶ୍ନଟା ହୁଏତ ଅଜବ ମନେ ହୋଇପାରେ। କିନ୍ତୁ ପ୍ରକୃତରେ ଏଇ ଭାରତରେ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯାହାଙ୍କର ନାଁ ହେଉଛି ୨୬ ଜାନୁୟାରୀ। ମଧ୍ୟପ୍ରଦେଶର ମନ୍ଦସୋର ଜିଲାରେ ଥିବା ଶିକ୍ଷା ଏବଂ ପ୍ରଶିକ୍ଷଣ ସଂସ୍ଥାରେ କାମ କରୁଥିବା ଜଣେ ବ୍ୟକ୍ତିଙ୍କର ନାଁ ହେଉଛି ୨୬ ଜାନୁୟାରୀ। ଏଭଳି ଅଜବ ନାଁ ଥିବା ବ୍ୟକ୍ତିଙ୍କର ଜନ୍ମ ହୋଇଥିଲା ୧୯୬୬ ମସିହା ଜାନୁୟାରୀ ୨୬ ତାରିଖରେ। ତାଙ୍କ ବାପା ଜଣେ ଆଦର୍ଶ ଶିକ୍ଷକ ଥିଲେ। ତେଣୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଶିକ୍ଷକ ବାପା ପୁଅର ଏଭଳି ନାଁ ରଖିଥିଲେ। ତେବେ ଉକ୍ତ ନାଁ ପାଇଁ ୨୬ ଜାନୁୟାରୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଛୋଟବେଳେ ସାଙ୍ଗମାନେ ତାଙ୍କ ନାଁକୁ ନେଇ ବହୁ ମଜା କରିଛନ୍ତି। ଏହା ସହିତ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ସମୟରେ କିମ୍ବା ଅନ୍ୟ କେତେକ ସ୍ଥାନରେ ବି ତାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ବାପାଙ୍କୁ ସମ୍ମାନ ଜଣାଇ ସେ ତାଙ୍କ ନାଁ ପରିବର୍ତ୍ତନ କରି ନ ଥିଲେ। ପରେ ୨୬ ଜାନୁୟାରୀଙ୍କ ଭଦ୍ର ବ୍ୟବହାରରେ ତାଙ୍କର ଆଦର ବଢିଥିଲା। ଭଲ ବ୍ୟବହାର ପାଇଁ ତାଙ୍କୁ ସ୍ଥାନୀୟ କଲେକ୍ଟର ମଧ୍ୟ ପ୍ରଶଂସା କରିଛନ୍ତି। ଗଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ ପରେ ୨୬ ଜାନୁୟାରୀଙ୍କ ଜନ୍ମଦିନକୁ ତାଙ୍କ ଅଫିସରେ ଧୁମଧାମର ସହ ପାଳନ କରାଯାଏ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜାନୁୟାରୀ ୧୯୯୬

- ଉତ୍ତର ବାଂଲାଦେଶରେ ପ୍ରବଳ ଥଣ୍ଡା ଯୋଗୁ ୨୦୦ ଜଣ ପ୍ରାଣ ହରାଇଛନ୍ତି।
- ତୁର୍କୀ ପୋଲିସ ବାହିନୀ ୫ ଜଣ ଚେଚେନିୟା ଅପହରଣକାରୀଙ୍କୁ କାବୁ କରିନେବା ଫଳରେ ସେମାନଙ୍କ କବଳରେ ଥିବା ୨୦୦ ରୁଷିୟ ପଣବନ୍ଦୀ ମୁକ୍ତ।
- ତାମିଲନାଡୁର ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ତଥା ରାଜ୍ୟ କନିଷ୍ଠ ଫୁଟବଲ ଖେଳାଳି ଯୋଶେଫ ରାୟନଙ୍କ ୬୧ ବର୍ଷ ବୟସରେ ହୃଦ୍‌ରୋଗରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 1 | | | | 7 | | | A | | | 2 | 9 | | 3 |
| | A | | | 5 | 2 | 6 | | 3 | | | | | | |
| | | 8 | | | D | | | | | | | | C | 0 |
| | 9 | | | | C | | | 0 | | E | | | 6 | |
| | 2 | 0 | A | B | | | | E | 8 | 3 | | | D | |
| 9 | | 1 | | 6 | | 5 | C | | | 4 | | | B | |
| | | B | | | 0 | D | 4 | | | | C | 5 | | |
| | | | | | | | | 9 | A | | | D | | |
| | | | 8 | | | 3 | | | | 2 | B | 4 | | 6 |
| 0 | E | D | | | | | | | 7 | | 6 | | | |
| A | | | 7 | | | 4 | | | | 0 | | 8 | | B |
| | | | | | | 7 | E | | 2 | | 5 | | | |
| | 7 | | | | 1 | B | | | | | 9 | | | |
| 4 | | 5 | B | | E | | | 6 | | | A | | | 2 |
| | | | | | | | | 2 | D | | 8 | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | 6 | C | D | B | 8 | 9 | 4 | 3 | 5 | 1 | A | E | 2 |
| D | 1 | 2 | 8 | 3 | 4 | A | B | E | 6 | 9 | C | 7 | 0 | 5 |
| 3 | 4 | 9 | E | 2 | 7 | 5 | D | C | 0 | A | B | 8 | 1 | 6 |
| E | C | B | A | 5 | 1 | 6 | 0 | 2 | 8 | D | 7 | 3 | 9 | 4 |
| A | 5 | 8 | 0 | 6 | 9 | 1 | 3 | 7 | E | 4 | 2 | B | D | C |
| 9 | 6 | C | 1 | 0 | D | B | 4 | A | 7 | 8 | 3 | 2 | 5 | E |
| 1 | 3 | 7 | 2 | A | E | 0 | 8 | 5 | D | C | 6 | 9 | 4 | B |
| 8 | E | 0 | 5 | B | C | 2 | 6 | 3 | 9 | 1 | 4 | D | A | 7 |
| 2 | A | 4 | 6 | 9 | 8 | 7 | E | D | B | 0 | 5 | C | 3 | 1 |
| 5 | B | D | 7 | 4 | 3 | 9 | C | 1 | A | 2 | E | 6 | 8 | 0 |
| 4 | D | 5 | 9 | C | 2 | 3 | 7 | 0 | 1 | B | A | E | 6 | 8 |
| 6 | 9 | E | D | 1 | A | 4 | 2 | 8 | C | 7 | 0 | 5 | B | 3 |
| 7 | 2 | 1 | B | E | 6 | D | 5 | 9 | 4 | 3 | 8 | 0 | C | A |
| B | 0 | A | 3 | 8 | 5 | C | 1 | 6 | 2 | E | 9 | 4 | 7 | D |
| C | 8 | 3 | 4 | 7 | 0 | E | A | B | 5 | 6 | D | 1 | 2 | 9 |

ଗତକାଲିର ଉତ୍ତର

# ଦେଶକୁ ଗଲା ଝୁମୁକା



ଦ୍ୱିତୀ ଚନ୍ଦ୍ର ସାହୁ

ଅନେକ ଦିନ ପରେ ଗାଁକୁ ଯାଇଥିଲି। କରୋନା ହେତୁ କିଏ କୁଆଡ଼େ ଯିବା ଆସିବା ଏକ ପ୍ରକାର ବନ୍ଦ। ଘରୁ ବାହାରକୁ ଯାଇ ଥରେ ଆସିଲେ ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କରୋନା ଆସିଯାଇନି ତ! ବାହାରେ କାହା ଦେହରେ କରୋନା ନାହିଁ ତ! ତେଣିକି କିଛି ସମୟ ମନ ଭାରାକ୍ରାନ୍ତ। ଶରୀରରେ କିଛି ପ୍ରତିକ୍ରିୟା ଦେଖା ନ ଯିବା ପର୍ଯ୍ୟନ୍ତ ଏକ ପ୍ରକାର ଚିନ୍ତା। ତେବେ ପରିସ୍ଥିତି ସାମାନ୍ୟ ହୋଇଥିବାରୁ ସେତେ ଚିନ୍ତା ନ ଥିଲା ମୁଣ୍ଡରେ। କରୋନା କାଳରେ ଯେଉଁ ଭୟ ଓ ଆତଙ୍କ ସେମିତି ମନରେ ଅବଶ୍ୟ ଆଉ କାହାରି ନାହିଁ। ମୁକ୍ତ ଭାବେ ବୁଲାବୁଲି ଆରମ୍ଭ ହେଲାଣି। ମୁହଁରେ ତୁଣ୍ଡି ନ ବାନ୍ଧି ବି ଲୋକେ ଘୂରିଲେଣି। କରମର୍ଦ୍ଦନ ଓ କୋଳାକୋଳି ଚାଲିଲାଣି। ପାର୍ଟି ପିକ୍‌ନିକରେ ଆଉ ବାଧକ ନାହିଁ। ସମାବେଶ ବି ଆରମ୍ଭ ହେଲାଣି। ଟିକେ ପଛକୁ ଫେରି ଯାଆନ୍ତୁ ଆଉ ମନେ ପକାନ୍ତୁ କ'ଣ ଥିଲା ଆମ ପରିବେଶ। ମଣିଷ ଭିତରେ ମାନବିକତା ହଜି ଯାଇଥିଲା। ଶବର ଲମ୍ବା ଲାଇନ ଲାଗିଥିଲା। ନିଜର ପରିଚିତ ମଣିଷମାନେ ଆଖି ବୁଜିଦେଇ ଆହୁରି ଅଧିକ ଡରାଇବାକୁ ବାଧ୍ୟ କରୁଥିଲେ। ବଞ୍ଚିବା କି ମରିବା ସେଥିନେଇ ଦ୍ୱନ୍ଦ୍ୱ। ମଣିଷ ମଣିଷ ଭିତରେ ବିଶ୍ୱାସ ତୁଟି ଯାଇଥିଲା। ନିଜ ଘର ଭିତରେ ରହିଥିବା ମଣିଷମାନେ ଯେନତେନ ପ୍ରକାରେ ଚାପିଚୁପି ରହିଗଲେ। ଥିଲା ଲୋକ ନୂଆ ନୂଆ ରେସିପି କରି ମଉଜ କଲେ। ନ ଥିବା ଲୋକ ବିକାଭଙ୍ଗା ଋଣ କରି ଚଳିଗଲେ। ବାହାରେ ଥିବା ଶ୍ରମିକମାନେ ଅକଥନୀୟ ଦୁଃଖକୁ ଭାଗ୍ୟ ବୋଲି ଧରିନେଲେ। ସରକାର ସେମାନଙ୍କୁ ଆଣିବା ବ୍ୟବସ୍ଥା କରିବା ପରେ ପରିସ୍ଥିତି କିଛି ସୁଧୁରିଲା।

ଏମିତିରେ ସେଦିନ ହଠାତ୍ ରାତିରେ ଫୋନ କଲ ଆସିଲା। ଟ୍ରୁ କଲରରେ ଲେଖାଥିଲା ସୀମାଞ୍ଚଳ। ଉଠାଇବା ପରେ ସେପଟୁ କାକୁତି ମିନତି ହୋଇ ତାକୁ ଉଦ୍ଧାର କରିବା ଲାଗି କହିଲା। ଠିକ୍ ପରିଚୟ ପଚାରିବାରୁ ଜଣାଗଲା ପିଲାଦିନର ସାଂଗ ସୀମାଞ୍ଚଳ ସାହୁ ଓରଫ ଝୁମୁକା। କେରଳର କୋଜିକୋଡେ ଜିଲାର ଏକ ଫାର୍ମ ହାଉସରେ କାମ କରୁଥିଲା ଝୁମୁକା। ଅବଶ୍ୟ ମାଲିକ ଖାଇବାକୁ ଦେଇ ରଖିଥିଲା ଝୁମୁକା ସହ ଅନ୍ୟ କିଛି ଦାଦନଙ୍କୁ। କିନ୍ତୁ ଝୁମୁକାର ଇଚ୍ଛା ଯେମିତି ହେଉ ଗାଁକୁ ଫେରିବ। ଅନ୍ତତଃ ମଲାବେଳକୁ ଘରେ ଥିଲେ ପିଲାକୁଟୁମ୍ବକୁ ଦେଖି ମରିହେବ। ତା'ର ନିରାଶପଣ ଭିତରେ ଗୋଟିଏ ବିବଶ ଚେହେରା ଅଦୃଶ୍ୟରେ ଦିଶୁଥିଲା। ମୋ ସାମ୍ବାଦିକ ବଡଭାଇଙ୍କ ହସ୍ତକ୍ଷେପ ପରେ ସ୍ଥାନୀୟ ପ୍ରଶାସନର ସହଯୋଗରେ ଗାଁକୁ ଫେରିଲା ସେ। ଖୁବ୍ ଖୁସି ହୋଇଯାଇଥିଲା ସେ ଓ ତା'ର ପରିବାର। ଗାଁକୁ ଫେରିବା ପରେ ଲାଗି ପଡିଥିଲା ଚାଷବାସ କାମରେ। ଧାନ ସାଙ୍ଗକୁ ପରିବା ଚାଷ। ମଝିରେ ମଝିରେ ଫୋନ କରି କୁଶଳବାରତା ପଚାରିବାକ୍ରମରେ ନିଶ୍ଚିତ ହୋଇଗଲି ଯେ ଝୁମୁକା ଆଉ ଦାଦନ ପାଇଁ ବାହାରକୁ ଯିବନି। ଏଇ କଥା ବାସ୍ତବରେ ସନ୍ତୁଷ୍ଟି ଦେଇଥିଲା ମନ ଭିତରେ। ନିଜ ମାଟି ପାଣି ପବନ ଭିତରେ ବଞ୍ଚିବାକୁ ନିଷ୍ପତ୍ତି ନେଇଛି ଝୁମୁକା। ତା'ର କହିବା କଥା ହେଲା ଇଠି ଖଟିକି ପେଜପଖାଳ ଖାଇ ବଞ୍ଚିହେବ ସିନା ବାହାରକୁ ଯାଇ ବିରିଆନି ଖାଇବା ବଡ କଷ୍ଟ। ଏକା ଶ୍ରେଣୀରେ ପଢୁଥିବା ଝୁମୁକା ହୃଷ୍ଟପୁଷ୍ଟ ପିଲା। ସ୍କୁଲ ବଗିଚା କି ହତା ସଫେଇ କାମରେ ଆଗୁଆର ସେ। ପାଠରେ ଟିକେ ପଛରେ। ଦଶମ ଶ୍ରେଣୀକୁ ଯିବା ଆଗରୁ ପାଠ ଛାଡି ଦେଇ ଚାଷକାମରେ ବାପାକୁ ସାହାଯ୍ୟ କରିବା ଆରମ୍ଭ କଲା। ସେମିତି ଆମେ କଲେଜ ପଢିଲାବେଳକୁ ସେ ବିଭା ହୋଇଗଲା। ଗଞ୍ଜାମରୁ ଆସି ଅନେକ ଦିନୁ ରହି ଆସିଥିବା ଝୁମୁକାର ପରିବାର ପରିବା ଚାଷ କରି ବେଶ୍ ରୋଜଗାର କରୁଥିଲେ। ତାରି ଭିତରେ ସେ କେବେ ଦାଦନ ଖଟିବାକୁ ଚାଲି ଯାଇଥିଲା ସେ ଖବର ନ ଥିଲା।

ଗାଁକୁ ଯିବା ପରେ ପୈତୃକ ଜମି ଆଡେ ବୁଲି ଯିବାବେଳେ ବାଟରେ ମନେପଡିଗଲା ଝୁମୁକା। ରାସ୍ତାରେ ଅଟକି ତାଙ୍କ ଘରକୁ ଗଲି। ଘର କହିଲେ ଯାହା, ଜମି କହିଲେ ତାହା। ଜମିର ଦାଢକୁ ଲାଗି ଘର। ଘରର ପଛକୁ ପଛ ପରିବା ବାଡ ଓ ଧାନ ଜମି। ବାଉଁଶର ଗେଟ ଖୋଲି ଭିତରକୁ ଗଲାବେଳେ ଘର ଭିତରୁ ଜଣେ ସ୍ତ୍ରୀ ଲୋକ ଓଢଣା ଟାଣି ଆସିଲେ। ମୁହଁ ଦିଶୁ ନ ଥିଲା। ପଚାରିଲି – 'ଝୁମୁକା କାଇଁ !' ସେ ଉତ୍ତର ଦେଲେ – 'ନାଇଁ ଆଜ୍ଞା କେବେଠୁଣୁ କା ଦେଶକୁ ତାଙ୍କେ ପଳେଇଚେ।' ବୁଝିଗଲି ସହଜରେ। ପୁଣି ଥରେ ଝୁମୁକା ପ୍ରବାସୀ ହୋଇଯାଇଛି। ଆଉ କିଛି ଅଧିକା ନ ପଚାରି ଫେରିଲା ବେଳକୁ ଭେଟ ହେଲା ଝୁମୁକାର ବାପା। ମୁଣ୍ଡିଆଟେ ମାରି ପଚାରିଲି – 'ମଉସା! ଝୁମୁକା ପୁଣି ଚାଲିଗଲା! କେବେ ଗଲା ସେ!' ତା'ର ବାପା କହିଲେ– ''ହଇ ବାପା! ପଇଲା ସେ କେବେ ଠୁ ! ଇଠି କିସଟା କରିବ ସେ ? ମୋତେ କା ଚାଷବାସକୁ ଖଟଣି ନିଅଣ୍ଟ। ଇଠି ବସିଲେ କିସ ମିଳିବ ବା! ନାତୁଣୀର ଖଟିବା ବେଳ ହେଇଗଲା। ତା'ର ବିଭାକୁ ଏବେଠୁ ସଜବାଜ ନ କଲେ କ'ଣ ହେବ! ସେଥିଲାଗୁରୁ ମୁଇକା କଇଲି ଯା'ରେ ବାବୁ ଦେଶକୁ ଖଟିବୁ। କରୁନା ଟିକେ ନାକୁ ଛାଡିବାରୁ ସାଙ୍ଗସାଥୀ ହେଇକି ସୁରୁଟ ପଇଲା।'' ଏତିକି ପ୍ରାଞ୍ଜଳ ଭାବେ ବୁଝେଇ କହିବା ପରେ ମୋ ପାଖରେ ପ୍ରଶ୍ନ ନ ଥିଲା। ସଫା ଉତ୍ତର ଥିଲା ଅର୍ଥ ରୋଜଗାର କରିବାର ଆବଶ୍ୟକତା। ଏଠି ହୁଏତ କରିପାରନ୍ତା। କିନ୍ତୁ ଠିକ୍ ମାର୍ଗ ତା' ନଜରରେ ନାହିଁ ବିକଳ୍ପ ରୋଜଗାର କରିବା ଲାଗି। ସେଥିପାଇଁ ସହଜ ବାଟ ହେଉଛି ସୁରଟ୍‌ର ଲୁଗା କଳ, ଆନ୍ଧ୍ରର ଇଟାଭାଟି କି ଚଗୁଡ଼ି କମ୍ପାନୀ ନ ହେଲେ କେରଳର ଫାର୍ମ ହାଉସ। ଏମିତି ଅନେକ ଅନେକ ଲକ୍ଷ୍ୟସ୍ଥଳ, କିଟିକିଟି ଅନ୍ଧାର ଭିତରେ ଦୂରରୁ ଜଳୁଥିବା ନିଆଁ ଝୁଲ ପରି। ସେ ନିଆଁ ହୁତୁ ହୁତୁ ହୋଇ ଜଳୁଛି ନା ମିଞ୍ଜି ମିଞ୍ଜି ଭାବେ କେବଳ ନିଆଁର ଉପଲକ୍ଷ୍ୟ ହୋଇ ରହିଛି, ନିକଟକୁ ଗଲା ପରେ ହିଁ ସ୍ପଷ୍ଟ ହେବା ଭଳି ଦେଶକୁ ଯାଇ ଖଟିଲା ପରେ ହିଁ ପ୍ରକୃତ ମୂଲ୍ୟ ଜଣାପଡ଼େ ପ୍ରବାସୀଙ୍କୁ। ଝୁମୁକା ଭଳି ହଜାର ହଜାର ପରିବାରଙ୍କ ବିଶ୍ୱାସ ଦେଶକୁ ଗଲେ ଖଟିବାକୁ କାମ ମିଳେ ଆଉ ହାତକୁ ଦି ପଇସା ଲାଗେ। ଏଇ ଦୃଢ଼ ବିଶ୍ୱାସରେ ଦେଶକୁ ଚାଲିଯାଆନ୍ତି ଭିଟାମାଟି ଛାଡ଼ି। ଅନେକେ ପ୍ରତାରିତ ବି ହୁଅନ୍ତି। ଝୁମୁକା ଦେଶକୁ ଗଲା ପରେ ଲାଗିଲା ଏହା ଏକ ମାନସିକତା ନା ବାସ୍ତବରେ ଝୁମୁକା ଭଳି ମଣିଷଙ୍କ ମନରେ ଦୃଢ଼ ବିଶ୍ୱାସ ଓ ଆଶାର ଆଲୋକ ଜନ୍ମାଇବା ପାଇଁ ଏବେ ବି ଆମେ ବହୁ ଦୂରରେ! ଏକଥା ଚିନ୍ତା କରିବାକୁ ଆପଣଙ୍କ ଲାଗି ଛାଡ଼ି ଦେଉଛି।

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ,
ମୋ:୯୫୫୬୨୮୭୭୭୫

## ପାଠକ ଶ୍ରେଷ୍ଠ ବିଚାରକ

### ସିସିଟିଭିର ଆବଶ୍ୟକତା ଓ ଗୁରୁତ୍ୱ

ମହାଶୟ,

ନିକଟରେ ପୋଲିସ ସେବା ଭବନରେ ଅନୁଷ୍ଠିତ ହୋଇଯାଇଥିବା କମିଶନରେଟ ପୋଲିସର ୧୩ତମ ପ୍ରତିଷ୍ଠା ଦିବସ ମହାମାନ୍ୟ ଡିଜି ପୋଲିସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଅଛି ଏବଂ କମିଶନରେଟ ପୋଲିସ ୧୩ବର୍ଷ ଅତିକ୍ରମ କରି ୧୪ବର୍ଷରେ ପାଦ ଥାପିଛି। କୋଭିଡ-୧୯ର ଭୟାବହତା ସମୟରେ କମିଶନରେଟ ପୋଲିସର ଭୁବନେଶ୍ୱର ଏବଂ କଟକବାସୀଙ୍କ ପ୍ରତି ନିରବଚ୍ଛିନ୍ନ ସେବାର ଅବଦାନ ଏକ ଅବିସ୍ମରଣୀୟ ଅନୁଭୂତି କହିଲେ ଅତ୍ୟୁକ୍ତି ହେବନାହିଁ। ଟ୍ୱିନସିଟିରେ ବର୍ଦ୍ଧିତ ଅପରାଧକୁ ଆଖି ଆଗରେ ରଖି କମିଶନର ମହାଶୟ ଘୋଷଣା କରିଥିବା ଉନ୍ନତମାନର ସିସିଟିଭି କ୍ୟାମେରା ଲଗାଯିବା ପାଇଁ ଘୋଷଣା ଏକ ଅନିବାର୍ଯ୍ୟ ପଦକ୍ଷେପ। ଟ୍ୱିନସିଟିର ବର୍ଦ୍ଧିତ ଜନସଂଖ୍ୟା ଏବଂ ତଦନୁଯାୟୀ ସଙ୍ଗଠିତ ଅପରାଧକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। ମେଟ୍ରୋ ସହରଗୁଡ଼ିକରେ ଗଢ଼ି ଉଠିଥିବା ପାର୍କ, ସମସ୍ତ ଯାତ୍ରୀବାହୀ ପ୍ରତୀକ୍ଷାସ୍ଥଳୀ ଏବଂ ଯାତ୍ରୀବାହୀ ଯାନବାହନଗୁଡ଼ିକରେ ସିସିଟିଭି ଆବଶ୍ୟକତା ରହିଛି। ଏହିସବୁ ସ୍ଥାନ ଗୁଡ଼ିକରେ ଉନ୍ନତମାନର ସିସିଟିଭି ଲଗାଯାଇପାରିଲେ ବିଶେଷକରି ମହିଳା ଓ ଶିଶୁ ମାନଙ୍କ ପ୍ରତି ବର୍ଦ୍ଧିତ ଅପରାଧଗୁଡ଼ିକୁ ବହୁ ପରିମାଣରେ ରୋକାଯାଇ ପାରିବା ସଙ୍ଗେ ସଙ୍ଗେ ଅପରାଧୀମାନଙ୍କୁ ଠାବ କରାଯାଇପାରିବ।

-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ଭେଜାଲ ପ୍ରତି କାର୍ଯ୍ୟାନୁଷ୍ଠାନ ହେଉ

କଟକ ସହରରେ ଭେଜାଲ ଛେନା, ତେଲ, ଘିଅ, ମସଲା ତଥା ସିମେଣ୍ଟ ଇତ୍ୟାଦି ଗୋପନୀୟ ଭାବେ କାରଖାନାରେ ପ୍ରସ୍ତୁତ କରାଯାଉଅଛି। ଏହା କଲିକତାରୁ ଅଣାଯାଇ ମିଶ୍ରଣ କରାଯାଉଛି। ଏପରି କି ନକଲିକୁ ଅସଲି କହି ଗ୍ରାହକଙ୍କୁ ଠକୁଛନ୍ତି। ଅପମିଶ୍ରଣ ଏବଂ ନକଲି ପ୍ରସ୍ତୁତକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସରଳ ମତି ସହଜ ଗତି
ଯା'ନ୍ତି ଚଳି ବାଳୀ
ନ ବୁଝି ଏ ନିଦାଘ ପଥେ
କି ରୂପରାଶି ଡାଳି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କୁମ୍ଭୀର ଗଣନା ପରେ ଖୋଲିଲା ଭିତରକନିକା ପ୍ରଥମ ଦିନରେ ୧୪୬୨ ପର୍ଯ୍ୟଟକ

ରାଜନଗର, ୨୪।୧ (ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନରେ କୁମ୍ଭୀର ଗଣନା ପରେ ରବିବାରଠାରୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। ଚଳିତ ମାସ ୧୫ରୁ ୨୩ ତାରିଖ ଯାଏ ଭିତରକନିକା ଭିତରେ ଓ ବାହାରେ ପ୍ରବାହିତ ନଦୀ ନାଳରେ କୁମ୍ଭୀର ଗଣନା କରାଯାଇଥିଲା। ଶନିବାର କୁମ୍ଭୀର ଗଣନା ଶେଷ ହେବା ପରେ ଭିତରକନିକା ଖୋଲିଛି। ପ୍ରଥମ ଦିନରେ ୧୪୬୨ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ସ୍ଥଳପଥରେ ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ୫୨୪ ପର୍ଯ୍ୟଟକ ଭିତରକନିକା ବୁଲିଥିଲେ। ଖୋଲାରୁ ୬୮ ବୋଟ୍‌ରେ ୫୭୮ଜଣ ପର୍ଯ୍ୟଟକ, ଗୁପ୍ତିରୁ ୨୩ ବୋଟ୍‌ରେ ୨୮୦ଜଣ ପର୍ଯ୍ୟଟକ ଓ ଚାନ୍ଦବାଲିରୁ ୧୦ଟି ବୋଟ୍‌ରେ ୮୦ଜଣ ପର୍ଯ୍ୟଟକ ଭିତରକନିକା ବୁଲିଛନ୍ତି। ଜଳପଥରେ ଭିତରକନିକା ଭ୍ରମଣ ବେଳେ ନଈପଠାରେ ଖରା ପୁଉଁଥିବା ଛୋଟ ବଡ଼ ବଉଳା କୁମ୍ଭୀରଙ୍କୁ ଦେଖିବାକୁ ମିଳିଥାଏ। ଏପରି କି କୁମ୍ଭୀରଙ୍କ ଜଳକ୍ରୀଡ଼ାର ଦୃଶ୍ୟ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ଭିତରକନିକାକୁ ଆସୁଥିବା ପର୍ଯ୍ୟଟକ ସ୍ଥଳପଥ ଅପେକ୍ଷା ଜଳପଥରେ ଭ୍ରମଣ କରିବାକୁ ଅଧିକ ପସନ୍ଦ କରିଥାନ୍ତି।

# 'ଭିତ୍ତିଭୂମି ଯୋଗାଇଲେ ମେଡିକାଲ କଲେଜ'

କେନ୍ଦ୍ରାପଡ଼ା ଅଫିସ/ରାଜନଗର/ପଟ୍ଟାମୁଣ୍ଡାଇ, ୨୪।୧ (ଡି.ଏନ.ଏ.)


ବୋଟ୍‌ରେ ଭିତରକନିକା ବୁଲୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ।

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ କେନ୍ଦ୍ରାପଡ଼ା ଜିଲା ଗସ୍ତ
- ଶିଳ୍ପବିହୀନ ଜିଲାରୁ କେନ୍ଦ୍ରାପଡ଼ା ନାମ ହଟିବ
- ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱସ୍ତରର ହେବ

ରାଜ୍ୟ ସରକାର କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପାଇଁ ଭିତ୍ତିଭୂମି ଯୋଗାଇ ଦେଲେ କେନ୍ଦ୍ର ସରକାର ଅନୁଦାନ ଯୋଗାଇ ଦେବେ। କେନ୍ଦ୍ର ସରକାର ନଦୀଭିତ୍ତିକ ବନ୍ଦର ଓ ଉପକୂଳ ରାଜପଥକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଶିଳ୍ପବିହୀନ ଜିଲାରୁ କେନ୍ଦ୍ରାପଡ଼ା ନାମ ହଟିବ। ପର୍ଯ୍ୟଟନ କ୍ଷେତ୍ରର ଉନ୍ନତୀକରଣ କରାଯାଇ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱସ୍ତରର ହେବ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କର ଦୁଇଦିନିଆ କେନ୍ଦ୍ରାପଡ଼ା ଜିଲା ଗସ୍ତ ରବିବାର ଶେଷ ହୋଇଛି। ଜାତୀୟ ଉଦ୍ୟାନ ଭିତରକନିକା ଇକୋ ରିଟ୍ରିଟ ସ୍ଥଳରେ ଶନିବାର ରାତ୍ରିଯାପନ କରି ଅପରାହ୍ନରେ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରିଥିଲେ। ପୂର୍ବରୁ ଜଜାଙ୍ଗସ୍ଥିତ ସର୍କିଟ ହାଉସଠାରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନିତ କରିବା ସହ ଟିକାକରଣ ସମ୍ପର୍କରେ ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକ, ଡା. କିଶୋର ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରିଥିଲେ। ଗସ୍ତ ସମ୍ପର୍କରେ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ଭିତରକନିକାର ଅପରୂପ ସୌନ୍ଦର୍ଯ୍ୟକୁ ବିଶ୍ୱସ୍ତରରେ ପ୍ରଦର୍ଶନ କରି ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରାଯିବ। ଏଥିପାଇଁ କେନ୍ଦ୍ର ପର୍ଯ୍ୟଟନ ଓ ଜାହାଜ ଚଳାଚଳ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେବା ସହ ଭିତରକନିକାକୁ ଅଣାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୋପାଳପୁରଠାରୁ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ମହାକାଳପଡ଼ା ବ୍ଲକ ଆଖଡ଼ାଶାଳୀ ନିକଟସ୍ଥ ମହାନଦୀରେ ନଦୀଭିତ୍ତିକ ବନ୍ଦର ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତି ଚଳାଇଛନ୍ତି। ଏହି ଦୁଇ ପ୍ରକଳ୍ପ ସହ ରେଳ ଯୋଗାଯୋଗ ହେତୁ କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ପ୍ରତିଷ୍ଠା ସହ ପର୍ଯ୍ୟଟନ ଶିଳ୍ପରେ ଅର୍ଥନୈତିକ ସୁଧାର ହେବ। ନିକଟରେ ଜିଲା ଦେଇ ନିର୍ମିତ ହରିଦାସପୁର-ପାରାଦୀପ ରେଳପଥରେ ମାଲବାହୀ ସହ ଯାତ୍ରୀବାହୀ ରେଳ ଗଡ଼ିବ। ଏହାକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ବୋଲି ସେ କହିଥିଲେ। କେନ୍ଦ୍ରାପଡ଼ା ଜିଲାବାସୀଙ୍କ ଦୀର୍ଘଦିନର ଦାବି ମେଡିକାଲ କଲେଜ ପ୍ରତିଷ୍ଠା ସମ୍ପର୍କରେ ସେ କହିଥିଲେ, ରାଜ୍ୟ ସରକାର ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେଲେ କେନ୍ଦ୍ର ସରକାର ଏଥିପାଇଁ ଅର୍ଥ ମଞ୍ଜୁର କରିବେ। ଏହି ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର, କେନ୍ଦ୍ରାପଡ଼ା ଭାଜପା ପ୍ରଭାରୀ ଯତିନ ମହାନ୍ତି, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ଜିଲା ସଭାପତି କିଶୋର ପଣ୍ଡା, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଅଲେଖ ଜେନା, ଭାଜପା ନେତା ସୁନାକର ବେହେରା ସାମିଲ ହୋଇଥିଲେ। ଏଥିସହ ଏହି ଗସ୍ତ କାର୍ଯ୍ୟକ୍ରମରେ ରାଜ୍ୟ, ଜିଲାର ବହୁ ନେତା ଓ କର୍ମୀ ଯୋଗ ଦେବା ସହ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

# ଏପ୍ରିଲ ୫ରୁ ଓଷ୍ଟା ପ୍ରି-ବୋର୍ଡ ପରୀକ୍ଷା

କଟକ ଅଫିସ, ୨୪।୧

## ୨୭ରେ ପ୍ରକାଶ ପାଇବ ଟେଷ୍ଟ ପେପର

ଆସନ୍ତା ମେ' ୩ରୁ ବୋର୍ଡ ପରୀକ୍ଷା ଆରମ୍ଭ ହେବ। କରୋନା ପାଇଁ ପ୍ରାୟ ୯ ମାସ ଧରି ବିଦ୍ୟାଳୟ ଯାଇ ନ ଥିବା ଛାତ୍ରୀଛାତ୍ରମାନେ ୧ ବର୍ଷର ପାଠ୍ୟଖସଡ଼ାକୁ ୧୦୦ ଦିନ ମଧ୍ୟରେ ଶେଷ କରି ପରୀକ୍ଷା ଦେବେ। ପରୀକ୍ଷା ପଦ୍ଧତି ଓ ମୂଲ୍ୟାୟନ ବ୍ୟବସ୍ଥାରେ କିଛି ପରିବର୍ତ୍ତନ କରାଯାଇଛି। ସଂଶୋଧିତ ପାଠ୍ୟଖସଡ଼ା ଆଧାରରେ ଛାତ୍ରୀଛାତ୍ରମାନେ ବୋର୍ଡ ପରୀକ୍ଷାକୁ କିଭଳି ଭାବେ ସଫଳତାର ସହିତ ସମ୍ମୁଖୀନ ହେବେ, ସେଥିପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପ୍ରୟାସ ଆରମ୍ଭ କରିଛି। ଆସନ୍ତା ୨୭ରେ ସଂଶୋଧିତ ପରିବର୍ତ୍ତିତ ପାଠ୍ୟଖସଡ଼ା ଆଧାରରେ ଓଷ୍ଟା ପକ୍ଷରୁ ସଂଶୋଧିତ ଟେଷ୍ଟପେପର ପ୍ରକାଶ ପାଇବ ବୋଲି ରବିବାର ଓଷ୍ଟା ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଛାତ୍ରୀଛାତ୍ରଙ୍କ ନିମନ୍ତେ ଆସନ୍ତା ଏପ୍ରିଲ୍ ୫ରୁ ୧୦ ତାରିଖ ମଧ୍ୟରେ ଓଷ୍ଟା ପ୍ରାୟୋଜିତ ୨୦୨୧ ପ୍ରି-ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ବୋର୍ଡ ପରୀକ୍ଷା ଭଳି ଏହି ପରୀକ୍ଷା କରାଯିବ। ଏହି ପ୍ରି-ବୋର୍ଡ ପରୀକ୍ଷା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମନରୁ ଭୟ ଦୂର ହେବା ସହ ବୋର୍ଡ ପରୀକ୍ଷା ବ୍ୟବସ୍ଥା ସହିତ ନିଜକୁ ଅଭ୍ୟସ୍ତ କରାଇବାରେ ସହାୟକ ହେବ। ଉକ୍ତ ପରୀକ୍ଷା ଫଳ ଏପ୍ରିଲ ୧୨ରେ ସମସ୍ତ ବିଦ୍ୟାଳୟରେ ପ୍ରକାଶିତ ହେବ। ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ପରୀକ୍ଷା ଖାତା ଓ ରଖିଥିବା ନମ୍ବର ସମ୍ପର୍କରେ ଶିକ୍ଷକମାନଙ୍କ ପକ୍ଷରୁ ଜଣାଇ ଦିଆଯିବ। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଦୁର୍ବଳତାକୁ ଚିହ୍ନଟ କରି ଏପ୍ରିଲ୍ ୧୩ରୁ ୩୦ ତାରିଖ ମଧ୍ୟରେ ସଂଶୋଧନ କରିବା ପାଇଁ ଚେଷ୍ଟା କରିବେ। ମାର୍ଚ୍ଚ ୩୧ ମଧ୍ୟରେ ସମସ୍ତ ବିଷୟର କୋର୍ସ ଶେଷ କରିବା ପାଇଁ ରାଜ୍ୟର ସମସ୍ତ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଓଷ୍ଟାର ନେତୃତ୍ୱ ନେଇଥିବା ବିନୋଦ ବିହାରୀ ପାଣିଗ୍ରାହୀ, ଭିକାରୀ ଚରଣ ସାହୁ, ପ୍ରକାଶ ଚନ୍ଦ୍ର ମହାନ୍ତି, ରଞ୍ଜନ ଦାଶ, ଅଶୋକ ମହାପାତ୍ର ଓ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ନିବେଦନ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସହ ଅନ୍ୟମାନେ।

# ଫ୍ଲୋରୋସିସ୍ ରୋଗ ଯୋଗୁ ଅକାଳ ବାର୍ଦ୍ଧକ୍ୟ

ନୟାଗଡ଼ ଅଫିସ, ୨୪।୧:

- ବିକଳ୍ପ ନ ଥିବାରୁ ନଳକୂପର ଫ୍ଲୋରାଇଡ୍ ଯୁକ୍ତ ପାଣି ପିଉଛନ୍ତି
- ପୁଟୁବାରୀ ଗାଁ ପ୍ରତି ପ୍ରଶାସନର ଦୃଷ୍ଟି ପଡୁନି


ପିଲାଙ୍କ ଦାନ୍ତ ଫ୍ଲୋରାଇଡ୍ ଯୁକ୍ତ ପାଣି ପିଇ କସରା ରଙ୍ଗ ହୋଇଯାଇଛି।

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଭୋଗବାଡି ପଞ୍ଚାୟତ ପୁଟୁବାରୀ ଗାଁର ଦଳିତ ଲୋକେ ବିକଳ୍ପ ନ ଥିବାରୁ ଫ୍ଲୋରାଇଡ୍ ଯୁକ୍ତ ପାଣି ପିଇ ଦନ୍ତ ଓ ଅସ୍ଥି ଫ୍ଲୋରୋସିସ୍ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଫ୍ଲୋରୋସିସ ରୋଗ ଯୋଗୁ ଅକାଳ ବାର୍ଦ୍ଧକ୍ୟ ମାଡି ଆସୁଛି। ସ୍ଥାନୀୟ ଲୋକଙ୍କର ସ୍ୱାସ୍ଥ୍ୟାବସ୍ଥା ନେଇ ବିଭିନ୍ନ ସମୟରେ ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ହେଲେ କେହି ସେମାନଙ୍କ ସମସ୍ୟାର ସମାଧାନ କରୁନାହାନ୍ତି।

୨୦ ପରିବାରର ୧୦୯ ଲୋକଙ୍କୁ ନେଇ ପୁଟୁବାରୀ ଗାଁ ଗଠିତ। ଏଠାକାର ବାସିନ୍ଦା ଦଳିତ ସମ୍ପ୍ରଦାୟର। କୁଲା, ବାଉଁଶିଆ, ଝୁଡି, ଡାଲା ଆଦି ବାଉଁଶ ଉପକରଣ ତିଆରି କରିବା ଏମାନଙ୍କର ବେଉସା। ନିକଟସ୍ଥ ଅଞ୍ଚଳରେ ବିକ୍ରି କରି ଏମାନେ ପରିବାର ପ୍ରତିପୋଷଣ କରିଥାନ୍ତି। ରାସ୍ତା ଓ ପାନୀୟ ଜଳ ସମସ୍ୟା ଗାଁରେ ଲାଗି ରହିଛି। ଗାଁରେ ପୂର୍ବରୁ ୨ଟି ନଳକୂପ ଥିଲା। ୨ ବର୍ଷ ତଳେ ଏକ ନନ୍ଦ କୂଅ ଖୋଳାଯାଇଛି। ନନ୍ଦକୂଅର ଜଳ ପାନୀୟ ଉପଯୋଗୀ ହୋଇଥିଲେ ହେଁ ଏହାସବୁ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଶୀତ ଋତୁରେ କୂଅ ଶୁଖିଲା ପଡୁଛି। ଗ୍ରୀଷ୍ମ ଋତୁରେ ନନ୍ଦ କୂଅ କାମରେ ଲାଗୁନି। ଅନ୍ୟପକ୍ଷେ ୨ ନଳକୂପର ଜଳ ଫ୍ଲୋରାଇଡ୍ ଯୁକ୍ତ। ଗାଁ ଲୋକଙ୍କର ଆଣ୍ଠୁ, ଗଣ୍ଠି, ପାଦ, ଗୋଇଠି ବିନ୍ଧା ହେବା ସହ ଛୋଟ ଛୋଟ ପିଲାଙ୍କ ଦାନ୍ତ କସରା ରଙ୍ଗ ପରେ ପାନୀୟ ଜଳକୁ ନେଇ ସନ୍ଦେହ ହୋଇଥିଲା। ପାନୀୟ ଜଳ ପରୀକ୍ଷଣ ପରେ ଏଥିରେ ଅଧିକ ଫ୍ଲୋରାଇଡ୍ ଥିବା ଜଣାପଡିଥିଲା। ଜଗନ୍ନାଥ ପରିଚ୍ଛାଙ୍କ ସୂଚନା ଅନୁସାରେ, ଆମ ଗାଁରେ ପୂର୍ବରୁ ନଳକୂପ ନ ଥିଲା। କୂଅରୁ ପାଣି ବ୍ୟବହାର କରୁଥିଲୁ। ହେଲେ କେହି ଫ୍ଲୋରୋସିସ ରୋଗରେ ଆକ୍ରାନ୍ତ ହୋଇ ନ ଥିଲେ। ଧୀରେ ଧୀରେ ଜଳସ୍ତର ହ୍ରାସ ଯୋଗୁ ପାନୀୟ ଜଳ ସଙ୍କଟ ଦେଖାଦେବାରୁ ନଳକୂପ ଉପରେ ନିର୍ଭର କଲୁ। କୂଅ ବ୍ୟବହାର ନ କରିବାରୁ କାଳକ୍ରମେ ପୋତି ହୋଇଗଲା। ଯଦିଓ ପାନୀୟ ଜଳରେ ଅସୁବିଧା ହୋଇ ନ ଥିଲା ତେବେ ଫ୍ଲୋରୋସିସ ରୋଗ ଆମ ପାଇଁ ଏବେ ଚିନ୍ତାର କାରଣ ପାଲଟିଛି। ସୁରେନ୍ଦ୍ର ମନ୍ତ୍ରୀ କୁହନ୍ତି, ପୂଜା ଗନ୍ତାୟତ(୯), ବାଦଲ ଗନ୍ତାୟତ(୧୦), ଆକାଶ ବେହେରା(୧୦), ଗୌତମ ମନ୍ତ୍ରୀ(୧୩), ଶକ୍ତି ମନ୍ତ୍ରୀ (୧୨) ପ୍ରମୁଖ ପିଲାଙ୍କ ଦାନ୍ତ ଫ୍ଲୋରୋସିସ ରୋଗରେ ଆକ୍ରାନ୍ତ। ସରକାର ଯଦି ଗାଁ ପାଇଁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରନ୍ତେ ତେବେ ଫ୍ଲୋରାଇଡ୍ ଯୁକ୍ତ ପାଣି ପିଇବାରୁ ମୁକ୍ତି ମିଳନ୍ତା। ପାନୀୟ ଜଳର ଅଭାବ କାରଣରୁ ଲୋକେ ବାଧ ହୋଇ ଫ୍ଲୋରାଇଡ୍ ଯୁକ୍ତ ପାଣି ପିଉଛନ୍ତି। ସେହିପରି ଆମ ଗାଁକୁ ଭଲ ରାସ୍ତାଟିଏ ନାହିଁ। ଜମିର ହୁଡାକୁ ରାସ୍ତା ଭାବେ ବ୍ୟବହାର କରି ଯାତାୟାତ କରୁଛୁ। ଗାଁର ମହିଳାମାନେ ପାନୀୟଜଳ ଓ ରାସ୍ତା ସମସ୍ୟା ନେଇ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁନି।

# ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୪।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଏସ୍‌ପି ରିଷିକେଶ ଡି. ଖିଲାରିଙ୍କ ନିକଟରେ ରବିବାର ଜଣେ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟି ଅଧୀନରେ ଥିବା ଗୁମ୍ମା ଆଞ୍ଚଳିକ ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ଏହି ସଙ୍ଗଠନ ସ୍ୱାଭିମାନ ଅଞ୍ଚଳରେ କାର୍ଯ୍ୟ କରୁଥିଲା। ତାଙ୍କ ନିଜ ଘର ସ୍ୱାଭିମାନ ଅଞ୍ଚଳର ଜୋଡାମ୍ବ ପଞ୍ଚାୟତ ଅନ୍ତର୍ଗତ ମୁକୁଡିପାଲି ଗ୍ରାମରେ।

ଖବରରୁ ଜଣାପଡିଛି ବିଏସ୍‌ଏଫ୍ ଓ ଓଡ଼ିଶା ପୋଲିସ ମିଳିତ ଭାବେ କୋମ୍ବିଂ ଅପରେଶନ କରୁଥିବା ବେଳେ ତାଙ୍କୁ ଦେଖି ଯବାନମାନେ ଅଟକ ରଖିଥିଲେ। ତାଙ୍କୁ ପଚରାଉଚରା ପରେ ସେ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିବା ଜଣାପଡିଥିଲା। ପରେ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ଫଳରେ ପୋଲିସ ତାଙ୍କୁ ଗିରଫ କରି ନ ଥିଲା। ତାଙ୍କ ନାମରେ ପୂର୍ବରୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସ୍ୱାଭିମାନ ଅଞ୍ଚଳର ହେଉଥିବା ବିକାଶ ଏବଂ ଜନ୍ତାପାଇ, ହନ୍ତାଳଗୁଡା, ଦାର୍ଲାବେଡା, ଗୁରାସେତୁ, ଅଣ୍ଡ୍ରାହାଲ ପ୍ରଭୃତି ଅଞ୍ଚଳରେ ବିଏସ୍‌ଏଫ୍ କ୍ୟାମ୍ପ ନିର୍ମାଣ ପୋଲିସ ପ୍ରତି ଲୋକଙ୍କ ବିଶ୍ୱାସ ଜନ୍ମାଇଛି। ନିକଟରେ ପୋଲିସ ଡିଜି ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏଥିପ୍ରତି ଆକୃଷ୍ଟ ହୋଇ ସେ ଆତ୍ମସମର୍ପଣ କରିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଓବାଦୀଙ୍କ ଆତ୍ମସମର୍ପଣ ପରେ ଯେଉଁ ସବୁ ଥଇଥାନ ନୀତି ରହିଛି ସେହି ଅନୁସାରେ ଆଗାମୀ ଦିନରେ ତାଙ୍କୁ ସମସ୍ତ ସହାୟତା ମିଳିବ। ଯଦି ସେ ପାଠ ପଢିବାକୁ ଚାହିଁବେ ତାଙ୍କ ପଢିବା ବ୍ୟବସ୍ଥା କରାଯିବ। ରହିବା ପାଇଁ ଘର ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯିବ। ତାଙ୍କୁ ତାଲିମ ଦେଇ ସ୍ୱାବଲମ୍ବୀ କରିବା ଲାଗି ସମସ୍ତ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ଖିଲାରି କହିଛନ୍ତି।

# ବର୍ଷେ ପରେ ମିଳିଲା ପରିଚୟ

ଲଖନପୁର, ୨୪।୧ (ଡି.ଏନ୍.ଏ)

**ଜଣେ ମାନସିକ ଅନଗ୍ରସର ମହିଳାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିବା ବେଳେ ସେ ସେଠାରୁ କୁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଅନ୍ୟପକ୍ଷେ ମହିଳା ଜଣକ ଝାରସୁଗୁଡାରେ ବୁଲାବୁଲି କରୁଥିବା ବେଳେ ଜିଲା ପ୍ରଶାସନ ତାଙ୍କୁ ଉଦ୍ଧାର କରି ମିଶନ ଆଶ୍ରାରେ ରଖିଥିଲା। ସେଠାରେ ଚିକିତ୍ସା ସହ କାଉନସେଲିଂ କରାଯିବା ସମୟରେ ମହିଳାଙ୍କ ଠିକଣା ଆସାମ୍ ରାଜ୍ୟ ଉଦଲଗୁରି ଜିଲା ଥରାଇବାରି ଗ୍ରାମ ବୋଲି ଜଣାପଡିଥିଲା।**

ଝାରସୁଗୁଡା ଜିଲା କଣ୍ଟାପାଲିଠାରେ ଜିଲା ପ୍ରଶାସନ ତରଫରୁ ଜିଲା ଖଣିଜ ପାଣ୍ଠି ଅନୁଦାନରେ ଏକ ମାନସିକ ଅନଗ୍ରସର (ମହିଳା)ଙ୍କ ଥଇଥାନ ପାଇଁ ମିଶନ ଆଶ୍ରା ନାମକ ଏକ ଆଶ୍ରୟ ସ୍ଥଳୀ ଖୋଲିଛି। ଏହି ଆଶ୍ରୟ ସ୍ଥଳୀକୁ ପରିଚାଳନା କରୁଛି ପିପୁଲ୍‌ସ ଫୋରମ୍ ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଏଠାରେ ଦୀର୍ଘ ୧ବର୍ଷ ହେଲା ରହୁଥିବା ଜଣୈକା ଅନ୍ତେବାସୀଙ୍କ ପରିଚୟ ମିଳିଛି । ଅନ୍ତେବାସୀ ଜଣକ ହେଲେ ସୁଦୂର

## ପରିବାର ସହ ଆସାମ ଗଲେ ମହିଳା

ଆସାମ୍ ରାଜ୍ୟ ଉଦଲଗୁରି ଜିଲା ଥରାଇବାରି ଗ୍ରାମର ମାଳତୀ ବସୁମତାରୀ(୪୦) ଓରଫ୍ କିମୀ। ଏ ସମ୍ପର୍କରେ ମିଶନ ଆଶ୍ରା କେନ୍ଦ୍ର ତରଫରୁ ଆସାମ ପୋଲିସ୍‌ର ସହାୟତା ନେଇ ଅନ୍ତେବାସୀଙ୍କ ପରିବାରଙ୍କୁ ସୂଚନା ଦିଆଯାଇଥିଲା। ଖବର ପାଇ ଅନ୍ତେବାସୀଙ୍କ ସ୍ୱାମୀ, ଦିଅର ଓ ସମ୍ପର୍କୀୟମାନେ ଶନିବାର ଝାରସୁଗୁଡାରେ ପହଞ୍ଚିଥିଲେ । ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର



ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅନ୍ତେବାସୀ ମହିଳାଙ୍କୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରୁଛନ୍ତି ।

ସାହୁ ଓ ପିପୁଲ୍ସ ଫୋରମ୍ ପଶ୍ଚିମ ଓଡ଼ିଶା ମୁଖ୍ୟ ସଞ୍ଜୟ ଜେଠୀଙ୍କ ଉପସ୍ଥିତିରେ ଅନ୍ତେବାସୀଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଦୀର୍ଘ ବର୍ଷେ ପରେ ମହିଳାଙ୍କୁ ତାଙ୍କ ପରିବାର ଲୋକେ ପାଇଥିବାରୁ ଭାବବିହ୍ୱଳ ହୋଇପଡିଥିଲେ ଏବଂ ଏଥିପାଇଁ ଜଗନ୍ନାଥଙ୍କୁ କୃତଜ୍ଞତା ଜଣାଇଥିଲେ। ଏ ନେଇ ମିଶନ ଆଶ୍ରା ତରଫରୁ ଜଗନ୍ନାଥଙ୍କ ଏକ ପ୍ରତିମୂର୍ତ୍ତି ଅତିରିକ୍ତ ଜିଲାପାଳ ସାହୁ ଅନ୍ତେବାସୀ ମହିଳାଙ୍କୁ ପ୍ରଦାନ କରିଥିଲେ।

ଉକ୍ତ ମହିଳାଙ୍କ ସ୍ୱାମୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ତାଙ୍କ ସ୍ତ୍ରୀ ମାନସିକ ଅନଗ୍ରସର ହୋଇଥିବାବେଳେ ତାଙ୍କୁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ପରେ ସେ ସେଠାରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ପରିବାର ଲୋକେ ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ଏଭଳି ସ୍ଥିତିରେ ମାନସିକ ଅନଗ୍ରସର ମହିଳା ଜଣକ ଆସାମରୁ ଟ୍ରେନ ଯୋଗେ ଓଡିଶା ଚାଲିଆସି ଝାରସୁଗୁଡା ସହରରେ ବୁଲାବୁଲି କରୁଥିଲେ। ଖବର ପାଇ ଝାରସୁଗୁଡା ଥାନା ପୋଲିସ ମହିଳାଙ୍କୁ ଉଦ୍ଧାର କରି ମିଶନ ଆଶ୍ରାରେ ରଖିଥିଲେ। ମିଶନ ଆଶ୍ରା ତରଫରୁ ମାନସିକ ଅନଗ୍ରସର ମହିଳାଙ୍କ ଚିକିତ୍ସା କରାଯିବା ସହ ସମ୍ପୂର୍ଣ୍ଣ ଠିକଣା ଜାଣିବା ପାଇଁ ତାଙ୍କ ସହିତ କାଉନ୍‌ସେଲିଂ ଚାଲିଥିଲା। ବର୍ଷେ ପରେ ମହିଳା ଜଣଙ୍କ ତାଙ୍କ ଘର ଠିକଣା କହିଥିଲେ ।


**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 9 ରେ ପ୍ଲଟ ନଂ - 5F/818/7 ଟିକୁ ଅଞ୍ଜନା ମହାରଣା, ସ୍ୱାମୀ - ବସନ୍ତ କୁମାର ମହାରଣା, ସା/ପୋ-ବାଲିଚନ୍ଦ୍ରପୁର, ଜିଲ୍ଲା - ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଅଞ୍ଜନା ମହାରଣାଙ୍କ ମୃତ୍ୟୁପରେ ତାଙ୍କର ପୁତ୍ର ଶ୍ରୀ ମଳୟ କୁମାର ମହାରଣା, ପିତା - ବସନ୍ତ କୁମାର ମହାରଣା, ସା/ପୋ/ଥା-ବାଲିଚନ୍ଦ୍ରପୁର, ଜିଲ୍ଲା - ଯାଜପୁର ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 13 ରେ ପ୍ଲଟ ନଂ - 13-4F/1692 ଟିକୁ ଶ୍ରୀ ପ୍ରଶାନ୍ତ କୁମାର ସିଂହ, ପିତା - ୰ଶ୍ରୀଧର ସିଂହ, ସା - ତାମ୍ପଣା, ପୋ - ଅଣଖିଆ, ଥା/ଜିଲ୍ଲା - ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଶାନ୍ତ କୁମାର ସିଂହ ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁପ୍ରିୟା ପତି, ସ୍ୱାମୀ - ରାଜକିଶୋର ପତି, ସା - ଖୈରାଙ୍ଗ, ପୋ - ଆଶ୍ରମ ପାଟଣା, ଥା/ଜିଲ୍ଲା - ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ



**PANCHAYAT SAMITI OFFICE, BIJATALA**
E-Mail ID-ori-bijatola@nic.in
**TENDER CALL NOTICE**

No.200/2021 Dt.21.01.2021

CAD:- Sealed tenders (Percentage Rate) in conformity with the DTCN are invited from the 'C'/ 'D' class contractors registered with the State Govt. for execution of works under Panchayat Samiti, Bijatala as per Annexure-I of DTCN. The tender document (DTCN & BOQ) can be obtained from district NIC Website (www.mayurbhanj.nic.in) from Dt.25.01.2021 to 08.02.2021 till 1.00 P.M. The tender document (DTCN & BOQ) duly signed by the contractors should be accompanied with the self attested photo copy of valid GST Clearance Certificate, PAN card, Registration Certificate/Valid Labour Licence and requisite EMD in shape of Demand Draft drawn in favour of BDO, Bijatala payabel at "BIJATALA" from any Nationalized Bank and NSC/KVP/Time Deposit duly pledged. The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favour of BDO, Bijatala payable at "BIJATALA" from any Nationalized Bank. The tenders will be received upto Dt.08.02.2021 till 5.00 P.M. and addressed to O/o the Block Development Officer, Bijatala, Mayurbhanj-757048 through Registered/Speed Post. The tender is scheduled to be opened on Dt.09.02.2021 at 11.00 A.M. at Block Conference Hall, O/o the Block Development Officer, Bijatala, Mayurbhanj-757048 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at NIC website (www.mayurbhanj.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof.

| Sl. No. | Name of the work | Estimated cost in Rs. | EMD @ 1% in Rs. | Cost of tender paper (in Rs.) | Class of contractors | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of New Model AWC at Asansikal under Bankati GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 2 | Construction of New Model AWC at Jaunti under Bankati GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 3 | Construction of New Model AWC at Balarampur under Luhasila GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 4 | Construction of New Model AWC at Dunguisahi under Badajharan GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 5 | Construction of New Model AWC at Dungurisahi (Mundhakati) under Mundathakara GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 6 | Construction of New Model AWC at Sitalasahi under Badajharan GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 7 | Construction of New Model AWC at Bantali (M.T.) under Mundathakra GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 8 | Construction of New Model AWC at Baduakacha under Sargada GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 9 | Construction of New Model AWC at Tikarapada-II under Khanta GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 10 | Construction of New Model AWC at Bijatala-Talasahi under Bijatala GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 11 | Construction of New Model AWC at Khadisahi under Badajharan GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 12 | Construction of New Model AWC at San-Belpahadi under Raihari GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 13 | Construction of New Model AWC at San-Jharan under Badjharan GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 14 | Construction of New Model AWC at Khadiasole under Bijatala GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 15 | Construction of New Model AWC at Damudigoda under Mundathakura GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 16 | Construction of New Model AWC at Kuali under Madheikuchha GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 17 | Construction of New Model AWC at Vajidihi under Sargada GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 18 | Construction of New Model AWC at Rangamatia under Chadheipahadi GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 19 | Construction of New Model AWC at Sadaksahi (Bhalujodi under Badajharan GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 20 | Construction of New Model AWC at Dungurisahi (Pithakutuni) under Khanta GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 21 | Construction of New Model AWC at Birkhan under Khanta GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 22 | Construction of New Model AWC at Chanpaal under Bankati GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 23 | Construction of New Model AWC at Kalajhari under Luhasila GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 24 | Construction of New Model AWC at Tulasibani under Chadheipahadi GP | 12,10,573.00 | 12106.00 | 6000.00 | 'C' & 'D' | Six months |
| 25 | Construction of New Model AWC at Burudisahi under Badajharan GP | 12,10,573.00 | 12106.00 | 6000.00 | 'C' & 'D' | Six months |

OIPR-19082/11/0001/2021 **Block Development Officer, Bijatala**

## ଭୁତାପଡାରେ ଜାତୀୟ ଶିଶୁ କନ୍ୟା ଦିବସ

ସମ୍ବଲପୁର,(ବ୍ୟୁରୋ): ଜାତୀୟ ଶିଶୁ କନ୍ୟା ଦିବସ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଭୁତାପଡା ବସ୍ତିଠାରେ ପାଳିତ ହୋଇଯାଇଛି । ଶିଶୁ ମଙ୍ଗଳ ସମିତି ଓ ଓଡିଶା ରାଇଜିଂ ଫାଉଣ୍ଡେସନ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା । ଶିଶୁ ମଙ୍ଗଳ ସମିତି ଅଧକ୍ଷ ବ୍ରଜେନ୍ଦ୍ର କିଶୋର ପଣ୍ଡା, ବନଜ୍ୟୋତ୍ସ୍ନା ପ୍ରଧାନ, ପୁଷ୍ପରାଣୀ ମହାପାତ୍ର, ପବନ କୁମାର ବତକ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ୬୦ଜଣ ବାଳିକାଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା ।

## ସଂକ୍ଷେପରେ

### ବାଲି ବୋଝେଇ ଡମ୍ଫର ଓଲଟିଲା

କୁତ୍ରା, ୨୪।୧ (ଡି.ଏନ.ଏ): କୁତ୍ରା ବ୍ଲକ ପୂର୍କାପାଲି ପଞ୍ଚାୟତର ବିରତୋଲା ଛକରେ ଦ୍ରୁତଗତିରେ ଯାଉଥିବା ଏକ ବାଲି ବୋଝେଇ ଡମ୍ଫର ଓଲଟି ପଡ଼ିଥିଲା। ଚୋରା ବାଲି ଚାଲାଣ ପାଇଁ ବିକଳ୍ପ ରାସ୍ତା ବାଛିଥିବା ଗାଡିଗୁଡିକ ନିୟମିତ ଭାବରେ ଦ୍ରୁତଗତିରେ ଗାଡି ଚଳାଉଥିବାରୁ ଏବଂ ଅଣଓସାରିଆ ରାସ୍ତା ହୋଇଥିବାରୁ ସାଧାରଣ ଜନତା ଓ ଗାଡି ଚାଳକଙ୍କୁ ବିପଦର ସାମ୍ନା କରିବାକୁ ପଡୁଛି। ପୋଲିସ ପ୍ରଶାସନ ଏହାକୁ ରୋକିବାରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଜୁଆ ଆଡ୍ଡାରେ ଚଢ଼ାଉ: ୩ ଗିରଫ

ରାଉରକେଲା ଅଫିସ,୨୪।୧: ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ସି'ସେକ୍ଟର ଅଞ୍ଚଳରେ ଥିବା ହନୁମାନ ମନ୍ଦିର ପଛପଟେ ପୋଲିସ ଏକ ଜୁଆଆଡ୍ଡା ଉପରେ ଚଢ଼ାଉ କରିଛି। ଏହି ଚଢ଼ାଉ ସମୟରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲିରେ ବାସ କରୁଥିବା ନରେନ୍ଦ୍ର ନାଏକ, ବନ୍ଧମୁଣ୍ଡା ଅଞ୍ଚଳର ଶମ୍ଭୁ ବଡାଇକ,ବାବୁଲି ନାଗ । ପୋଲିସ ଏହି ଜୁଆଆଡ୍ଡା ଉପରେ ଚଢ଼ାଉ କରି ସେମାନଙ୍କ ଠାରୁ ନଗଦ ୧୧୯୦ ଟଙ୍କା ଜବତ କରିଛି। ଏହି ଚଢ଼ାଉ ସମୟରେ ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଏସ୍ଆଇ ବଳିଆ ବାରିକଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

କୁଆଁରମୁଣ୍ଡା,୨୪।୧(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଶିକ୍ଷା କାର୍ଯ୍ୟାଳୟ ଅଧିନ କଚାରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ର ଯୋଗଦେଇ ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଦୁଇ ବରପୁତ୍ର ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ଉପସ୍ଥିତ ନ ଥିଲା ବେଳେ କେବଳ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

### ଭିମସାର ହାଉସସର୍ଜନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ସମ୍ବଲପୁର,୨୪।୧(ବ୍ୟୁରୋ): ସମ୍ବଲପୁର ବୁର୍ଲା ଭିମସାରର ହାଉସ ସର୍ଜନମାନେ ଜାନୁୟାରୀ ୨୮ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତବାନୀ ଦେଇଛନ୍ତି । ଅଭିଯୋଗ କ୍ରମେ କାର୍ଯ୍ୟରତ ଡାକ୍ତରମାନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଏନେଇ ପୁନର୍ବାର ଚିଠି ଲେଖି ଅନୁରୋଧ କରାଯାଇଛି । ହେଲେ ସରକାର ଏ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ଡାକ୍ତରମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟରତ ଅଛନ୍ତି। ଆସନ୍ତା ୨୭ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଭୀମସାରରେ କାର୍ଯ୍ୟରତ ହାଉସସର୍ଜନମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

### ଧମାରେ ସଡ଼କ ସୁରକ୍ଷା

ଧମା,୨୪।୧(ଡି.ଏନ.ଏ.): ଧମା ପୋଲିସ ଓ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରବିବାର ଧମାଠାରେ ସଡକ ସୁରକ୍ଷା ପାଳିତ ହୋଇଯାଇଛି। ଏହି ଅବସରରେ ଥାନା ଅଧିକାରୀ ରାଜେଶ୍ୱରୀ ଭୋଇଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ଥାନାଠାରୁ ବାହାରି ଗ୍ରାମ ଓ ବଜାର ପରିକ୍ରମା କରିଥିଲା। ମହାବିଦ୍ୟାଳୟର ରେଡକ୍ରସ ଓ ଏନଏସଏସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ମାଧମରେ ସଡକ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ । ଧମା ଥାନାର ଅଧିକାରୀଙ୍କ ସମେତ ମହାବିଦ୍ୟାଳୟ ତରଫରୁ ଅଧାପକ ସଞ୍ଜୟ ସାହୁ, ଅଧାପିକା ଶିଖରାଣୀ ବଡ଼େଇ, ଅମୃତା ପଟ୍ଟନାୟକ, ରେଡକ୍ରସ ଅଧିକାରୀ ରାମ କୁମାର ସାହୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ସୁନ୍ଦରଗଡ଼ରେ ସମ୍ବଲପୁରୀ ମହାସମ୍ମେଳନ

ସୁନ୍ଦରଗଡ, ୨୪।୧ (ଡି.ଏନ.ଏ)



ସୁନ୍ଦରଗଡଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

- ସମ୍ବଲପୁରୀ ସମ୍ମେଳନର ପ୍ରସ୍ତୁତି ବୈଠକ
- ଫେବୃୟାରୀ ୨୮ରେ ହେବ ସମ୍ମେଳନ
- କବି ଗୀତକାର ଦୁର୍ଗାମାଧବ ପଣ୍ଡା ଆବାହକ
- ତୃତୀୟ ଜାତୀୟ ସମ୍ମେଳନ ହେବ ଗୋଟିଏ ଦିନ

ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟର ଅଧିକ ପ୍ରଚାରପ୍ରସାର, ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ଅଞ୍ଚଳର ବିଭିନ୍ନ ଅଧିକାରର ଲଢ଼େଇ ପାଇଁ ବର୍ଷ ବ୍ୟାପି ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ହୋଇଥାଏ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ । ବିଶେଷ ଭାବରେ ପ୍ରତ୍ୟେକ ବର୍ଷ ଆୟୋଜିତ ହୋଇ ଆସୁଛି ଅଗଷ୍ଟ ୧ ସମ୍ବଲପୁରୀ ଦିନ ଓ ଜାତୀୟ ସମ୍ବଲପୁରୀ ସମ୍ମେଳନ ବହୁ ଚର୍ଚ୍ଚିତ ଓ ସର୍ବାଗ୍ରେ ଆଦୃତ ହୋଇଆସୁଛି। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ ଆୟୋଜିତ ହେବ ଜାତୀୟ ସମ୍ବଲପୁରୀ ସମ୍ମେଳନ। ପ୍ରଥମରୁ ନିଆ ଯାଇଥିବା ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ବର୍ଷ ଜାତୀୟ ସମ୍ବଲପୁରୀ ସମ୍ମେଳନ ଭିନ୍ନଭିନ୍ନ ଜିଲାରେ ଆୟୋଜିତ ହୋଇଆସୁଛି। ପ୍ରଥମେ ସମ୍ମେଳନ ସମ୍ବଲପୁରରେ, ଦ୍ୱିତୀୟ ସମ୍ମେଳନ ଝାରସୁଗୁଡାରେ ହୋଇଥିବା ବେଳେ ଚଳିତ ବର୍ଷ ଏହି ସମ୍ମେଳନ ସୁନ୍ଦରଗଡଠାରେ ଆୟୋଜିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ସୁନ୍ଦରଗଡଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି କାର୍ଯ୍ୟକ୍ରମ ସମସ୍ତ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା । ଆସନ୍ତା ଫେବୃୟାରୀ ୨୮ରେ ଏହି ତୃତୀୟ ଜାତୀୟ ସମ୍ବଲପୁରୀ ସମ୍ମେଳନ ଅନୁଷ୍ଠିତ ହେବ। ବିଶିଷ୍ଟ କବି ତଥା ଗୀତକାର ଦୁର୍ଗାମାଧବ ପଣ୍ଡାଙ୍କୁ ଚଳିତ ବର୍ଷର ସମ୍ମେଳନ ଆବାହକ ଭାବରେ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଚଳିତବର୍ଷ ବିଶ୍ୱ ମହାମାରୀ କରୋନା ଯୋଗୁଁ କାର୍ଯ୍ୟକ୍ରମର ସୂଚୀରେ ବିଳମ୍ବ ହୋଇଛି । ପ୍ରଥମ ଦୁଇଟି ସମ୍ମେଳନ ଦୁଇ ଦିନିଆ ହେଉଥିବା ବେଳେ ତୃତୀୟ ସମ୍ମେଳନ ଦିନିକିଆ ହେବ। ପଶ୍ଚିମାଞ୍ଚଳ ଏକତା ମଞ୍ଚର ସୁନ୍ଦରଗଡ ଜିଲା ସଂଯୋଜକ ରୋଶନ କୁମାର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଆଜିର ଏହି ପ୍ରସ୍ତୁତି ବୈଠକରେ ମଞ୍ଚର ଆବାହକ ଭବାନୀ ଭୋଇ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ଅବଗତ କରେଇ ଥିଲେ। ଜାତୀୟ ସମ୍ବଲପୁରୀ ସମ୍ମେଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମଞ୍ଚର ମୁଖ୍ୟ ସଂଯୋଜକ ମାନସରଞ୍ଜନ ବକ୍ସି ଆଲୋକପାତ କରିଥିଲେ । ସୁନ୍ଦରଗଡର ବିଭିନ୍ନ ଅଗ୍ରଣୀ ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟା ସଦସ୍ୟଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମ୍ମାନିତ ବ୍ୟକ୍ତି ବିଶେଷ ଏହି ବୈଠକରେ ଉପସ୍ଥିତ ରହିଥିଲେ। ରବିବାରର ପ୍ରସ୍ତୁତି ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ କେନ୍ଦ୍ରୀୟ କମିଟିର ପଙ୍କଜିନୀ ମେହେର, କାନ୍ତି ମେହେର, ସନ୍ତୋଷ କୁମାର ବଡ଼ାଇ, ରାଜେଶ ସ୍ୱାଇଁ, ଝାରସୁଗୁଡା ଶାଖାର କବିତା ପଣ୍ଡା, ଆରତୀ ପଣ୍ଡା, ରାଜଶ୍ରୀ ମେହେର, ଅଜିତ କୁମାର ରଥ, ବିବେକାନନ୍ଦ ମିଶ୍ର, ମହମ୍ମଦ ନାସିର ସୋନୁ ୟାଦବ, ସୁନ୍ଦରଗଡର ସନ୍ତୋଷ ଅମାତ, ଶୀତଳ ମହାପାତ୍ର, ରଞ୍ଜୁ ଠାକୁର, ଭୁପେନ ଅମାତ, ପ୍ରଦୀପ ଦତ୍ତ, ଆଲୋକ ସିଂ, ମନୋଜ ସାହୁ, ମୀନାକ୍ଷୀ ନାଏକ, ଶ୍ୱାତି ପୁରୋହିତ, ପ୍ରିୟଙ୍କା ଜେନା, ପୂଜା ପଟେଲ, ଲିପସା ଦାସ, ବିବେକ ନାଏକ, ଅମନ ଦାଶ, ପ୍ରଶ୍ନଜିତ ଶାହା, ଓଁକାର ନାଥ ମିଶ୍ର, ଶୁଭମ ଭିତିରିଆ, ଚର୍ଚ୍ଚିତ କୁମାର ବୁଡା, ରିତେଶ ପୁରୋହିତ, ଫିରୋଜ ପଟେଲ, ଶୁଭମ ନାଏକ, ଶୁଭମ ଶର୍ମା, ଦେବାଶିଷ ସାହୁ ପ୍ରମୁଖ ସାମିଲ ହୋଇ ନିଜର ମତ ପୋଷଣ କରିଥିଲେ ।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ରାଉରକେଲା ଅଫିସ, ୨୪।୧

**ସ୍ୱାମୀ ଥାନାରେ ଅଟକ: ନାତିକୁ ଧରି ପରିବାର ଲୋକେ ଫେରାର୍**

ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ବଧୂକୁ ଶାଶୁ ଘର ଲୋକେ ମାରି ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ସ୍ୱାମୀକୁ ଥାନାରେ ଅଟକ ରଖି ଥିବାବେଳେ ପରିବାରର ଅନ୍ୟ ଲୋକେ ନାତିକୁ ଧରି ଫେରାର୍ ହୋଇଯାଇଛନ୍ତି। ବାସନ୍ତୀ କଲୋନୀ ବିଏଲ୍/୧୨୫ ଘରେ ଅକ୍ଷୟ ପ୍ରଧାନ ଓ ତାଙ୍କ ପରିବାର ବାସ କରନ୍ତି। ଅକ୍ଷୟ ୨୦୧୫ ମେ ୩୧ରେ ପୁଅ ଜ୍ଞାନ ରଞ୍ଜନ ପ୍ରଧାନ(୩୬)ଙ୍କୁ ବିବାହ କରାଇଥିଲେ। ଭୁବନେଶ୍ୱର ଡେଲଟା ଛକରେ ବାସ କରୁଥିବା ଧନେଶ୍ୱର ବିଶ୍ୱାଳଙ୍କ ଝିଅ ପ୍ରିୟଦର୍ଶନୀ ବିଶ୍ୱାଳଙ୍କ ସହ ଜ୍ଞାନରଞ୍ଜନଙ୍କ ବୈଦିକ ରିତିରେ ବିହାଘର ହୋଇଥିଲା। ବାହାଘର ସମୟରେ ପୁଅର ବାଟ ଖର୍ଚ୍ଚ ସହ ଝିଅଘର ଯୌତୁକ ବାବଦକୁ ସାଢ଼େ ୫ ଲକ୍ଷ ଟଙ୍କାର ଏକ କାର ଓ ନଗଦ ସାଢ଼େ ୬ ଲକ୍ଷ ଟଙ୍କା ସମେତ ସମସ୍ତ ଘରୋଇ ଆସବାପତ୍ର ଓ ସୁନା ଗହଣା ଦେଇଥିଲେ। ବାହାଘରର ପ୍ରଥମେ ବର୍ଷେ ଦୁଇବର୍ଷ ପ୍ରିୟଦର୍ଶନୀଙ୍କୁ ଶାଶୁ ଘର ଲୋକେ ଖୁବ ଆଦରଯତ୍ନ କରିଥିଲେ। ବିବାହର ଦ୍ୱିତୀୟ ବର୍ଷରେ ପ୍ରିୟଦର୍ଶନୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। କିନ୍ତୁ ପରେ ଶାଶୁ ଘର ଲୋକେ ବାହାଘର ବେଳେ ବାକିଥିବା ଟଙ୍କାକୁ ନେଇ ପ୍ରିୟଦର୍ଶନୀଙ୍କୁ ବିଭିନ୍ନ ଗାଳିଗୁଲଜ କରିବା ସହ ମାନସିକ ଓ ଶାରିରୀକ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ପ୍ରିୟଦର୍ଶନୀ ସ୍ୱାମୀଙ୍କୁ ଜଣାଇଥିଲେ ମଧ୍ୟ ସେ କୌଣସି କଥାକୁ ଖାତିରି କରୁ ନ ଥିଲେ। ଫଳରେ ପ୍ରିୟଦର୍ଶନୀ ନିରୁତ୍ସାହିତ ହୋଇ ବାପା ଧନେଶ୍ୱରଙ୍କୁ ଫୋନ ଯୋଗେ ସବୁ କଥା କହିଥିଲେ। ଶେଷରେ ପ୍ରିୟଦର୍ଶନୀଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କ ସହିତ ଉକ୍ତ ବିଷୟରେ ଆଲୋଚନା କରିବା ସହ ଶ୍ୱଶୁର ଧନେଶ୍ୱର ଓ ସ୍ୱାମୀ ଜ୍ଞାନରଞ୍ଜନଙ୍କୁ ବୁଝାସୁଝା କରି ଫେରିଥିଲେ। ଏତେବୁଝାସୁଝା ପରେ ପରିବାର ଲୋକେ ପୁଣି ପ୍ରିୟଦର୍ଶନୀଙ୍କୁ ବିଳମ୍ବିତ ରାତିରେ ଅତ୍ୟାଚାର କରିଥିଲେ। ରବିବାର ସକାଳ ହେବାରୁ ପ୍ରିୟଦର୍ଶନୀଙ୍କ ମୃତ୍ୟୁ ଖବର ସ୍ୱାମୀ ଜ୍ଞାନରଞ୍ଜନ ଅବଗତ କରାଇଥିଲେ। ଏନେଇ ଦାଦା ଗୟାଧର ଓ ଭାଇ ଜିତେନ୍ଦ୍ର ଉଦିତନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଉଦିତନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବେକରେ ଫାଶି ଲଗାଇ ଝୁଲନ୍ତା ଅବସ୍ଥାରେ ପ୍ରିୟଦର୍ଶନୀଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଆସିବା ପୂର୍ବରୁ ପରିବାର ଲୋକେ ରାତିରେ ନାତିକୁ ଧରି ଫେରାର ହୋଇଯାଇଥିବା ବେଳେ ସ୍ୱାମୀ ଜ୍ଞାନରଞ୍ଜନଙ୍କୁ ପୋଲିସ କାବୁ କରି ନେଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଉକ୍ତ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଉଦିତନଗର ଥାନା ଅଧିକାରୀ ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି ।

# କବି ଗଙ୍ଗାଧରଙ୍କ ନାମରେ ପାଠାଗାର ନାମିତ

ସମ୍ବଲପୁର/ପଡିଆବାହାଲ, ୨୪।୧(ବ୍ୟୁରୋ/ଡି.ଏନ.ଏ.)



ସମ୍ବଲପୁର ମେଘପାଳ ପଞ୍ଚାୟତରେ ଥିବା ପାଠଗାର।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଦୁର୍ଗମ ଅଞ୍ଚଳ ମେଘପାଲ ପଞ୍ଚାୟତ ପରସରରେ ଶନିବାର ଏକ ପାଠାଗାର ଲୋକାର୍ପଣ ହୋଇଯାଇଛି। ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୁଜାରୀ ଅନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। କବି ଗଙ୍ଗାଧର ମେହେରଙ୍କ ନାମରେ ଏହି ପାଠଗାର ନାମିତ କରାଯାଇଛି। ସରକାରଙ୍କ ପିଠା ଯୋଜନାକୁ ସଫଳ କରି ରାଜ୍ୟରେ ପୁରସ୍କୃତ ହୋଇଥିଲା ମେଘପାଲ ପଞ୍ଚାୟତ। ପାଇଥିବା ପୁରସ୍କାର ରାଶି ୫ ଲକ୍ଷ ଟଙ୍କାରେ ପାଠଗାର ହୋଇଛି। ଏହାକୁ ନେଇ ମେଘପାଲ ସରପଞ୍ଚ ମମତା ପ୍ରଧାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଏହି ପାଠାଗାରରେ ପ୍ରଥମ ପର୍ଯ୍ୟାୟରେ ୩ ହଜାର ୫ ଶହ ପୁସ୍ତକ ରହିଛି। ସେଥିରେ ସ୍ୱାଧୀନତା ସଂଗ୍ରାମୀ, କବି, ଗାଳ୍ପିକ, ବିଶିଷ୍ଟ ବ୍ୟକ୍ତିଙ୍କ ଆତ୍ମ ଜୀବନୀ, ପୁଜା ଗ୍ରନ୍ଥ, ଧର୍ମ ପୁସ୍ତକ, ଇତିହାସ ଓ ବିଭିନ୍ନ ଶ୍ରେଣୀର ପାଠ୍ୟପୁସ୍ତକ ରହିଛି। ଏହି ପାଠାଗାର ପରିଚାଳନା ପାଇଁ ମେଘପାଲ ହାଇସ୍କୁଲର ଜଣେ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ପାଠାଗାରରେ ଅତ୍ୟାଧୁନିକ ସୁବିଧା ରହିଛି। ଆରାମରେ ବସି ପାଠକମାନେ ପଢି ପାରିବେ। ଜଣେ ଇଚ୍ଛୁକ ପାଠକ ଯଦି ବହି ଘରକୁ ନେବାକୁ ଚାହିଁବେ ତେବେ ନେଇ ପାରିବେ। ବହିର ମୂଲ୍ୟ ଜମା କରିବାକୁ ପଡିବ ଏବଂ ୭ ଦିନ ଭିତରେ ବହି ପୁଣି ଫେରାଇବାକୁ ପଡିବ। ଯଦି ନ ଫେରାଇଲେ ୧୫ ଦିନ ପରେ ପୁଣି ସମାନ ପୁସ୍ତକ କିଣାଯିବ ଓ ଟଙ୍କା ଫେରସ୍ତ କରାଯିବ ନାହିଁ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ସୁଚନାଯୋଗ୍ୟ ଯେ, ମେଘପାଲ ପଞ୍ଚାୟତ ପରିସରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କୋଠା ନିର୍ମାଣ କରାଯାଇଥିଲା। ଉକ୍ତ କୋଠାର ଉପଯୋଗ କରିବା ପାଇଁ ପାଠଗାର ଖୋଲାଯାଇଛି। ପଞ୍ଚାୟତ ପାଇଥିବା ୫ ଲକ୍ଷ ପୁରସ୍କାର ରାଶିକୁ ପାଠାଗାର କରିବା ପାଇଁ ବ୍ଲକ ପ୍ରଶାସନକୁ ଅନୁମତି ମଗାଯାଇଥିଲା। ବିଡିଓ ସୁରଜ ବିଶ୍ୱାଳଙ୍କ ଅନୁମୋଦନ କ୍ରମେ ନିର୍ମାଣ କୋଠାରେ ପାଠାଗାର ଖୋଲାଯାଇଛି ।

# ଜାତୀୟ ସଡ଼କ ସୁରକ୍ଷା ନିମନ୍ତେ ସାଇକ୍ଲୋଥନ

ରାଉରକେଲା ଅଫିସ,୨୪।୧

ରାଉରକେଲା ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରୁ ଜାତୀୟ ସଡ଼କ ସୁରକ୍ଷା ନିମନ୍ତେ ଏକ ସାଇକ୍ଲୋଥନ ରାଲି ଆୟୋଜିତ ହୋଇଛି। ଏହି ରାଲିରେ ସହରର ବହୁ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ସହ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ। ଏହି ସାଇକ୍ଲୋଥନ ରାଲିକୁ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ଓ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରାଲି ଏସ୍‌ପି କାର୍ଯ୍ୟାଳୟରୁ ବାହାରି ବିଶ୍ରାଛକ ଓ ରିଙ୍ଗରୋଡ଼ ଦେଇ ଆରଟିଓ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲା। ସଡ଼କ ସୁରକ୍ଷା ନିମନ୍ତେ ସାଇକେଲ ଆରୋହୀମାନେ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଓ ପ୍ଲାକକାର୍ଡ଼ ଧରି ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ରାଲିକୁ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ଏମ୍‌ଭିଆଇ ପର୍ଶୁରାମ ବେହେରା, ଏସ୍‌ଡିପିଓ ଅସୀମା ପଣ୍ଡା, ଟ୍ରାଫିକ ଇନଚାର୍ଜ ସମରେନ୍ଦ୍ର କୁମାର ନାୟକଙ୍କ ସହ ବହୁ ପୁଲିସ ଓ ପରିବହନ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡାଲମିଆ ସିମେଣ୍ଟ ପକ୍ଷରୁ ଚାଷୀଙ୍କ ପାଇଁ ସବ୍‌ଜି କୁଲର ପରିଦର୍ଶନ



ପରିବା ଚାଷୀଙ୍କୁ ପରିଭ୍ରମଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି।

ରାଜଗାଙ୍ଗପୁର, ୨୪।୧ (ଡି.ଏନ.ଏ)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଏହାର କାରଖାନା ପାରିପାର୍ଶ୍ୱିକ ଅଞ୍ଚଳରେ ନିରନ୍ତର ଜୀବନଜୀବିକା କାର୍ଯ୍ୟକ୍ରମ ବିକଶିତ କରି ସମାଜକୁ ସଶକ୍ତ କରିବାରରେ ବିଶ୍ୱାସ ରଖିଛି। ଏହି କାର୍ଯ୍ୟାବଳୀ ଅଧିନରେ ଶନିବାର କମ୍ପାନୀର ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସ୍ଆର) ଏବଂ ଡାଲମିଆ ଭାରତ ଫାଉଣ୍ଡେସନ ତରଫରୁ ସ୍ଥାନୀୟ ପରିବା ଚାଷୀଙ୍କୁ ଏକ ପରିଭ୍ରମଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା। ଲାଞ୍ଜିବେର୍ଣ୍ଣ ଏବଂ ରାଜଗାଙ୍ଗପୁରର ୧୨ଜଣ ଚାଷୀଙ୍କୁ ବାଲିଶଙ୍କରା ବ୍ଲକ ଅନ୍ତର୍ଗତ କନକଝୁରା ଗ୍ରାମକୁ ନିଆଯାଇଥିଲା। ସେଠାରେ ଚାଷୀମାନେ ସଫଳତାର ସହିତ ବ୍ୟବହୃତ ସବଜି କୁଲର, ସ୍ୱଳ୍ପ ଖର୍ଚ୍ଚରେ ଚଳିତ ଟ୍ରେଡର ପମ୍ପ ଏବଂ ସ୍ୱଳ୍ପ ଖର୍ଚ୍ଚରେ ନିର୍ମିତ ଜଳ ଭଣ୍ଡାର ବ୍ୟବସ୍ଥା ପରିଦର୍ଶନ କରିଥିଲେ। ସୁନ୍ଦରଗଡ ଜିଲାର ନାବାର୍ଡ, ଓଡିଶା ଜୀବିକା ମିଶନ, ମିଶନ ଶକ୍ତି ଏବଂ ରୁକାଟ ଟେକ୍ନୋଲୋଜି ସହଭାଗିତାରେ ଏହି ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରିଦର୍ଶନ ସମୟରେ ନାବାର୍ଡର ଜିଲା ବିକାଶ ପରିଚାଳକ, ରୁକାଟର ପ୍ରତିଷ୍ଠାତା ଓ ସିଇଓ ତଥା ଓଡିଶା ଜୀବିକା ମିଶନ ଏବଂ ମିଶନ ଶକ୍ତିର ଅଧିକାରୀମାନେ ପରିଭ୍ରମଣ ସ୍ଥାନରେ ଉପସ୍ଥିତ ଥିଲେ। ପରିଦର୍ଶନରେ ଆସିଥିବା ଚାଷୀମାନଙ୍କ ସହିତ ସବଜି କୁଲର ଏବଂ ଟ୍ରେଡଲ ପମ୍ପର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଓଡ଼ିଶାରେ ମିଶନ ଶକ୍ତିର ଲୌହ ମହିଳା ଭାବରେ ପରିଚିତ ଜୟନ୍ତୀ ଏକ୍କା ମଧ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ସୁନ୍ଦରଗଡ ଜିଲା ପ୍ରଶାସନ, ସ୍ଥାନୀୟ ଏନଜିଓ ଏବଂ ରୁକାଟ ଟେକ୍ନୋଲୋଜି ମଧ୍ୟରେ ଏକ ଚୁକ୍ତିନାମା ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଜିଲାର ବାଲିଶଙ୍କରା, କୁଆଁରମୁଣ୍ଡା ଏବଂ ଟାଙ୍ଗରାପାଲି ବ୍ଲକର ଚାଷୀମାନଙ୍କ ଦ୍ୱାରା ୫୦ରୁ ଅଧିକ ସବଜି କୁଲର ତିଆରି କରାଯାଇଛି ଏବଂ ଆଗାମୀ ଦିନରେ ୫୦ ସବଜି କୁଲର ତିଆରି କରାଯିବ ।

# ସେଲର ଗୌରବ ଦିବସ ପାଳିତ

ରାଉରକେଲା ଅଫିସ, ୨୪।୧

ଇସ୍ପାତ ଷ୍ଟାଡ଼ିୟମ ପରିସରରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସେଲର ଗୌରବ ଦିବସ ପାଳିତ ହୋଇଛି। ଏହି ଉତ୍ସବରେ ଆରଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେଲ ପତାକା ଉତ୍ତୋଳନ କରିଥିଲେ। ସେଲର ସମସ୍ତ ପରିବାର ସଦସ୍ୟଙ୍କୁ ସେଲ ସ୍ଥାପନା ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ସିଇଓ ଶ୍ରୀଚଟ୍ଟରାଜ କହିଥିଲେ, ଦେଶର ପ୍ରଗତି ଓ ସୁରକ୍ଷା ପାଇଁ ଇସ୍ପାତ ଯୋଗାଇ ଗତ ୨୬ ବର୍ଷ ଧରି ସେଲ ପ୍ଲାଣ୍ଟଗୁଡ଼ିକ ଦେଶ ପାଇଁ ସେବା ପ୍ରଦାନ କରି ଆସୁଛି। ଏଥିସହ ସମଗ୍ର ଦେଶରେ ଅବସ୍ଥିତ ଷ୍ଟିଲ ପ୍ଲାଣ୍ଟର ପାରୁପାର୍ଶ୍ୱରେ ବିଭିନ୍ନ ପ୍ରଗତି ସହ ସାମଗ୍ରିକ ଅଭିବୃଦ୍ଧି କରାଉଛି। ଏହି ଅବସରରେ ୨୦୧୯ ମସିହା ନିମନ୍ତେ ୭୯ ଜଣ କର୍ମଚାରୀଙ୍କୁ ନେହେରୁ ବିଶିଷ୍ଟ କର୍ମଚାରୀ ପୁରସ୍କାର ପ୍ରଦାନ କରାଯାଇଛି। ସିଇଓ ଉକ୍ତ ସମ୍ମାନଜନକ ପୁରସ୍କାର ରୂପେ ବିଶିଷ୍ଟ କର୍ମଚାରୀମାନଙ୍କୁ ପ୍ରଶଂସା ପତ୍ର ଓ ଉପହାର ପ୍ରଦାନ କରିଥିଲେ। କାରଖାନାର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରାଜ ବୀର ସିଂହ, ଇଡ଼ି ୱାକର୍ସ ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ କୁମାର, ମାର୍କେଟିଙ୍ଗ ବିଭାଗର ମୁଖ୍ୟ ପ୍ରବନ୍ଧକ ସି.ଆର ମହାପାତ୍ର,ବିତ୍ତ ଓ ଲେଖା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣ ନିଗମ, ଚିକିତ୍ସା ସ୍ୱାସ୍ଥ୍ୟସେବା ମୁଖ୍ୟ ମେଡିକାଲ ଅଫିସର ଡକ୍ଟର ବି.କେ ହୋତା ଓ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଆକାଶକୁ ରଙ୍ଗୀନ ବେଲୁନ ଛାଡ଼ିବା ସହ ସମସ୍ତଙ୍କ ସ୍ୱାସ୍ଥ୍ୟ ଓ ଫିଟନେସ ଭଲ ରହିବା ପାଇଁ ଶପଥ ପାଠ କରିଥିଲେ।

# ବିସ୍ଥାପିତ, ପ୍ରଶାସନର ବୈଠକ

ସମ୍ବଲପୁର,୨୪।୧(ବ୍ୟୁରୋ)

**ସମଲେଇ ମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରସଙ୍ଗ**

ମା' ସମଲେଇ ମନ୍ଦିରକୁ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ଯୋଜନା କରାଯାଇଛି। ଏହାକୁ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଘୁନଘୁଟି ପଡାବାସୀ ସ୍ୱାଗତ କରୁଛନ୍ତି। ହେଲେ ଯେଭଳି ଭାବେ ବିସ୍ଥାପନ କରାଯାଉଛି ତାହାକୁ ବିରୋଧ କରାଯାଉଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ରବିବାର ଜିଲାପ୍ରଶାସନ ଓ ବିସ୍ଥାପିତମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ମହାନଗର କମିଶନର ଅନିରୁଦ୍ଧ ପ୍ରଧାନ, ଜୁଡିସିଆଲ୍ ମାଜିଷ୍ଟ୍ରେଟ ବିନୋଦ ବିହାରୀ ଦାଶ, ଡିଏସଆର ସୁଶାନ୍ତ ସାହୁ, ଭୂ-ଅର୍ଜନ ଅଧିକାରୀ ଆଦିତ୍ୟ ପଣ୍ଡା ଉପସ୍ଥିତ ଥିବା ବେଳେ ଘୁନଘୁଟି ପଡାର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଘୁନଘୁଟି ପଡାବାସୀ ଅଭିଯୋଗ କରିଥିଲେ ଯେ, ରଜା ଅମଳରୁ ଶହ ଶହ ବର୍ଷ ଧରି ରହି ଆସିଛୁ। ପ୍ରଥମେ ୧୨ ପରିବାରରୁ ଏବେ ପଡାରେ ପ୍ରାୟ ୨ଶହ ପରିବାର ବସବାସ କରୁଛନ୍ତି। ପ୍ରତ୍ୟେକ ଘରେ ବିଜୁଳି, ପାଣି ଭଳି ସରକାରୀ ଯୋଜନା ପହଞ୍ଚି ଯାଇଛି। ବାରମ୍ଵାର ପଟ୍ଟା ପାଇଁ ଆବେଦନ କଲେ ମଧ ବିଭିନ୍ନ ଆଳ ଦେଖାଇ ପ୍ରଦାନ କରାଯାଇ ନାହିଁ। ଏବେ ସମଲେଇ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ଆମ ପଡା ଉଚ୍ଛେଦ କରାଗଲେ କୁଆଡେ ଯିବୁ। ଦାବି ପୂରଣ ନ ହେଲେ ଆମେ ଉଚ୍ଛେଦ ହେବୁ ନାହିଁ। ଯଦି ପ୍ରଶାସନ ଚାହୁଁଛି ତା ହେଲେ ଜୋରଜବରଦସ୍ତି ବୁଲଡୋଜର ଚଢ଼େଇ ଆମକୁ ମାରି ଦିଅ ବୋଲି କ୍ଷୋଭର ସହ କହିଥିଲେ। ପଡାବାସୀ ବିଭିନ୍ନ ଦାବି କରିଥିଲେ। ତେବେ ପ୍ରଶାସନ ପକ୍ଷରୁ କୌଣସି ପ୍ରତିଶ୍ରୁତି ଦିଆଯାଇ ନ ଥିଲା । ଶେଷରେ ବୈଠକ ସ୍ଥଗିତ ହୋଇଯାଇଥିଲା ।

# ଫୁଟବଲ ଟୁର୍ନାମେଣ୍ଟ: ରଜାବସା ଚାମ୍ପିୟନ

ବଡ଼ଗାଁ, ୨୪।୧ (ଡି.ଏନ.ଏ)



ଜୟ ହିନ୍ଦ କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ମିନି ଷ୍ଟାଡିୟମଠାରେ ସ୍ଥାନୀୟ ଜୟ ହିନ୍ଦ କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ରଜାବସା ଟିମ ତୁଡାଲଗା ଟିମକୁ ୩-୧ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ ମୁଖ୍ୟଅତିଥି ଓ ଜିଲା ବିଜେଡି ସାଧାରଣ ସମ୍ପାଦକ ଅରୁଣ ଦିକ୍ଷୀତ, ବ୍ଲକ ବିଜେଡି ସଭାପତି ଦେବାଶିଷ ମିଶ୍ର, ବଡଗାଁ ନାଏବ ସରପଞ୍ଚ କେଶବ କର୍ସେଲ, ପୂର୍ବତନ ସରପଞ୍ଚ ବସନ୍ତ ଡନସନା ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ରଜାବସା ଦଳକୁ ସିଲ୍ଡ ସହିତ ୧୨ହଜାର, ରନର୍ସ ଟିମ ତୁଡାଲଗାକୁ ସିଲ୍ଡ ସହିତ ୭ ହଜାର, ତୃତୀୟ ସ୍ଥାନ ପାଇଥିବା କଣ୍ଟିଆମୁରା ଟିମକୁ ସିଲ୍ଡ ସହିତ ୪ ହଜାର ଓ ଚତୁର୍ଥ ସ୍ଥାନ ପାଇଥିବା ଲିଟିବେଡା ଟିମକୁ ସିଲ୍ଡ ସହିତ ୪ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଅଞ୍ଚଳରେ ଫୁଟବଲ ଖେଳର ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ବଡ଼ଗାଁର ଭିକାରୀ ଚରଣ ସା, ଶତ୍ରୁଘ୍ନ ନାଏକ, କଣ୍ଟିଆମୁରା ଗ୍ରାମର ଇନ୍ଦ୍ରମଣୀ କିଷାନ, ବିର୍ସୁ ଗ୍ରାମର ଚିତ୍ତରଞ୍ଜନ ବାଡାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଟପ୍ପୋ ଷ୍ଟାଡିୟମରେ ବିଦ୍ୟୁତକରଣ, ରେଫରିଙ୍କ ପାଇଁ ଗୃହ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ରମେଶ ମାଝୀ, ମଞ୍ଜିତ କୁଜୁର ଓ ଦିଲୀପ କର୍ସେଲ ଖେଳ ପରିଚାଳନା କରିଥିଲେ। ରଞ୍ଜିତ ମଇଲ, ଅମିତ ମାଝୀ, କରନ ହାସ୍‌ଦା, ଦୀପକ ବାଗେ, ସୁମନ୍ତ ସା, ସାଗର ସାମାଟ, ବିଜୟ ଖଡିଆ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ । ଟୁର୍ନାମେଣ୍ଟ ପରିଚାଳନାରେ ଉତ୍ତମ କାର୍ଯ୍ୟ ପାଇଁ ଦିନେଶ ଟପ୍ପୋ, ଅଜୟ ମାଝିଙ୍କୁ ପୁରସ୍କୃତ କରାଯାଇଥିଲା।

**ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କ ପରଲୋକ**

ସୁନ୍ଦରଗଡ଼ (ଡି.ଏନ୍.ଏ): ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା ସୁନ୍ଦରଗଡର ଜଣାଶୁଣା ବରିଷ୍ଠ ନାଗରିକ ରାମଚନ୍ଦ୍ର ବୈକାରଙ୍କ ରବିବାର ଅପରାହ୍ଣରେ ସମ୍ବଲପୁରସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ପୋଲିସ ବିଭାଗରେ ଅତିରିକ୍ତ ଜିଲା ପୋଲିସ ଅଧୀକ୍ଷକ ଭାବେ କାର୍ଯ୍ୟ କରିସେ ଅବସର ନେଇଥିଲେ । ଅବସର ପରେ ସେ ସୁନ୍ଦରଗଡର ବିଭିନ୍ନ ସାମାଜିକ ସଙ୍ଗଠନ ଓ ନାଗରିକ କମିଟି ମାଧ୍ୟମରେ ବିଭିନ୍ନ ସେବାମୂଳକ କାର୍ଯ୍ୟକରି ସବୁରି ମହଲରେ ପରିଚିତ ଥିଲେ। ତାଙ୍କ ଅନ୍ତିମ ସମୟରେ ତାଙ୍କ ଜ୍ୟୋଷ୍ଠ ପୁତ୍ର ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିମଳେନ୍ଦୁ ରାୟ ଓ ପରିବାରବର୍ଗ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନେତାଜୀ, ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

ଦେବଗଡ଼,୨୪।୧ (ଡ଼ି.ଏନ୍.ଏ.): ଦେବଗଡ଼ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ସଂସ୍କୃତି ଭବନଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗତ ୧୨ ତାରିଖ ଯୁବ ମହୋତ୍ସବରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶରତ ଚନ୍ଦ୍ର ସେଠ୍ ମୁଖ୍ୟଅତିଥି, ଶୁଭ୍ରାଂଶୁ ଶେଖର ଗୁରୁ ମୁଖ୍ୟବକ୍ତା, ବିହାରୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚେତନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲା ସଂଯୋଜକ ଦିନେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ପ୍ରମୁଖ କୋଷିସ୍ ପ୍ରଧାନ, ଜିଲା ସହ ସଂଯୋଜକ କୀର୍ତ୍ତି ଚନ୍ଦ୍ର ଦେହୁରୀ, ନଗର ସମ୍ପାଦିକା ସାଇଶ୍ୱେତା ଜ୍ୟୋତିଷ ସହଯୋଗ କରିଥିଲେ।

### ଶ୍ରୀରାମ କଲୋନୀ ନାମକରଣ ଉତ୍ସବ

ସମ୍ବଲପୁର, ୨୪।୧ (ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବରେଇପାଲି ଗ୍ୟାସ ଗୋଦାମଠାରୁ କ୍ଷେତରାଜପୁର ପୌଦାର କଲୋନୀ ୬ ନମ୍ବର ଗଳି ପର୍ଯ୍ୟନ୍ତ ଅଞ୍ଚଳକୁ ଶ୍ରୀରାମ କଲୋନୀ ଭାବେ ନାମକରଣ କରାଯାଇଛି। ଶନିବାର ଆୟୋଜିତ ନାମକରଣ ଉତ୍ସବରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନାମ ଫଳକ ଉନ୍ମୋଚନ କରିଥିଲେ । ସୁରେନ୍ଦ୍ର ସିଂ, ରବୀନ୍ଦ୍ର ସିଂ, ବିଜେଡି ମହାନଗର ନିଗମ ସଭାପତି ପ୍ରଫୁଲ୍ଲ ଦାଶ, ସୁରେଖା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ ।

### ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜା

ଲହୁଣୀପଡା, ୨୪।୧ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ବଡପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ଜୁନିଆନି ଗ୍ରାମରେ ଶାମ୍ଭ ଦଶମୀ ତିଥିରେ ଷୋଡବଂଶୀ କ୍ଷତ୍ରିୟ ଗୋଣ୍ଡ ସାଂସ୍କୃତିକ ସମାଜ ପକ୍ଷରୁ ପ୍ରଭୁ ଜଙ୍ଘା ବଡଦେଓଙ୍କର ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶତାଧିକ ମହିଳାଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜକ ରତ୍ନାକର ନାଏକ, ସହ ପୂଜକ ଅଜିତ କୁମାର ମାଝୀ, ବାସୁଦେବ ନାଏକଙ୍କ ଦ୍ୱାରା ପାରମ୍ପାରିକ ରୀତିନୀତି ଅନୁଯାୟୀ ଷୋଡଶ ଉପଚାରରେ ପ୍ରଭୁ ଜଙ୍ଘା ବଡଦେଓଙ୍କର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ପ୍ରଭୁଙ୍କ ପୂଜାର୍ଚ୍ଚନାର ପୂର୍ଣ୍ଣାହୁତି ପରେ ସନ୍ଧ୍ୟାରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ସମାଜସେବୀ ଶାନ୍ତନୁ କୁସୁମ ଯୋଗଦେଇଥିଲେ । ସଭା କାର୍ଯ୍ୟର ପରିସମାପ୍ତି ପରେ କୁନି କୁନି ଝିଅମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରଭୁଙ୍କର ଏହି ବାର୍ଷିକ ପୂଜା ଉତ୍ସବରେ ଜୁନିଆନି ସମେତ ବରଘାଟ, ସମରଦରି, ଗୁଡିଆଲି ଓ ରାଜାମୁଣ୍ଡା ଆଦି ପାଞ୍ଚୋଟି ଗ୍ରାମର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ତ୍ରିଲୋଚନ ମାଝୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରୁଣୁବାଲା ନାଏକ, ଡିଲେଶ୍ୱର ନାଏକ, ସମ୍ପଦ ନାଏକ, ବାଣେଶ୍ୱର କାଲୋ, ଘାଷିଆ ନାଏକ, ମୁକେଶ ମାଝୀ, ରଞ୍ଜିତା ଦଲେଇ, ବୀଣାପାଣି ମାଝୀ, ରଞ୍ଜିତା କାଲୋ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରି ସହାୟତା କରିଥିଲେ।

### କ୍ରିକେଟ: ଗାଇସିଲେଟ ଚାମ୍ପିୟନ

ପଦ୍ମପୁର, ୨୪।୧ (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡ ବରିହା ପୁଖାପାଣିରେ ସତ୍ୟସେବା ଯୁବକ ସଂଘ ତରଫରୁ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମି ଫାଇନାଲ ଗାଇସିଲେଟ ଓ ଡାଙ୍ଗବାହାଲ, ଦ୍ୱିତୀୟ ସେମି ଫାଇନାଲ ବରିହା ପୁଖାପାଣି ଓ ତାଲପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ଗାଇସିଲେଟ ବନାମ ତାଲପାଲି ମଧ୍ୟରେ ହୋଇ ଗାଇସିଲେଟ ଦଳ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟକୁ ଗତିକୃଷ୍ଣ ମେହେର ଉଦ୍ଘାଟନ କରିଥିଲେ। ରିପୁ ସେଠ ମୁଖ୍ୟଅତିଥି, କନ୍ଦାଗାଡ ସରପଞ୍ଚ ପ୍ରମୋଦ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସତ୍ୟସେବା ସଂଘର ଦ୍ୱିତୀକୃଷ୍ଣ ମେହେର, ବେଦବ୍ୟାସ ସାହୁ, ଦିଲୀପ ସାହୁ, ଅଜିତ ବରର୍ଗ ପ୍ରମୁଖ ସହଯୋଗ କରିଥିଲେ।

# ନାରୀ ସଶକ୍ତୀକରଣକୁ ଗୁରୁତ୍ୱ

ଲଖନପୁର,୨୪।୧(ଡି.ଏନ୍,ଏ)



ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ଶୋଭାଯାତ୍ରା ।

ଝାରସୁଗୁଡା ଜିଲା ପ୍ରଶାସନ ତରଫରୁ ରବିବାର ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବେହେରାମାଲ ଛକରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ପରେ ଏ ନେଇ ଡିଏମ୍ଏଫ୍ ଅଡିଟୋରିୟମରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି, ଜିଲା ଆଇନ୍ ପ୍ରାଧିକରଣ ସଂସ୍ଥା ସଚିବ ଜାନକୀ ବିଶ୍ୱାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲାଲ ମୋହନ ରାଉତରାୟ, ଜିଲା ଶିକ୍ଷାଧିକାରିଣୀ କଳ୍ପନା ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁପ୍ରଭା ସେଠ୍, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଆନନ୍ଦିନୀ ପାଢୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିଶୁ ବିକାଶ ସମିତି ସଦସ୍ୟା ମମତା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରମେଶ ମିଶ୍ର, ବୃନ୍ଦାବତୀ ପଣ୍ଡା, ଆଶିଷ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଜିଲାପାଳ ସାମଲ ତାଙ୍କ ବକ୍ତବ୍ୟରେ ନାରୀ ସଶକ୍ତୀକରଣ ପାଇଁ ମାନସିକତାର ପରିବର୍ତ୍ତନ ସହ ସାମାଜିକ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟଅତିଥି ଓ ଅନ୍ୟତମ ଅତିଥିମାନେ

**ଜିଲା ସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ**

ସୂଚନା ଓ ସହାୟକ ପୁସ୍ତିକା ଉନ୍ମୋଚନ କରିଥିଲେ। ଏହି ଅବସରରେ ମହିଳା ଶିଶୁ ବିକାଶ, ମିଶନଶକ୍ତି ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ମହିଳା ଓ ଶିଶୁ ବିକାଶରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁପ୍ରଭା ସେଠ୍, ଜିଲା ଚାଇଲ୍ଡ ଲାଇନ୍ ସଂସ୍ଥା, ଜିଲାର ପ୍ରତି ବ୍ଲକ ଓ ପୌରାଞ୍ଚଳରୁ ୭ଜଣ ଲେଖାଏ ସୁପରଭାଇଜର, ଏଏନ୍ଏମ୍, ଶିକ୍ଷୟିତ୍ରୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିକାଶ ଷ୍ଟ୍ରାଇକର, ୱାକିଙ୍ଗ ଚକୁଳି ଫାର୍ମ ବିଜୟୀ

ସରଣ୍ଡା,୨୪।୧( ଡି.ଏନ.ଏ )

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଡୁମ୍ବେରମୁଣ୍ଡା ଖେଳ ପଡ଼ିଆରେ ରବିବାର ଚକୁଳି ଫାର୍ମ କ୍ରିକେଟ ଲିଗ୍ ଉଦ୍ଘାଟିତ ହୋଇଯାଇଛି। ରବିବାର ଉଦଘାଟନୀ ମ୍ୟାଚ୍‌ରେ ବିକାଶ ଷ୍ଟ୍ରାଇକର ଓ ୱାକିଙ୍ଗ ଚକୁଳି ଫାର୍ମ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ବିକାଶ ଷ୍ଟ୍ରାଇକର ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୦୮ ରନ୍ କରିଥିଲା। ପ୍ରତିପକ୍ଷ ଚକୁଳି ଫାର୍ମ ଚ୍ୟାଲେଞ୍ଜର ଦଳ ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୮ରନ୍ କରି ପରାଜିତ ହୋଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ୱାକିଙ୍ଗ ଚକୁଳି ଫାର୍ମ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୧୮ରନ କରିଥିଲା। ଜବାବରେ ପ୍ରତିପକ୍ଷ ଜ୍ୟୋତି ସିକ୍ସର ଦଳ ୯ଉଇକେଟ ବିନିମୟରେ ୧୧୫ରନ କରି ପରାଜିତ ହୋଇଥିଲା। ୱାକିଙ୍ଗ ଚକୁଳି ଫାର୍ମର

**ଚକୁଳି ଫାର୍ମ କ୍ରିକେଟ ଲିଗ୍ ଉଦ୍ଘାଟିତ**

ବୋଲର ଅରବିନ୍ଦ ଭୁଏ ୩ଓଭରରେ ୧୪ରନ ଦେଇ ୪ଟି ଉଇକେଟ ନେବା ସହ ବ୍ୟାଟିଙ୍ଗରେ ୧୮ରନ କରି ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ପ୍ରଥମ ମ୍ୟାଚ୍‌ର କିଶାନ ଭୁଏଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଚୂଡ଼ାମଣି ଭୁଏ ଓ ଆର୍ତ୍ତ ନାଗ ମ୍ୟାଚ୍ ଗୁଡିକୁ ପରିଚାଳନା କରିଥିଲେ। ଉଦ୍ଘାଟନୀ ଉତ୍ସବରେ ଲରାସରା ସରପଞ୍ଚ ରଣଜିତ ସାହୁ ଓ ଗୋଡ଼ଭଗା ସରପଞ୍ଚ କମଳାକାନ୍ତ ଛନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜାବ୍ ବରଗଡ଼ ଜିଲା ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଆୟୋଜକ ସଭାପତି ରାଜେନ୍ଦ୍ର ମେହେର, ପ୍ରଯୋଜକ ଏସ. ଦୁର୍ଗା ରେଢ୍ଡୀ ମଞ୍ଚାସୀନ ଥିଲେ। ତନ୍ମୟ ବାରିକ ଦାୟିତ୍ୱ ଅନ୍‌ଲାଇନ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ମାନବିକତାର ପରିଚୟ ଦେବାକୁ ପରାମର୍ଶ

ଦେବଗଡ଼,୨୪।୧(ଡ଼ି.ଏନ୍.ଏ.)

ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଦେବଗଡ଼ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ସଡକ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ସଡକ ସୁରକ୍ଷା ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନାରାୟଣ ସିଂ, ଚିନ୍ମୟ ବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା, ସହକାରୀ ପରିବହନ ଅଧିକାରୀ ଗୋଲାପ ଚନ୍ଦ୍ର ହାଁସଦା ଏବଂ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଂ ନିଜ ବକ୍ତବ୍ୟରେ ମାନବିକତାର ପରିଚୟ ଦେଇ ସଡକ


କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଉଛି ।

**ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ**

ଦୁର୍ଘଟଣାରେ ଆହତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ୱାଲ ପେଣ୍ଟିଂ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସୁଜିତ କୁମାର ସାହୁ ପ୍ରଥମ, ରାକେଶ କୁମାର ନାଏକ ଦ୍ୱିତୀୟ ଏବଂ ଯୁଗୋଳ କିଶୋର ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ପରିବହନ ଅଧିକାରୀ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

### ରାମ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ

ଲାଠୋର, ୨୪।୧(ଡି.ଏନ.ଏ.)

ଅଯୋଧ୍ୟାରେ ହେବାକୁ ଥିବା ଭବ୍ୟ ରାମ ମନ୍ଦିର ନିର୍ମାଣ ସକାଶେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ନିଧି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ରବିବାର ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କ ନେତୃତ୍ୱରେ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ କରାଯାଇଥିଲା । ବୈଠକରେ ବ୍ୟବସାୟୀ ସୁବାସ ଅଗ୍ରୱାଲ, ଶଙ୍କରଲାଲ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ, ଶିବ ପ୍ରସାଦ ବାରିକ, ସୁମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁକନ୍ୟା ଦିବସରେ ରାଲି

ଦେବଗଡ଼,୨୪।୧(ଡ଼ି.ଏନ୍.ଏ.)

ଦେବଗଡ଼ ଚାଇଲ୍ଡ ଲାଇନ୍ ଆନୁକୂଲ୍ୟରେ ସୁନାମୁଣ୍ଡାଠାରେ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୭୦ରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ନେଇ 'ବେଟି ବଚାଓ ବେଟି ପଢ଼ାଓ' ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା ସୁନାମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉପସ୍ଥିତ ରହି ଶିଶୁ କନ୍ୟାଙ୍କ ଅଧିକାର ଏବଂ ସୁରକ୍ଷା ଉପରେ ଆଲୋଚନା କରିଥିଲେ । ଚାଇଲ୍ଡ ଲାଇନ୍ ସଂଯୋଜକ ରମାକାନ୍ତ ସାହୁ ବାଲ୍ୟ ବିବାହ ଭଳି କୁସଂସ୍କାର ଗ୍ରାମରୁ ଦୂର କରିବା ପାଇଁ ସାମୂହିକ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଚାଇଲ୍ଡ ଲାଇନ୍‌ର ସଦସ୍ୟ ଉପେନ୍ଦ୍ର ଭଞ୍ଜ, ସୁବିଲ କୁମାର ପ୍ରଧାନ, ସୁଚେନ୍ଦ୍ର ମାଝୀ, ପ୍ରିୟଙ୍କା ଭଞ୍ଜ, ଅଙ୍ଗନୱାଡ଼ି କର୍ମୀ ସାବିତ୍ରୀ ପ୍ରଧାନ, ଯଶୋଦା ପ୍ରଧାନ, ସୁନୀତି ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।



ରବିବାର ଦେବଗଡ଼ ଚାଇଲ୍ଡ ଲାଇନ୍ ଆନୁକୂଲ୍ୟରେ ଅନୁଷ୍ଠିତ ଶିଶୁକନ୍ୟା ଦିବସରେ ଏକ ଶୋଭାଯାତ୍ରା ସୁନାମୁଣ୍ଡା ପରିକ୍ରମା କରୁଛି ।

# ଜିଏସ୍‌ଟି ବୃଦ୍ଧିକୁ କର୍ମଚାରୀ ସଂଘର ନିନ୍ଦା


ସମ୍ବଲପୁର କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ ।

ସମ୍ବଲପୁର,୨୪।୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଦଲେଇପଡା କଲ୍ୟାଣ ମଣ୍ଡପରେ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘ ସଭାପତି ବିଜୟ ମହାନ୍ତ ଅଧ୍ୟକ୍ଷତା କରିଥିଲେ । ବୈଠକରେ କେନ୍ଦ୍ର ସରକାର କେନ୍ଦୁପତ୍ର ଓ ବିଡି ଉପରେ ଲଗାଇଥିବା ଜିଏସଟିକୁ ନିନ୍ଦା କରାଯାଇଥିଲା। ନିର୍ବାଚନୀ ଇସ୍ତାହାରରେ ଜିଏସଟି ହ୍ରାସ କରାଯିବାକୁ ନେଇ କେନ୍ଦ୍ର ସରକାର ଘୋଷଣା କରିଥିଲେ। ହେଲେ ହ୍ରାସ କରାଗଲା ନାହିଁ । ତେଣୁ ବିଡି କମ୍ପାନୀଗୁଡିକ ବନ୍ଦ ହୋଇ ଯାଇଛି । ସିଧାସଳଖ ଏହାର ପ୍ରଭାବ ବିଡି କାରିଗର ଓ ଏଥିରେ କାମ କରି ରୋଜଗାର ପାଉଥିବା ଶ୍ରମିକମାନଙ୍କ ଉପରେ ପଡିଛି । ଗତବର୍ଷ ରାଜ୍ୟରେ ୨ ଲକ୍ଷ ୫୦ ହଜାର କୁଇଣ୍ଟାଲ ପତ୍ର ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଥିଲା। ହେଲେ ୧ ଲକ୍ଷ ୫୭ ହଜାର କୁଇଣ୍ଟାଲ ସଂଗ୍ରହ କରାଯାଇଥିଲା । ପତ୍ରର ବିକ୍ରି ମୂଲ୍ୟ ସାମାନ୍ୟ ବୃଦ୍ଧି କରାଯାଇଛି । ହେଲେ ଜିଏସଟି ଯୋଗୁ ଲାଭ ମିଳିପାରି ନାହିଁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୨ କୋଟି ଟଙ୍କାର ବୋନସ ଦେବା ଓ ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରିଛନ୍ତି । ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । ସେହିପରି କମିଶନକୁ ହ୍ରାସ କରି ୫ରୁ ୬ ପ୍ରତିଶତ କରାଯାଉ। ମନ୍ତ୍ରୀସ୍ତରୀୟ ବୈଠକରେ ସିଜିନାଲ କର୍ମଚାରୀ ମଜୁରି ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ତାହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷର ଦାବି କରାଯାଇଛି । ମାର୍ଚ୍ଚ ସୁଦ୍ଧା ବିଭିନ୍ନ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସାଧାରଣ ସଂପାଦକ ଯୋଗେନ୍ଦ୍ର ତ୍ରିପାଠୀ, ଉପସଭାପତି କିଶୋର ପରିଚ୍ଛା, ଗୋକୁଳ ମେହେର, କୋଷାଧ୍ୟକ୍ଷ ଦୀନବନ୍ଧୁ ବେହେରା, ସମ୍ପାଦକ ସଞ୍ଜୀତ ମହାନ୍ତି, ଅନାଦି ସାହୁ, ମହମ୍ମଦ ମୁର୍ତ୍ତୁଯା, କୋକିଲ ସାହୁ, ଡିଭିଜନ ସଂପାଦକ ଯଦୁମଣି ପାଣିଗ୍ରାହୀ, କ୍ଷେତ୍ରମୋହନ ବାରିକ, କୀର୍ତ୍ତନ ସେନାପତି, କିଶୋର ପ୍ରଧାନ, ରାନ୍ତାକର ପ୍ରଧାନ, ଶଙ୍କର ପରିଡା, ଉଦିତ ତ୍ରିପାଠୀ, ପରକ୍ଷୀତ ବେହେରାଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୨୦୦ ଜଣ ସଦସ୍ୟ ଉପସ୍ଥିତ ରହିଥିଲେ ।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ରିଆମାଳ,୨୪।୧(ଡି.ଏନ୍.ଏ.)

ଶନିବାର ଦେବଗଡ ଜିଲା ରିଆମାଳ ବ୍ଲକ କଣ୍ଟାବାହାଲ ରାଜୀବଗାନ୍ଧୀ ଭବନଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କ୍ଲବ ଏବଂ ରାଜ୍ୟ ସାମ୍ବାଦିକ ସଂଘ ଦେବଗଡ ଶାଖା ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ରକ୍ତଦାନ ଶିବିରରେ ବିଡିଓ ଡାକ୍ତର ଅମିତ୍ କୁମାର ମହାପାତ୍ର, ପିଆରଓ ମଳୟ କୁମାର ବେହେରା, ଏଲ୍‌ଟି ମିନାକ୍ଷୀ ପ୍ରଧାନ, ଗୋପାଳକୃଷ୍ଣ ସାହୁ, ଜ୍ୟୋତ୍ସ୍ନା ଆଚାର୍ଯ୍ୟ, ମନୋରଞ୍ଜନ ଧଳ, କ୍ଷୀତିଶ ଚନ୍ଦ୍ର ପ୍ରଧାନ, ଧିରେନ ସାହୁ ରକ୍ତ ସଂଗ୍ରହରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ନେତାଜୀ କ୍ଲବ ସଭାପତି ସୁଜିତ୍ କୁମାର ସାହୁ, ସମ୍ପାଦକ ଟୁକୁନା ସାହୁ ଏହି ଶିବିରକୁ ପରିଚାଳନା କରିଥିଲେ। ବିଶ୍ୱନାଥ ବେହେରା, ରାଜେନ୍ଦ୍ର କୁମାର ସାହୁ, ଗ୍ରାମ୍ୟ ସଭାପତି ଶରତ କୁମାର ପ୍ରଧାନ, ସମ୍ପାଦକ ଇନ୍ଦ୍ରମଣି ପ୍ରଧାନ, ମଦନ ନାୟକ, ଅନିଲ କୁମାର ନାୟକ, ରାକେଶ କୁମାର ପ୍ରଧାନ, କାହ୍ନା କୁମାର, ପ୍ରକାଶ ନାୟକ, କରୁଣାବେହେରା, ରୌପ୍ୟ ନାରାୟଣ ଗଡନାୟକ, ଯୋଗେଶ୍ୱର ସାହୁ, କନ୍ଦର୍ପ ସାହୁ, ଭକ୍ତବନ୍ଧୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଜୟ ସାହୁ ସହଯୋଗ କରିଥିଲେ । ରାଜ୍ୟ ସାମ୍ବାଦିକ ସଂଘର ସରୋଜ ଶତପଥି, ସୁଶୀଲ ଦାଶ, ନିରନ ବେହେରା, ସମୀର ସାହୁ, ରାକେଶ ଦାଶ, ଅମୂଲ୍ୟ ସାହୁ , କାହ୍ନା ବେହେରା, ମାନସ କୁମାର ଜେନା, ନିଲେଶ ନାୟକ ତଥା ବରିଷ୍ଠ ସାମ୍ବାଦିକ ନବକିଶୋର ମହାପାତ୍ର ଓ କ୍ଲବ୍‌ର ସଭ୍ୟଙ୍କ ଉଦ୍ୟମରେ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।


ଶିବିରରେ କ୍ଲବ ସଦସ୍ୟମାନଙ୍କ ସହ ରକ୍ତଦାତା ।

### ରାଜଗାଙ୍ଗପୁର ଶ୍ରଦ୍ଧାନିଧି ସମର୍ପଣ ସମିତିର ସଭା

ରାଜଗାଙ୍ଗପୁର, ୨୪।୧ (ଡି.ଏନ.ଏ)

ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣାର୍ଥେ ବିଶ୍ୱ ହିନ୍ଦୁ ପରିଷଦର ଶ୍ରଦ୍ଧାନିଧି ସମର୍ପଣ ସମିତି ରାଜଗାଙ୍ଗପୁର ଦ୍ୱାରା ବଗିଚାପଡାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଏହି ସଭାକାର୍ଯ୍ୟରେ ମୁଖ୍ୟଅତିଥି ଭାବେ ରମେଶ ମେହେତା ଓ ଅନ୍ୟତମ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ଓଡିଶା ସଂଯୋଜକ ଡ. ଅଚ୍ୟୁତାନନ୍ଦ କର, ପଶ୍ଚିମ ଓଡିଶା ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ପୂର୍ବତନ ପ୍ରଧାପକ ଡ. ସନାତନ ପ୍ରଧାନ ପ୍ରଭୃତି ଯୋଗଦେଇ ଦୀପ ପ୍ରଜ୍ଜଳନ କରି ସଭାକାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ। ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ରାମ ମନ୍ଦିର ନିର୍ମାଣାର୍ଥେ ଏ ଅଞ୍ଚଳର ପ୍ରତ୍ୟେକ ରାମଭକ୍ତଙ୍କଠାରୁ ଶ୍ରଦ୍ଧାନିଧି ଗ୍ରହଣର ଶୁଭାରମ୍ଭ ହୋଇଛି। ସୂଚନା ଅନୁଯାୟୀ, ୧୦ ଟଙ୍କା, ୧୦୦ ଟଙ୍କା ଓ ୧୦୦୦ ଟଙ୍କାର କୁପନମାନ ରହିଅଛି । ଏହା ସହିତ ଚେକ ଓ ଅନଲାଇନ ପୈଠ କରିବାର ବ୍ୟବସ୍ଥା ମଧ୍ୟ ରହିଅଛି । ଏହି ସଭାକାର୍ଯ୍ୟକୁ ସନ୍ତୋଷ କର ସଂଚାଳନ କରିଥିଲେ ଓ ୧୯୮୯ ମସିହାରେ ଅଯୋଧ୍ୟାକୁ କରସେବାରେ ଯାଇଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । ରାଜଗାଙ୍ଗପୁର ପୂର୍ବତନ ପୌର ଅଧ୍ୟକ୍ଷା ଶଶିରେଖା ସାମଲ, ଭାଜପା ସହର ସଭାପତି ଶଙ୍କର ସିଂ ଉପସ୍ଥିତ ରହିଥିଲେ ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଦେବଗଡ଼ ଜିଲା କଳା ଭଲିବଲ ଆସୋସିଏଶନ ପକ୍ଷରୁ ଉଦ୍‌ଘାଟନୀ ମ୍ୟାଚ୍‌ର ଏକ ଦୃଶ୍ୟ ।

ଦେବଗଡ଼,୨୪।୧(ଡ଼ି.ଏନ୍.ଏ.)

ଦେବଗଡ଼ ଜିଲା କଳା ଭଲିବଲ ଆସୋସିଏଶନ ପକ୍ଷରୁ ସର୍ବଭାରତୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବାରକୋଟ ବ୍ଲକ ଚେୟାରମ୍ୟାନ ସୁବାସିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳା ସରପଞ୍ଚ ସସ୍ମିତା ବେହେରା,

**ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲ ବିଜୟୀ**

ଜିଲା କ୍ରୀଡ଼ାଧିକାରୀ ଶଙ୍କର ପ୍ରସାଦ ଅଧିକାରୀ, ଜିଲା କ୍ରୀଡ଼ା ସାଧାରଣ ସମ୍ପାଦକ ଧିରେନ୍ଦ୍ର ନାଏକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ଚେୟାରମ୍ୟାନ ସତ୍ୟନାରାୟଣ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ବାଲେଶ୍ୱର ସ୍ପୋର୍ଟସ୍ ହଷ୍ଟେଲ, ଭୁବନେଶ୍ୱର ସ୍ପୋର୍ଟସ୍ ହଷ୍ଟେଲ, ଝାଡ଼ଖଣ୍ଡ ପୋଲିସ ଓ ତ୍ରିବେଣୀ ମାଇନ୍ସ ଯୋଗ ଦେଇଛନ୍ତି। ରବିବାର ମ୍ୟାଚ୍‌ରେ ବାଲେଶ୍ୱର ସ୍ପୋର୍ଟସ୍ ହଷ୍ଟେଲ ୨-୧ ସେଟ୍‌ରେ ଭୁବନେଶ୍ୱର ସ୍ପୋର୍ଟସ୍ ହଷ୍ଟେଲକୁ ପରାସ୍ତ କରିଛି। ଅରୁଣ କୁମାର ସାହୁ ମୁଖ୍ୟ ସଙ୍ଗଠକ ଦାୟିତ୍ୱ ତୁଲାଇଥିବା ବେଳେ ଭଲିବଲ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# କୃଷି ଆଇନର ଅବିକଳ ଅନୁବାଦ



## ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ବିଲ୍, ୨୦୨୦

**କେନ୍ଦ୍ର ସରକାର ଆଣିଥିବା ୩ କୃଷି ବିଲ୍ ୨୦୨୦ ସେପ୍ଟେମ୍ବର ୧୭ରେ ଲୋକ ସଭାରେ ଓ ୨୦ ତାରିଖରେ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ସେହି ମାସ ୨୭ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ ଏହା କୃଷି ଆଇନରେ ପରିଣତ ହୋଇଥିଲା। ଏହାର ପ୍ରତ୍ୟାହାର ଦାବିରେ ଅଦ୍ୟାବଧି ଦେଶବ୍ୟାପୀ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ବିରୋଧ ଜାରି ରହିଛି। ତେବେ ଉକ୍ତ ୩ ଆଇନର ଅବିକଳ ଓଡ଼ିଆ ଅନୁବାଦକୁ ଏଠାରେ ଉପସ୍ଥାପନ କରାଯାଉଛି। ଏଥିରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇ ନାହିଁ।**

ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ୧୯୫୫ର ଅଧିକ ସଂଶୋଧନ କରିବା ପାଇଁ ବିଧେୟକ।

ଭାରତ ସାଧାରଣତନ୍ତ୍ରର ଏକସ୍ତରିତମ ବର୍ଷରେ ସଂସଦ ଦ୍ୱାରା ନିମ୍ନଲିଖିତ ରୂପରେ ଏହା ପ୍ରଣୀତ ହେଉ:-

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ

**୧.**(୧)- ଏହି ଅଧିନିୟମର ସଂକ୍ଷିପ୍ତ ନାମ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଅଧିନିୟମ, ୨୦୨୦।

(୨) ୫ ଜୁନ୍ ୨୦୨୦ରେ ଏହା ଲାଗୁ ହେବ ବୋଲି ବୁଝାଯିବ।

ଧାରା ୩ର ସଂଶୋଧନ

**୨.** ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ,୧୯୫୫ର ଧାରା ୩ରେ ଉପଧାରା (୧) ପରେ ନିମ୍ନଲିଖିତ ଉପଧାରା ଅନ୍ତଃସ୍ଥାପିତ କରାଯିବ, ଅର୍ଥାତ୍:-

୧(କ) ଉପଧାରା (୧)ରେ ଥିବା ଅନ୍ୟ ବିଷୟ ଥିବା ସତ୍ତ୍ୱେ:-

(କ) ଏପରି ଖାଦ୍ୟ ସାମଗ୍ରୀର ଯୋଗାଣ, ଯାହା ଅନ୍ତର୍ଗତ ଶସ୍ୟ, ଡାଲି, ଆଳୁ, ପିଆଜ, ତୈଳବୀଜ ଓ ଖାଇବା ତେଲ ରହିଛି, ଯାହା କେନ୍ଦ୍ର ସରକାର ରାଜପତ୍ରରେ ଅଧିସୂଚନା ଦ୍ୱାରା ନିର୍ଦ୍ଦିଷ୍ଟ କରନ୍ତି, କେବଳ ଅସ୍ୱାଭାବିକ ପରିସ୍ଥିତିରେ ଯେପରି ଯୁଦ୍ଧ, ମରୁଡ଼ି, ଅସାଧାରଣ ଦର ବୃଦ୍ଧି ଏବଂ ଗମ୍ଭୀର ପ୍ରାକୃତିକ ବିପର୍ଯ୍ୟୟ ବେଳେ ହିଁ ନିୟନ୍ତ୍ରଣ କରାଯିବ।

(ଖ) ମହଜୁଦ ସୀମା ଲାଗୁ ମୂଲ୍ୟ ବୃଦ୍ଧି ଉପରେ ଆଧାରିତ ହେବ ଏବଂ କୌଣସି କୃଷିଜାତ ଉତ୍ପାଦର ମହଜୁଦ ସୀମା ଏହି ଆଇନ ଅଧୀନରେ ନିୟନ୍ତ୍ରଣ ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ, ଯଦି କେବଳ-

(କ)ଉଦ୍ୟାନ କୃଷି ଉତ୍ପାଦର ଖୁଚୁରା ମୂଲ୍ୟରେ ଶତ ପ୍ରତିଶତ ବୃଦ୍ଧି ; କିମ୍ବା

(ଖ) ଅଣଦହନଶୀଳ କୃଷି ଖାଦ୍ୟ ସାମଗ୍ରୀର ଖୁଚୁରା ମୂଲ୍ୟରେ ୫୦ ପ୍ରତିଶତ ବୃଦ୍ଧି ହେଲେ,

ପୂର୍ବବର୍ତ୍ତୀ ତୁରନ୍ତ ୧୨ ମାସ ଅବଧିରେ ପ୍ରଚଳିତ ମୂଲ୍ୟ ଉପରେ କିମ୍ବା ବିଗତ ୫ ବର୍ଷର ହାରାହାରି ଖୁଚୁରା ମୂଲ୍ୟ ଉପରେ, ଏହା ମଧ୍ୟରୁ ଯେଉଁଟା କମ୍ ହୋଇଥାଏ:

କିନ୍ତୁ ଏହି ମହଜୁଦ ସୀମାକୁ ନିୟନ୍ତ୍ରଣ କରୁଥିବା ଏପରି ଆଦେଶ କୌଣସି କୃଷି ଉତ୍ପାଦର ପ୍ରସ୍ତୁତକାରୀ ବା ମୂଲ୍ୟ ଶୃଙ୍ଖଳା ସହଭାଗୀଙ୍କ କ୍ଷେତ୍ରରେ ଲାଗୁ ହେବନାହିଁ, ଯଦି ଏଭଳି ବ୍ୟକ୍ତିଙ୍କ ମହଜୁଦ ସୀମା ପ୍ରକ୍ରିୟାକରଣର ପ୍ରତିଷ୍ଠାପିତ କ୍ଷମତା ଉପର ସୀମା ଅଥବା କୌଣସି ରପ୍ତାନିକାରୀଙ୍କ ରପ୍ତାନି ସୀମାଠାରୁ ଅଧିକ ନ ହୁଏ କିମ୍ବା ଜଣେ ରପ୍ତାନିକାରୀଙ୍କ ରପ୍ତାନି ଚାହିଦାରୁ ଅଧିକ ନ ହୁଏ କିନ୍ତୁ ଆହୁରି ଏହି ଉପଧାରାରେ ଥିବା କୌଣସି ବିଷୟ, ସରକାରଙ୍କ ଦ୍ୱାରା ପ୍ରଣୀତ ଉକ୍ତ ଆଇନ ବା ତତ୍‌ସମୟରେ ଲାଗୁ କରାଯାଇଥିବା ଅନ୍ୟ କୌଣସି ବିଧି ଅଧୀନରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଥବା ନିର୍ଦ୍ଦିଷ୍ଟ ସାଧାରଣ ବଣ୍ଟନ ବ୍ୟବସ୍ଥା ସହ ସମ୍ପର୍କିତ କୌଣସି ଆଦେଶ ଲାଗୁ ହେବ ନାହିଁ।

**ସ୍ପଷ୍ଟୀକରଣ-** କୌଣସି କୃଷି ଉତ୍ପାଦ କ୍ଷେତ୍ରରେ 'ମୂଲ୍ୟ ଶୃଙ୍ଖଳା ସହଭାଗୀ'ର ତାତ୍ପର୍ଯ୍ୟ ହେଉଛି, ଅମଳ ହେଉଥିବା କ୍ଷେତରୁ ନେଇ ଶେଷ ଉପଭୋଗ ପର୍ଯ୍ୟନ୍ତ କୌଣସି କୃଷି ଉତ୍ପାଦର ଉତ୍ପାଦନ ସହଭାଗୀମାନେ ଏବଂ ଏହା ଅନ୍ତର୍ଗତ ପ୍ରକ୍ରିୟାକରଣ, ପ୍ୟାକେଜିଂ, ସଂରକ୍ଷଣ, ପରିବହନ ଓ ବିତରଣ ଅନ୍ତର୍ଭୁକ୍ତ, ପ୍ରତ୍ୟେକ ପର୍ଯ୍ୟାୟରେ ଉତ୍ପାଦର ମୂଲ୍ୟ ବୃଦ୍ଧି କରାଯାଇଥାଏ।

ରଦ୍ଦ ଓ ସଂରକ୍ଷଣ

**୩**(୧) ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଅଧ୍ୟାଦେଶ, ୨୦୨୦ ଏତଦ୍ୱାରା ରଦ୍ଦ ହେଲା।

(୨) ଏଭଳି ରଦ୍ଦ ସତ୍ତ୍ୱେ ଉକ୍ତ ଅଧ୍ୟାଦେଶ ଦ୍ୱାରା ଯଥା ସଂଶୋଧିତ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ୧୯୫୫ ଅଧୀନରେ କରାଯାଇଥିବା କୌଣସି ବିଷୟ ବା କାର୍ଯ୍ୟାନୁଷ୍ଠାନ ଏହି ଆଇନ ଦ୍ୱାରା ଯଥା ସଂଶୋଧିତ, ଉକ୍ତ ଆଇନ ତତ୍‌ସ୍ଥାନ ଉପବନ୍ଧଗୁଡ଼ିକ ଅଧୀନରେ କରାଯାଇଥିବା ବୁଝାଯିବ।

**ସଂକ୍ଷେପରେ**

## ରାଜ୍ୟରେ ଟିକା ନେଲେଣି ଦେଢ଼ଲକ୍ଷ

**ଭୁବନେଶ୍ୱର, ୨୪।୧(ବ୍ୟୁରୋ):** ରାଜ୍ୟରେ ଦେଢ଼ ଲକ୍ଷ ଲୋକଙ୍କୁ ଟିକା ଦିଆସରିଲାଣି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦେଶରେ ଟିକାକରଣରେ ଓଡ଼ିଶା ଆଗରେ ରହିଛି। ରାଜ୍ୟରେ କୋଭିଡ୍-୧୯ ଟିକାକରଣ ଅଭିଯାନରେ ସମୁଦାୟ ୧.୫ ଲକ୍ଷ ହିତାଧିକାରୀ ଟିକା ନେଇଛନ୍ତି। ପ୍ରତି ନିୟୁତ ଲୋକ ସଂଖ୍ୟାରେ ୩୪୫୨.୮୧ ଜଣ ଟିକା ଗ୍ରହଣ କରିଛନ୍ତି। ନିର୍ଦ୍ଧାରିତ ସମୟରେ ସମସ୍ତ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରି ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଟିକାକରଣ ପ୍ରକ୍ରିୟାକୁ ସଫଳତାର ସହିତ ପରିଚାଳନା କରିପାରିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ସାରା ଦେଶରେ ଟିକାକରଣ ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟରେ 'କୋଭାକ୍ସିନ' ଓ 'କୋଭିଶିଲ୍ଡ' ଟିକା ଦିଆଯାଉଛି। ଭୁବନେଶ୍ୱରରେ 'କୋଭାକ୍ସିନ' ଟିକା ଦିଆଯାଉଥିବାବେଳେ ବାକି ସବୁଠି 'କୋଭିଶିଲ୍ଡ' ଦିଆଯାଉଛି। ତେବେ ପ୍ରଥମେ ଟିକା ନେବା ପାଇଁ ଭୟ କରୁଥିଲେ। କିନ୍ତୁ ଏବେ ହିତାଧିକାରୀମାନେ ଟିକା ନେବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଜଣାପଡ଼ିଛି।

## ଅପହୃତା ନାବାଳିକା ପୁରୀରୁ ଉଦ୍ଧାର

ବ୍ରହ୍ମଗିରି,୨୪।୧(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅଞ୍ଚଳରୁ ଅପହରଣ କରାଯାଇଥିବା ଏକ ନାବାଳିକା ରବିବାର ପୁରୀରୁ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ନାବାଳିକା ରବିବାର ସକାଳୁ ଟିଉଶନ ଯାଉଥିଲେ। ଏହି ସମୟରେ କାଠୁଆରେଡି ଛକ ନିକଟରେ ଏକାକି ଦେଖି ଏକ ଗାଡିରେ ଚାରିଜଣ ଯୁବକ ଆସି ହଠାତ୍ ନାବାଳିକାଙ୍କୁ କିଛି ଶୁଙ୍ଘାଇ ଦେଇ ଜବରଦସ୍ତ ଗାଡ଼ିରେ ନେଇଯାଇଥିଲେ। ନାବାଳିକାର ଚେତା ଆସିବାରୁ ସେ ପୁରୀରେ ଥିବା ଜାଣିବାକୁ ପାଇଥିଲେ। ଏହି ସମୟରେ ଅପହରଣକାରୀ ତାଙ୍କୁ ଗାଡ଼ି ଭିତରେ ଲକ କରି ଏକ ଚା ଦୋକାନରେ ଚା ପିଉଥିଲେ। ଏହା ଦେଖି ନାବାଳିକା ଜଣଙ୍କ କୌଶଳକ୍ରମେ ଗାଡ଼ିରୁ ବାହାରକୁ ଯାଇ ନିଜ ଘରକୁ ଫୋନ କରି ଘଟଣା ସମ୍ପର୍କରେ କହିଥିଲେ। ଖବରପାଇ ପରିବାର ଲୋକେ ବ୍ରହ୍ମଗିରି ପୋଲିସଙ୍କୁ ଜଣାଇଥିଲେ। ପରେ ପୋଲିସ ସହାୟତାରେ ପୁରୀ ରେଳ ଷ୍ଟେଶନ ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ବ୍ରହ୍ମଗିରି ଥାନାରେ ଏକ ଅଭିଯୋଗ କରିଛନ୍ତି। ଏ ନେଇ ବ୍ରହ୍ମଗିରି ଥାନାଧିକାରୀ ମନୋଜ ଶତପଥୀ କହିଛନ୍ତି, ଆମେ ନାବାଳିକାକୁ ଉଦ୍ଧାର କରିବା ସହିତ ଅପହରଣକାରୀଙ୍କୁ ଧରିବା ପାଇଁ ଘଟଣାର ତଦନ୍ତ ଜାରି ରଖିଛୁ।

## ହରେକୃଷ୍ଣ ଶତପଥୀ ପାଇବେ ଡ. ତୀର୍ଥାନନ୍ଦ ମିଶ୍ର ସ୍ମୃତି ସମ୍ମାନ

**କଟକ ଅଫିସ, ୨୪।୧:** ସଂସ୍କୃତ ଗବେଷକ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ଚଳିତବର୍ଷର ମର୍ଯ୍ୟାଦାଜନକ ଡ. ତୀର୍ଥାନନ୍ଦ ମିଶ୍ର ସ୍ମୃତି ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ୨୫ ତାରିଖ ସନ୍ଧ୍ୟାରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ହେବାକୁ ଥିବା ସାହିତ୍ୟିକ ଡ. ତୀର୍ଥାନନ୍ଦ ମିଶ୍ରଙ୍କ ସ୍ମୃତି ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଓ ସାଶ୍ୱତି ସୌମ୍ୟା ମିଶ୍ର ରବିବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ସ୍ଥାଣୁତା ବଢ଼ାଉଛି ବାଳଅପରାଧ

ଓଁକାର ମିଶ୍ର

ଭୁବନେଶ୍ୱର,୨୪।୧(ବ୍ୟୁରୋ)



କୋମଳ ହୃଦୟରେ ବସା ବାନ୍ଧୁଛି ନିଷ୍ଠୁରତା। ନାବାଳକ ମନରେ ବୃଦ୍ଧି ପାଉଛି ଅପରାଧପ୍ରବଣତା। ଯେଉଁ ହାତରେ ଦେଶ ଗଢ଼ିବାକୁ କଲମ ଧରିବା କଥା, ସେହି ହାତ ଆଜି ଖଣ୍ଡା, ବନ୍ଧୁକ, ଭୁଜାଲି ଧରୁଛି। ଫୁଲମାଳ ବଦଳରେ ହାତକଡ଼ି ପଡୁଛି। ରାଜ୍ୟରେ ଅପରାଧ ବଢ଼ି ଚାଲିଥିବାବେଳେ ନାବାଳକଙ୍କ ସମ୍ପୃକ୍ତି ଚିନ୍ତା ବଢ଼ାଉଛି। ବାଳ ଅପରାଧ ରୋକିବା ପାଇଁ ବହୁ ଆଇନ ଓ ବ୍ୟବସ୍ଥା ରହିଛି। ସରକାରଙ୍କ ପକ୍ଷରୁ ଅନେକ ସଂସ୍କାର ମୂଳକ ପଦକ୍ଷେପ ନିଆଯାଉଛି। ହେଲେ ବ୍ୟବସ୍ଥାର ସ୍ଥାଣୁତା, ପରିବାରରେ ପ୍ରତିକୂଳ ପରିବେଶ, ସାମାଜିକ ପରିସ୍ଥିତି ଆଜି କୋମଳମତୀ ନାବାଳକଙ୍କୁ ଅବାଟକୁ ଟାଣି ନେଉଛି।

କ୍ରାଇମବ୍ରାଞ୍ଚର ତଥ୍ୟ ଅନୁଯାୟୀ, ୨୦୧୭ରେ ରାଜ୍ୟରେ ବାଳ ଅପରାଧ ସଂକ୍ରାନ୍ତ ୧୦୮୯ଟି ମାମଲା ହୋଇଥିବାବେଳେ ୨୦୧୮ରେ ୧୧୫୫ ଓ ୨୦୧୯ରେ ଏହା ବୃଦ୍ଧି ପାଇଁ ୧୨୫୦ରେ ପହଞ୍ଚିଛି। ଏହି ତିନିବର୍ଷରେ ସମ୍ବଲପୁର ଜିଲାରେ ସର୍ବାଧିକ ୪୦୯ଜଣ ନାବାଳକ ଅପରାଧ ଘଟାଇଥିବାବେଳେ ସୋନପୁର ଜିଲାରେ ସର୍ବନିମ୍ନ ୩୦ ମାମଲା ହୋଇଛି। ତେବେ ୨୦୧୯ରେ ହୋଇଥିବା ୧୨୫୦ ମାମଲାରେ ସମ୍ପୃକ୍ତ ମୋଟ ୧୪୫୦ ଜଣଙ୍କ ମଧ୍ୟରୁ ୨୫ଜଣଙ୍କୁ ବୁଝାଇଶୁଝାଇ ଘରକୁ ଛଡାଯାଇଥିବାବେଳେ ୧୪୨୫ ଜଣଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଇଯାଇଥିଲା। ସେଠାରୁ ସେମାନଙ୍କୁ ସ୍ୱତନ୍ତ୍ର ସୁଧାର ଗୃହକୁ ପଠାଯାଇଥିଲା। ଏମାନଙ୍କ ମଧ୍ୟରୁ ୩ଜଣ ନାବାଳକଙ୍କ ବିରୋଧରେ ହତ୍ୟା ଅଭିଯୋଗ, ୫୩ ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ, ୧୧ଜଣଙ୍କ ବିରୋଧରେ ଅସଦାଚରଣ, ୨ଜଣଙ୍କ ବିରୋଧରେ ବଳାତ୍କାର, ୯୧୦ଜଣଙ୍କ ବିରୋଧରେ ଚୋରି, ୧୩୬ ଜଣଙ୍କ ବିରୋଧରେ ଲୁଟ୍ ଆଦି ଅଭିଯୋଗ ହୋଇଥିଲା। ସେହିଭଳି ୧୨୦ଜଣଙ୍କ ମା'ବାପା ଆଦୌ ପାଠ ପଢି ନ ଥିବାବେଳ ୪୧୧ଜଣ ପ୍ରାଇମେରୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ୮୪୮ ଜଣଙ୍କ ମା'ବାପା ପ୍ରାଇମେରୀରୁ ମାଟ୍ରିକ ଓ ୨୭ଜଣ ଉଚ୍ଚ ମାଧ୍ୟମିକ ମଧ୍ୟରେ ପାଠ ପଢ଼ିଛନ୍ତି। କେତେକ ଘଟଣାରେ ସମ୍ପୃକ୍ତ ନାବାଳକଙ୍କ ମା'ବାପାଙ୍କ ଶିକ୍ଷାଗତ ଯୋଗ୍ୟତା ଜଣା ପଡ଼ି ନ ଥିବାବେଳେ ଉଚ୍ଚ ମାଧ୍ୟମିକରୁ ଅଧିକ ପାଠ ପଢିଥିବା ବାପା ମା'ଙ୍କ ପିଲା ଆଦୌ ଅପରାଧ ଘଟାଇ ନାହାନ୍ତି।

### ଡିଷ୍ଟ୍ରିକ୍ଟ ଚାଇଲ୍ଡ ପ୍ରୋଟେକ୍ସନ ୟୁନିଟ୍ ନିଷ୍କ୍ରିୟ

ରହିଥିବା ନିୟମ ଅନୁଯାୟୀ, ପ୍ରତିଜିଲାରେ ଥିବା ଡିଷ୍ଟ୍ରିକ୍ଟ ଚାଇଲ୍ଡ ପ୍ରୋଟେକ୍ସନ ୟୁନିଟ୍ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ରାସ୍ତାକଡ଼ ପିଲା, ମା'ବାପା ଛେଉଣ୍ଡ, ଶିଶୁଶ୍ରମିକଙ୍କୁ ଚିହ୍ନଟ କରି ସେମାନଙ୍କ ଯତ୍ନ ଉପରେ ଗୁରୁତ୍ୱ ଦେବା କଥା। ସେମାନଙ୍କୁ ଉଦ୍ଧାର କରିବା ପରେ ଶିଶୁ ସୁରକ୍ଷା କମିଟି ଆଗରେ ଉପସ୍ଥାପନ କରାଇବା, ନାବାଳକ ଅପରାଧ ରୋକିବା ପାଇଁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରିବା ଆଦି ଅନେକ ପଦକ୍ଷେପ ଗ୍ରହଣର ଆବଶ୍ୟକତା ରହିଛି। ହେଲେ ଏଥିପ୍ରତି ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଏସବୁ ୟୁନିଟ୍ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡୁଛି।

### ଚୋରିରେ ନାବାଳକ: ଓଡ଼ିଶା ଦ୍ୱିତୀୟ

ଓଡିଶାରେ ଅନ୍ୟ ଅପରାଧ ତୁଳନାରେ ନାବାଳକ ଅଧିକ ଚୋରି ମାମଲାରେ ସମ୍ପୃକ୍ତ ଅଛନ୍ତି। ୨୦୧୯ରେ ମୋଟ୍ ୯୧୦ଜଣ ଅର୍ଥାତ୍ ୬୪% ନାବାଳକ ଚୋରି କରି ଧରାପଡିଛନ୍ତି। ଏ କ୍ଷେତ୍ରରେ ମହାରାଷ୍ଟ୍ର ଦେଶରେ ପ୍ରଥମ ସ୍ଥାନରେ ଥିବାବେଳେ ଏହା ପଛକୁ ଓଡିଶା ଦ୍ୱିତୀୟ ସ୍ଥାନରେ ରହିଛି।

### ଅଧିକାଂଶ ନିଜ ବାପା ମା'ଙ୍କ ସହ ରହୁଥିଲେ

୨୦୧୯ରେ ଅପରାଧରେ ସମ୍ପୃକ୍ତ ୧୪୫୦ ନାବାଳକଙ୍କ ମଧ୍ୟରୁ ୧୨୯୯ଜଣ ନିଜ ବାପା ମା' ତଥା ପରିବାର ଲୋକଙ୍କ ସହ ରହୁଥିଲେ। ୧୧୧ ଜଣଙ୍କର ଘର ନ ଥିବାବେଳେ ସେମାନେ ପରିବାରଲୋକଙ୍କଠାରୁ ଅଲଗା ରହୁଥିଲେ। ୨ଜଣ ନିଜ ଅଭିଭାବକଙ୍କ ସହ ରହୁଥିଲେ।

### ବାପା,ମା'ଙ୍କର ପିଲାଙ୍କ ପ୍ରତି ସ୍ନେହ କମିଯାଉଛି



ଅଧିକାଂଶ ଅଭିଯୋଗ ତଳଶ୍ରେଣୀର ପରିବାରରୁ ଆସୁଛି। ଏସବୁ ପରିବାରରେ ପିଲାଙ୍କ ପ୍ରତି ମା'ବାପାଙ୍କର ଘନିଷ୍ଠତା ଅଭାବ ରହୁଥିବା ଜଣାପଡିଛି। ପିଲାଙ୍କୁ ଯେଉଁଭଳି ଭାବେ ଭଲ ପାଇବା, ଉପଦେଶ ତଥା ସମୟ ଦେବା କଥା ତାହା ଦିଆଯାଉନାହିଁ। ଏଥିଯୋଗୁ ପିଲାର ଚିନ୍ତାଧାରାରେ ପରିବର୍ତ୍ତନ ଆସୁଛି। ଏଥିସହିତ ମା'ବାପା ନିଜ ପିଲାଙ୍କ ଆଗରେ ଝଗଡା ଲାଗିବା, ହିଂସାତ୍ମକ ଆଚରଣ ହେଉ ଅବା ଏଭଳି କଥା ଆଲୋଚନା କରିବା, ଅଧିକାଂଶ କ୍ଷେତ୍ରରେ ବାପା ମଦ ପିଇ ଘରକୁ ଆସୁଥିବାରୁ ଏହା ସେମାନଙ୍କ ମନରେ ଅପରାଧପ୍ରବଣତା ସୃଷ୍ଟି କରୁଛି।

**- ଅନୁରାଧା ମହାନ୍ତି, ଶିଶୁ ଅଧିକାର କର୍ମୀ**

### ବିଦ୍ୟାଳୟ ସ୍ତରରୁ କାଉନସେଲିଂ ଦରକାର



ଜୁଭେନାଇଲ୍ ବୋର୍ଡ ହେଉ କିମ୍ବା ଶିଶୁ କଲ୍ୟାଣ କମିଟି, ନାବାଳକଟେ କିଛି ଅପରାଧ ଘଟାଇବା ପରେ ସେମାନଙ୍କ ଉପରେ ପଦକ୍ଷେପ ନେଉଛନ୍ତି। ସେମାନଙ୍କ କାଉନସେଲିଂ କରାଯାଉଛି। ଅଥଚ ପ୍ରାଥମିକ ସ୍ତରରୁ ଏହାକୁ ରୋକିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଯେଉଁଥିପାଇଁ ବାଳଅପରାଧରେ ରୋକ୍ ଲଗାଯାଇ ପାରୁନାହିଁ। ମୋ ମତରେ ପ୍ରାଥମିକ ସ୍ତରରେ ବିଦ୍ୟାଳୟଗୁଡିକରେ ନିୟମିତ ବ୍ୟବଧାନରେ କାଉନ୍‌ସେଲିଂ କରାଯିବା କଥା। ଏହାଦ୍ୱାରା ପିଲାଙ୍କୁ ମୂଳରୁ ସଚେତନ କରାଯିବା ସହ ସେମାନଙ୍କ ମାନସିକ ସ୍ତରରେ ଉନ୍ନତି ଅଣାଯାଇପାରନ୍ତା।

**- ସୁବ୍ରତ ନନ୍ଦ, ଆଇନଜୀବୀ**

### ବ୍ୟବସ୍ଥାରେ ସୁଧାର ଆଣିବା ଦରକାର



ବାଳଅପରାଧ ବଢିବାର ପ୍ରମୁଖ କାରଣ ସାଜିଛି ନିଶା। ୧୫ରୁ ୧୮ ବର୍ଷ ମଧ୍ୟରେ ନାବାଳକମାନେ ବିଶେଷ କରି ଏବେ ନିଶା କବଳରେ ପଡୁଛନ୍ତି। ନିଶାସେବନରେ ଅଭ୍ୟସ୍ତ ହୋଇଗଲା ପରେ ଚୋରି, ଲୁଟ୍ ଭଳି ରାସ୍ତାରେ ପାଦ ଦେଉଛନ୍ତି। ଗରିବୀ ଓ ପାରିବାରିକ ସ୍ଥିତି ମଧ କେତେକାଂଶରେ ପ୍ରଭାବ ପକାଉଛି। ସେଥିପାଇଁ ବ୍ୟବସ୍ଥାରେ ସୁଧାର ଆଣିବା ଦରକାର। ପିଲାଙ୍କୁ ସଚେତନତା ସହ ଆତ୍ମନିର୍ଭର ହେବା ପାଇଁ ବିଭିନ୍ନ ଶିକ୍ଷା ଦେବା ଦରକାର। ବାଳସୁଧାର ଗୃହରେ ସେମାନଙ୍କୁ ଉପଯୁକ୍ତ କାଉନ୍‌ସେଲିଂ ସହ ବିଭିନ୍ନ ଭୋକେଶନାଲ ଟ୍ରେନିଂ ଦିଆଯିବା ଦିଆଯିବା ଉଚିତ। ଏହାଦ୍ୱାରା ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆସିବ। ବାହାରକୁ ଆସିଲେ ସେମାନେ ପୁଣି ଅବାଟକୁ ନ ଯାଇ ଭଲ ସମାଜ ସହ ପାଦ ମିଶାଇ ଚାଲିପାରିବେ।

**- ସନ୍ଧ୍ୟାବତୀ ପ୍ରଧାନ, ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା**

## ୨୬ରୁ ଜେଲରେ ମିଳିବ କମ୍ପ୍ୟୁଟର ଶିକ୍ଷା

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ସମାଜରେ ଉତ୍ତମ ଜୀବନ ବଞ୍ଚିବାପାଇଁ ଶିକ୍ଷା ଆମମାନଙ୍କୁ ସଂସ୍କାର ଦେଇଥାଏ। ଶିକ୍ଷାଭାବରୁ ଅନେକେ ଅପରାଧ ଦୁନିଆରେ ପାଦ ଦେବା

**ଉଚ୍ଚ ଶିକ୍ଷିତ ହେବେ କଏଦୀ**

ପରେ ସେମାନଙ୍କ ଜୀବନ ଅନ୍ଧକାରକୁ ଠେଲି ହୋଇଯାଉଛି। ସେମାନଙ୍କ ଜୀବନଙ୍କୁ ଆଲୋକିତ କରିବା ପାଇଁ ଜେଲ ମାନୁଆଲରେ ଅନେକ ସଂସ୍କାର ଅଣାଯାଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୬ ତାରିଖରୁ ଝାରପଡା ସ୍ୱତନ୍ତ୍ର କାରାଗାରରେ କମ୍ପ୍ୟୁଟର ଶିଖିବେ କଏଦୀ। ଏଥିପଇଁ ୩୦ଟି କମ୍ପ୍ୟୁଟରର ବ୍ୟବସ୍ଥା କରାଯାଇଛି। ସେହିପରି ପାଠ ପଢିବା ପାଇଁ ଆରମ୍ଭ କରାଯାଇଛି ଇ-ଲାଇବ୍ରେରୀ। ଏହା କଏଦୀଙ୍କୁ ଜେଲରୁ ବାହାରିବା ପରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହ ସୁସ୍ଥ ଜୀବନ ବଞ୍ଚିବାରେ ସହାୟକ ହେବ। ଏବେ ଝାରପଡା ସ୍ୱତନ୍ତ୍ର ଜେଲରେ ରହି ୮୦ଜଣ ଇଗ୍ନୋରେ ପାଠ ପଢୁଛନ୍ତି। ଜେଲରେ ରହି ଯୁକ୍ତ୨, ଯୁକ୍ତ ୩ ଓ ପିଜି କରୁଛନ୍ତି କଏଦୀ। ସେମାନଙ୍କ ବୈଷୟିକ ଶିକ୍ଷାକୁ ମଧ ଗୁରୁତ୍ୱ ଦିଆଯାଉଛି। ଖବରକାଗଜ ସହ ମହାପୁରୁଷଙ୍କ ଆତ୍ମଜୀବନୀ ପଢିବାକୁ ଦିଆଯାଉଛି। ଖୁବଶୀଘ୍ର ଜେଲରେ କ୍ଲାସ ବ୍ୟବସ୍ଥା କରାଯିବ। ଜେଲ ଶ୍ରେଣୀ ଗୃହରେ ପାଠପଢି ଉଚ୍ଚ ଶିକ୍ଷିତ ହେବେ କଏଦୀ। ଜେଲ ମାନୁଆଲରେ ପରିବର୍ତ୍ତନ ପରେ ଏଭଳି ବ୍ୟବସ୍ଥା କରାଯାଉଛି ବୋଲି ଜେଲ ସୁପରିଣ୍ଟେଣ୍ଡେଣ୍ଟ ଧିରେନ୍ଦ୍ର ନାଥ ବାରିକ ସୂଚନା ଦେଇଛନ୍ତି। ପୂର୍ବରୁ ଝାରପଡା ଜେଲରେ ଅନ୍ତେବାସୀଙ୍କୁ ସ୍ୱଚ୍ଛ ପାନୀୟ ଦେବାକୁ ବ୍ୟବସ୍ଥା ହୋଇଥିବାବେଳେ ଅନ୍ତେବାସୀଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ପାଇଁ ଆଗକୁ ଅଧିକ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

## ବରପୁତ୍ରଙ୍କ ଜୀବନୀକୁ ନେଇ ପ୍ରକାଶିତ ହେବ ପୁସ୍ତକ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

**ବକ୍ସି ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି**

ସ୍ୱାଧୀନତା ସଂଗ୍ରାମୀ ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ବଳିଷ୍ଠ ତ୍ୟାଗ, ଅପୂର୍ବ ସାହାସ, ବୀରତ୍ୱ ଓ ଆତ୍ମୋତ୍ସର୍ଗ ଓଡ଼ିଶା ଇତିହାସରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରବିବାର ସୂଚନା ଭବନଠାରେ ଆୟୋଜିତ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ବକ୍ସି ଜଗବନ୍ଧୁଙ୍କ ସାହସ, ରଣକୌଶଳ ଓ ବଳିଦାନର କାହାଣୀ ଦେଶପାଇଁ ପ୍ରେରଣା ଯୋଗାଉଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ ମହାନ୍ତି ଯୋଗଦେଇ ଓଡ଼ିଶାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଘଟିତ ପାଇକ ବିଦ୍ରୋହ ଏବଂ ତାଙ୍କ ସଂଘର୍ଷର ଗୌରବମୟ କାହାଣୀ ଉପସ୍ଥାପନ କରିଥିଲେ। ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଦ୍ୱାରା ପ୍ରସ୍ତାବିତ ଓଡ଼ିଶାର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ଖୁବ୍‌ଶୀଘ୍ର ଏକ ସଂକଳନ ପ୍ରକାଶ କରାଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଓ ମୁଖ୍ୟବକ୍ତା ବିଶିଷ୍ଟ ଐତିହାସିକ ତଥା ଗବେଷକ ଡ. ନାରାୟଣ ରାଓ ବକ୍ସି ଜଗବନ୍ଧୁଙ୍କ ସମ୍ପର୍କରେ କହିଥିଲେ। ସୂଚନା ଅଧିକାରୀ ପ୍ରମିଳା ମାଝୀ ସଂଯୋଜନା କରିଥିବାବେଳେ ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଓ ଯୁଗ୍ମ ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସକାଳେ ମ୍ୟୁଜିୟମ୍ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।




ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସରେ ଉପସ୍ଥିତ ଅତିଥି।





ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ରବିବାର ଅନୁଷ୍ଠିତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ଼।

## ସାଧାରଣତନ୍ତ୍ର ଦିବସ ସୁରକ୍ଷା ଯାଞ୍ଚ କଲେ ଡିଜିପି

ଭୁବନେଶ୍ୱର,୨୪।୧(ବ୍ୟୁରୋ)

- ମାଓବାଦୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇ ଆହ୍ୱାନ
- ପରେଡ୍‌ରେ ସାମିଲ ହେବେନି ଛାତ୍ରୀଛାତ୍ର, ଆସିବେନି ଜନତା
- ପରେଡ୍ ଦାୟିତ୍ୱ ମିଳିଥିବାରୁ ଖୁସିବ୍ୟକ୍ତ କଲେ ସୁଶ୍ରୀ



ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ସହ ଅଭ୍ୟାସ ପରେଡ଼ରେ ଡିଜିପି ଅଭୟ।

ରାଜ୍ୟସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ ଶେଷ ହେବାପରେ ପୋଲିସ ଡିଜି ଅଭୟ ଗାନ୍ଧୀମାର୍ଗର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ କୌଣସି ସିଭିଲିଆନ୍ ପରେଡ୍ ହେବ ନାହିଁ। ସ୍ୱୀକୃତି ନ ଥିବାରୁ ଛାତ୍ରୀଛାତ୍ରଙ୍କ ପରେଡ୍ ଏଥର ଦେଖିବାକୁ ମିଳିବ ନାହିଁ। କୌଣସି ସାଧାରଣ ଲୋକ କିମ୍ବା ଛାତ୍ରୀଛାତ୍ର ଆସିବେ ନାହିଁ କି ଗହଳି ହେବ ନାହିଁ। ସମସ୍ତେ ଯେଭଳି କୋଭିଡ୍ କଟକଣା ମାନିବେ ସେ ନେଇ ନିଶ୍ଚିତ କରିବାକୁ ଡିଜି ଅଭୟ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ମାଓବାଦୀଙ୍କୁ ମଧ୍ୟ ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ସେ ଆହ୍ୱାନ ଦେଇଛନ୍ତି। ଡିଜିପି କହିଛନ୍ତି, ମାଓବାଦୀମାନେ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ହିଂସାକାଣ୍ଡ ଘଟାଇବାକୁ ଉଦ୍ୟମ କରିଥାନ୍ତି। ସେଥିପାଇଁ ଓଡ଼ିଶା ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଯେଉଁମାନେ ଏଭଳି ରାସ୍ତାରେ ଅଛନ୍ତି ସେମାନେ ତୁରନ୍ତ ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ବୋଲି ସେ କହିଛନ୍ତି।

ସୂଚନା ମୁତାବକ, ଆସନ୍ତା ମଙ୍ଗଳବାର ଗାନ୍ଧୀମାର୍ଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପତାକା ଉତ୍ତୋଳନ କରିବେ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏହି ରାଜ୍ୟସ୍ତରୀୟ ପରେଡ଼ରେ ୧୪ଟି କଣ୍ଟିଜେଣ୍ଟ ଭାଗ ନେବେ। ଏହାର ନେତୃତ୍ୱ ନେବେ ୧୯୧୭ ବ୍ୟାଚ୍‌ର ସର୍ବକନିଷ୍ଠ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଏସ୍. ସୁଶ୍ରୀ। ସେ ବର୍ତ୍ତମାନ କଳାହାଣ୍ଡିରେ ଏସ୍‌ଡିପିଓ ଭାବରେ କାର୍ଯ୍ୟରତ। ଡିଜି ଅଭୟ ତାଙ୍କୁ ଫୋନ୍ ଯୋଗେ ଏହି ଗୁରୁ ଦାୟିତ୍ୱ ନେଇ ସୂଚନା ଦେଇଥିବାରୁ ସେ ଅତ୍ୟନ୍ତ ଖୁସିବ୍ୟକ୍ତ କରିଛନ୍ତି। ଏହି ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବେ ବୋଲି ସୁଶ୍ରୀ ଗଣମାଧ୍ୟମକୁ କହିଛନ୍ତି।

## ସଂକ୍ଷେପରେ

### ଆପୋଲୋ ହସ୍ପିଟାଲ ସ୍ୱାସ୍ଥ୍ୟକର୍ମୀଙ୍କ ଟିକାକରଣ

**ଚେନ୍ନାଇ,୨୪।୧:** ଚେନ୍ନାଇର ଆପୋଲୋ ହସ୍ପିଟାଲ ଟିକାକରଣ କେନ୍ଦ୍ରରୁ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦୀର୍ଘ ଏକ ବର୍ଷ କୋଭିଡ୍ ବିରୋଧରେ ଲଢ଼େଇ କରିବା ପରେ ବର୍ତ୍ତମାନ କିଛି ମାତ୍ରାରେ ଆଶା ଓ ସକାରାତ୍ମକ ଭାବ ଜାଗ୍ରତ ହୋଇଛି। ଜାତୀୟ କୋଭିଡ୍ ଟିକାକରଣ ଅଭିଯାନର ପ୍ରଥମ ଦିନରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀଙ୍କ ଟିକାକରଣ ପାଇଁ ଆପୋଲୋ ଟିକାକରଣ କେନ୍ଦ୍ର ସମେତ ସାରା ଦେଶର ୩ ହଜାର ସ୍ଥାନରେ ଟିକାକରଣ କାର୍ଯ୍ୟକ୍ରମ କରାଯାଇଥିଲା। କୋଭିଡ୍ ସ୍ୱାସ୍ଥ୍ୟକର୍ମୀଙ୍କ ଟିକାକରଣ ଆରମ୍ଭରୁ ପ୍ରଥମ ଡୋଜ୍‌କୁ ଆପୋଲୋ ହସ୍ପିଟାଲ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ଡା. ପ୍ରତାପ ସି ରେଡ୍ଡି ଗ୍ରହଣ କରିଛନ୍ତି। ଏହି ଅବସରରେ ରେଡ୍ଡି କହିଛନ୍ତି, ଏହି ଟିକା ନୋଭେଲ୍ କରୋନା ଭୂତାଣୁ ବିରୋଧୀ ଲଢ଼େଇର ପାର୍ଶ୍ୱ ପଲଟାଇଛି, ଯାହା ସାରା ବିଶ୍ୱକୁ ଗୋଟିଏ ବର୍ଷ ଗୁରୁତର ଭାବେ ପ୍ରଭାବିତ କରି ରଖିଥିଲା। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି ଓ ନୂଆ ସଂକ୍ରମଣକୁ ରୋକିବା ବା ପ୍ରତିରୋଧ କରିବା ଲାଗି ଏହି ଟିକା ହେଉଛି ବର୍ତ୍ତମାନ ସମୟର ପ୍ରମୁଖ ଆବଶ୍ୟକତା।

### ଯାନ ଦର ବଢ଼ାଇଲା ଟାଟା ମୋଟର୍ସ

**ନୂଆଦିଲ୍ଲୀ,୨୪।୧:** ଟାଟା ମୋଟର୍ସ ପକ୍ଷରୁ ଯାତ୍ରୀବାହୀ ଯାନ ବର୍ଗରେ ଦର ବୃଦ୍ଧି ସମ୍ପର୍କରେ ଶୁକ୍ରବାର ଘୋଷଣା କରାଯାଇଛି। ଇନ୍‌ପୁଟ ଖର୍ଚ୍ଚ ଏବଂ ସେମି କଣ୍ଡକ୍ଟର ମୂଲ୍ୟ ବଢ଼ିବା ଯୋଗୁ କମ୍ପାନୀର ଯାନଗୁଡିକ ପ୍ରାୟ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବଢିବ ବୋଲି ସୂଚନା ରହିଛି। ସୂଚନାଯୋଗ୍ୟ, ଯାନ ଦର ବୃଦ୍ଧି ନେଇ ମାରୁତି ସୁଜୁକି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପୂର୍ବରୁ ଘୋଷଣା କରିଛନ୍ତି। ବିଶେଷକରି କଞ୍ଚାମାଲ ମୂଲ୍ୟ ବଢିବା ଯୋଗୁ କମ୍ପାନୀ ବାଧହୋଇ ଯାନ ଦର ବଢ଼ାଉଥିବା କହିଛନ୍ତି। ଦର ବୃଦ୍ଧି ନିଷ୍ପତ୍ତି ସମ୍ପର୍କରେ ଟାଟା ମୋଟର୍ସ ରେଗୁଲେଟୋରି ଫାଇଲିଂରେ ସୂଚନା ଦିଆଯାଇଛି।

# ଆରମ୍ଭ ହୋଇପାରେ ରେଗୁଲାର ଟ୍ରେନ୍

**ନୂଆଦିଲ୍ଲୀ,୨୪।୧**



କରୋନା ପାଇଁ ରେଲୱେ ଏହାର ନିୟମିତ ରେଳ ସେବାକୁ ବନ୍ଦ କରିବାକୁ ପଡିଥିଲା। ଇତିହାସରେ ପ୍ରଥମ ଥର ଲାଗି ରେଲୱେର ଚକା ଗଡି ନ ଥିଲା। କରୋନା ସଂକ୍ରମଣ ମାମଲା ହ୍ରାସ ଏବଂ ଭ୍ୟାକସିନ ପ୍ରୋଗ୍ରାମ ଆରମ୍ଭ ହୋଇଥିବାରୁ ରେଲୱେ ଏହାର ନିୟମିତ ସେବା ଆରମ୍ଭ କରିବା ଲାଗି ବିଚାର କରୁଛି। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଏପ୍ରିଲ ବେଳକୁ ରେଳ ସେବା ସ୍ୱାଭାବିକ ହେବାର ସମ୍ଭାବନା ରହିଛି। ରେଲୱେର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ, କରୋନା ଯୋଗୁ ବନ୍ଦ ଥିବା ରେଲୱେ ଯାତ୍ରୀ ସେବା ଏପ୍ରିଲରୁ ପୂର୍ବ ଭଳି ମିଳିପାରେ। ଏହାବାଦ ରେଲୱେ ନୂଆ ସମୟ ସୂଚୀ ମଧ୍ୟ କାର୍ଯ୍ୟକାରୀ କରାଇପାରେ। କରୋନା ପାଇଁ ରେଲୱେ ବର୍ତ୍ତମାନ ସ୍ପେଶାଲ ଟ୍ରେନ ଚଳାଉଛି। ଏହା ସମ୍ପୂର୍ଣ୍ଣ ଭାବେ ସଂରକ୍ଷିତ ଶ୍ରେଣୀର ବୋଲି ଜଣାପଡିଛି।

କିଛି ସ୍ଥାନରେ ଲୋକାଲ ଏବଂ ସହରତଳୀ ଟ୍ରେନ ସେବା ଉପଲବ୍ଧ ରହିଛି। ମାତ୍ର ବର୍ତ୍ତମାନ ସୁଦ୍ଧା ମଧ୍ୟ ୩୫% ଟ୍ରେନ ବନ୍ଦ ରହିଛି। ଟିକାକରଣ ଆରମ୍ଭ ହୋଇଥିବାରୁ ପୁଣି ଥରେ ଯାତ୍ରୀ ସେବା ଆରମ୍ଭ କରିବା ନେଇ ରେଲୱେ ସମୀକ୍ଷା କରୁଛି। ବର୍ତ୍ତମାନ ୧୧୫୦ ସ୍ୱତନ୍ତ୍ର ଟ୍ରେନ ଚାଲୁଥିବା ବେଳେ ଲଗାତର ଏହି ସଂଖ୍ୟାରେ ବୃଦ୍ଧି ହେଉଛି। ଆଗାମି ଦିନରେ ଟ୍ରେନ ପରିଚାଳନାର ଆବଶ୍ୟକତାକୁ ନେଇ ନୂଆ ଟାଇମ ଟେବୁଲ ପ୍ରସ୍ତୁତ କରାଯାଉଥିବା ସୂଚନା ମିଳିଛି। ଟ୍ରେନ ସଂଖ୍ୟା ସହ ଗତିରେ ମଧ୍ୟ ବୃଦ୍ଧି କରାଯିବ। ନିୟମିତ ଟ୍ରେନ ଚାଳନା ସମୟରେ ଟାଇମ ଟେବୁଲ ଲାଗୁ କରାଯିବ କି ପରେ କରାଯିବ ସେ ନେଇ ବର୍ତ୍ତମାନ ସୁଦ୍ଧା ନିଷ୍ପତ୍ତି ହୋଇନାହିଁ।

ରେଲୱେର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ମହାମାରୀ ରହିଥିବାରୁ ରେଳ ସେବାକୁ ସମ୍ପୂର୍ଣ୍ଣ ସ୍ୱାଭାବିକ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମଞ୍ଜୁରୀ ଲୋଡା ପଡିବ। ମାର୍ଚ୍ଚରେ କରୋନା ସ୍ଥିତିରେ ନିୟନ୍ତ୍ରଣ ଆସିବା ନେଇ ଆଶା ରହିଛି। ଏହା ହେଲେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପ୍ରସ୍ତାବିତ ଏହି ସେବାକୁ ମଞ୍ଜୁରୀ ଦେଇ ପାରେ। ସମ୍ପୂର୍ଣ୍ଣ ସେବା ଉପଲବ୍ଧ କରାଇବାକୁ ରେଲୱେ ପ୍ରସ୍ତୁତ ଥିବା ପୂର୍ବରୁ କହି ସାରିଛି। ହେଲେ କୋଭିଡ ସ୍ଥିତି କୁ ନଜରରେ ରଖି ସତର୍କ ରହିବାକୁ ପଡୁଛି।

## ହୋଣ୍ଡାର ନୂଆ ଗ୍ରାଜିଆ ସ୍ପୋର୍ଟସ ଏଡିଶନ

**ଭୁବନେଶ୍ୱର,୨୪।୧**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସମ୍ପୂର୍ଣ୍ଣ ନୂଆ ଗ୍ରାଜିଆ ସ୍ପୋର୍ଟସ୍ ଏଡିସନ୍‌କୁ ଉନ୍ମୋଚନ କରାଯାଇଛି। ଏହି ଆଧୁନିକ ୧୨୫ସିସି ଅର୍ବାନ ସ୍କୁଟର ନୂଆ ରୂପରେ ବଜାରକୁ ଆସିଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ବିଗତ ୨୦ ବର୍ଷରେ ହୋଣ୍ଡା ସ୍କୁଟର ବଜାରକୁ ବୁଦ୍ଧିମନ୍ତ କରିଛି। ସମୟ ଗଡ଼ିବା ସହ ତାହା କେବଳ ଆଗକୁ ବଢ଼ିଛି। ପ୍ରିମିୟମ ସ୍କୁଟର ବର୍ଗରେ ଅଧିକ ରୋମାଞ୍ଚ ଭରି ଗ୍ରାଜିଆର ନୂଆ ସ୍ପୋର୍ଟସ୍ ଏଡିସନ ଯାହା ଏହି ବର୍ଗର ସବୁଠୁ ଆଧୁନିକ ସ୍କୁଟର ତାହାକୁ ଉନ୍ମୋଚନ କରି ଆମେ ବହୁତ ଖୁସି ଅଛୁ। ସେହିଭଳି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ବିକ୍ରି ଓ ମାର୍କେଟିଂ) ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ନିଜର ଯୁବ ସୁଲଭତା ଓ କୌତୁକ ଲକ୍ଷଣକୁ ପ୍ରଦର୍ଶିତ କରିବାକୁ ଯୁବ ଗ୍ରାହକଙ୍କ ପାଇଁ ଆଧୁନିକ ୧୨୫ ସିସି ସ୍କୁଟର ହୋଣ୍ଡା ଗ୍ରାଜିଆକୁ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଛି।

## ଉତ୍କଳ ଗ୍ୟାଲେରିଆ ପକ୍ଷରୁ ଟ୍ରାଫିକ୍ ସଚେତନତା




**ଭୁବନେଶ୍ୱର,୨୪।୧**

ରାଜଧାନୀର ଅଗ୍ରଣୀ ମଲ୍ ଉତ୍କଳ କନିକା ଗ୍ୟାଲେରିଆ ଏବଂ କମିଶନରେଟ ଟ୍ରାଫିକ ପୋଲିସ ଏବଂ ରାପିଡୋ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ 'ମୁଁ ବି ସଚେତନ ନାଗରିକ' ଗତ ଶନିବାର ମଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଟ୍ରାଫିକ୍ ଡିସିପି କେ.କେ.ପାଣିଗ୍ରାହୀ, ଟ୍ରାଫିକ୍ ଇନ୍ସପେକ୍ଟର ଜୋନ୍-୧ର ସୁରେନ୍ଦ୍ର ବଳ ଏବଂ ଜୋନ୍-୨ର ଅଞ୍ଜଳି ଛୋଟରାୟ, ଉତ୍କଳ ଗ୍ୟାଲେରିଆ ମଲ୍‌ର ନିର୍ଦ୍ଦେଶକ ପୂର୍ଣ୍ଣିମା ବୈଦ, ମାର୍କେଟିଂ ହେଡ୍ ଦୁଲାଲ ସାହୁ, ମାର୍କେଟିଂ ମ୍ୟାନେଜର ସୁଦାମ ସାହୁ ଏବଂ ପିଆର୍‌ଓ ଅକ୍ଷୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗାଡ଼ି ଚଲାଇବା ତଥା ଘରୁ ବାହାରିବା ସମୟରୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ହେଲମେଟ ବ୍ୟବହାର କରିବା ନିହାତି ଆବଶ୍ୟକ ରହିଛି ବୋଲି ପାଣିଗ୍ରାହୀ ତାଙ୍କ ଅଭିଭାଷଣରେ କହିଥିଲେ। ସେହିପରି ୨ଚକିଆ ଯାନ ପାଇଁ ଅତିବେଶିରେ ୨ଜଣ ଯିବା ଓ ତା' ସହିତ ଉଭୟ ହେଲମେଟ ପିନ୍ଧିବା ଆବ୍ୟଶକ। ସେହିଭଳି ୪ ଚକିଆ ଚାଳକ ଏବଂ ସହଯୋଗୀ ବ୍ୟକ୍ତି ମଧ୍ୟ ସିଟ୍ ବେଲ୍ଟ ପିନ୍ଧିବା ଅତି ଜରୁରୀ ବୋଲି ସେ କହିଥିଲେ। ଉତ୍କଳ ଗ୍ୟାଲେରିଆ ମଲ୍‌ର ନିର୍ଦ୍ଦେଶକ ବୈଦ ଉକ୍ତ ସଚେତନତା କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରିଥିଲେ।

## ରାଜ୍ୟଗୁଡ଼ିକର ରାଜସ୍ୱ କ୍ଷତି ୪ ଗୁଣ ବଢ଼ିବ

**ନୂଆଦିଲ୍ଲୀ,୨୪।୧**

କୋଭିଡ୍-୧୯କୁ ନିୟନ୍ତ୍ରଣ କରିବା ଲାଗି ଜାରି ହୋଇଥିବା ଲକ୍‌ଡାଉନ କାରଣରୁ ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଥିବା ବେଳେ ରାଜ୍ୟଗୁଡିକର ଟିକସ ସଂଗ୍ରହରେ ହ୍ରାସ ଘଟିଛି। ଏହାକୁ ଦେଖିଲେ ଚଳିତ ଆର୍ଥିକ ବର୍ଷରେ ରାଜ୍ୟଗୁଡିକର ରାଜସ୍ୱ ନିଅଣ୍ଟ ପ୍ରାୟ ୪ ଗୁଣକୁ ବଢିବା ନେଇ ଆଶଙ୍କା କରାଯାଉଛି। ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ୨୦୨୦-୨୧ରେ ରାଜ୍ୟଗୁଡିକର ମୋଟ ବିତ୍ତୀୟ ନିଅଣ୍ଟ(ଜିଏଫ୍‌ଡି) ୮.୭ ଲକ୍ଷ କୋଟି ଟଙ୍କା ସ୍ତର ଛୁଇଁପାରେ। ରାଜ୍ୟ ବର୍ତ୍ତମାନ ରାଜସ୍ୱ ହ୍ରାସ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟଗୁଡିକର ମୋଟ ବିତ୍ତୀୟ ନିଅଣ୍ଟ ସେମାନଙ୍କ ମୋଟ ଘରୋଇ ଉତ୍ପାଦ(ଏସ୍‌ଜିଡିପି)ର ୪.୭% ସ୍ତର ଛୁଇଁବା ନେଇ ଆକଳନ କରାଯାଇଛି।

# ଏସ୍‌ବିଆଇ ପକ୍ଷରୁ ରକ୍ତଦାନ ଶିବିର




**ଭୁବନେଶ୍ୱର,୨୪।୧**

ରକ୍ତ ଦାନ ମହତ୍ ଦାନ, ରକ୍ତ ବିନା କୌଣସି ରୋଗୀ ସମସ୍ୟାରେ ସମ୍ମୁଖୀନ ନ ହୁଅନ୍ତୁ ଏହି ବାର୍ତ୍ତା ନେଇ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଗତ ଶୁକ୍ରବାର ଏକ ରକ୍ତଦାନ ଶିବିର ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇର ଷ୍ଟ୍ରେସ୍ ଆସେଟ ରିଜଲ୍ୟୁଶନ ଗ୍ରୁପ ଓ ଭାରତୀୟ ରେଡ୍‌କ୍ରସ ସୋସାଇଟିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ମହତ୍ ରକ୍ତଦାନ ଶିବିର କାର୍ଯ୍ୟକ୍ରମକୁ ବ୍ୟାଙ୍କର ଭୁବନେଶ୍ୱର ସର୍କଲ ସିଜିଏମ୍ ରୁମା ଦେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍-୨ ବିଜୟ କୁମାର କୁଜୁର, ଡିଜିଏମ୍ ଏବଂ ସିଡିଓ ଅନୁପ କୁମାର ସିହ୍ନା, ଷ୍ଟ୍ରେସ୍ ଆସେଟ୍ ରିକଭରି ଶାଖା ଭୁବନେଶ୍ୱରର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ବସନ୍ତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସାରା ଦେଶରେ ଏଭଳି ଶିବିର ସମସ୍ତ ସର୍କଲରେ କରାଯାଉଛି ବୋଲି ସୂଚନା ମିଳିଛି। ଏହି ଶିବିର ଜରିଆରେ ପ୍ରାୟ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ପ୍ରମୁଖ ରୁମା ଦେଙ୍କ ସମେତ ବହୁ କର୍ମଚାରୀ ଓ ଅଧିକାରୀ ମଧ୍ୟ ରକ୍ତଦାନ କରିଥିଲେ। ରକ୍ତଦାନ କରି ମୁଁ ବହୁତ ଆନନ୍ଦିତ ଓ ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ କରାଯିବ ବୋଲି ରୁମା ଦେ ମତ ପ୍ରକାଶ କରିଥିଲେ।

### ନକଟାମୁଣ୍ଡାରେ ସୁନ୍ଦାରକାଣ୍ଡ ପାରାୟଣ

**ଡୁଙ୍ଗୁରିପାଲ, ୨୪।୧(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ନିକଟ ନକଟାମୁଣ୍ଡା ଗ୍ରାମରେ ସୁନ୍ଦରାକାଣ୍ଡ ପରାୟାଣ ଅନୁଷ୍ଠିତ ହୋଇଯାଇଛି । ସୁଶ୍ରୀ ପ୍ରାପ୍ତି ଆଚାର୍ଯ୍ୟ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ । ବର୍ଷାରାଣି ବହିଦାର କୃଷ୍ଣଗୁରୁ ଭଜନକୁ ଗୀତ ମାଧ୍ୟମରେ ଗାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋସ୍ନାମୟୀ ମେହେର, ପଦ୍ମିନୀ ମେହେର, ଅନନ୍ତ ମେହେର, ଭୂମିସୁତା ମେହେର, ଭୁବନ ମେହେର, ପ୍ରମୁଖ ସହଯୋଗ କରିଥିଲେ ।

### ମୋବାଇଲ ଚୋରି ଘଟଣା: ୩ ଅଭିଯୁକ୍ତ ଗିରଫ

**ବାଉଁଶୁଣୀ,୨୪।୧(ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଗୁନ୍ଦୁଲିଆ ରୋଡରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି କରିବା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୫ଟି ମୋବାଇଲ ଜବତ ହୋଇଛି । ଗତ ୫ ତାରିଖ ରାତିରେ ଉକ୍ତ ଦୋକାନରୁ ଚୋରି ହୋଇଥିଲା। ଦୋକାନ ମାଲିକ ବିଶିକେଶନ ପ୍ରଧାନ ୬ ତାରିଖ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ। ଚୋରମାନେ ୩୦ଟି ମୋବାଇଲ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା।

### ବ୍ରାହ୍ମଣ ସମାଜର ବାର୍ଷିକୋତ୍ସବ

**ଝାରବନ୍ଧ, ୨୪।୧ (ଡି.ଏନ.ଏ):** ବରଗଡ ଜିଲା ଝାରବନ୍ଧ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ରବିବାର ଆଞ୍ଚଳିକ ବ୍ରାହ୍ମଣ ସମାଜର ବାର୍ଷିକ ସଭା ଓ ଗାୟତ୍ରୀ ମଣ୍ଡପର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବ୍ରାହ୍ମଣ ସମାଜ ସଭାପତି ଝସକେତନ ନନ୍ଦ, କାର୍ଯ୍ୟକାରୀ ସଭାପତି ଡା. ଲମ୍ବୋଦର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ନୃସିଂହନାଥ ବ୍ରାହ୍ମଣ ସମାଜ ସଭାପତି ଗିରିଶ ଚନ୍ଦ୍ର ନାୟକ, ସତ୍ୟନାରାୟଣ ଯୋଶୀ, ବିନୋଦ କାଳିଆ ଯୋଗଦେଇ ପୂଜାବିଧି ଉପରେ ଆଲୋଚନା କରିଥିଲେ। ଜ୍ୟୋତିର୍ବିଦ୍ ପଣ୍ଡିତ ସଦାନନ୍ଦ ପାଣିଗ୍ରାହୀ, ପଣ୍ଡିତ ଆଶୁତୋଷ ପାଣିଗ୍ରାହୀଙ୍କ ନୃସିଂହ ପଞ୍ଜିକା ଉନ୍ମୋଚିତ ହୋଇଥିଲା।

# ୫୦ ବର୍ଷ ପରେ ଦୁଇଭାଇଙ୍କ ମିଳନ

**ଜଗତ୍‌ସିଂହପୁର ଅଫିସ, ୨୪।୧**

ପ୍ରାୟ ୫୦ ବର୍ଷ ପରେ ରବିବାର ଘରକୁ ଫେରିଲେ ବୃଦ୍ଧ ଚରଣ ପଲାଉର (୬୫)। ତାଙ୍କୁ ଦେଖିବାକୁ ତାଙ୍କ ମା' ଆଉ ଦୁନିଆରେ ନ ଥିବାବେଳେ ସାନ ଭାଇ ବିଜୟଙ୍କ ସହ ହୋଇଥିଲା ଭାବାବେଗ ମିଳନ। ଅଭାବରେ ପଡ଼ି ପେଟ ପାଇଁ ଦାନା ଖୋଜୁଖୋଜୁ ଘରଠାରୁ ଦୂରେଇ ଯାଇଥିଲେ ଚରଣ। ପରିବାର ଲୋକେ ତାଙ୍କ ଖୋଜଖବର ପାଇ ନ ଥିଲେ କି ସେ ଆଉ ଫେରିବାକୁ ସୁଯୋଗ ପାଇ ନ ଥିଲେ। ପର ଘରେ ସହାୟକ ଭାବେ ଜୀବନ କାଟୁଥିଲେ। ଗତ କିଛିଦିନ ତଳେ ଜଣେ ଗାଡ଼ି ଚାଳକଙ୍କ ସହ ତାଙ୍କର ଭେଟ ହୋଇଥିଲା। କଥାବାର୍ତ୍ତାବେଳେ ଉଭୟେ ଗୋଟିଏ ଗାଁର ବୋଲି ଜାଣିପାରିଥିଲେ। ଏପରି କି ଚରଣଙ୍କ ବିଷୟରେ ଗାଡ଼ିଚାଳକ ସବୁ ବିଷୟ ଜାଣିପାରିଥିଲେ। ଏହାପରେ ଚରଣଙ୍କ ଗାଁକୁ ଫେରିବା ବାଟ ଖୋଲିଥିଲା।

ଚରଣଙ୍କ ଘର ଜଗତ୍‌ସିଂହପୁର ବ୍ଲକ ଫୁଲହାର ଗାଁରେ। ତାଙ୍କ ଆଗମନ କଥା ଜାଣି ଫୁଲହାର ଗାଁ ଲୋକେ ରବିବାର ସକାଳୁ ତାଙ୍କୁ ଅପେକ୍ଷା କରିଥିଲେ। ଅପରାହ୍ନରେ ସେ ଗାଁ ମୁଣ୍ଡ ଭାଗବତ ଗୋସେଇଁଙ୍କ ନିକଟରେ ପହଞ୍ଚିବା ପରେ ଲୋକେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ମା' ଭଗବତୀଙ୍କ ଦର୍ଶନ ପରେ ତାଙ୍କୁ ଗାଁ ଲୋକେ ଶୋଭାଯାତ୍ରା କରି ଘରେ ପହଞ୍ଚାଇଥିଲେ। ପରିବାର ଲୋକେ ବନ୍ଦାପନା କରି ଘର ପ୍ରବେଶ କରାଇଥିଲେ। ନୂଆ ବସ୍ତ୍ର ପିନ୍ଧିବାକୁ ଦେଇଥିଲେ। ଚରଣ କହିଛନ୍ତି ଯେ, 'ଆମେ ଦୁଇ ଭାଇ ଛୋଟ ପିଲା ଥିବାବେଳେ ବାପାଙ୍କ ଦେହାନ୍ତ ହୋଇଯାଇଥିଲା। ଆମ ପେଟକୁ ଆହାର, ଦେହକୁ କପଡ଼ା ଯୋଗାଡ଼ କରିବା ବୋଉ ପାଇଁ ବହୁତ କଷ୍ଟକର ଥିଲା। ଏ ପରିସ୍ଥିତିରେ ବି ସେ ଆମ ଦୁହିଁଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆଖିର ଲୁହ ଆଖିରେ ମାରି ଅନେକ କିଛି କରିଥିଲା। ଆମ ଦୁଇ ଭାଇଙ୍କ ଖେଳକୁଦ ଦେଖି ସେ ସବୁ ଦୁଃଖକଷ୍ଟ ଭୁଲିବାକୁ ଚେଷ୍ଟା କରୁଥିଲା। କିନ୍ତୁ ସେତକ ଖୁସି ବି ଅଧିକ ଦିନ ରହିପାରି ନ ଥିଲା। ମୁଁ ୧୨/୧୩ ବର୍ଷ ବୟସରେ ପେଟକୁ ମୁଠେ ଆହାର ପାଇଁ ଗାଁର ଜଣେ ଲୋକଙ୍କ ଗାଈ, ମେଣ୍ଢା ଚରାଇବାକୁ ଯାଉଥିଲି। ତା' ପରେ ଆମ୍ରୋ ବିସ୍କୁଟ୍ କମ୍ପାନୀରେ କାମ କରିବା କଥା କହି ଗାଁର ଜଣେ ବ୍ୟକ୍ତି କଟକ ନେଇ ଯାଇଥିଲେ। କିନ୍ତୁ ସେଠାରେ ଜଣେ ଲୋକଙ୍କ ଘର କାମ ପାଇଁ ଛାଡ଼ି ଦେଇଥିଲେ। ସେଠାରୁ ଦିନେ ବାହାରକୁ ଯାଇଥିଲାବେଳେ ଫେରିବା ବାଟ ଭୁଲି ବାଟବଣା ହୋଇଯାଇଥିଲି। କିନ୍ତୁ ଗୋପୀନାଥପୁର ଜଣେ ବ୍ୟକ୍ତି ଆଶ୍ରୟ ଦେଇଥିଲେ' ବୋଲି ଚରଣ କହିଛନ୍ତି। ଗ୍ରାମର ପ୍ରବୀର କୁମାର ସ୍ୱାଇଁ କହିଛନ୍ତି, ଚରଣଙ୍କୁ କଟକ ଗୋପୀନାଥପୁରର ବେଙ୍ଗ ଦାସ ଆଶ୍ରୟ ଦେଇ ଘରୋଇ କାମରେ ଲଗାଇଥିଲେ। ପ୍ରାୟ ୧୫ ବର୍ଷ ରହିବା ପରେ ଦାସଙ୍କ ମୃତ୍ୟୁ ହୋଇଯାଇଥିଲା। ଫଳରେ ଚରଣ ପୁଣି ଅସହାୟ ହୋଇ ପଡ଼ି ୧୦/୧୫ ଦିନ ଉକ୍ତ ଗାଁରେ ବୁଲାବୁଲି କରିଥିଲେ। ଜଣେ ମହିଳା ତାଙ୍କୁ ଘରେ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କ ବାପା ତଥା ଟାଙ୍ଗୀ ବିରୋଳ ଗ୍ରାମର ଶରତ ଦାସଙ୍କ ଘରେ ଛାଡ଼ି ଦେଇଥିଲେ। ସେବେଠାରୁ ଚରଣ ବିରୋଳରେ ରହି ଗୁହାଳ ସଫେଇ ସହ ମେଣ୍ଢା ଚରାଇବା କାମରେ ନିୟୋଜିତ ଥିଲେ। କିଛି ଦିନ ତଳେ ଫୁଲହାର ଗାଁର ଜଣେ ପିକ୍‌ଅପ୍ ଭ୍ୟାନ୍ ଚାଳକ ବିରୋଳରେ ପହଞ୍ଚି ଏକ ଦୋକାନରୁ କିଛି କିଣୁଥିବାବେଳେ ଚରଣଙ୍କ ସହ ତାଙ୍କର ଭେଟ ହୋଇଥିଲା। ସେ ଚରଣଙ୍କ ପରିଚୟ ଓ ଘର ଛାଡ଼ିବା ଘଟଣା ଜାଣିବା ପରେ ଗାଁରେ ଆସି ଜଣାଇଥିଲେ। ଫୁଲହାରର ବୟସ୍କ ଲୋକମାନେ ଚରଣଙ୍କୁ ଫେରାଇ ଆଣିବାକୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ଗାଁର କେତେଜଣ ଆଗ୍ରହ ଦେଖାଇଥିଲେ। ଏହି କାର୍ଯ୍ୟରେ ମହିଳା ସମିତି ଗଠନ କରିଥିବା ବିରୋଳର ଜଣେ ମହିଳା ମଧ୍ୟ ସହାୟତା କରିଥିଲେ। ରବିବାର ସକାଳେ ଫୁଲହାରର ଅରୁଣୋଦୟ ପଲାଉର, ସୂର୍ଯ୍ୟ ନାରାୟଣ ପଲାଉର, ତପନ କୁମାର ସ୍ୱାଇଁ, ବୀର କିଶୋର ବଡୁ, ସୁନାକର ପଲାଉର ଓ ସୁଧାଂଶୁ ଭୋଇ ଏକ ବୋଲେରୋ ଯୋଗେ ବିରୋଳରେ ପହଞ୍ଚି ଚରଣଙ୍କୁ ଫେରାଇ ଆଣିଥିଲେ। ତାଙ୍କୁ ଦେଖି ପରିବାରରେ ଖୁସି ଭରି ଯାଇଥିବାବେଳେ ଗାଁ ଉତ୍ସବମୁଖର ହୋଇ ପଡିଥିଲା। କିନ୍ତୁ ଚରଣଙ୍କ ପାଇଁ ଏହି ଖୁସି କେତେଦିନ ରହୁଛି ତାହା ସମୟ କହିବ। କାରଣ ତାଙ୍କ ସାନ ଭାଇ ବିଜୟଙ୍କ ଆର୍ଥିକ ସ୍ଥିତି ମଧ୍ୟ ଭଲ ନାହିଁ। ଇନ୍ଦିରା ଆବାସ ୨ ବଖରା ଘରେ ସ୍ତ୍ରୀ, ପୁଅ, ନାତି ସହ ବିଜୟ କଷ୍ଟରେ ରହୁଛନ୍ତି। ଚରଣଙ୍କ ରହିବା ପାଇଁ ଘର ଓ ରାଶନ କାର୍ଡ ଜରୁରୀ। ଜିଲା ପ୍ରଶାସନ ଏ କ୍ଷେତ୍ରରେ ସହାୟତାର ହାତ ବଢାଇଲେ ଚରଣ ଅବଶିଷ୍ଟ ଜୀବନ ଭଲରେ କାଟିଦେବେ ବୋଲି ଗ୍ରାମବାସୀ କହୁଛନ୍ତି।

**ଗରିବ ପରିବାରର କରୁଣ କାହାଣୀ**



ଦୁଇ ଭାଇଙ୍କ ମିଳନ ବେଳର ଦୃଶ୍ୟ।

### କଚାଡି ମାରିଲା ହାତୀ

**ଔପଦା, ୨୪।୧(ଡି.ଏନ.ଏ.)**

ବାଲେଶ୍ୱର-ମୟୂରଭଞ୍ଜ ଜିଲା ସୀମାରେ ଏକ ମାଇ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଔପଦା ରେଞ୍ଜ ଅଧୀନ ଗଡସାହି ପାହାଡ ନିଘଞ୍ଚ ଜଙ୍ଗଲରେ ମୟୂରଭଞ୍ଜ ଜିଲା ସୁଦୁରିଆ ଗୋଠ ଗ୍ରାମର ପଦିଆର ସିଂ। ସେ ଜଙ୍ଗଲକୁ ଯାଇଥିବା ବେଳେ ଛୁଆ ସହିତ ଥିବା ଏକ ମାଇହାତୀ ହାବୁଡରେ ପଡିଯାଇଥିଲେ। ମାଇହାତୀ ପଦିଆରଙ୍କୁ ଶୁଣ୍ଢରେ କଚାଡି ମାରିଦେଇଥିବା ଆଶଙ୍କା କରାଯାଉଛି।

### ୨ ସ୍କୁଲକୁ ପୋଷ୍ୟ ଗ୍ରହଣ କଲେ ଆଇଏଏସ୍ ଅଫିସର

**ଗୁଣପୁର,୨୪।୧(ଡି.ଏନ୍.ଏ.)**

ମୋ ସ୍କୁଲ ଯୋଜନାରେ ରାଜ୍ୟ ସରକାରଙ୍କ ଦୁଇ ବରିଷ୍ଠ ଆଇଏଏସ୍ ଅଫିସର ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ୨ସ୍କୁଲକୁ ପୋଷ୍ୟଭାବେ ଗ୍ରହଣ କରିଛନ୍ତି। ରାୟଗଡ଼ାର ପୂର୍ବତନ ଜିଲାପାଳ ତଥା ଏବେକାର ଏସ୍‌ସି, ଏସ୍‌ଟି ବିଭାଗ ନିର୍ଦ୍ଦେଶକ ଗୁହା ପୁନମ୍ ତାପସ କୁମାର ଡମ୍ବସରା ବାଳିକା ଆଶ୍ରମ ବିଦ୍ୟାଳୟକୁ ନେଇଥିବାବେଳେ ଗୁଣପୁରର ପୂର୍ବତନ ଉପଜିଲାପାଳ ତଥା ବର୍ତ୍ତମାନ ସାଧାରଣ ପ୍ରଶାସନ ବିଭାଗ ଯୁଗ୍ମ ସମ୍ପାଦକ ଥିବା ମହମ୍ମଦ ସାଦିକ୍ ଆଲାମ୍ ଗୁଣପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ରୂପେ ଆପଣାଇଥିବା ସୂଚନା ମିଳିଛି।

# ଗୋଚର ଜମି ସାଜିଛି ଘର, ଖଳା

**ବିନିକା,୨୪।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଜୁବା ପଞ୍ଚାୟତ ଅଧୀନ ଖଇରମାଳ ଗ୍ରାମ ହରିଶଙ୍କର ମନ୍ଦିର ସମ୍ମୁଖ ଗୋଚର ଜମିକୁ ଗାଁର କେତେକ ଲୋକ ଜବରଦଖଲ କରିଛନ୍ତି। ୨୦୧୮ ଅଗଷ୍ଟ ୨୩ତାରିଖରେ ସୁବର୍ଣ୍ଣପୁର ଉପଜିଲାପାଳ, ରାଜସ୍ୱ ସଚିବ ଓ ଆର୍‌ଡିସିଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ପରେ ୨୦୧୯ ନଭେମ୍ବର ୪ ଓ ଡିସେମ୍ବର ୯ତାରିଖରେ ଜିଲାପାଳଙ୍କ ଜନଶୁଣାଣୀ ଶିବିରରେ ଏ ନେଇ ଅଭିଯୋଗ କରାଯାଇଥିଲା। ତତ୍କାଳୀନ ଉପଜିଲାପାଳ ସିଂଘିଜୁବା ରାଜସ୍ୱ ନିରୀକ୍ଷକଙ୍କୁ ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହି ନିର୍ଦ୍ଦେଶ ଉପରେ ଅବଧି ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡିଛି। ଖଇରମାଳ ଗାଁର ସନ୍ତୋଷ ପାତ୍ର ଜବରଦଖଲ ଗୋଚର ଜମି ବିଷୟରେ ବିନିକା ରାଜସ୍ୱ ବିଭାଗ ଅଧିକାରୀଙ୍କୁ ସୂଚନା ଅଧିକାର ଅଧିନିୟମରେ ଏକ ରିପୋର୍ଟ ମାଗିଥିଲେ। ବିନିକା ରାଜସ୍ୱ ବିଭାଗ ପତ୍ର ସଂଖ୍ୟା-୯୪/ତା ୧୨।୧।୨୧ରିଖରେ ରିପୋର୍ଟ ଦେଇଛନ୍ତି। ଏଥିରେ ୧୩ଜଣ ବ୍ୟକ୍ତି ଗୋଚର ଜମିରେ ଘର, ଖଳାବାରୀ ଓ ଚାଷ ଜମି କରି ଦୀର୍ଘବର୍ଷ ହୋଇ ଜବରଦଖଲ କରିଥିବା ଦର୍ଶାଯାଇଛି। କେଉଁ କାରଣରୁ ରାଜସ୍ୱ ବିଭାଗ ଜବରଦଖଲ ଉଚ୍ଛେଦ କରିନାହିଁ ବୋଲି ଗାଁ ସନ୍ତୋଷ ପାତ୍ର, ନାରାୟଣ ଭୂଏ, ରାମ ପାତ୍ର, ୱାର୍ଡସଭ୍ୟ ପ୍ରେମରାଜ ବାଘ ପ୍ରମୁଖ ପ୍ରଶ୍ନ କରିଛନ୍ତି।

### ଟ୍ରାକ୍ଟର ବୋଝେଇ କାଠଗଣ୍ଡି ଜବତ

**କଣ୍ଟାବାଞ୍ଜି,୨୪।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କେ.ଭି. କଲେଜ ନିକଟରେ ରବିବାର ସନ୍ଧ୍ୟାରେ କାଠଗଣ୍ଡି ବୋଝେଇ ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ କରିଛି। ଟ୍ରାକ୍ଟର ବାନ୍ଧନପାଲି ଗାଁରୁ କଣ୍ଟାବାଞ୍ଜି ଆସୁଥିଲା। ଚଢାଉ ସମୟରେ ଡ୍ରାଇଭର ଟ୍ରାକ୍ଟର ଛାଡି ଫେରାର ହୋଇ ଯାଇଥିଲେ। ଟ୍ରାକ୍ଟରରେ ମୁନ୍ଧେ, ନିମ୍ବ, ଖଇର ଆଦି କାଠର ଗଣ୍ଡି ରହିଛି। ଟ୍ରାକ୍ଟରକୁ ଫରେଷ୍ଟ ରେଞ୍ଜ ଅଫିସକୁ ଅଣାଯାଇଛି।

### ଆକ୍ସନ କମିଟି ପକ୍ଷରୁ ସ୍ୱର୍ଗତ ଲଳିତ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗୀର ଅଫିସ,୨୪।୧**

ବଲାଙ୍ଗୀର ଆଇନ ମହାବିଦ୍ୟାଳୟ ପକ୍ଷରୁ ଆକ୍ସନ କମିଟି ପକ୍ଷରୁ ବିଶିଷ୍ଟ ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଗୋପାଲଜୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଆଡଭୋକେଟ୍ ରତନ ମହାରଣା, ପ୍ରମୋଦ କୁମାର ତ୍ରିପାଠୀ, ଧର୍ମେନ୍ଦ୍ର ପ୍ରସାଦ ନନ୍ଦ, ହେମନ୍ତ କୁମାର ପଣ୍ଡା, ମନୋରଞ୍ଜନ ସାହୁ, ଶ୍ରୀକର ମିଶ୍ର, ସାଗରିକା ଗୁରୁ, ନୀଳମଣି ମିଶ୍ର, ବିଧୁଭୂଷଣ ତ୍ରିପାଠୀ, ଶଶୀଭୂଷଣ ପୁରୋହିତ ସ୍ୱର୍ଗତ ନାୟକଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ । ଲଳିତ ନାୟକ ସର୍ବହରାର ସାଥୀ, ଦୁଃଖିରଙ୍କିଙ୍କ ସାହାଭରସା ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାକୁ ରିଲୁ ରଥ ପରିଚାଳନା କରିଥିଲେ। ସ୍ୱର୍ଗତ ନାୟକଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଆକ୍ସନ କମିଟି ସଭାପତି ପାଣିଗ୍ରାହୀ, ତାଙ୍କ ସ୍ତ୍ରୀ ଓ ଦୁଇ ପୁଅଝିଅଙ୍କ ସମେତ ୮୮ଜଣ ରକ୍ତଦାନ କରିଥିଲେ।

## ଦିଲ୍ଲୀରେ ପାକିସ୍ତାନ ଜିନ୍ଦାବାଦ୍ ନାରା

**ନୂଆଦିଲ୍ଲୀ:** ଦିଲ୍ଲୀର ଖାନ୍ ମାର୍କେଟ ରେଳ ଷ୍ଟେସନ ନିକଟରେ ଶନିବାର ରାତିରେ କେତେଜଣ 'ପାକିସ୍ତାନ ଜିନ୍ଦାବାଦ୍' ନାରା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ ସହ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ସେମାନେ ବାଇକ୍ ରେସ୍ କରୁଥିବାବେଳେ ଭିନ୍ନ ଦେଶର ନାଁ ଅନୁଯାୟୀ ନିଜ ନାଁ ରଖିଥିଲେ। ଜଣଙ୍କ ନାଁ ପାକିସ୍ତାନ ଥିବାରୁ ତାଙ୍କୁ ଉତ୍ସାହିତ କରିବାକୁ ଅନ୍ୟମାନେ ପାକିସ୍ତାନ ଜିନ୍ଦାବାଦ୍ କହିଥିବା ପୋଲିସ ଆଗରେ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ଟିକା ନେବା ପରେ ୨ ମୃତ




**ହାଇଦ୍ରାବାଦ, ୨୪।୧:** କରୋନା ଟିକା ନେବା ପରେ ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶରେ ୨ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆସିଛି। ଆନ୍ଧ୍ରପ୍ରଦେଶରେ ବିଜୟା ଲକ୍ଷ୍ମୀ(୪୨) ନାମ୍ନୀ ଜଣେ ଆଶା କର୍ମୀ ଗତ ୧୯ ତାରିଖରେ ଟିକା ନେଇଥିଲେ। ୨୧ ତାରିଖରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଡାକ୍ତରଖାନା ପକ୍ଷରୁ ମୃତ୍ୟୁର କାରଣ ସ୍ପଷ୍ଟ କରାଯାଇ ନ ଥିବାବେଳେ ଟିକା ନେଇ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସେହିପରି ଗତ ୧୯ ତାରିଖରେ ତେଲଙ୍ଗାନାର ଜଣେ ୪୫ ବର୍ଷୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ଟିକା ନେବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ୩୨ ପିଲାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

**ନୂଆଦିଲ୍ଲୀ, ୨୪।୧(ପି.ଟି.):** ଶିକ୍ଷା, କ୍ରୀଡା, କଳା, ସଂସ୍କୃତି, ସାମାଜିକ ସେବା ଓ ସାହସିକତା ଆଦି ବିଭିନ୍ନ କ୍ଷେତ୍ରରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିବା ୩୨ ଜଣ ପିଲାଙ୍କୁ ଚଳିତ ବର୍ଷର 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପ୍ରଦାନ କରାଯାଇଛି। ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୨ ଜିଲାରୁ ଏହି ପିଲାମାନଙ୍କୁ ଚୟନ କରାଯାଇଥିବା ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କଳା ଓ ସଂସ୍କୃତି କ୍ଷେତ୍ରରେ ୭ ଜଣଙ୍କୁ ପୁରସ୍କୃତ କରାଯାଇଥିବାବେଳେ ନବୋନ୍ମେଷ ପାଇଁ ୯ ଜଣ, ଶୈକ୍ଷିକ ସଫଳତା ପାଇଁ ୫, କ୍ରୀଡ଼ା ବର୍ଗରେ ୭, ସାହସିକତା ପାଇଁ ୩ ଓ ସାମାଜିକ ସେବା ପାଇଁ ଜଣେ ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର କୋଟି କୋଟି ଅନ୍ୟ ପିଲାଙ୍କୁ ସେମାନଙ୍କ ସ୍ୱପ୍ନ ସାକାର କରିବା ଲାଗି ଅନୁପ୍ରାଣିତ କରିବ ବୋଲି ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି।

# ମହାକାଶରୁ ପୃଥିବୀର ଫଟୋ

**ନୂଆଦିଲ୍ଲୀ, ୨୪।୧:** ଇଣ୍ଟରନ୍ୟାଶନାଲ ସ୍ପେଶ ଷ୍ଟେଶନ(ଆଇଏସ୍ଏସ୍) ମହାକାଶରୁ ପୃଥିବୀର ବିରଳ ଫଟୋ ଜାରି କରିଛି। ସହରର ଆଲୋକ ଓ ଚମକୁଥିବା ତାରାଗୁଡ଼ିକ ମଧ୍ୟରେ ପୃଥିବୀର ଦୃଶ୍ୟ କେତେ ମନୋରମ ରହିଛି ତାହା ଏହି ଫଟୋରେ ଦେଖିବାକୁ ମିଳିଛି। ଷ୍ଟେଶନର କକ୍ଷପଥରେ ଇକ୍ୟୁଟେରର ୫୧.୬ ଡିଗ୍ରୀ ଉଚ୍ଚତାରୁ ଏହା ଉଠାଯାଇଛି। ୪ଟି ଫଟୋକୁ ଆଇଏସ୍ଏସ୍ ଏହାର ଟୁଇଟରରେ ଶେୟାର କରିଛି। ଏଭଳି ଫଟୋ ବହୁ ସଂଖ୍ୟାରେ ଲୋକଙ୍କୁ ବିସ୍ମିତ କରିଛି। ନାସା ଦ୍ୱାରା ପରିଚାଳିତ ଅରୋରାସ୍ ନାମକ ଏକ ଫ୍ଲିକର ପ୍ରୋଫାଇଲର ଲିଙ୍କ୍ ସହିତ ଏହି ପୋଷ୍ଟ ଶେୟାର କରାଯାଇଛି। କେଉଁଠାରେ ଏବଂ କିପରି ଫଟୋଗୁଡ଼ିକ ଉଠାଯାଇଛି ତାହା ଏହି ଲିଙ୍କ୍ରୁ ଜଣାଯାଇଥାଏ। ରବିବାର ଆଇଏସ୍ଏସ୍ ଛବି ଛାଡ଼ିବାର ମାତ୍ର କିଛି ସମୟ ମଧ୍ୟରେ ହଜାର ହଜାର ସଂଖ୍ୟାରେ ଲୋକେ



ଏହାକୁ ପସନ୍ଦ କରିଛନ୍ତି। ଫଟୋଚିତ୍ରଗୁଡ଼ିକ ବେଶ୍ ଚମତ୍କାର ହୋଇଥିବା ଲୋକେ ସେମାନଙ୍କ କମେଣ୍ଟରେ ଦର୍ଶାଇଛନ୍ତି।

# ଦିନକ ପାଇଁ ମୁଖ୍ୟମନ୍ତ୍ରୀ

**ଡେରାଡୁନ୍, ୨୪।୧:** ଦିନକ ପାଇଁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପଦରେ ବସି ଚର୍ଚ୍ଚାକୁ ଆସିଛନ୍ତି ସୃଷ୍ଟି ଗୋସ୍ୱାମୀ। ରବିବାର ଜାତୀୟ କନ୍ୟା ଦିବସ ଅବସରରେ ହରିଦ୍ୱାର ଜିଲା ଦୌଲତପୁର ଗ୍ରାମର ସୃଷ୍ଟି ମୁଖ୍ୟମନ୍ତ୍ରୀ ଆସନରେ ବସିବା ପରେ ତାଙ୍କୁ ମନ୍ତ୍ରିମଣ୍ଡଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏକ ବୈଠକରେ ଯୋଗଦେଇ ସେ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ୧୯ ବର୍ଷୀୟା ସୃଷ୍ଟି ରୁର୍କି ବିଏସ୍ଏମ୍ ପିଜି କଲେଜର ବିଏସ୍ସି ଏଗ୍ରିକଲ୍ଚରର ଛାତ୍ରୀ। ତାଙ୍କ ବାପା ପ୍ରବୀଣ ପୁରିଙ୍କ ଗାଁରେ ଏକ ଗ୍ରୋସରୀ ଦୋକାନ ରହିଛି। ୨୦୧୮ରେ ସୃଷ୍ଟି ଉତ୍ତରାଖଣ୍ଡ ବିଧାନସଭାରେ ଶିଶୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ସେ ଗର୍ଲସ ଇଣ୍ଟରନ୍ୟାଶନାଲ ଲିଡରଶିପ୍



ପାଇ ଥାଇଲ୍ୟାଣ୍ଡରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ସବୁ ଝିଅଙ୍କଠାରେ ବହୁତ କିଛି କରି ଦେଖାଇବାର ଦକ୍ଷତା ରହିଛି। ସେମାନଙ୍କୁ କେବଳ ସହଯୋଗର ଆବଶ୍ୟକତା ଥିବା ସୃଷ୍ଟି କହିଛନ୍ତି।

# ଟ୍ରାକ୍ଟର ରାଲିକୁ ପୋଲିସ ଅନୁମତି

**ନୂଆଦିଲ୍ଲୀ, ୨୪।୧(ପି.ଟି.)**

ସାଧାରଣତନ୍ତ୍ର ଦିବସରେ ଆନ୍ଦୋଳନରତ ଚାଷୀମାନଙ୍କ ପ୍ରସ୍ତାବିତ ଟ୍ରାକ୍ଟର ରାଲିକୁ ଦିଲ୍ଲୀ ପୋଲିସ ଅନୁମତି ପ୍ରଦାନ କରିଛି। ରବିବାର ଏ ସମ୍ପର୍କରେ ପୋଲିସ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛି। ଜାନୁୟାରୀ ୨୬ରେ ଶାନ୍ତିପୂର୍ଣ୍ଣ ଭାବେ ରାଲି ବାହାର କରିବା ଲାଗି କୃଷକ ସଂଗଠନଗୁଡ଼ିକ ସହମତ ହେବା ପରେ ଅନୁମତି ଦିଆଯାଇଛି। ଏନେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଓ ପୋଲିସ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଚାଷୀନେତାମାନଙ୍କୁ ଅବଗତ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ପରେଡ୍ ଦେଶର ଗର୍ବ ହୋଇଥିବାରୁ ଏହା ଯେପରି ବ୍ୟାଘାତ ନ ହୁଏ, ସେଥିପାଇଁ ସ୍ୱତନ୍ତ୍ର ପୋଲିସ କମିଶନର(ଗୋଇନ୍ଦା) ଦେବେନ୍ଦ୍ର ପାଠକ ବାରମ୍ବାର ସତର୍କ କରାଇଥିଲେ।

କୃଷକ ନେତାଙ୍କ ସହ ହୋଇଥିବା



ଦିଲ୍ଲୀର ଗାଜିପୁର ସୀମାରେ ଟ୍ରାକ୍ଟର ସହ ଆନ୍ଦୋଳନରତ ଚାଷୀ।

ସହମତି ଅନୁଯାୟୀ ପୋଲିସ ଟିକ୍ରି ସୀମାରୁ ବ୍ୟାରିକେଡ୍ ହଟାଇବା ସହ ୫୨-୬୩ କିଲୋମିଟର ରାସ୍ତାକୁ ଅବରୋଧ ମୁକ୍ତ କରିବ। ସେହିପରି ସିଙ୍ଘୁ ସୀମାରୁ ଅନ୍ୟ ଏକ ୬୦ କିଲୋମିଟର ରାସ୍ତା ଏବଂ ଗାଜିପୁର ସୀମାରୁ ୪୬ କିଲୋମିଟର ରାସ୍ତାକୁ ଟ୍ରାକ୍ଟର ରାଲି ପାଇଁ



ଦେବେନ୍ଦ୍ର ପାଠକ

ଛାଡ଼ିଦିଆଯିବ। ଦିଲ୍ଲୀ ସୀମା ଭିତରେ ୧୦୦ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତାରେ ଟ୍ରାକ୍ଟର ପରେଡ୍ ହେବ। ପ୍ରଥମ ରୁଟ୍ ସିଙ୍ଘୁ ସୀମାରୁ ଆରମ୍ଭ ହୋଇ ସଞ୍ଜୟ ଗାନ୍ଧୀ ଟ୍ରାନ୍ସପୋର୍ଟ ନଗରରୁ ବାୱାନା ପର୍ଯ୍ୟନ୍ତ ଯିବ। ସେହିପରି ଦ୍ୱିତୀୟ ରୁଟ୍ରେ ରାଲି ଟିକ୍ରି ସୀମାରୁ ବାହାରି ନଙ୍ଗଲୋଇ-ନଜଫଗଡ଼ ଏବଂ ଝାରୋଡା ଦେଇ ଯିବାକୁ ଥିବାବେଳେ ତୃତୀୟ ରୁଟରେ ଗାଜିପୁରରୁ ଆରମ୍ଭ ହୋଇ ଅପ୍ସରା ସୀମା ଓ ହାପୁର ପର୍ଯ୍ୟନ୍ତ ଯିବ। ସମସ୍ତ ଶୋଭାଯାତ୍ରା କୁଣ୍ଡଲି ମାନେସାର ପଲୱାଲ୍ ଏକ୍ସପ୍ରେସ୍ ୱେରେ ଏକାଠି ହେବେ। ଟିକ୍ରି ସୀମାରୁ ୭ରୁ ୮ ହଜାର ଚାଷୀ ଟ୍ରାକ୍ଟର ରାଲିରେ ସାମିଲ ହେବାକୁ ଥିବାବେଳେ ଗାଜିପୁର ସୀମାରୁ ୧,୦୦୦ ଏବଂ ସିଙ୍ଘୁ ସୀମାରୁ ୫,୦୦୦ ଚାଷୀ ଟ୍ରାକ୍ଟର ରାଲିରେ ବାହାରିବେ।

ମଙ୍ଗଳବାର ସାଧାରଣତନ୍ତ୍ର ପରେଡ୍ ପରେ ଟ୍ରାକ୍ଟର ରାଲି କଡ଼ା ସୁରକ୍ଷା ମଧ୍ୟରେ ଆରମ୍ଭ ହେବ। ପ୍ରସ୍ତାବିତ ରାଲିକୁ ଭଣ୍ଡୁର କରିବା ପାଇଁ ପାକିସ୍ତାନରେ ୩୦୦ରୁ ଊର୍ଦ୍ଧ୍ୱ ଟୁଇଟର୍ ହ୍ୟାଣ୍ଡଲ୍ ସୃଷ୍ଟି ହୋଇଥିବା ସ୍ୱତନ୍ତ୍ର ପୋଲିସ କମିଶନର କହିଛନ୍ତି। ଲୋକଙ୍କୁ ବିଭ୍ରାନ୍ତ କରିବା ଲାଗି ଜାନୁୟାରୀ ୧୩ରୁ ୧୮ ମଧ୍ୟରେ ଏହିସବୁ ଟୁଇଟର ହ୍ୟାଣ୍ଡଲ୍ ସୃଷ୍ଟି ହୋଇଥିବା ବିଭିନ୍ନ ସଂସ୍ଥାଠାରୁ ସୂଚନା ମିଳିଛି। ଏହା ଆମ ପାଇଁ ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ। ତେବେ କଡ଼ା ସୁରକ୍ଷା ମଧ୍ୟରେ ରାଲି କରାଯିବ ବୋଲି ଖବରଦାତା ସମ୍ମିଳନୀରେ ପାଠକ କହିଥିଲେ। ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ୩ ନୂତନ କୃଷି ଆଇନକୁ ବିରୋଧ କରି ଦିଲ୍ଲୀର ବିଭିନ୍ନ ସୀମାରେ ହଜାର ହଜାର ଚାଷୀ ନଭେମ୍ବର ମାସରୁ ଆନ୍ଦୋଳନରେ ବସିଛନ୍ତି। ସରକାରଙ୍କ ସହ ବାରମ୍ବାର ବୈଠକ ସତ୍ତ୍ୱେ ସମାଧାନର ବାଟ ବାହାରିପାରୁ ନ ଥିବାରୁ କୃଷକ ସଂଗଠନଗୁଡ଼ିକ ଆନ୍ଦୋଳନକୁ ଆହୁରି ଜୋର୍ଦାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିକ୍ରମରେ ସାଧାରଣତନ୍ତ୍ର ଦିବସରେ ଟ୍ରାକ୍ଟର ରାଲି ଯୋଜନା ହୋଇଛି। ଆଇନ ଶୃଙ୍ଖଳା ସୃଷ୍ଟି ହେବା ଆଶଙ୍କାରେ ରାଲି ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଲ୍ଲୀ ପୋଲିସ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲା। ତେବେ ସର୍ବୋଚ୍ଚ ଅଦାଲତ ରାଲି ଆୟୋଜନ ପାଇଁ ଅନୁମତି ଦେବା ଦାୟିତ୍ୱ ଦିଲ୍ଲୀ ପୋଲିସ ଉପରେ ଛାଡ଼ିଦେଇଥିଲେ। ଫଳରେ ପୋଲିସ କୃଷକଙ୍କ ଟ୍ରାକ୍ଟର ରାଲିକୁ ଅନୁମତି ଦେବାକୁ ବାଧ୍ୟ ହୋଇଛି।

ସେପଟେ ରାଲିକୁ ଜୋର୍ଦାର କରିବା ଲାଗି ରବିବାର ପଞ୍ଜାବରୁ ଅଧିକ ସଂଖ୍ୟାରେ କୃଷକ ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି। ଅମୃତସର, ଫଗ୍ୱାରା, ହାଶିଆରପୁର ଓ ଅନ୍ୟ ସ୍ଥାନରୁ ଶତାଧିକ ଟ୍ରାକ୍ଟର-ଟ୍ରଲି ଦିଲ୍ଲୀ ଆସୁଥିବା ଦେଖିବାକୁ ମିଳିଛି। ଅମୃତସର ଓ ତରଣ ଜିଲାରୁ ପାଖାପାଖି ୧୨ ହଜାର ଟ୍ରାକ୍ଟର-ଟ୍ରଲି ଦିଲ୍ଲୀ ଯାଇଥିବା କିଷାନ ସଂଘର୍ଷ କମିଟି ମୁଖପାତ୍ର ଗୁରୁବଚନ ସିଂ ଚାବା କହିଛନ୍ତି।

### ଭଣ୍ଡୁର ଲାଗି ପାକ୍ରେ ସୃଷ୍ଟି ହୋଇଛି ୩୦୦ ଟୁଇଟର୍ ହ୍ୟାଣ୍ଡଲ୍

### ମେଢ଼ରେ କୃଷି ଆଇନକୁ ବିରୋଧ

ଟ୍ରାକ୍ଟର ରାଲିରେ ବିଭିନ୍ନ ରାଜ୍ୟର କୃଷି, ଗ୍ରାମୀଣ ଜୀବନର ଚିତ୍ର ପ୍ରଦର୍ଶନ କରୁଥିବା ମେଢ଼ ସ୍ଥାନ ପାଇବ। ଏଥିରେ କେନ୍ଦ୍ର କୃଷି ଆଇନ ବିରୋଧରେ ଆନ୍ଦୋଳନ ଓ ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ସ୍ଥାନିତ କରାଯିବ ବୋଲି ଆୟୋଜକମାନେ କହିଛନ୍ତି। ଏଥିପାଇଁ ଆନ୍ଦୋଳନରେ ଭାଗ ନେଇଥିବା ସମସ୍ତ ଚାଷୀ ସଂଗଠନକୁ ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ କରିବାକୁ କୁହାଯାଇଛି। ପାଖାପାଖି ଲକ୍ଷେ ଟ୍ରାକ୍ଟର ରାଲିରେ ସାମିଲ ହେବାକୁ ଥିବାବେଳେ ୩୦ ପ୍ରତିଶତରେ ବିଭିନ୍ନ ବିଷୟକୁ ନେଇ ମେଢ଼ ରଖାଯିବ।

## ମୁମ୍ବାଇରେ ବିଶାଳ ଶୋଭାଯାତ୍ରା

**ମୁମ୍ବାଇ, ୨୪।୧**

କେନ୍ଦ୍ରର ନୂଆ କୃଷି ଆଇନକୁ ବିରୋଧ କରି ମହାରାଷ୍ଟ୍ରର ୨୧ ଜିଲାରୁ ହଜାର ହଜାର ଚାଷୀ ରାଜ୍ୟ ରାଜଧାନୀ ମୁମ୍ବାଇ ଅଭିମୁଖେ ବିଶାଳ ଶୋଭାଯାତ୍ରାରେ ବାହାରିଛନ୍ତି। ସେମାନେ ଶନିବାର ନାଶିକ୍ରେ ଏକାଠି ହୋଇଥିଲେ। ସୋମବାର ସେମାନେ ମୁମ୍ବାଇର ଆଜାଦ ମଇଦାନରେ ରାଲିର ଆୟୋଜନ କରିବେ। ଏଥିରେ ଏନ୍ସିପି ଅଧ୍ୟକ୍ଷ ଶରଦ ପାୱାର ଯୋଗଦେବେ ବୋଲି ଜଣାପଡ଼ିଛି। ପତାକା ଓ ବ୍ୟାନର ଧରି ଚାଷୀମାନଙ୍କ ବିଶାଳ ଜନସମୁଦ୍ର କସାରା ଘାଟ ଅଞ୍ଚଳ ଦେଇ ଆଗେଇ ଚାଲିଥିବା ଦେଖିବାକୁ ମିଳିଛି। ବିଭିନ୍ନ କ୍ଷୁଦ୍ର ସଂଗଠନରୁ ଆସିଥିବା ଚାଷୀମାନେ ଅଖିଳ ଭାରତୀୟ କିଷାନ ସଭା ବ୍ୟାନରରେ ଏକାଠି ହୋଇଛନ୍ତି।

ନଭେମ୍ବର ମାସରୁ ଦିଲ୍ଲୀ ସୀମାରେ ହଜାର ହଜାର ଚାଷୀ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବାବେଳେ ସରକାର ଯଦି ସେମାନଙ୍କ ଭାବାବେଗ ବୁଝିବାରେ ଅସମର୍ଥ ହୁଅନ୍ତି, ତେବେ ପରିଣାମ ଭୋଗିବା ଲାଗି ପ୍ରସ୍ତୁତ ରହିବାକୁ ଦୁଇ ସପ୍ତାହ ପୂର୍ବରୁ ଶରଦ ପାୱାର ଚେତାବନୀ ଦେଇଥିଲେ। କେନ୍ଦ୍ର ସରକାର ଚାଷୀଙ୍କ ଧୈର୍ଯ୍ୟର ପରୀକ୍ଷା ନେବା ଉଚିତ ନୁହେଁ ବୋଲି ଗତ ମାସରେ ପାୱାର କହିଥିଲେ।

# ଶାସକ ଦଳରୁ ଓଲି ବିଦା

**କାଠମାଣ୍ଡୁ, ୨୪।୧**

ନେପାଳ ରାଜନୀତି ସଙ୍କଟ ଦେଇ ଗତି କରୁଥିବାବେଳେ ଏବେ ପୁଣି ସୃଷ୍ଟି ହୋଇଛି ହଇଚଇ। କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ କେ ପି ଶର୍ମା ଓଲିଙ୍କୁ ବାହାର ରାସ୍ତା ଦେଖାଇଛି ତାଙ୍କ ଦଳ ନେପାଳ କମ୍ୟୁନିଷ୍ଟ ପାର୍ଟି (ଏନ୍ସିପି)। ପାର୍ଟିରୁ ତାଙ୍କୁ ବହିଷ୍କାର କରାଯିବା ସହ ତାଙ୍କ ସଦସ୍ୟତା ରଦ୍ଦ କରାଯାଇଛି। ସେଣ୍ଟ୍ରାଲ କମିଟି ବୈଠକ ଡକାଯାଇ ଏହି ପଦକ୍ଷେପ ନିଆଯାଇଥିବା ଦଳର ବିରୋଧୀ ଗୋଷ୍ଠୀ ମୁଖପାତ୍ର ନାରାୟଣ କାଜି ଶ୍ରେଷ୍ଠ ସୂଚନା ଦେଇଛନ୍ତି।



କେ. ପି. ଶର୍ମା ଓଲି

ଗତ ବର୍ଷ ଡିସେମ୍ବର ୨୦ରେ ଦେଶରେ ପାର୍ଲାମେଣ୍ଟ ଭଙ୍ଗ ହେବାପରଠାରୁ ରାଜନୈତିକ ଉତ୍ତେଜନା ଜାରି ରହିଛି। ବେଆଇନ ଭାବେ ସମ୍ବିଧାନକୁ ଉଲ୍ଲଂଘନ କରି ଓଲି ସଂସଦ ଭାଙ୍ଗିଥିବା ଏନ୍ସିପିର ବିରୋଧୀ ଗୋଷ୍ଠୀ ନେତା ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ଅଭିଯୋଗ କରିଥିଲେ। ଶୁକ୍ରବାର ପ୍ରଚଣ୍ଡ ସରକାରୀ ବିରୋଧୀ ରାଲି ସଙ୍ଗଠିତ କରି ଏହାର ନେତୃତ୍ୱ ନେଇଥିଲେ। ଓଲିଙ୍କ ଏଭଳି କାର୍ଯ୍ୟ ଦେଶର ସଂଘୀୟ ଗଣତନ୍ତ୍ର ବ୍ୟବସ୍ଥା ପ୍ରତି ବିପଦ। କେବଳ ଦଳ ନୁହେଁ ଓଲି ସମ୍ବିଧାନ ବିରୋଧରେ ମଧ୍ୟ କାର୍ଯ୍ୟ କରିଛନ୍ତି ବୋଲି ପ୍ରଚଣ୍ଡ କହିଥିଲେ। ଅସ୍ଥିରତା ମଧ୍ୟରେ ଆସନ୍ତା ଏପ୍ରିଲ/ମେ ମଧ୍ୟରେ ନିର୍ବାଚନ କରିବାକୁ ଏନ୍ସିପି ବିରୋଧୀ ଦଳ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜାରି ରହିଛି।

# ପରେଡ୍ରେ ସାମିଲ ହେବେ ବାଂଲାଦେଶ ସୈନ୍ୟ

**ନୂଆଦିଲ୍ଲୀ, ୨୪।୧**

ସାଧାରଣତନ୍ତ୍ର ଦିବସ ଅବସରରେ ଦିଲ୍ଲୀ ରାଜପଥରେ ହେବାକୁ ଥିବା ପରେଡ୍ରେ ଭାରତୀୟ ଯବାନଙ୍କ ସହ ପ୍ରଥମ ଥର ପାଇଁ ୧୨୨ ବାଂଲାଦେଶୀ ସୈନ୍ୟ ସାମିଲ ହେବେ। ସେମାନଙ୍କ ଦେଶକୁ ସ୍ୱାଧୀନ କରାଇବାରେ ଭାରତୀୟ ସେନା ଯବାନମାନଙ୍କ ବଳିଦାନ ପ୍ରତି କୃତଜ୍ଞତା ଓ ସମ୍ମାନ ଜଣାଇବାକୁ ପରେଡ୍ରେ ସାମିଲ ହେଉଥିବା ବାଂଲାଦେଶ ସେନା କଲୋନେଲ୍ ମୋହତାଶିମ୍ ହାଇଦର ଚୌଧୁରୀ କହିଛନ୍ତି। ଭାରତରେ ପହଞ୍ଚିଥିବା ବାଂଲାଦେଶୀ ସୈନ୍ୟମାନେ ଶନିବାର ପୂରାଦିନ ଅଭ୍ୟାସ କରିଥିଲେ। ଭାରତର ୭୨ତମ ସାଧାରଣତନ୍ତ୍ର ଦିବସ ପରେଡ୍ରେ ଭାଗନେବା ଆମ ପାଇଁ ଗର୍ବର ବିଷୟ ବୋଲି ଚୌଧୁରୀ କହିଛନ୍ତି। ବାଂଲାଦେଶ ସ୍ୱାଧୀନତାର ୫୦ତମ ବର୍ଷ ତଥା ଏହାର ରାଷ୍ଟ୍ର ଜନକ ବଙ୍ଗବନ୍ଧୁ ଶେଖ ମୁଜିବୁର ରହମନଙ୍କ ଜନ୍ମ ଶତବାର୍ଷିକୀ ପାଳନ କରୁଥିବାବେଳେ ବନ୍ଧୁରାଷ୍ଟ୍ରର ସାଧାରଣତନ୍ତ୍ର ଦିବସରେ ସାମିଲ ହେବାର ସୁଯୋଗ ମିଳିବା ଭାଗ୍ୟର କଥା। ପରେଡ୍ରେ ଯୋଗଦେବାକୁ ଆସିଥିବା ଯବାନମାନେ ୧୯୭୧ ସ୍ୱାଧୀନତା ଲଢ଼େଇ ବେଳେ ସୃଷ୍ଟି ହୋଇଥିବା ବାଂଲାଦେଶ ସେନା ୟୁନିଟ୍ର ଯବାନ ବୋଲି କଲୋନେଲ୍ ଚୌଧୁରୀ କହିଛନ୍ତି।

### ସାଧାରଣତନ୍ତ୍ର ଦିବସରେ ପ୍ରଥମ



## ଏମ୍ସ ଉପନିର୍ଦ୍ଦେଶକ ନେଲେ ଟିକା



ଆଇଏଏସ୍ ଅଧିକାରୀ ଶୁଭାଶିଷ ପଣ୍ଡା କରୋନା ଟିକା ନେଉଛନ୍ତି।

**ନୂଆଦିଲ୍ଲୀ, ୨୪।୧:** କରୋନା ଟିକା ନେବାକୁ ନେଇ ଏବେ ଲୋକଙ୍କ ମନରେ ଉତ୍ସାହଠାରୁ ଅଧିକ ଆଶଙ୍କା ଓ ଭୟ ଦେଖାଦେଉଛି। ଏହାକୁ ପ୍ରତିହତ କରିବା ପାଇଁ ସରକାରୀ ସ୍ତରରେ ସଚେତନତା ସୃଷ୍ଟି କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ଟିକା ଦିଆଯାଉଛି। ପ୍ରଶାସକମାନଙ୍କୁ ଏପର୍ଯ୍ୟନ୍ତ ଦିଆଯାଇ ନାହିଁ। କୁହାଯାଉଛି ପ୍ରଶାସକଙ୍କ ମହଲରେ ଟିକା ନେବାକୁ ସେତେଟା ଉତ୍ସାହ ନାହିଁ। ଏଭଳିସ୍ଥଳେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଦିଲ୍ଲୀ ଏମ୍ସର ଉପନିର୍ଦ୍ଦେଶକ ତଥା ୧୯୯୭ ବ୍ୟାଚ୍ର ଆଇଏଏସ୍ ଅଧିକାରୀ ଶୁଭାଶିଷ ପଣ୍ଡା କରୋନା ଟିକା ନେଇଛନ୍ତି। ସେ କହିଛନ୍ତି, ଟିକା ସମ୍ପୂର୍ଣ୍ଣ ନିରାପଦ। ସୂଚନା ଦିଆଯାଇପାରେ ଯେ, ଶୁଭାଶିଷଙ୍କ ବଡ଼ ଭାଇ ଦେବାଶିଷ ପଣ୍ଡା ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗର ସଚିବ ଅଛନ୍ତି।

# ବିପଦ ଆଶଙ୍କା ବଢ଼ାଉଛି ପୁରୁଣା ନଦୀବନ୍ଧ

**ନ୍ୟୁୟର୍କ, ୨୪।୧ (ପି.ଟି.)**

- ଭାରତରେ ହଜାରେରୁ ଊର୍ଦ୍ଧ୍ୱ ବନ୍ଧ ୫୦ ବର୍ଷ ତଳର
- ବିଭିନ୍ନ ଦେଶରେ ପୁରୁଣା ବନ୍ଧକୁ ନେଇ ଜାତିସଂଘର ଉଦ୍ବେଗ

୨୦୨୫ ସୁଦ୍ଧା ଭାରତରେ ହଜାରେରୁ ଊର୍ଦ୍ଧ୍ୱ ବୃହତ୍ ନଦୀବନ୍ଧ ୫୦ ବର୍ଷ କିମ୍ବା ତା'ଠାରୁ ଅଧିକ ପୁରୁଣା ହେବାକୁ ଯାଉଛି। କେବଳ ଭାରତ ନୁହେଁ, ବିଭିନ୍ନ ଦେଶରେ ଏଭଳି ପୁରୁଣା ନଦୀବନ୍ଧ ବିପଦ ଭାବେ ଉଭା ହୋଇଥିବା ଜାତିସଂଘ ରିପୋର୍ଟରେ କୁହାଯାଇଛି। କାରଣ ୨୦୫୦ ବେଳକୁ ସାରା ବିଶ୍ୱର ଅଧିକାଂଶ ଲୋକ ବିଂଶ ଶତାବ୍ଦୀରେ ନିର୍ମିତ ହଜାର ହଜାର ନଦୀବନ୍ଧର ଅନୁପ୍ରବାହରେ ବାସ କରୁଥିବେ। 'ପୁରୁଣା ଜଳ ଭିତ୍ତିଭୂମି: ଆଗାମୀ ବିଶ୍ୱ ପାଇଁ ବିପଦ' ଶୀର୍ଷକ ଉକ୍ତ ରିପୋର୍ଟ ଜାତିସଂଘ ୟୁନିଭର୍ସିଟିର କାନାଡାସ୍ଥିତ ଜଳ, ପରିବେଶ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ୱାରା ସଂକଳିତ ହୋଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ସାରା ବିଶ୍ୱରେ ୫୮,୭୦୦ ବୃହତ୍ ନଦୀବନ୍ଧ ୧୯୩୦ରୁ ୧୯୭୦ ମଧ୍ୟରେ ନିର୍ମିତ ହୋଇଛି, ଯେଉଁ ବନ୍ଧଗୁଡ଼ିକର ଜୀବନକାଳ ୫୦ରୁ ୧୦୦ ବର୍ଷ।



ସାଧାରଣତଃ ୫୦ ବର୍ଷ ହୋଇଗଲେ କଂକ୍ରିଟ୍ ନଦୀବନ୍ଧରେ ବୟସ୍କ ଲକ୍ଷଣ ଦେଖାଯିବା ଆରମ୍ଭ ହୋଇଥାଏ। ଏହି ଲକ୍ଷଣ ମଧ୍ୟରେ ରହିଛି ନଦୀବନ୍ଧରେ ଅସଫଳତା, ମରାମତି ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି, ଜଳଭଣ୍ଡାରରେ ଅବକ୍ଷିପ୍ତ ସ୍ତର ବଢ଼ିବା ଏବଂ ନଦୀବନ୍ଧର କାର୍ଯ୍ୟଦକ୍ଷତା କମିଯିବା। ଭାରତ ସମେତ ଆମେରିକା, ଫ୍ରାନ୍ସ, କାନାଡା, ଜାପାନ, ଜାମ୍ବିଆ ଏବଂ ଜିମ୍ବାୱେର ନଦୀବନ୍ଧ ଉପରେ ଜାତିସଂଘ ସଂସ୍ଥା ପକ୍ଷରୁ ସର୍ଭେ କରାଯାଇଥିଲା। ରିପୋର୍ଟରେ କୁହାଯାଇଛି, ବିଂଶ ଶତାବ୍ଦୀର ମଧ୍ୟଭାଗରେ ବିଭିନ୍ନ ଦେଶରେ ବୃହତ୍ ନଦୀବନ୍ଧ ନିର୍ମାଣ ଆରମ୍ଭ ହୋଇଥିଲା। ସେଗୁଡ଼ିକରେ ବୟସ୍କ ଲକ୍ଷଣ ଦେଖାଦେବା ଅବଶ୍ୟମ୍ଭାବୀ। ତେଣୁ ବିଶ୍ୱ ବୃହତ୍ ନଦୀବନ୍ଧ ନିର୍ମାଣର ଆଉ ଏକ ବିପ୍ଳବ ଦେଖିପାରେ।

ଉକ୍ତ ରିପୋର୍ଟ ଅନୁଯାୟୀ, ଏସିଆର ୪ଟି ଦେଶ ଭାରତ, ଚାଇନା, ଜାପାନ ଓ ଦକ୍ଷିଣ କୋରିଆରେ ୩୨,୭୧୬ ବୃହତ୍ ନଦୀବନ୍ଧ ରହିଛି, ଯାହା ବିଶ୍ୱର ମୋଟ ନଦୀବନ୍ଧର ୫୫ ପ୍ରତିଶତ। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଖୁବ୍ଶୀଘ୍ର ୫୦ ବର୍ଷରେ ପହଞ୍ଚିବାକୁ ଯାଉଛି। ଆଫ୍ରିକା, ଦକ୍ଷିଣ ଆମେରିକା ଓ ପୂର୍ବ ୟୁରୋପର ଅଧିକାଂଶ ନଦୀବନ୍ଧର ମଧ୍ୟ ସେହି ଅବସ୍ଥା। ଭାରତରେ ୧,୧୧୫ ବୃହତ୍ ନଦୀବନ୍ଧ ଥିବାବେଳେ ସେଗୁଡ଼ିକ ୨୦୨୫ ବେଳକୁ ୨୫ ବର୍ଷରେ ପହଞ୍ଚିବ କିମ୍ବା ଅତିକ୍ରମ କରିବ। ୨୦୫୦ ବେଳକୁ ଦେଶର ୪,୨୫୦ରୁ ଅଧିକ ନଦୀବନ୍ଧ ୫୦ ବର୍ଷ ଅତିକ୍ରମ କରିସାରିଥିବ ଏବଂ ୬୪ଟି ବୃହତ ବନ୍ଧର ବୟସ ୧୫୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ। କେରଳରେ ୧୦୦ ବର୍ଷର ପୁରୁଣା ମୁଲାପେରିୟାର ବନ୍ଧ ଯଦି ବିଫଳ ହୁଏ, ତେବେ ପାଖାପାଖି ୩୫ ଲକ୍ଷ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ। ଏହି ନଦୀବନ୍ଧ ସକ୍ରିୟ ଭୂକମ୍ପ ପ୍ରବଣ ଅଞ୍ଚଳରେ ରହିଥିବା ବେଳେ ଏହାର ଗଠନରେ ଗୁରୁତର ତ୍ରୁଟି ଦେଖାଗଲାଣି। ନଦୀବନ୍ଧ ପରିଚାଳନାକୁ ନେଇ କେରଳ ଓ ତାମିଲନାଡୁ ମଧ୍ୟରେ କ୍ରମାଗତ ବିବାଦ ଲାଗିରହିଛି। ଉତ୍ତମ ଡିଜାଇନ ଓ ନିର୍ମାଣ ହୋଇଥିବା ନଦୀବନ୍ଧ ସହଜରେ ୧୦୦ ବର୍ଷ ସେବା ଦେଇପାରିବ। ଆମେରିକା ଓ ୟୁରୋପରେ ଏଭଳି ନଦୀବନ୍ଧଗୁଡ଼ିକୁ ସେବାମୁକ୍ତ କରାଯାଉଛି। ଆମେରିକାରେ ୯୦,୫୮୦ ବନ୍ଧର ହାରାହାରି ବୟସ ୫୬ ବର୍ଷ। ୮୫ ପ୍ରତିଶତରୁ ଅଧିକ ଡ୍ୟାମ୍ ଜୀବନକାଳ ଶେଷ ଭାଗରେ କିମ୍ବା ଏହାକୁ ଅତିକ୍ରମ କରିସାରିଲେଣି। ଗତ ୩୦ ବର୍ଷ ମଧ୍ୟରେ ସେଠାରେ ପାଖାପାଖି ୧,୨୭୫ ନଦୀବନ୍ଧକୁ ବାଦ୍ ଦିଆଯାଇଛି।

## ସଙ୍ଗକାରା ରାଜସ୍ଥାନ ରୟାଲ୍ସ କ୍ରିକେଟ ନିର୍ଦ୍ଦେଶକ

**ନୂଆଦିଲ୍ଲୀ, ୨୪।୧ (ପି.ଟି.):** ଶ୍ରୀଲଙ୍କାର ମହାନ୍ ବ୍ୟାଟ୍ସମ୍ୟାନ କୁମାର ସଙ୍ଗକାରା ରବିବାର ଆସନ୍ତା ସିଜନ୍ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସର କ୍ରିକେଟ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ ନିର୍ଦ୍ଦେଶ ଅନୁସାରେ କୋଚିଂ ଢାଞ୍ଚା, ନିଲାମ ଯୋଜନା, ଦଳର ରଣକୌଶଳ, ପ୍ରତିଭା ଚିହ୍ନଟ ସମେତ ନାଗପୁରସ୍ଥିତ ରୟାଲ୍ସ ଏକାଡେମୀର ବିକାଶ ଆଦି କାର୍ଯ୍ୟ ଚାଲିବ। ସଙ୍ଗକାରା ହେଉଛନ୍ତି ଶ୍ରୀଲଙ୍କାର ଜଣେ ସଫଳ କ୍ରିକେଟର। ତାଙ୍କ ୧୬ ବର୍ଷ କ୍ୟାରିୟରରେ ସେ ତାଙ୍କ ଦେଶ ପାଇଁ ୨୮,୦୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ୪୬ ବର୍ଷ ମଧ୍ୟରେ ଟେଷ୍ଟରେ ଯେକୌଣସି ଖେଳାଳିଙ୍କଠାରୁ ତାଙ୍କ ବ୍ୟାଟିଂ ଆଭରେଜ ସର୍ବାଧିକ। ଆସନ୍ତା ସିଜନ୍ ପାଇଁ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ଙ୍କ ସ୍ଥାନରେ ସଞ୍ଜୁ ସାମ୍ସନ ରାଜସ୍ଥାନ ରୟାଲ୍ସର ଅଧିନାୟକ ମନୋନୀତ ହୋଇଛନ୍ତି। ବୋର୍ଡରେ ଭେଟେରାନ ଉଇକେଟକିପରଙ୍କୁ ପାଇ ସେ ଖୁବ୍ ଆନନ୍ଦିତ ବୋଲି କହିଛନ୍ତି।

# ରୁଟ୍ ୧୮୬, ଇଂଲଣ୍ଡ ୩୩୯ / ୯

**ଗାଲେ, ୨୪।୧ (ଏପି)**

ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଉପମହାଦେଶରେ ସ୍ପିନରଙ୍କ ଉପରେ ତାଙ୍କର ଆଧିପତ୍ୟ ଜାହିର ରଖିଛନ୍ତି। ଏଠାରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ସେ ୧୮୬ ରନ କରିଛନ୍ତି। ତାଙ୍କର ଏହି ବଳିଷ୍ଠ ବ୍ୟାଟିଂ ଦ୍ୱାରା ଭ୍ରମଣକାରୀ ଦଳ ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୯ ଉଇକେଟ ବିନିମୟରେ ୩୩୯ରନ କରିଛି। ଏହାସତ୍ତ୍ୱେ ଦଳ ଶ୍ରୀଲଙ୍କା ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୪୨ରନ ପଛରେ ରହିଛି। ରୁଟ୍ ମଧ୍ୟାହ୍ନଭୋଜନ ପୂର୍ବରୁ ତଙ୍କ କ୍ୟାରିୟରର ୧୯ତମ ଟେଷ୍ଟ ଶତକ ହାସଲ କରିବା ସହ କେଭିନ ପିଟରସନଙ୍କ ୮,୧୮୧ ଟେଷ୍ଟ ରନ୍‌କୁ ଅତିକ୍ରମ କରି ୫ ଦିନିଆ ଫର୍ମାଟରେ ଇଂଲଣ୍ଡର ୫ମ ସର୍ବାଧିକ ରନ ସ୍କୋରର ବ୍ୟାଟ୍ସମ୍ୟାନ ବିବେଚିତ ହୋଇପାରିଛନ୍ତି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୭ ଉଇକେଟରେ ବିଜୟ ଲାଭ କରିଥିଲା। ଏହି ମ୍ୟାଚରେ ରୁଟ୍ ଏକ ଦ୍ୱିଶତକ ହାସଲ କରିଥିଲେ। ଶ୍ରୀଲଙ୍କା ସ୍ପିନରଙ୍କ ଆଗରେ ଇଂଲଣ୍ଡ


୧୮୬ ରନ୍‌ର ଇନିଂସ୍ ଖେଳିଥିବା ଜୋ ରୁଟ୍।

ବ୍ୟାଟ୍ସମ୍ୟାନମାନଙ୍କୁ ସଂଘର୍ଷ କରିବାକୁ ପଡ଼ିଥିବାବେଳେ ରୁଟ୍‌ଙ୍କ ପାଇଁ କିନ୍ତୁ ଏହା ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲା। ସେ ଫୁଲ୍ ଡେଲିଭରିକୁ ବ୍ୟାକ୍‌ଫୁଟ୍‌ରେ ଡିଫେଣ୍ଡ କରୁଥିବାବେଳେ ଶର୍ଟ ବଲ୍‌କୁ ସୁଇପ୍ କରୁଥିଲେ। ରୁଟ୍‌ଙ୍କ ସୁଇପ୍ ଶଟ୍ ରୋକିବା ଲାଗି ଶ୍ରୀଲଙ୍କା ବାଉଣ୍ଡ୍ରିରେ ୩ଜଣ ଫିଲ୍ଡରଙ୍କୁ ମୁତୟନ କରିଥିଲା। ରୁଟ୍ କିନ୍ତୁ ଗ୍ୟାପ୍ ଶଟ୍ ଖେଳି ସେମାନଙ୍କ ଯୋଜନାକୁ ପଣ୍ଡ କରିଦେଇଥିଲେ। ୫ମ ଉଇକେଟରେ ଜୋସ୍ ବଟଲର ଓ ରୁଟ୍ ୯୭ରନ ଯୋଗ କରିଥିଲେ। ଏହି ଅବସରରେ ବଟଲର ତାଙ୍କ ୧୮ତମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ୫୫ ସ୍କୋରରେ ସେ ରିଭର୍ସ ସୁଇପ୍ ଖେଳିବାକୁ ଯାଇ ନବାଗତ ରମେଶ ମେଣ୍ଡିସ୍‌ଙ୍କ ବଲ୍‌ରେ ଓଶାଡା ଫର୍ନାଣ୍ଡୋଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଚା'ପାନ ବିରତି ପୂର୍ବ ଅନ୍ତିମ ଓଭରରେ ସାମ୍ କୁରାନ ୫ମ ଖେଳାଳି ଭାବେ ଲସିଥ ଏମ୍ବୁଲଡେନ୍‌ଲ୍ୟାଙ୍କ ଶିକାର ହୋଇଥିଲେ। ଏମ୍ବୁଲଡେନ୍‌ଲ୍ୟା ତୃତୀୟ ଟେଷ୍ଟରେ ତାଙ୍କ ୫ ଉଇକେଟ ସଫଳତା ହାସଲ କରିପାରିଥିଲେ। ରୁଟ୍ ୯ମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ଓଶାଡା ଫର୍ନାଣ୍ଡୋ ତାଙ୍କୁ ରନ ଆଉଟ କରିଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୩୮୧

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୩୯/୯ (ଜୋ ରୁଟ୍-୧୮୬, ଜୋସ୍ ବଟଲର-୫୫, ଡୋମିନିକ୍ ବେସ୍-୩୨, ଲସିଥ ଏମ୍ବୁଲଡେନ୍‌ଲ୍ୟା-୭/୧୩୨, ରମେଶ ମେଣ୍ଡିସ-୧/୪୮)।

## ଚିଲି ସିନିୟରଙ୍କୁ ହରାଇଲେ ଭାରତୀୟ ଜୁନିୟର

**ସାଣ୍ଟିଆଗୋ(ଚିଲି), ୨୪।୧(ପି.ଟି.)**

ବିଦେଶ ଗସ୍ତରେ ଥିବା ଭାରତୀୟ ଜୁନିୟର ମହିଳା ହକି ଦଳ ଏହାର ବିଜୟ ଧାରା ବଜାୟ ରଖିଛି। ସ୍ଥାନୀୟ ପ୍ରିନ୍ସ ଅଫ୍ ୱେଲ୍ସ କଣ୍ଟ୍ରି କ୍ଲବଠାରେ ରବିବାର ଖେଳାଯାଇଥିବା ମ୍ୟାଚରେ ଦଳ ଚିଲି ସିନିୟର ଦଳକୁ ୨-୦ ଗୋଲରେ ପରାସ୍ତ କରିଛି। ଚିଲି ଟୁର୍‌ରେ ଥିବା ଭାରତୀୟ ଦଳର ଏହା ଥିଲା ୫ମ ମ୍ୟାଚ ଓ ଚତୁର୍ଥ ବିଜୟ। ସଙ୍ଗୀତା କୁମାରୀ (୪୮ତମ) ଏବଂ ଅନ୍ତିମ କ୍ୱାର୍ଟରରେ ସୁଷମା କୁମାରୀ (୫୬ତମ ମିନିଟ)ଙ୍କ ଗୋଲ୍ ବଳରେ ଭାରତ ବିଜୟ ଲାଭ କରିଥିଲା। ପ୍ରଥମ ୩ କ୍ୱାର୍ଟରରେ ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଉଭୟ ଦଳ ଗୋଲ ଦେବାର ସୁଯୋଗ ସୃଷ୍ଟି କରିପାରିଥିଲେ। ପଛକୁ ପଛ ପେନାଲ୍ଟି କର୍ନର ଯୋଗୁ ଦ୍ୱିତୀୟ କ୍ୱାର୍ଟରରେ ଭାରତ ଚାପରେ ଥିବା ଭଳି ମନେ ହୋଇଥିଲା। ମାତ୍ର ରକ୍ଷଣଭାଗ ଖେଳାଳିମାନେ ଘରୋଇ ଦଳର ଉଦ୍ୟମକୁ ପଣ୍ଡ କରିଦେଇଥିଲେ। ତୃତୀୟ କ୍ୱାର୍ଟରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ଏଥର କିନ୍ତୁ ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳ ଏକ ପେନାଲ୍ଟି କର୍ନର ମଧ୍ୟ ପାଇଥିଲା। ହେଲେ ଚିଲିର ସିନିୟର ଦଳ ଏହାର ଦୃଢ଼ ପ୍ରତିରୋଧ କରିଥିଲା। ଆୟୋଜକ ଦଳ ଏହାର ୩ ମିନିଟ୍ ପରେ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ କାର୍ଯ୍ୟକାରୀ କରିପାରି ନ ଥିଲା। ତେବେ ଭାରତକୁ ଆଉ ଅଧିକ ସମୟ ପ୍ରତୀକ୍ଷା କରିବାକୁ ପଡ଼ି ନ ଥିଲା। ଫର୍ମରେ ଥିବା ଫରୱାର୍ଡ ସଙ୍ଗୀତା ଏକ ଚମତ୍କାର ଗୋଲ ସ୍କୋର କରି ଦଳକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ଏହାର କିଛି ମିନିଟ୍ ପରେ ଚିଲିକୁ ଗୋଲ୍ ପରିଶୋଧ କରିବାର ଏକ ସୁବର୍ଣ୍ଣ ସୁଯୋଗ ମିଳିଥିଲା। ମାତ୍ର ଭାରତୀୟ ଦଳର ରକ୍ଷଣଭାଗ ଖେଳାଳିମାନେ ସେମାନଙ୍କ ଦାୟିତ୍ୱ ଠିକଣା ରୂପେ ତୁଲାଇ ତାହାକୁ କାର୍ଯ୍ୟକାରୀ କରାଇ ଦେଇ ନ ଥିଲେ। ୫୬ତମ ମିନିଟ୍‌ରେ ଭାରତକୁ ମିଳିଥିବା ଏକ ପେନାଲ୍ଟି କର୍ନର ମ୍ୟାଚର ନିର୍ଣ୍ଣାୟକ ମୁହୂର୍ତ୍ତ ସାବ୍ୟସ୍ତ ହୋଇଥିଲା। ତ୍ରୁଟିଶୂନ୍ୟ ଡ୍ରାଗ୍‌ଫ୍ଲିକ୍ ଏବଂ ସୁଷମା କୁମାରୀଙ୍କ ଏକ ସଫଳ ରିବାଉଣ୍ଡ ଷ୍ଟ୍ରାଇକ୍ ଯୋଗୁ ଭ୍ରମଣକାରୀ ଦଳ ଏହାର ଦ୍ୱିତୀୟ ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲା।

# ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୪।୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ଆନୁକୂଲ୍ୟରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ୨୬ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଚୌଧୁରୀ ନିହାର ରଞ୍ଜନ ମିଶ୍ର ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ଭିନ୍ନଭିନ୍ନ କାଟେଗୋରି ପାଇଁ ପାଖାପାଖି ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ପୂର୍ବତନ ଖେଳାଳି ମେହତାବ ଖାଁଙ୍କ ସ୍ମୃତିରେ ଏକମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ରେଫରି ସୁଜିତ ରାୟ ଏବଂ ଜୀବନ ବଲ୍ଲଭ ସାମଲ, ବିଜନ ଦାସ ମହାପାତ୍ର, କେ.ଏସ୍.ଏନ୍. ମୂର୍ତ୍ତୀ, କାଲୋଲ ଗାଙ୍ଗୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହେଉଛି। ପ୍ରଥମ ଦିବସରେ କ୍ୟାଡେଟ ବାଳିକା, ବାଳକ ସିଙ୍ଗଲ୍ସ ଲିଗ୍, ୟୁଥ୍ ବାଳକ ଏବଂ ମହିଳା ସିଙ୍ଗଲ୍ସ ଅନୁଷ୍ଠିତ ହୋଇଛି।

ପ୍ରଥମ ଦିବସରେ ଅନୁଷ୍ଠିତ ୟୁଥ୍ ବାଳକ ସିଙ୍ଗଲ୍ସରେ କଟକର ଏମ୍ ଈଶ୍ୱର ରାଓ ୪ଟି ମ୍ୟାଚ ଜିତି ଗ୍ରୁପ


ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ୍।

**ମହିଳା ସିଙ୍ଗଲ୍ସ ସେମିରେ ମୟୂରୀ**

'ଏ'ରେ ଶୀର୍ଷସ୍ଥାନ ହାସଲ କରି ନକ୍‌ଆଉଟ୍‌ରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ଗ୍ରୁପ୍‌ରୁ ଓମ୍ ପ୍ରକାଶ ରାଓ, ଏସ୍‌ଆର. ପତି, ଅଙ୍କୁର ବିଶ୍ୱାଳ, ମୋହିତ ବେହୁରେ, ସନ୍ତୋଷ ପ୍ରୀତମ, ତୁହିନ ବାରିକ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରଥିଲେ। ପରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ବି. ରାଜୁଙ୍କୁ ରାଜୁଙ୍କୁ ତୁହିନ ୩-୦, ଅଙ୍କୁରଙ୍କୁ ସୌମ୍ୟ ପତି ୩୦ ଏବଂ ମୋହିତ ୩-୨ରେ ସନ୍ତୋଷଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ମୟୂରୀ ଚାଟାର୍ଜୀ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅଞ୍ଜଳି ଅଗ୍ରୱାଲ, ସ୍ୱିକୃତି ଭଗତ, ଗାୟତ୍ରୀ ମିତ୍ର, ବୈଶାଖି ବଳ, ଯୋସିତା ଯାମୁଳା, ସ୍ୱେତପଦ୍ମା ଦଳାଇ, ଏମ୍ ବର୍ଷା ପଣ୍ଡା କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। କ୍ୟାଡେଟ ବାଳକ ସିଙ୍ଗଲ୍ସରେ ପ୍ରତ୍ୟୁଷ ମିଶ୍ର, ଜିଜ୍ଞାଶୁ ସାହୁ, ଯାୟାସ୍ଥ ଦାସଗୁପ୍ତା ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୟାଡେଟ ବାଳିକା ସିଙ୍ଗଲ୍ସର ସେମିଫାଇନାଲରେ ଭୁବନେଶ୍ୱରର ସାଦିକା ସୋଦାଭରମ କଟକର ଆଫିୟା ମୋସିମଙ୍କୁ ଏବଂ କଟକର ଉର୍ଜା ବର୍ମା ସାଥି ଖେଳାଳି ସାକ୍ଷୀ ଭଗତଙ୍କୁ ସେମିଫାଇନାଲରେ ଭେଟିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଡୋପ୍ ତାଲିକାରେ ଆଥ୍‌ଲେଟିକ୍ସ, ୱେଟଲିଫ୍ଟିଙ୍ଗ୍, ରେସ୍‌ଲିଂ ଆଗରେ

**ନୂଆଦିଲ୍ଲୀ, ୨୪।୧:** ଆଥ୍‌ଲେଟିକ୍ସ, ୱେଟ୍‌ଲିଫ୍ଟିଙ୍ଗ୍ ଓ ରେସଲିଂରେ ଖେଳାଳିମାନେ ଦେଶକୁ ସବୁଠାରୁ ଅଧିକ ଲଜ୍ଜିତ କରିଛନ୍ତି। ଏହି ୩ଟି ବର୍ଗର କ୍ରୀଡ଼ାରେ ଆଥଲେଟମାନେ ସବୁଠାରୁ ଅଧିକ ସଂଖ୍ୟାରେ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ୨୦୧୯-୨୦ରେ ଏହି ୩ କ୍ରୀଡ଼ାରେ ମୋଟ ଉପରେ ୭୧ଜଣ ଖେଳାଳି ନିଷିଦ୍ଧ ପଦାର୍ଥ ସେବନ କରି ଡୋପ୍ ଟେଷ୍ଟରେ ଧରାପଡିଛନ୍ତି। ଆଥଲେଟିକ୍ସରେ ସବୁଠାରୁ ଅଧିକ ୩୯ଟି ଡୋପିଂ ନିୟମ ଉଲ୍ଲଂଘନ ମାମଲା ଦେଖିବାକୁ ମିଳିଛି। ସେହିପରି ୱେଟ୍‌ଲିଫ୍ଟିଙ୍ଗ୍‌ରେ ୨୩ ଓ ରେସଲିଂରେ ୧୨ଟି ମାମଲା ଦେଖିବାକୁ ମିଳିଛି। ଏହାପରେ ବକ୍ସିଂ, ଜୁଡୋ ଓ କବାଡ଼ିରେ ପ୍ରତ୍ୟେକ କ୍ରୀଡ଼ାରେ ୮ଟି ଲେଖାଏ ଡୋପିଂ ନିୟମ ଉଲ୍ଲଂଘନ ମାମଲା ଦେଖିବାକୁ ମିଳିଛି।

ନନ୍ ଅଲିମ୍ପିକ୍ କ୍ରୀଡ଼ାରେ ପାୱାର ଲିଫ୍ଟିଙ୍ଗ୍‌ରେ ସବୁଠାରୁ ଅଧିକ ୨୧ଟି ମାମଲା ଦେଖିବାକୁ ମିଳିଛି। ସେହିପରି ରୋଇଂ ମଧ୍ୟ ପଛରେ ପଡିନାହିଁ। ଜାତୀୟ ୧୮ ବର୍ଷରୁ କମ୍ ରୋଇଂ ଦଳରେ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ଜଣାଯାଇଛି। ୧୮୦ଟି ମାମଲାର ବିଚାର କରି ଜାତୀୟ ନିଶା ନିବାରଣ ସଂସ୍ଥା (ନାଡ଼ା) ମୋଟ ଉପରେ ୧୭୭ଜଣ ଆଥଲେଟଙ୍କୁ ଦଣ୍ଡିତ କରିଛି। ଏପ୍ରିଲ ୨୦୧୯ରୁ ମାର୍ଚ୍ଚ ୨୦୨୦ ମଧ୍ୟରେ ୩୮୫୮ଟି ଡୋପ୍ ଟେଷ୍ଟ କରାଯାଇଥିଲା। ଏଥିମଧ୍ୟରୁ ୪୬ ଅଲିମ୍ପିକ ଓ ନନ୍ ଅଲିମ୍ପିକ୍ କ୍ରୀଡ଼ାରେ ୧୦୭ଜଣ ଆଥଲେଟଙ୍କୁ ସାମୟିକ ଭାବେ ବାସନ୍ଦ କରାଯାଇଛି। ଏପ୍ରିଲ ୨୦୧୯ରୁ ଜୁଲାଇ ୨୦୨୦ ମଧ୍ୟରେ ନାଡ଼ା ୧୯୮୧ଟି ଇନ୍ କମ୍ପିଟିଶନ ଓ ୧୮୭୭ଟି ଆଉଟ କମ୍ପିଟିସନ ଟେଷ୍ଟ କରାଇଛି।

# ସୌମ୍ୟଙ୍କୁ ୬୧ତମ ଟାଇଟଲ

**ଭୁବନେଶ୍ୱର, ୨୪।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଜୁନିୟର କଲେଜରେ ଅନୁଷ୍ଠିତ ପ୍ରଥମ ସମର ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍‌ରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି।

**ରାଜ୍ୟ ଓପନ ଚେସ୍**

୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ ସୌମ୍ୟ ୬ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ରାଜ୍ୟ ଓପନ ଚେସ୍‌ରେ ସୌମ୍ୟଙ୍କର ଏହା ୬୧ତମ ଟାଇଟଲ। ରାଜେନ୍ଦ୍ର କୁମାର ସାହୁ ଓ ଓମ୍ ଆଦିତ୍ୟ ଖାଡ଼ଙ୍ଗା ୫.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ


ଚାମ୍ପିୟନ ସୌମ୍ୟରଞ୍ଜନ ମିଶ୍ର।

ମଧ୍ୟରେ ସ୍ୱପ୍ନିଳ ପ୍ରିୟଦର୍ଶୀ, ତନ୍ମୟ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ଓଝା (ସମସ୍ତେ ୫ ପଏଣ୍ଟ), ହର୍ଷିତ ରଞ୍ଜନ ସାହୁ, ଦେବୀ ପ୍ରସାଦ ବିଶ୍ୱାଳ ଓ ଆରିନ ଅନ୍ୱେଷ ସ୍ୱାଇଁ (ସମସ୍ତେ ୪.୫) ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ପ୍ରତୀକ କୁମାର ରାଉତ, ଈଶାନୀ ଦାସ, ଅମ୍ଳାନ ସେନାପତି, ବିକାଶ କୁମାର ଲେଙ୍କା, ଲଳିତ ରଞ୍ଜନ ସାହୁ, ମନସିଜ ସାମଲ, ଅବିନାଶ ଆଚାର୍ଯ୍ୟ, ସାହାନା ଲେଙ୍କା ଓ ତମନ୍ନା ତ୍ରିପାଠୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ଏବଂ ଉଦୟ ପରିଡ଼ା, ସାଇ ଅମୃତ ପରିଜା, ଅଂଶୁମାନ ପତି, ହର୍ଷିତ ସିଂ ଓ ନିୟତି ନିହାରିକା ମହାପାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରଜ୍ଞିତା ପାତ୍ରୋ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ। କଲେଜର ପ୍ରିନ୍ସିପାଲ ଡ. ଧରଣୀଧର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସମର ବିଜୟ ମହାନ୍ତିଙ୍କ କନ୍ୟା ସୁଚେତା ଭଞ୍ଜ ଓ କଲେଜର ପିଇଟି ପ୍ରଦୀପ କୁମାର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

# ସେମିରେ ଇଷ୍ଟକୋଷ୍ଟ, ୟୁନିକ୍

**ଭଣ୍ଡାରିପୋଖରୀ, ୨୪।୧ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳପଡିଆଠାରେ ଚତୁର୍ଦ୍ଦଶତମ ଆନ୍ତଃ ଜିଲା ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ଦ୍ୱିତୀୟ ଦିବସରେ ରବିବାର ଦୁଇଟି କ୍ୱାର୍ଟରଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବିଏମ୍‌ସି ଗୋଳକୁଣ୍ଡ ଟିମ୍ ଯାଜପୁର ସହିତ ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକ ମଧ୍ୟରେ ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୨୨୦ ରନ୍ କରିଥିଲା। ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ମହାରଣା ୪ ଛକା ଓ ୧୫ ଚୌକାରେ ସର୍ବାଧିକ ୧୦୨ ରନ୍ କରିଥିଲେ। ଜବାବରେ ବିଏମ୍‌ସି ଗୋଳକୁଣ୍ଡ ୨୦ ଓଭରରେ ୮ ଉଇକେଟ ହରାଇ ୧୯୮ ରନ୍ କରିଥିଲା। ଦଳର ସତ୍ୟଜିତ ସାବତ ୪ ଛକା ଓ ୪ ଚୌକାରେ ୫୧ ରନ୍ କରିଥିଲେ। ବିଏମ୍‌ସି ଗୋଳକୁଣ୍ଡକୁ ୨୨ ରନରେ ହରାଇ ଇଷ୍ଟକୋଷ୍ଟ ରେଲ୍‌ୱେ ସେମିଫାଇନାଲରେ ପ୍ରବେଶ କରିଛି।

ଅପରାହ୍ନରେ ଚତୁର୍ଥ କ୍ୱାର୍ଟର ମ୍ୟାଚ୍ ୟୁନିକ୍ ଇଲେଭେନ ଭଦ୍ରକ ସହିତ ପାରାମାଉଣ୍ଟ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ୫ ଉଇକେଟରେ ହରାଇ ୟୁନିକ୍ ଇଲେଭେନ


ମ୍ୟାନ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରାଯାଉଛି।

ସେମିଫାଇନାଲକୁ ଉନ୍ନୀତ ହୋଇଛି। ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଦଳର ରୋହିତ ସାଗର ୫୧ରନ୍ କରିଥିଲେ। ଜବାବରେ ୟୁନିକ୍ ଇଲେଭେନ ୧୯.୨ ଓଭରରେ ୫ ଉଇକେଟ ହରାଇ ୧୭୨ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୯ ଛକା ଓ ୨ ଚୌକାରେ ସର୍ବାଧିକ ୯୦ ରନ୍ କରି ନଟଆଉଟ ରହିଥିଲେ। ଖଗେଶ୍ୱର ମଲ୍ଲିକ, ଶରତ ଚନ୍ଦ୍ର ଜେନା ଅମ୍ପାୟର ଏବଂ ଜୟନ୍ତ ନାୟକ, ଚିନ୍ମୟ ରାଉତରାୟ ସ୍କୋରର ଥିଲେ। ପ୍ରଦୀପ୍ତ ନାୟକ, ଗୋପବନ୍ଧୁ ମାଝି, ବିଷ୍ଣୁ ବୋଇତାଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଜ୍ୟୋତି ରଞ୍ଜନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

# ପହାରିୟାଙ୍କ ଦ୍ୱିଶତକ: ଯାଜପୁରର ବୃହତ୍ ବିଜୟ

**ଭୁବନେଶ୍ୱର, ୨୪।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଅଧିନାୟକ ସାୱନ ପହାରିୟାଙ୍କ ଅପରାଜିତ ଦ୍ୱିଶତକ ଏବଂ ଆଦର୍ଶ ମହାନ୍ତିଙ୍କ ଶତକ ବଳରେ ଯାଜପୁର ବୃହତ୍ ୩୧୨ ରନରେ ଗଜପତିକୁ ପରାସ୍ତ କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ବରଗଡ଼, ଭୁବନେଶ୍ୱର 'ବି', ଭଦ୍ରକ, ବାଲେଶ୍ୱର ଓ ପୁରୀ ବିଜୟ ହାସଲ କରିଛନ୍ତି।

ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ୪୯ ଓଭରରେ ୫ ଉଇକେଟ ହରାଇ ରେକର୍ଡ ୪୫୮ ରନ କରିଥିଲା। ଅଧିନାୟକ ପହାରିୟା ୧୨୫ ବଲ୍‌ରୁ ୨୫ ଚୌକା ଓ ୬ ଛକା ସହାୟତାରେ ବିସ୍ଫୋରକ ୨୦୪ ରନ କରି ଅପରାଜିତ ରହିଥିଲେ। ଓପନର ଆଦର୍ଶ ୯୩ ବଲ୍‌ରୁ ଦ୍ରୁତ ୧୨୬(୧୮ ଚୌକା, ୩ ଛକା) ରନ କରିଥିଲେ। ବିପକ୍ଷ ଦଳର ଓମ୍‌ପ୍ରକାଶ ଦଳପତି ୨ଟି ଏବଂ ଅମ୍ବାଲା ରାମକ୍ରିଷ୍ଣା ଓ ଶୁଭମ୍ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଗଜପତି ୩୭.୨ ଓଭରରେ ୧୪୬ ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ଆଲୋକ ମହାପାତ୍ର ୪୩, ବ୍ରାଏନ ସିଂ ୪୦ ରନ କରିଥିଲେ। ବିଜୟୀ ଦଳର ଶୁଭମ୍ ୩ଟି, ସୟଦ, ସୁନୀଲ କୁମାର ବେହେରା, ବିଭୂତି ୨ଟି ଲେଖାଏ ଏବଂ ସ୍ନେହାଶିଷ ଦାସ ଗୋଟିଏ ଉଇକେଟ ନେଇଥିଲେ। ବିଓଏସ୍‌ଇ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ୧୮୬ ରନରେ କୋରାପୁଟକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ର ହରଜିତ ସିଂ(୧୦୫ ରନ, ୧୧୨ ବଲ, ୧୦ ଚୌକା, ୨ ଛକା)ଙ୍କ ଶତକ ସହାୟତାରେ ୫୦ ଓଭରରେ ୬ ଉଇକେଟ ହରାଇ ୩୧୪

**ଓସିଏ ଆନ୍ତଃଜିଲା ୧୯ ବର୍ଷରୁ କମ୍ କ୍ରିକେଟ**

- ଆଦର୍ଶ ମହାନ୍ତି, ହରଜିତ ସିଂଙ୍କ ଶତକ
- କୁମାର କେ. ସାହୁ ୭, ସୁଶୀଲ ବାରିକଙ୍କୁ ୫ ଉଇକେଟ

ରନ କରିଥିଲା। ସୌରଭ ସାହୁ ୭୯ ରନ କରିଥିଲେ। ବିପକ୍ଷ ଦଳର ନିରଞ୍ଜନ ଗୌଡ଼, ଆଦିତ୍ୟ ପଣ୍ଡା ୨ଟି ଲେଖାଏ ଏବଂ ଆଦିତ୍ୟ ଶତପଥୀ ଗୋଟିଏ ଉଇକେଟ ନେଇଥିଲେ। କୋରାପୁଟ ୩୬.୧ ଓଭରରେ ୧୨୮ ରନକରି ଅଲଆଉଟ ହୋଇ ଯାଇଥିଲା। ଶୁଭମ୍ ସିଂ ସର୍ବାଧିକ ୪୨ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ପ୍ରଶାନ୍ତ ପାଇକରା, ରାକେଶ କିଶନ ଓ ବିନୟ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଆୟୋଜିତ ମ୍ୟାଚରେ ଭୁବନେଶ୍ୱର-ବି ୭ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। କଳାହାଣ୍ଡି ୩୦ ଓଭରରେ ୭୩ ରନକରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ସୁଶୀଲ ବାରିକ ୫ ଏବଂ ଆୟନ ମଣ୍ଡୋଇ ୨ଟି ଉଇକେଟ ନେଇଥିଲେ। ଭୁବନେଶ୍ୱର 'ବି' ୨୪.୨ ଓଭରରେ ୩ ଉଇକେଟ ହରାଇ ୭୬ ରନ ସଂଗ୍ରହ କରି ନେଇଥିଲା।

ବିଡ଼ାନାସୀ ପଡ଼ିଆରେ ଭଦ୍ରକ ୯ ଉଇକେଟରେ ନବରଙ୍ଗପୁରକୁ ହରାଇଛି। ନବରଙ୍ଗପୁର ୧୩.୨ ଓଭରରେ ୪୭ ରନ କରି ଅଲଆଉଟ ହୋଇଥିଲା। ବିପକ୍ଷ ଦଳର କୁମାର ସାହୁ ୬ ଓଭରରେ ୧ ମେଡେନ ନେଇ ୧୩ ରନ ବିନିମୟରେ ୭ ଉଇକେଟ ସଫଳତା ପାଇଥିଲେ। ଭଦ୍ରକ ୮ ଓଭରରେ ୧ ଉଇକେଟ ହରାଇ ୫୧ ରନ କରି ସହଜ ବିଜୟ ହାସଲ କରିଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ବାଲେଶ୍ୱର ୬୨ ରନରେ କନ୍ଧମାଳକୁ ହରାଇଛି। ବାଲେଶ୍ୱର ୨୮.୩ ଓଭରରେ ୧୬୧ ରନରେ ଅଲଆଉଟ ହୋଇଥିଲା। ସାହିନି ରାଜ ୫୪ ରନ କରିଥିଲେ। ବିପକ୍ଷ ଦଳର ଶୁଭାଶିଷ ପାଲୋ ୩ଟି ଏବଂ ଜୋସେଫ ବେହେରା ୨ଟି ଉଇକେଟ ନେଇଥିଲେ। ଜବାବରେ କନ୍ଧମାଳ ୩୫.୨ ଓଭରରେ ୯୯ ରନ କରି ଅଲଆଉଟ ହୋଇଥିଲା। ଏସ. କେ. ଅସଲମ ଓ ଶୁଭ ବାରିକ ୩ଟି ଲେଖାଏ ଉଇକେଟ ନେଇଥିଲେ। ଡ୍ରିମ୍ସ ପଡ଼ିଆରେ ପୁରୀ ୧୩୫ ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ଅଧିନାୟକ ନିଶାନ ଦାସଙ୍କ ୭୨ ରନ ସହାୟତାରେ ପୁରୀ ୪୬.୩ ଓଭରରେ ୨୧୪ ରନ କରିଥିଲା। ବିପକ୍ଷ ଦଳର ସୁଦୀପ ସ୍ୱାଇଁ ଏବଂ ଓଁକାର ମହାନ୍ତି ୩ଟି ଲେଖାଏ ଉଇକେଟ ନେଇଥିଲେ। ଜଗତ୍‌ସିଂହପୁର ୨୩.୨ ଓଭରରେ ୭୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ନିଶାନ ୪ଟି ଏବଂ ପବିତ୍ର ବିଶୋୟୀ, ଅଭୟ ପଟ୍ଟନାୟକ ଓ ସ୍ମୃତି ସ୍ୱାଇଁ ୨ଟି ଲେଖାଏ ଉଇକେଟ ନେଇଥିଲେ।


ଦ୍ୱିଶତକ ହାସଲ ପରେ ସାୱନ ପହାରିୟା।



ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ନିକଟରେ ଇନଷ୍ଟାଗ୍ରାମରେ ନିଜର ପୁରୁଣା ଫଟୋ ପୋଷ୍ଟ କରିଥିଲେ। ପ୍ରଥମ ଥର ପାଇଁ ସେ ଜାତୀୟ ପୁରସ୍କାର ଗ୍ରହଣ କରୁଥିବାବେଳର ଏ ଫଟୋ ଶେୟାର କରି କଙ୍ଗନା ଲେଖିଛନ୍ତି, ପ୍ରଥମ ଜାତୀୟ ପୁରସ୍କାର, ଏହା ସହିତ ଜଡିତ ଅନେକ ବିଶେଷ ସ୍ମୃତି। ଏହି ସମ୍ମାନ ପାଇବାକୁ ମୁଁ କନିଷ୍ଠ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ଥିଲି ଏବଂ ଏକ ମହିଳା କୈନ୍ଦ୍ରିକ ଚଳଚ୍ଚିତ୍ର ପାଇଁ ଜଣେ ମହିଳା ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲି। ସେ ଆହୁରି ମଧ୍ୟ କହିଛନ୍ତି, ସେଦିନ ପିନ୍ଧିଥିବା ଡ୍ରେସ ମୁଁ ନିଜେ ଡିଜାଇନ କରିଥିଲି, କାରଣ ମୋର କିଛି ବିଶେଷ ଡ୍ରେସ କିଣିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ନ ଥିଲା।

# କୁକୁର ପାଇଁ କଶ୍ମୀରରୁ ପ୍ରସ୍ତାବ



## ଶାର୍ଟ ଲୁଙ୍ଗିରେ ଫଟୋ ଭାଇରାଲ

**ନୂଆଦିଲ୍ଲୀ:** ଝିଅ ଓ ପୁଅଙ୍କ ବିବାହ ପାଇଁ ଭଲ ପ୍ରସ୍ତାବଟିଏ ଖୋଜିବା ଆଗରୁ ମା' ବାପାଙ୍କ ପାଇଁ କଷ୍ଟକର ହୋଇପଡୁଥିଲା। ଏବେ ଇଣ୍ଟରନେଟ ଯୁଗରେ ବିଭିନ୍ନ ମାଟ୍ରିମୋନିଆଲ ସାଇଟ୍‌ରେ ଜୀବନ ସାଥୀ ଖୋଜିବା ଅନେକ ମାତ୍ରାରେ ସହଜ ହୋଇଯାଇଛି। ହେଲେ ଏବେ ସୋସିଆଲ ମିଡିଆରେ ଜଣେ ନିଆରା ବରର ଫଟୋ ଭାଇରାଲ ହେଉଛି। ତେବେ ଏଠାରେ ବର କୌଣସି ମଣିଷ ନୁହେଁ, ଏକ କୁକୁର । କେରଳର ଜଣେ ମହିଳା ନିଜ ପୋଷା କୁକୁରର ବିବାହ ପାଇଁ ସୋସିଆଲ ମିଡିଆ ସାହାଯ୍ୟରେ ସାଥୀ ଖୋଜୁଛନ୍ତି। ମାଲିକାଣୀ କୁକୁରଟିକୁ ସୁନ୍ଦର ଗୋଲାପୀ ରଙ୍ଗର ଶାର୍ଟ ଏବଂ ପାରମ୍ପରିକ ଲୁଙ୍ଗି ପିନ୍ଧାଇ ଫଟୋ ଶେୟାର କରିଛନ୍ତି। ଏଥିରେ ମାଲିକାଣୀଙ୍କ ସହାୟତାରେ କୁକୁରଟି ଠିଆ ହୋଇଥିବା ଗୋଟିଏ ଫଟୋରେ ଦେଖିବାକୁ ମିଳିଛି। ସେହିପରି ଅନ୍ୟ ଏକ ଫଟୋରେ କଦଳୀ ପତ୍ରରେ ପରଷା ଯାଇଥିବା ଖାଦ୍ୟ ଆଗରେ କୁକୁରଟି ବସିଥିବା ଦେଖାଯାଇଛି। ପାରମ୍ପରିକ ପୋଷାକରେ କୁକୁରଟି ଅତି ସୁନ୍ଦର ଦେଖାଯାଉଥିବାବେଳେ ଫଟୋ ସମସ୍ତଙ୍କ ମନ ଜିଣିନେଇଛି। ଫଟୋଟିକୁ ଶେୟାର କରାଯାଇ କ୍ୟାପ୍‌ଶନରେ ଲେଖାଯାଇଛି, 'ଯଦି କେହି ନିଜ ଝିଅ ପାଇଁ ହ୍ୟାଣ୍ଡସମ୍ ମାଲାୟଲି ପୁଅ ଖୋଜୁଛନ୍ତି ତ ଏ ହେଉଛି ଯୋଗ୍ୟ ପାତ୍ର'। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସୋସିଆଲ ମିଡିଆରେ ଫଟୋ ଭାଇରାଲ ହେବାପରେ କଶ୍ମୀରର ଜଣେ ମହିଳା ନିଜ ପାଳିତ ମାଈ କୁକୁର ସହ ଫଟୋ ଶେୟାର କରି ଲେଖିଛନ୍ତି, 'ଏ ହେଉଛି ମୋ ଝିଅ, ସେ କଶ୍ମିରୀ'।


**ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଦେବାଂଶ ଦାଶ (ଇଶାନ)**
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକୀ ଅବସରରେ ସାଇବାବାଙ୍କ ଆଶୀର୍ବାଦ କାମନା କରୁଛୁ। ତୋର ଚଲାପଥ କୁସୁମିତ ହେବା ସହ ତୋର ଜୀବନ ସୁଖମୟ, ନିରାମୟ ହେଉ।
:ଶୁଭେଚ୍ଛା ସହ:
ଜେଜେବାପା, ଜେଜେମାଆ, ଆଈ, ପାପା, ମାମା, ପିଉସା, ମାମା ନାନୀ, ଗୁନୁ ନାନୀ, ମାମୁ, ମାଈଁ, ଟିଟିଲି, ସାଇ, ଶ୍ରଦ୍ଧା, ସୃଷ୍ଟି ଓ ୟାଶିକା
ଧ-୬୯୪୭୬

**୧୩ତମ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀୟା
**ପ୍ରୀତିପର୍ଣ୍ଣା ପଟନାୟକ**
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ
-:ଶୁଭେଚ୍ଛା ସହ:-
ବାବା, ମାମା, ସିପ୍ରା ଅପା, ଅଜା, ରିନୁ ଅପା, ବାବି ମାମୁ, ନେହା ମାଈଁ, ସୋହମ, ନିତୁ ଭାଇ, ସମସ୍ତ ବନ୍ଧୁ ଏବଂ ପରିବାରବର୍ଗ ।
ଧ-୧୯୭୧୪

**ଜନ୍ମଦିନଶୁଭେଚ୍ଛା**



(ସିଦ୍ଧି)
**ସିଦ୍ଧି ସନୟା**
ଭୁବନେଶ୍ୱର
ଆଜି ତୋର ତୃତୀୟ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ। ତୋ ଚଲାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେ, ଜେଜେ ମାଆ, ଅଜା, ଆଈ, ମାମୁ, ମାଈଁ, ବାବା: ଦେବାଶିଷ, ମାମା: ସୁଶ୍ରୀ ସଙ୍ଗୀତା, ପରିବାରବର୍ଗ ।
ଧ-୪୬୨୯୩


## ବିଶ୍ୱର ସବୁଠୁ ଲମ୍ବା ଗାଁ

ଦୁନିଆରେ ଅନେକ ଗାଁ ଅଛି ଯେଉଁଥିରୁ କିଛି ଗାଁ କୌଣସି କାରଣ ଯୋଗୁ ବେଶ ପରିଚିତି ଲାଭ କରିଥାଏ। ସେଥିମଧ୍ୟରୁ ଗୋଟିଏ ହେଲା ପୋଲାଣ୍ଡର ସୁଲୋଶଜୋଭ। ଏହି ଗ୍ରାମ ନିଜ ଦୀର୍ଘତା ପାଇଁ ପ୍ରସିଦ୍ଧ। ଏହି ଗାଁର ଲମ୍ବ ୯ କିଲୋମିଟର ହୋଇଥିବା ବେଳେ ଚଉଡ଼ା ୧୫୦ ମିଟର ଏବଂ ୧୬୦୦ ଘର ରହିଛି। ସୁଲୋଶଜୋଭ ଗାଁରେ ପ୍ରାୟ ୬୨୦୦ ଲୋକ ବାସ କରୁଛନ୍ତି। ଏହା କ୍ରାକୋବ ସହରଠାରୁ ୩୦ କିଲୋମିଟର ଦୂରରେ ଅବସ୍ଥିତ। ଏକ ରିପୋର୍ଟ ଅନୁଯାୟୀ, ଏହି ଗାଁ ୧୪୦୦ ଶତାବ୍ଦୀରେ ବସିଥିଲା। ଗାଁଟି ପ୍ରଥମେ ୫୦୦ ମିଟର ଲମ୍ବ ଥିଲା। ମାତ୍ର ଧିରେ ଧିରେ ଜନବସତି ବଢ଼ିବାକୁ ଲାଗିଲା। ଏବେ ଏହି ଗାଁରେ ଅନେକ ବଡ଼ ଅନୁଷ୍ଠାନ ସହ ବ୍ୟାଙ୍କ, ସ୍କୁଲ ଆଦି ରହିଛି। ଗାଁର ଉଭୟ ପାର୍ଶ୍ୱରେ ସବୁଜ କ୍ଷେତ ରହିଛି। ଗାଁଟିର ରୂପରେଖ ଖୁବ ସୁନ୍ଦର ହୋଇଥିବା ବେଳେ ଲମ୍ବକୁ ନେଇ ଏହା ଚର୍ଚ୍ଚାରେ ରହିଛି।



## ସ୍ୱପ୍ନ ପୂରଣ କଲେ ସୋନାକ୍ଷୀ

**ମୁମ୍ବାଇ:** ସମସ୍ତଙ୍କର ସ୍ୱପ୍ନ ଥାଏ ନିଜ ରୋଜଗାରରେ ନିଜର ଏକ ଘର କରିବା । ନୂଆ ବର୍ଷ ଆରମ୍ଭରୁ ବଲିଉଡ୍‌ର କେତେଜଣ ସେଲିବ୍ରିଟି ନିଜ ନିଜ ସ୍ୱପ୍ନର ଘର କିଣିଛନ୍ତି। ଏମାନଙ୍କ ମଧ୍ୟରେ ରହିଥିଲେ ଜାହ୍ନବୀ କପୁର, ହ୍ରିତିକ ରୋଶନ ଏବଂ ଆଲିଆ ଭଟ୍ଟ। ହେଲେ ଏବେ ଏହି ଲିଷ୍ଟରେ ସାମିଲ ହୋଇଛନ୍ତି ବଲିଉଡ୍‌ର ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା। ପୂର୍ବରୁ ସୋନାକ୍ଷୀ ଏକ ସାକ୍ଷାତକାରରେ କହିଥିଲେ କି ସେ ତାଙ୍କ ରୋଜଗାରରେ ୩୦ ବର୍ଷ ବୟସ ବେଳକୁ ଏକ ଘର କିଣିବାକୁ ଯୋଜନା ରଖିଛନ୍ତି । ଯାହା ହେବ ତାଙ୍କ ସ୍ୱପ୍ନର ଘର। ଅବଶ୍ୟ ସେହି ସମୟ ଅତିକ୍ରମ କରିଯାଇଥିଲେ ବି ଏବେ ତାଙ୍କ ସ୍ୱପ୍ନ ସତ ହୋଇଛି। ମୁମ୍ବାଇର ବାନ୍ଦ୍ରାରେ ସୋନାକ୍ଷୀ ଏକ ୪ ବିଏଚ୍‌କେ ଘର କିଣିଛନ୍ତି। ଅବଶ୍ୟ ଏବେ ସେ ନୂଆ ଘରକୁ ସିଫ୍ଟ ନ ହୋଇ ନିଜ ମାତାପିତାଙ୍କ ସହ ରହିବେ ବୋଲି ସ୍ପଷ୍ଟ କରିଛନ୍ତି । ଗତବର୍ଷ ସୋନାକ୍ଷୀ ପିତା ଶତ୍ରୁଘ୍ନ ସିହ୍ନାଙ୍କ ଘର 'ରାମାୟଣ'ରେ ନିଜ ପାଇଁ ଏକ ଫ୍ଲୋର ରିନୋଭେଟ କରିଥିଲେ। ଆଉ ଏବେ ସେ ସେହିଠାରେ ହିଁ ରହିବେ। ନୂଆ ଘର କେବଳ ସ୍ୱପ୍ନ ପୂରଣ ସହ ଇନଭେଷ୍ଟମେଣ୍ଟ ପାଇଁ କିଣିଥିବା ସେ ପ୍ରକାଶ କରିଛନ୍ତି ।

# ଡ୍ରାଇଭର ଜାଳିଦେଲେ ୫ ବସ୍





**ମୁମ୍ବାଇ:** ଡ୍ରାଇଭରଙ୍କ ସହ ମନୋମାଳିନ୍ୟ ଜଣେ ଟ୍ରାଭେଲ ଏଜେନ୍ସି ମାଲିକଙ୍କୁ ମହଙ୍ଗା ପଡ଼ିଛି। ଆକ୍ରୋଶମୂଳକ ମନୋଭାବ ରଖି ଡ୍ରାଇଭର ଜାଳି ଦେଇଛନ୍ତି ଟ୍ରାଭେଲ ଏଜେନ୍ସିର ୫ ଦାମି ଗାଡ଼ି, ଯାହାର ଆନୁମାନିକ ମୂଲ୍ୟ ୩ କୋଟି ୩୦ ଲକ୍ଷ ଟଙ୍କା। ମାୟାନଗରୀ ମୁମ୍ବାଇରେ ଘଟିଥିବା ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି କାଣ୍ଡ ଭିଆଇଥିବା ଅଭିଯୁକ୍ତ ଡ୍ରାଇଭର ଅଜୟ ସାରସ୍ୱତଙ୍କୁ ପୋଲିସ ଗିରଫ କରିଛି।

ଆତ୍ମାରାମ ଟ୍ରାଭେଲ ଏଜେନ୍ସି ପାର୍କିଂ ଏରିଆରେ ଗତ ଜାନୁୟାରୀ ୧୭ ଭୋର୍ ସାଢେ ୫ଟାରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଲକ୍ଜୁରି ୩ଟି ବସ୍ ଜଳିଯାଇଥିଲା। ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ସୌଭାଗ୍ୟବଶତଃ କେହି ମୃତାହତ ହୋଇ ନ ଥିଲେ। ପ୍ରାଥମିକ ତଦନ୍ତରୁ ଏହାକୁ ସାଧାରଣ ଦୁର୍ଘଟଣା ବୋଲି ଅନୁମାନ କରାଯାଉଥିଲା। ଶର୍ଟସର୍କିଟ୍ କାରଣରୁ ବସ୍ ଜଳିଯାଇଥିବା ଭାବି ପୋଲିସ ତଦନ୍ତ ପରିସର ଆଗକୁ ବଢ଼ାଇଥିଲା। ତେବେ ଲକ୍‌ଡାଉନ୍ ଘୋଷଣା ପରେ ମାର୍ଚ୍ଚ ୨୦୨୦ରୁ ବସ୍ ଚଳାଚଳ ବନ୍ଦ ରହିଛି। ଏଭଳି ସ୍ଥିତିରେ ଶର୍ଟସର୍କିଟ୍ ହେବା ଘଟଣା ଅନ୍ୟ ଦିଗକୁ ଦର୍ଶାଉଥିଲା। ଏହା ପରେ ଜାନୁୟାରୀ ୨୨ରେ ଅନୁରୂପ ଘଟଣା ଘଟିଲା। ଏଜେନ୍ସି ଡିପୋରେ ନିଆଁ ଲାଗି ଆଉ ଦୁଇଟି ବସ୍ ଜଳିଗଲା। ଏହାପରେ ପୋଲିସର ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ତଦନ୍ତ ସମୟରେ ସନ୍ଦେହ ବଳୟକୁ ଆସିଥିଲେ ଟ୍ରାଭେଲ ଏଜେନ୍ସିରେ ପୂର୍ବରୁ କାର୍ଯ୍ୟ କରୁଥିବା ଡ୍ରାଇଭର ଅଜୟ। ଗୋଆ ଟ୍ରିପ୍ ସମୟରେ ଉକ୍ତ ଟ୍ରାଭେଲ ଏଜେନ୍ସିର ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିର ଡ୍ରାଇଭର ଥିଲେ ଅଜୟ। ଏହି ଘଟଣା ଏଜେନ୍ସି ମାଲିକ ଏବଂ ଗାଡ଼ି ଡ୍ରାଇଭରଙ୍କ ମଧ୍ୟରେ ତିକ୍ତତା ବଢ଼ାଇଥିଲା। ଦୁର୍ଘଟଣା ପରେ ଗାଡ଼ି ମାଲିକ ଅଜୟଙ୍କ ବକେୟା ପାଉଣା ଦେଇ ନ ଥିଲେ। ଅପମାନିତ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ସେ ଗାଡ଼ିରେ ନିଆଁ ଲଗାଇ ଦେଇଥିବା ସ୍ୱୀକାର କରିଛନ୍ତି। ଅଜୟଙ୍କ ଘର ପଶ୍ଚିମ ବୋରିଭିଲ୍‌ର ଗୋବିନ୍ଦନଗର ଅଞ୍ଚଳରେ। ତାଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ରେକର୍ଡ ନ ଥିବା ପୋଲିସ କହିଛି।

# ପ୍ରଧାନମନ୍ତ୍ରୀଙ୍କୁ ଉପହାର

**ଥିରୁଅନନ୍ତପୁରମ୍:** ମାତ୍ର ୧୪ ବର୍ଷ ବୟସରେ ନିଜ କଳାପ୍ରତିଭାର ପ୍ରମାଣ ଦେଇଛନ୍ତି କେରଳର ସରଣ ଶଶିକୁମାର। ଏତେ କମ୍ ବୟସରୁ ସେ ପ୍ରଧାନମନ୍ତ୍ରୀଙ୍କର ୫ ଲେୟାର ଥିବା ଏକ ଷ୍ଟେନସିଲ୍ ପୋଟ୍ରେଟ ତିଆରି କରିଛନ୍ତି। ଗଣତନ୍ତ୍ର ଦିବସରେ ପ୍ରଧାନମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ଏହାକୁ ସେ ପ୍ରଦାନ କରିଛନ୍ତି। ସରଣ ଏବେ ଦୁବାଇର ନିୟୁ ଇଣ୍ଡିଆନ୍ ମଡେଲ ସ୍କୁଲରେ ନବମ ଶ୍ରେଣୀର ଛାତ୍ର। କିନ୍ତୁ ଚିତ୍ରକଳା ପ୍ରତି ତାଙ୍କର ରହିଛି ସ୍ୱତନ୍ତ୍ର ଆଗ୍ରହ। ଏଥିପାଇଁ ସେ ଅନେକ ସମୟରେ ବିଭିନ୍ନ ରାଜନେତା, ପ୍ରକୃତି ତଥା ସ୍ୱତନ୍ତ୍ର ବ୍ୟକ୍ତିବିଶେଷଙ୍କର ଚିତ୍ର ଆଙ୍କିଥାନ୍ତି। ଏବେ ସୁଦ୍ଧା ସେ ୯୨ଟି ପୋଟ୍ରେଟ ଆଙ୍କି ସାରିଲେଣି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହି ଫାଇଭ୍ ଲେୟାର ଥିବା ପୋଟ୍ରେଟ ଆଙ୍କିବା ପାଇଁ ତାଙ୍କୁ ୬ ଘଣ୍ଟା ଲାଗିଥିଲା। ସ୍ୱତନ୍ତ୍ର ଚିତ୍ରକଳା ପାଇଁ ତାଙ୍କ ନାଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀଙ୍କୁ ଉପହାର ଦେଇଥିବା ପୋଟ୍ରେଟରେ ମୋଦି ଯବାନଙ୍କ ବେଶରେ ଟୋପି ଲଗାଇ ସାଲ୍ୟୁଟ୍ କରୁଛନ୍ତି। ଏହି ଚିତ୍ରଟିକୁ ସେ ଦୁବାଇ ଗସ୍ତରେ ଥିବାବେଳେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଭି. ମୁରଲୀଧରନ୍‌ଙ୍କୁ ଭେଟି ହସ୍ତାନ୍ତର କରିଛନ୍ତି। ମୁରଲୀଧରନ୍ ସରଣଙ୍କର ଚିତ୍ରକୁ ଏବେ ସୋସିଆଲ ମିଡିଆରେ ଶେୟାର କରି ତାଙ୍କ କଳା ପ୍ରତିଭା ସମ୍ପର୍କରେ ଜଣାଇଛନ୍ତି।



## ଧରାପଡିବାରୁ ପାକିସ୍ତାନ ପଳାଇଲେ ପ୍ରେମିକ

**ବାର୍ମେର:** ପ୍ରେମିକାଙ୍କୁ ଲୁଚିଛପି ଭେଟୁଥିଲେ ପ୍ରେମିକ। ଦିନେ ତାଙ୍କୁ ଭେଟିବା ପାଇଁ ଘର ପର୍ଯ୍ୟନ୍ତ ମଧ୍ୟ ଚାଲିଗଲେ। ହେଲେ ପ୍ରେମିକାଙ୍କ ଘରଲୋକ ତାଙ୍କୁ ଧରି ପକାଇଥିଲେ। ଏହାପରେ ସୀମାରେଖା ଡେଇଁ ପାକିସ୍ତାନ ପଳାଇଛନ୍ତି ପ୍ରେମିକ। ଯୁବକଙ୍କ ଘର ଲୋକ ତାହା ଜାଣିବା ପରେ ଖୋଜାଖୋଜିରେ ଲାଗିପଡ଼ିଛନ୍ତି। ଏପରିକି ଭାରତୀୟ ଅଧିକାରୀ ପାକିସ୍ତାନ ପୋଲିସର ସହାୟତା ଲୋଡ଼ିଛି। ଘଟଣାଟି ରାଜସ୍ଥାନର ବାର୍ମେରର। ବିଜରାଜ ଥାନା ଅଧୀନ ଏକ ଅଞ୍ଚଳର ପାକିସ୍ତାନ ସୀମାକୁ ଲାଗିଛି। ସେଠାରେ ରହୁଥିବା ଗେମରା ରାମ ମେଘୱାଲ ପଡୋଶୀ ଯୁବତୀଙ୍କ ପ୍ରେମରେ ପଡ଼ିଥିଲେ। ଲୁଚିଛପି ଉଭୟ ମିଳାମିଶା କରୁଥିଲେ। ହେଲେ ତାଙ୍କ ଘରକୁ ଯାଇଥିବା ସମୟରେ ପ୍ରେମିକାଙ୍କ ପରିବାରଲୋକେ ତାଙ୍କୁ ଦେଖି ନେଇଥିଲେ।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

**ଋଣ ପାଆନ୍ତୁ**
ଉମ୍ମୀଦ ଫାଇନାନ୍ସ
ଦ୍ୱାରା ଋଣ ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, କୃଷି, ଶିକ୍ଷା, ବ୍ୟବସାୟ, ଗ୍ରୁପ୍ ଋଣ, ମହିଳାଙ୍କ ପାଇଁ 24 ଘଣ୍ଟାରେ ବିନା ଫାଇଲ୍ ଚାର୍ଜରେ ।
2% ସୁଧ, 40% ସବ୍‌ସିଡି
New Ashok Nagar, East Delhi, Delhi
9821043617

**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଋଷିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**PADMAJA FINANCE**
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ନିଜ କେଶରେ କରନ୍ତି ସ୍କିପିଂ

**ନୂଆଦିଲ୍ଲୀ:** ନିଜ କେଶରେ ସ୍କିପିଂ। ରଶି ବଦଳରେ ଲମ୍ବା କେଶରେ ସ୍କିପିଂ କରି ରେକର୍ଡ କରିଛନ୍ତି ପ୍ରସିଦ୍ଧ ମହିଳା ରେସଲର ବିୟଙ୍କା ବ୍ଲେୟର। ୱାର୍ଲ୍ଡ ରେସଲିଂ ଏଣ୍ଟରଟେନ୍‌ମେଣ୍ଟ (ଡବ୍ଲ୍ୟୁଡବ୍ଲ୍ୟୁ)ର ମହିଳା ରେସଲର ହେଉଛନ୍ତି ବିୟଙ୍କା ବ୍ଲେୟର। ତାଙ୍କର କେଶ ଏତେ ଲମ୍ବା ଯେ ସେ ରଶି ବଦଳରେ ତାଙ୍କ କେଶରେ ସ୍କିପିଂ କରି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ସୋସିଆଲ ମିଡିଆରେ ଏଭଳିଭାବେ ସ୍କିପିଂ କରୁଥିବାର ଏକ ଭିଡିଓ ଏବେ ଭାଇରାଲ ହେଉଛି। ଭିଡିଓରେ ସେ କେଶ ସାହାଯ୍ୟରେ ବିଭିନ୍ନ ଢଙ୍ଗରେ ସ୍କିପିଂ କରୁଛନ୍ତି। ବିୟଙ୍କାଙ୍କର ଏହି ଭିଡିଓକୁ କିଛି ଘଣ୍ଟା ମଧ୍ୟରେ ଏହି ଭିଡିଓକୁ ଦେଢ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି।




# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ରଣଜିତ୍ ରାୟ**
ବରିଷ୍ଠ ଆଇନଜୀବୀ
ପୌଷ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି
ତିରୋଧାନ: ୦୭।୦୧।୨୦୨୦ (ମଙ୍ଗଳବାର)
ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ।
ଧ-୬୯୪୭୮

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ ସୁଦାମ ଚରଣ ପଟ୍ଟନାୟକ**
ଆବିର୍ଭାବ: ୧୬.୧୦.୧୯୩୦
ତିରୋଧାନ-: ୨୫.୦୧.୨୦୧୯
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କର ସ୍ନେହ ଶ୍ରଦ୍ଧା ଆମ ଜୀବନରେ ପ୍ରେରଣାର ଉତ୍ସ ହେଉ ।
ଶୋକସନ୍ତପ୍ତ :
ସାତ୍ୟକୀ-ସୁଶ୍ରୀ, ସଞ୍ଜୟ-ସ୍ମିତା, ଶୁଭେନ୍ଦୁ-ଅର୍ଚ୍ଚନା, ସସ୍ମିତା-ଲୋକନାଥ ପ୍ରସାଦ, ସନ୍ଦୀପ-ପଲ୍ଲବୀ, ମିଠୁନ, ଲିପି-ବିବେକ, ରୁଷାଲୀ, ସୋନୁ, ଗୁଡ୍ଡି, ସୋମି, ପିନୁ ଓ ନୋରା
ଧ-୬୧୯୨୬

**୨୬ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କାର୍ତ୍ତିକ ନାୟକ**
ସୁବେଦାର ମେଜର (ଆର୍ମି)
ଇଟାମାଟି, ଦେଉଳ ସାହି, ନୟାଗଡ଼
ଆବିର୍ଭାବ: ୦୭।୧୦।୧୯୪୧
ତିରୋଧାନ: ୨୪।୦୧।୧୯୯୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଅପୂରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ତୁମର ହତଭାଗ୍ୟ ପତ୍ନୀ: କାଞ୍ଚନ, ପୁତ୍ର: ବାପି, ପପୁ, ଝିଅ: ସୁଧା, ରିନା, ଇତି, ନାତି: ଦୀପକ, ନାତୁଣୀ: ଆସ୍ଥା, ଶିଖା, ଲିକା, ଲିଜା, ଲିପା, ପୁତ୍ରବଧୂ: ସନ୍ଧ୍ୟା, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୧୯୭୦୭

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଶକୁନ୍ତଳା ତ୍ରିପାଠୀ**
ପଟିଆଗଡ଼, ଭୁବନେଶ୍ୱର
ତିରୋଧାନ: ୩୧।୧୨।୨୦୦୬
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ବୋହୂ, ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ, ବନ୍ଧୁ ଓ ସପରିବାରବର୍ଗ ।
ଧ-୫୯୫୩୯

## ଆଜ୍‌ମା ରୋଗୀଙ୍କ ପାଇଁ...

ଆଜ୍‌ମା ଏକ ଶ୍ୱାସଜନିତ ରୋଗ। ଏଥିପାଇଁ ଖାଦ୍ୟପେୟ ଉପରେ ଗୁରୁତ୍ୱ ଦେବାକୁ ପଡେ। ଜଣେ ଆଜ୍‌ମା ରୋଗୀ ନିଜର ଖାଦ୍ୟ ତାଲିକାରେ ପ୍ରୋଟିନଯୁକ୍ତ ଖାଦ୍ୟ ସାମିଲ କରିବା ଦରକାର। ଏହାଦ୍ୱାରା ଆଜ୍‌ମା



ଅନେକାଂଶରେ ନିୟନ୍ତ୍ରଣରେ ରହିଥାଏ। ସବୁବେଳେ ଓଜନ କିପରି ସନ୍ତୁଳିତ ରହିବ ସେ ନେଇ ଦୃଷ୍ଟି ଦିଅନ୍ତୁ। ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ବାହାରକୁ ବୁଲିବାକୁ ଯାଉଥିଲେ ପରିଷ୍କାର କପଡାରେ ନାକ ଏବଂ ପାଟିକୁ ଆବୃତ୍ତ କରି ରଖନ୍ତୁ। ଏହାଦ୍ୱାରା ଡଷ୍ଟ ଆଲର୍ଜି ହେବାର ଆଶଙ୍କା କମ୍ ଥାଏ। ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରି ନିଜର ଆଜମା ସ୍ଥିତି ବିଷୟରେ ଅବଗତ ହୁଅନ୍ତୁ।

## ସୁଷମ ଖାଦ୍ୟ ଓ ସକାରାତ୍ମକ ମାନସିକତା

ସୁଷମ ଖାଦ୍ୟ ଖାଇବା ଦ୍ୱାରା ଆମେ ଅନେକାଂଶରେ ସୁସ୍ଥ ରହିଥାଉ। କେବଳ ସେତିକି ନୁହେଁ, ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ସୁଷମ ଖାଦ୍ୟ ଓ ସକାରାତ୍ମକ ମାନସିକତା' ବିଷୟବସ୍ତୁକୁ ନେଇ ୟୁନିଭର୍ସିଟି ଅଫ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଏକ ଗବେଷଣା କରି ଏଭଳି ରୋଚକ ତଥ୍ୟ ସାମନାକୁ ଆଣିପାରିଛନ୍ତି। ଏହି ସମୟରେ ସେମାନେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସୁଷମ ଖାଦ୍ୟ ଖାଇବାକୁ ପରମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ମାନସିକତା କିପରି ରହୁଛି ତାହାକୁ ଅନୁଧ୍ୟାନ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ନିୟମିତ ସୁଷମ ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## କାର୍ଯ୍ୟଦକ୍ଷତା ବଢ଼ାଏ ପଢ଼ାପଢ଼ି

ଯଦି ଜଣେ ବ୍ୟକ୍ତି ତାଙ୍କର ମନ ପସନ୍ଦର ବହି ପଢ଼ାପଢ଼ି କରନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତାରେ ବୃଦ୍ଧି ଘଟିଥାଏ। ଏପରି ବିଷୟକୁ ନେଇ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିମାନଙ୍କୁ ସାଧାରଣ ଜୀବନ ଶୈଳୀ ଆପଣେଇବାକୁ କୁହାଯାଇ ଥିଲା। ଅନ୍ୟପକ୍ଷରେ ଦ୍ୱିତୀୟ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ନିୟମିତ ସେମାନଙ୍କର ମନପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ନିୟମିତ ନିଜ ମନ ପସନ୍ଦର ବହି ପଢୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଇଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଯାନ ବାହାରେ ମହାକାଶ ବିଚରଣ



କମଳାକାନ୍ତ ଜେନା



ମହାକାଶଚାରୀମାନେ ମହାକାଶଯାନ ଭିତରେ ଅତି ଯତ୍ନର ସହିତ ମହାକାଶକୁ ଯାଆନ୍ତି ଓ ଯାନ ଭିତରେ ରହି ଗବେଷଣା କରନ୍ତି, ପୁଣି ପୃଥିବୀକୁ ଫେରି ଆସନ୍ତି। କିନ୍ତୁ ଦରକାର ପଡିଲେ ସେମାନେ ଯାନ ବାହାରକୁ ଆସି ମୁକ୍ତ ମହାକାଶରେ ଉଡ଼ି ଉଡ଼ି କାମ ବି କରନ୍ତି। ମହାକାଶଯାନ ଓ ମହାକାଶ ଗବେଷଣା କେନ୍ଦ୍ରର ବାହାର ପଟେ ମରାମତି କରନ୍ତି । ମହାକାଶଯାନ ବାହାରକୁ ଆସି ମଧ୍ୟ ଗବେଷଣା କରନ୍ତି । ଯାନ ବାହାରେ ମୁକ୍ତ ମହାକାଶରେ ପରୀକ୍ଷଣ ଯନ୍ତ୍ରପାତିର କାର୍ଯ୍ୟ ଦକ୍ଷତା ମାପ କରନ୍ତି । କଥାଟା ଆମର ବିଶ୍ୱାସ ହେଉନି। କିନ୍ତୁ ଏହା ସତ। ମହାକାଶଯାନ ବାହାରକୁ ସେମାନଙ୍କୁ ଆସିବାକୁ ପଡ଼େ । ମହାକାଶଯାନ ବାହାରକୁ ଆସି ମୁକ୍ତ ମହାକାଶରେ ଚଲାବୁଲା କରିବା ପ୍ରକ୍ରିୟାକୁ 'ସ୍ପେଶ୍‌ଓାକ୍' ବୋଲି କୁହାଯାଏ । ଅବଶ୍ୟ ୧୯୬୦ ଦଶକ ପୂର୍ବରୁ 'ସ୍ପେଶ୍‌ଓାକ୍' ଶବ୍ଦ ଆମ ପାଇଁ ନୂଆ ଥିଲା ଏବଂ କାମଟା ଅସାଧ୍ୟ ଥିଲା । ଏବେ କିନ୍ତୁ 'ସ୍ପେଶ୍‌ଓାକ୍' ଅସାଧ୍ୟ ନୁହେଁ । ଆମେ ବଡମାନେ ହୁଏତ ଏହି ବିଷୟରେ ଜାଣିନାହୁଁ, କିନ୍ତୁ ଆମ ପିଲାମାନେ 'ସ୍ପେଶ୍‌ଓାକ୍' ବିଷୟରେ ଢେଣା ଅଧିକ ଜାଣିଗଲେଣି । ଏହାକୁ ମଧ୍ୟ ଇଂଲିଶରେ ଇ.ଭି.ଏ. କୁହାଯାଏ ; ଯାହାର ପୂରା ଅର୍ଥ ହେଉଛି – ଏକ୍ସଟ୍ରା ଭେହିକୁଲାର ଆକ୍ଟିଭିଟି।

୧୯୬୫ ମସିହାରେ ଆଲେକ୍ସି ଲିଓନୋଭ୍ ସର୍ବ ପ୍ରଥମେ 'ସ୍ପେଶ୍‌ଓାକ୍' କରିଥିଲେ । ମାର୍ଚ୍ଚ ୧୮ ତାରିଖରେ ମହାକାଶଯାନ ବାହାରେ ସେ ୧୨ ମିନିଟ୍ ୯ ସେକେଣ୍ଡ ବିଚରଣ କରିଥିଲେ । ସେ ଥିଲେ ରୁଷିଆର ମହାକାଶଚାରୀ ଏବଂ ତାଙ୍କ ମହାକାଶଯାନର ନାମ ଥିଲା ଭୋସ୍‌ଖୋଡ୍–୨ । ସେଇ ବର୍ଷ ଜୁନ୍ ୩ ତାରିଖରେ ଆମେରିକାର ଇଡ୍ ହ୍ୱାଇଟ୍ ମଧ୍ୟ ସଫଳତାର ସହିତ 'ସ୍ପେଶ୍‌ଓାକ୍' କରିଥିଲେ । ତାଙ୍କ ମହାକାଶଯାନର ନାମ ଥିଲା ଜେମିନି–୪ । ସେ ୨୧ ମିନିଟ୍ ମହାକାଶରେ ବିଚରଣ କରିଥିଲେ । ତେଣୁ ଆମେରିକା ପାଇଁ ସେ ହେଉଛନ୍ତି 'ସ୍ପେଶ୍‌ଓାକ୍' କରିଥିବା ପ୍ରଥମ ମହାକାଶଚାରୀ । ଏବେ କିନ୍ତୁ ମହାକାଶଚାରୀମାନେ ୫ ରୁ ୯ ଘଣ୍ଟା 'ସ୍ପେଶ୍‌ଓାକ୍' କରିପାରୁଛନ୍ତି । ୨୦୦୧ମସିହା ମାର୍ଚ୍ଚ ୧୧ ତାରିଖରେ ଆମେରିକାର ଦୁଇଜଣ ମହାକାଶଚାରୀ ଜୀମ୍ ଓ ଶୁସାନ୍ ଦୀର୍ଘ ୮ ଘଣ୍ଟା ୫୬ ମିନିଟ୍ ଧରି 'ସ୍ପେଶ୍‌ଓାକ୍' କରିଥିଲେ । ସେମାନଙ୍କ ମହାକାଶଯାନର ନାମ ଥିଲା 'ଡିସ୍କୋଭରୀ' । ସେମାନେ ଆଇ.ଏସ୍.ଏସ୍. ମହାକାଶ ଗବେଷଣା କେନ୍ଦ୍ର ବାହାରେ 'ସ୍ପେଶ୍‌ଓାକ୍' କରିଥିଲେ।

> "୧୯୬୫ ମସିହାରେ ଆଲେକ୍ସି ଲିଓନୋଭ୍ ସର୍ବ ପ୍ରଥମେ 'ସ୍ପେଶ୍‌ଓାକ୍' କରିଥିଲେ। ମାର୍ଚ୍ଚ ୧୮ ତାରିଖରେ ମହାକାଶଯାନ ବାହାରେ ସେ ୧୨ ମିନିଟ୍ ୯ ସେକେଣ୍ଡ ବିଚରଣ କରିଥିଲେ। ସେ ଥିଲେ ରୁଷିଆର ମହାକାଶଚାରୀ ଏବଂ ତାଙ୍କ ମହାକାଶଯାନର ନାମ ଥିଲା ଭୋସ୍‌ଖୋଡ୍–୨। ସେଇ ବର୍ଷ ଜୁନ୍ ୩ ତାରିଖରେ ଆମେରିକାର ଇଡ୍ ହ୍ୱାଇଟ୍ ମଧ୍ୟ ସଫଳତାର ସହିତ 'ସ୍ପେଶ୍‌ଓାକ୍' କରିଥିଲେ।"

୨୦୨୧ଜାନୁୟାରୀ ସୁଦ୍ଧା ୧୧ଟି ଦେଶର ୨୩୦ ଜଣ ମହାକାଶଚାରୀ 'ସ୍ପେଶ୍‌ଓାକ୍' କରିସାରଛନ୍ତି । ସେମାନଙ୍କ ମଧ୍ୟରେ ଆମେରିକାର ୧୨୯ ଜଣ, ରୁଷିଆର ୬୫ ଜଣ, କାନାଡାର ୪ ଜଣ, ଫ୍ରାନ୍‌ସର ୪ ଜଣ, ଜର୍ମାନୀର ୩ ଜଣ, ଜାପାନର ୩ ଜଣ ଓ ଚାଇନାର ୨ ଜଣ ଅଛନ୍ତି। ସେହିପରି ଇଟାଲି, ସୁଇଜରଲାଣ୍ଡ, ସୁଇଡେନ୍ ଓ ଗ୍ରେଟ୍ ବ୍ରିଟେନ୍‌ରୁ ଜଣେ ଜଣେ ମହାକାଶଚାରୀ 'ସ୍ପେଶ୍‌ଓାକ୍' କରିଛନ୍ତି । ୨୩୦ ଜଣ 'ସ୍ପେଶ୍‌ଓାକ୍' କରିଥିବା ମହାକାଶଚାରୀଙ୍କ ମଧ୍ୟରେ ୧୫ ଜଣ ମହିଳା ଅଛନ୍ତି। ସବୁଠାରୁ ଅଧିକ ଥର 'ସ୍ପେଶ୍‌ଓାକ୍' କରିଥିବା ସାହସୀ ମହାକାଶଚାରୀ ହେଉଛନ୍ତି ରୁଷିଆର ଆନାଟୋଲୀ ସୋଲଭିଆ । ସେ ୧୬ ଥର 'ସ୍ପେଶ୍‌ଓାକ୍' କରିଛନ୍ତି। ସେ ୧୯୯୦, ୧୯୯୨, ୧୯୯୫ ଓ ୧୯୯୭ ମସିହାରେ 'ମୀର' ମହାକାଶ କେନ୍ଦ୍ରରେ ଥିବା ସମୟରେ 'ସ୍ପେଶ୍‌ଓାକ୍' କରିଥିଲେ । ସେ ମହାକାଶଯାନ ବାହାରେ ସମୁଦାୟ ୮୨ ଘଣ୍ଟା ବିଚରଣ କରିଛନ୍ତି, ଅର୍ଥାତ୍ ସାଢେ ୩ ଦିନ । ତାଙ୍କ ତଳକୁ ରୁଷିଆର ୩ ଜଣ ଓ ଆମେରିକାର ୪ ଜଣ ୧୦ ଥର ଲେଖାଏ 'ସ୍ପେଶ୍‌ଓାକ୍' କରିଛନ୍ତି।

'ସ୍ପେଶ୍‌ଓାକ୍'ରେ ଯାଉଥିବା ମହାକାଶଚାରୀଙ୍କୁ ଅନେକ ସମୟ ପୂର୍ବରୁ ସ୍ପେଶ୍‌ସୁଟ୍ ପିନ୍ଧିବାକୁ ହୁଏ । ସ୍ପେଶ୍‌ସୁଟ୍ ଭିତରେ କେବଳ ଅମ୍ଳଜାନ ଭର୍ତ୍ତି କରାଯାଏ । ତେଣୁ ମହାକାଶଚାରୀମାନେ ପ୍ରଶ୍ୱାସରେ କେବଳ ଅମ୍ଳଜାନ ନିଅନ୍ତି । କାରଣ ଆମେ ଶ୍ୱାସକ୍ରିୟା ସମୟରେ ୭୯ ପ୍ରତିଶତ ଯବକ୍ଷାରଜାନ ଓ ୨୧ ପ୍ରତିଶତ ଅମ୍ଳଜାନ ନେଉ । ତେଣୁ ଆମ ଶରୀରରେ ଯବକ୍ଷାରଜାନ ଥାଏ । ଶରୀରରେ ଯବକ୍ଷାରଜାନ ରହିଲେ ମହାକାଶରେ ବିଚରଣ କରିବା ସମୟରେ କାନ୍ଧ, କହୁଣି, ଆଣ୍ଠୁ ଓ ମଣିବନ୍ଧ ଭଳି ସନ୍ଧିଜାଗାରେ ଯନ୍ତ୍ରଣା ହେବ । ତେଣୁ ସ୍ପେଶ୍‌ଓାକ୍ ପୂର୍ବରୁ ମହାକାଶଚାରୀଙ୍କର ଶରୀରକୁ ଯବକ୍ଷାରଜାନମୁକ୍ତ କରିବା ସକାଶେ ସେମାନେ କେବଳ ଅମ୍ଳଜାନରେ ଶ୍ୱାସକ୍ରିୟା କରନ୍ତି।

ମହାକାଶଚାରୀମାନେ ସ୍ପେଶ୍‌ଓାକ୍ ପାଇଁ ଯେଉଁ ବାଟ ଦେଇ ମହାକାଶଯାନରୁ ବାହାରକୁ ଯାଆନ୍ତି, ତାହାକୁ 'ଏୟାରଲକ୍' ବୋଲି କୁହାଯାଏ । ଏହି ବାଟରେ ଦୁଇଟା କବାଟ ଥାଏ । ସେହି କବାଟର ବ୍ୟାସ (ଚଉଡା) ୪ ଫୁଟ୍ ହେବ । ଦୁଇଟା କବାଟ ମଝିରେ ୮ ଫୁଟ୍ ଲମ୍ବର ଜାଗା ରହିଥାଏ । ମହାକାଶଚାରୀ ସମସ୍ତଙ୍କଠାରୁ ସାମୟିକ ବିଦାୟ ନେଇ 'ଏୟାରଲକ୍'ର ପ୍ରଥମ କବାଟ ଖୋଲି ସେପଟକୁ ଯାଆନ୍ତି ଓ ସେପଟରୁ ପ୍ରଥମ କବାଟକୁ ଟାଇଟ୍ କରି ଲଗେଇ ଦିଅନ୍ତି । ତା'ପରେ ଦ୍ୱିତୀୟ କବାଟ ଖୋଲି ବାହାରକୁ ବାହାରନ୍ତି । ତେଣୁ ଯାନ ଭିତରର ବାୟୁ ବାହାରକୁ ବାହାରି ପାରେନାହିଁ।

'ସ୍ପେଶ୍‌ଓାକ୍' କଥା କହିଲେ ଆମକୁ ଡର ଲାଗେ, କାହିଁକି ନା ଆମେ ଭାବୁଛୁ ସ୍ପେଶ୍‌ଓାକ୍ ସମୟରେ ଯଦି ଗୋଡ ଖସିଯିବ, ତେବେ ମହାକାଶଚାରୀ କ'ଣ କରିବେ ? କିନ୍ତୁ ଡରିବାର କାରଣ ନାହିଁ । କାରଣ ତାଙ୍କୁ ମୋଟା 'ଟେଥର୍ସ' ଦ୍ୱାରା ମହାକାଶଯାନ ସହିତ ବନ୍ଧାଯାଏ । କୌଣସି କାରଣରୁ ମହାକାଶ ଯାନରୁ ଗୋଡ ଖସିଗଲେ ବି ଦୂରକୁ ଭାସିଯିବେ ନାହିଁ । ଟେଥର୍ସ ସହିତ ଆଉ ଏକ ବ୍ୟବସ୍ଥା ମଧ୍ୟ ରହିଥାଏ, ଯାହାର ନାମ 'ସେଫର୍' । ଏହାର ପୂରା ଅର୍ଥ ହେଲା – ସିଂପ୍ଲିଫାଏଡ୍ ଏଇଡ୍ ଫର୍ ଇଭିଏ ରେସ୍‌କ୍ୟୁ । ମହାକାଶଚାରୀଙ୍କ ପିଠିରେ ସେଫର୍ ବନ୍ଧାଯାଏ । ସେଫର୍ ଭିତରେ ଛୋଟ ରକେଟ୍ ଥାଏ । କୌଣସି କାରଣରୁ ଟେଥର୍ସ ଛିଣ୍ଡିଯାଇ ମହାକାଶଚାରୀ ଯଦି ଯାନଠାରୁ ଦୂରକୁ ଚାଲିଯାଆନ୍ତି, ତେବେ ସେଫର୍ ଭିତରେ ଥିବା ରକେଟ୍ ସାହାଯ୍ୟରେ ପୁଣି ଯାନ ନିକଟକୁ ଫେରିପାରିବେ ।

*–ଓ.ଶି.ସେ–୧, ସହକାରୀ ପ୍ରଫେସର (ପଦାର୍ଥ ବିଜ୍ଞାନ), ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ,ମୋ–୯୪୩୯୫୦୧୬୫୧*

## ସ୍ୱାସ୍ଥ୍ୟ ସୂଚନା

➔ଔଷଧ କିଣିବା ସମୟରେ ଏହାର ଏକ୍ସପାୟରୀ ଡେଟ୍ ବିଷୟରେ ଅବଗତ ହୁଅନ୍ତୁ। ଯଦି ଘରେ ପ୍ରାଥମିକ ଉପଚାର ପାଇଁ କୌଣସି ଔଷଧ ରଖିଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଏହାର ଏକ୍ସପାୟରୀ ଡେଟ୍ ଦେଖିନିଅନ୍ତୁ।

➔ତରତର ହୋଇ ଖାଇବା ଅଭ୍ୟାସ ଥିଲେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ।

➔ଅଣ୍ଟାଜନିତ ସମସ୍ୟା ଥିଲେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ନ କରି ଟିକେ ଉଠି ବୁଲାବୁଲି କରନ୍ତୁ। ଏହାଦ୍ୱାରା ଅଣ୍ଟାକୁ ଆରାମ ମିଳିଥାଏ।

➔ପ୍ରତିଦିନ ଦୁଇ ଥର–ସକାଳେ ଏବଂ ରାତ୍ର ଭୋଜନ ପରେ ଦାନ୍ତ ଘଷନ୍ତୁ। ଟୁଥ ବ୍ରସ୍‌କୁ ଛଅ ମାସରେ ଥରେ ବଦଳାନ୍ତୁ।

➔ଖାଦ୍ୟ ଖାଇବା ସହ ପାଣି ପିଇବାକୁ ଭୁଲନ୍ତୁ ନାହିଁ। କେତେକ ପାଣି ପିଇବାରେ ଏପଟ ସେପଟ କରିଥାଆନ୍ତି,ଯାହାଦ୍ୱାରା ଅଜୀର୍ଣ୍ଣ, ଗ୍ୟାଷ୍ଟ୍ରିକ ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି।

➔ଯଦି ଆପଣ ଦୀର୍ଘକାଳୀନ ରୋଗ (କ୍ରନିକ୍ ଡିଜିଜ)ରେ ଆକ୍ରାନ୍ତ ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ପୁରୁଣା ପ୍ରେସକ୍ରିପସନକୁ ସାଙ୍ଗରେ ନେଇଯାଆନ୍ତୁ। କାରଣ ଆଲୋଚନା ସମୟରେ ସେ ହୁଏତ ସେଗୁଡିକୁ ତର୍ଜମା କରିପାରନ୍ତି।

➔ପ୍ରତିଦିନ କିଛି ସମୟ ଯୋଗ କିମ୍ବା ପ୍ରାଣାୟାମ କରନ୍ତୁ। ନିଜକୁ ସୁସ୍ଥ ରଖିବା ପଛରେ ଏଗୁଡିକର ମଧ୍ୟ ଅବଦାନ ରହିଛି।



## ଧୂମପାନ ଅଭ୍ୟାସ ପରିତ୍ୟାଗ କରିବାର ସହଜ ଉପାୟ

ଧୂମପାନ ଏପରି ଏକ ଅଭ୍ୟାସ ଯାହା ଦ୍ୱାରା ଥରେ କବଳିତ ହେଲେ ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ଧୂମପାନ ଅଭ୍ୟାସରେ ପରିଣତ ହୋଇଯାଇଥିବା ବ୍ୟକ୍ତିବିଶେଷ ଏହାଠାରୁ ନିଜକୁ ଦୂରେଇ ରଖିବା ପାଇଁ ଏକ ଉପାୟ ରହିଛି। ଏ କ୍ଷେତ୍ରରେ ସଫଳ ହୋଇଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଏପରି ଏକ ଆପ୍ସ ପ୍ରସ୍ତୁତ କରିଛନ୍ତି, ଯାହାର ସହାୟତାରେ ଜଣେ ବ୍ୟକ୍ତି ଧୂମପାନଠାରୁ ନିଜକୁ ସହଜରେ ଦୂରେଇ ରଖିପାରିବ। ଏହାକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରି ସଫଳତା ମିଳିଛି।

**ଆୟୁର୍ବେଦ ଶାସ୍ତ୍ର ମତରେ 'ଓଜ' ମଣିଷ ଶରୀରରେ ସର୍ବଶ୍ରେଷ୍ଠ 'ଧାତୁ' ଅଟେ । ଓଜ ଦ୍ୱାରା ମନୁଷ୍ୟ ଶରୀରରେ ରୋଗପ୍ରତିରୋଧକ ଶକ୍ତି ନିୟନ୍ତ୍ରିତ ହୋଇଥାଏ । ଏହାକୁ ଆଧୁନିକ ଚିକିତ୍ସା ଶାସ୍ତ୍ର ମତରେ ଇମ୍ୟୁନିଟି ପାୱାର ବୋଲି କୁହା ଯାଇଥାଏ...**

# ସୁସ୍ଥ ଜୀବନ ଅନ୍ତରାଳେ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ବିଶ୍ୱସ୍ତରରେ ଭାରତ ଏକ ସର୍ବଶ୍ରେଷ୍ଠ ଗଣତନ୍ତ୍ର ରାଷ୍ଟ୍ର ଭାବେ ପ୍ରସିଦ୍ଧି ଲାଭ କରିଛି । ଏଠାରେ ସର୍ବଧର୍ମ ସମନ୍ୱୟ ନ୍ୟାୟରେ ପ୍ରାୟ ପୃଥିବୀର ସମସ୍ତ ଜାତିର ମନୁଷ୍ୟ ବସବାସ କରିଆସୁଛନ୍ତି। ସାଧାରଣତଃ ଭାରତୀୟମାନେ ପୌରାଣିକ ମତବାଦକୁ ଓ ପ୍ରକୃତିକୁ ସମ୍ମାନ ଜଣାଇ ଧର୍ମ ପ୍ରତି ଅଗାଢ଼ ବିଶ୍ୱାସ ରଖି ଦୈନନ୍ଦିନ ପୂଜାପାଠ, ଦାନ, ଧର୍ମ କରିବା, ଆଧ୍ୟାତ୍ମିକ ଓ ସକାରାତ୍ମକ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇ ଗରିବ, ନିରୀହଙ୍କୁ ଖାଦ୍ୟ ପୋଷାକ ବଣ୍ଟନ କରିବା, ଅନ୍ୟର ଦୁଃଖ ଦୁର୍ଦ୍ଦଶା, ଅଭାବ ଅନଟନ ତଥା ସ୍ୱାସ୍ଥ୍ୟ ସମସ୍ୟା ବେଳେ ନିଜେ ଉପସ୍ଥିତ ରହିବା ଆଦି କାର୍ଯ୍ୟ ଦ୍ୱାରା ଆମର ମାନସିକ ସ୍ତରରେ ପ୍ରବଳ ମାତ୍ରାରେ ଉତ୍ସାହ, ଉଦ୍ଦୀପନା ତଥା ଖୁସି ଅନୁଭବ ସହ ଉତ୍ତମ ଚିନ୍ତାଧାରା ଜାଗ୍ରତ ହୋଇଥାଏ। ଏହାର ପ୍ରଭାବରେ ଶାନ୍ତ, କୋମଳ, ଦୟାବାନ ସହ ମାନସିକ ସ୍ତରରେ ସନ୍ତୁଳିତ ଅବସ୍ଥା ଜାଗ୍ରତ ହୋଇ ଶରୀରରେ 'ଓଜ' ଶକ୍ତି ବୃଦ୍ଧି ପାଇବାରେ ସହାୟକ ହୋଇଥାଏ । ଆୟୁର୍ବେଦ ଶାସ୍ତ୍ର ମତରେ 'ଓଜ' ମଣିଷ ଶରୀରରେ ସର୍ବଶ୍ରେଷ୍ଠ 'ଧାତୁ' ଅଟେ । ଓଜ ଦ୍ୱାରା ମନୁଷ୍ୟ ଶରୀରରେ ରୋଗପ୍ରତିରୋଧକ ଶକ୍ତି ନିୟନ୍ତ୍ରିତ ହୋଇଥାଏ । ଏହାକୁ ଆଧୁନିକ ଚିକିତ୍ସା ଶାସ୍ତ୍ର ମତରେ ଇମ୍ୟୁନିଟି ପାୱାର ବୋଲି କୁହା ଯାଇଥାଏ। ଶରୀରରେ ଉକ୍ତ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହେତୁ ବିଭିନ୍ନ ପ୍ରକାରର ବାହ୍ୟ ଭୂତାଣୁ ଓ ଜୀବାଣୁଜନିତ ରୋଗ ଶରୀରରେ ପ୍ରବେଶ କରିପାରି ନ ଥାଏ ।

ଠିକ ଉପରୋକ୍ତ କାର୍ଯ୍ୟର ବିପରୀତ କାର୍ଯ୍ୟ ସ୍ୱରୂପ ସମାଜରେ ରାହାଜାନି କରିବା, ଅନ୍ୟକୁ ଆକ୍ରମଣ କରିବା, ଚୋରି ଓ ଲୁଣ୍ଠନ କରିବା, ଅନ୍ୟକୁ ହତ୍ୟା କରିବା, ବିଭିନ୍ନ କୂଟ, କଳ୍ପନା, ଚକ୍ରାନ୍ତ କରି ବ୍ୟବସାୟ ହେଉ କିମ୍ବା କୌଣସି ପ୍ରତିଯୋଗିତାତ୍ମକ କାର୍ଯ୍ୟରେ ଜୟଯୁକ୍ତ ହେବା ପାଇଁ ହିଂସା ମନୋଭାବ ଆଦି ବିଭିନ୍ନ କୁ–ଚିନ୍ତାଧାରା ଦ୍ୱାରା ମାନସିକ ସ୍ତରରେ କଳୁଷିତ ଭାବନା ସୃଷ୍ଟି ହୋଇଥାଏ। ଏହାର ପ୍ରତିକୂଳ ପ୍ରଭାବ ଦ୍ୱାରା ବିଭିନ୍ନ ମାନସିକ ଓ ଶାରୀରିକ ସ୍ତରରେ ବିକୃତି ଦେଖାଦେବାର ଅଧିକ ସମ୍ଭାବନା ରହିଥାଏ । ଏହାର ଫଳସ୍ୱରୂପ ଶରୀରରେ ରକ୍ତଚାପ ବୃଦ୍ଧି, ରକ୍ତରେ ଶର୍କରାର ପରିମାଣ ବୃଦ୍ଧି ଘଟି ନାନାଦି ରୋଗ ସୃଷ୍ଟି ହେବାର ଆଶଙ୍କା ରହିଥାଏ ।

ଏସବୁର ମୂଳ କାରଣ ହେଲା ଅତ୍ୟଧିକ ଲୋଭ, ଆଶା ଆକାଂକ୍ଷା ପୂରଣ କରିବା ନିମନ୍ତେ ପ୍ରୟାସ ଜାରିରଖିବା, ଧୈର୍ଯ୍ୟହୀନ ହେବା ସହ ସହନଶୀଳତାର ଅଭାବ ଆଦି ପ୍ରମୁଖ କାରଣ ।

ମନୁଷ୍ୟ ଜୀବନ ଭିତରେ ପ୍ରକୃତରେ ନାନା ଦୁଃଖ, ସୁଖ, ଯନ୍ତ୍ରଣା, ଉତ୍ଥାନ ପତନ ଦେଇ ଗତିକରିବା ଭିତରେ ଧୈର୍ଯ୍ୟ ଓ ସହନଶୀଳତା ଗୁଣକୁ ଶ୍ରେଷ୍ଠ ଭାବେ ଗ୍ରହଣ କରିବା ଉଚିତ ; ଯଦ୍ୱାରା ଜୀବନରେ ପ୍ରକୃତରେ ଉନ୍ନତି ତଥା ବିକାଶର ପଥ ଉନ୍ମୁକ୍ତ ହୋଇଥାଏ। ସହନଶୀଳତାର ପରିଭାଷା ହେଲା ଦୁଃଖ, ବିପଦ ବେଳେ ଧୈର୍ଯ୍ୟଚ୍ୟୁତ ନ ହୋଇ ଧୈର୍ଯ୍ୟବାନ ହେବା ସହ ସହିଷ୍ଣୁତା ଗୁଣର ଯଥେଷ୍ଟ ଆବଶ୍ୟକତା ରହିବା ଉଚିତ ।

କିନ୍ତୁ ଆଜିକାଲିର ବହୁତ ଲୋକ ଧୈର୍ଯ୍ୟ ଓ ସହନଶୀଳତାକୁ ଏକ ଦୁର୍ବଳତା ବୋଲି ଧରିନେଇ ଏହାର ପରିଣାମ ସ୍ୱରୂପ ଅପରପକ୍ଷଙ୍କୁ ବିଭିନ୍ନ ଆରୋପ ଦୋଷାରୋପ କରି ନାନାଦି ଅସାମାଜିକ କାର୍ଯ୍ୟ କରିବା ଦ୍ୱାରା ଫଳସ୍ୱରୂପ ମାନସିକ ସ୍ତରରେ କୁପ୍ରଭାବ ପଡିଥାଏ । ଏହାର ପ୍ରତିକାର ତଥା ପ୍ରତିରୋଧ ନିମନ୍ତେ ମନୁଷ୍ୟ ଶାରୀରିକ, ମାନସିକ ସ୍ତରରେ ସନ୍ତୁଳନ ରକ୍ଷାକରି ଧୈର୍ଯ୍ୟ ଓ ସହନଶୀଳତାକୁ ଏକ ବ୍ରତ ଭାବେ ଗ୍ରହଣ କରିବା ଦ୍ୱାରା ଶ୍ରେଷ୍ଠ ସମାଜ ଗଠନ ହେବାସହ ସ୍ୱଚ୍ଛ ରାଷ୍ଟ୍ର ଗଠନରେ ଏହା ସହାୟକ ହୋଇପାରିବ।



*–ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚନ୍ଦାହାଣ୍ଡି ମୋ:୭୮୯୪୧୧୨୪୮୭*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜାନୁୟାରୀ ୨୫/୨୦୨୧ Sambalpur, Monday, January 25/ 2021

# ସୁଯୋଗ ହାତଛଡ଼ା କଲା ଓଡ଼ିଶା

**ଫତୋର୍ଦା, ୨୪।୧**

ଆରମ୍ଭରୁ ଅଗ୍ରଣୀ ସତ୍ତ୍ୱେ ଓଡ଼ିଶା ଏଫ୍‌ସି ସୁଯୋଗ ହାତଛଡ଼ା କରି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ରବିବାର ଅନୁଷ୍ଠିତ ମ୍ୟାଚ୍‌କୁ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ୧-୧ ଗୋଲ୍‌ରେ ଡ୍ର ରଖିଛି। ଫଳରେ ଉଭୟ ଦଳ ପଏଣ୍ଟ ବଣ୍ଟାଆରା କରିଛନ୍ତି। ନାଟକୀୟ ପରିସମାପ୍ତି ଘଟିଥିବା ଏହି ମ୍ୟାଚରେ ଡିଏଗୋ ମୌରିସିଓ ୮ମ ମିନିଟ୍‌ରେ ଗୋଲ ପୋଷ୍ଟର ଅତି ନିକଟରୁ ସ୍କୋର କରି ଓଡ଼ିଶା ଏଫ୍‌ସି ଅଗ୍ରଣୀ କରାଇଥିଲେ। ବେଙ୍ଗାଲୁରୁ ଦଳର ଏରିକ୍ ପାରଟାଲୁ ୮୨ତମ ମିନିଟ୍‌ରେ ହେଡର ଜରିଆରେ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ମ୍ୟାଚରେ ଡାନିଏଲ ଲାଲିମପୁଇଆ, ସୁନୀଲ ଛେତ୍ରୀ ଓ ଅପ୍‌ସେଠ୍ ସୁଯୋଗମାନ ସୃଷ୍ଟି କରିଥିଲେ। ଓଡ଼ିଶା ଏଫ୍‌ସିର ଆକାଶଦୀପ ସିଂ ଓ ବେଙ୍ଗାଲୁରୁ ଏଫ୍‌ସିର ଗୁରପ୍ରୀତ୍ ମ୍ୟାଚରେ ଚମତ୍କାର ଗୋଲ ରକ୍ଷଣ କରିଥିଲେ। ବେଙ୍ଗାଲୁରୁ ଏଫ୍‌ସି କାମଚଳା କୋଚ୍ ନୌସାଦ ମୁଷା କେରଳ ବ୍ଲାଷ୍ଟରଠାରୁ ପରାଜିତ ତାଙ୍କ ଦଳରେ କୌଣସି ପରିବର୍ତ୍ତନ କରି ନ ଥିଲେ। ଅନପକ୍ଷରେ ଓଡ଼ିଶା କେବଳ ଗୋଟିଏ ପରିବର୍ତ୍ତନ କରିଥିଲା। ଗୋଟିଏ ମ୍ୟାଚୁ ସସ୍‌ପେଣ୍ଡ ରହିବା ପରେ ଷ୍ଟିଭେନ ଟେଲର ଚୂଡାନ୍ତ ଏକାଦଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବେଙ୍ଗାଲୁର ୧୩ଟି ମ୍ୟାଚରୁ ୧୪ ପଏଣ୍ଟ ସହ ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ସମାନ ସଂଖ୍ୟକ ମ୍ୟାଚରୁ ୮ ପଏଣ୍ଟ ସହ ଟେବୁଲର ସର୍ବନିମ୍ନ ଅର୍ଥାତ ୧୧ତମ ସ୍ଥାନରେ ରହିଛି।


ମୌରିସିଓ (ବାମ) ଗୋଲ୍ ଦେବା ପରେ ଓଡ଼ିଶା ଏଫ୍‌ସି ଖେଳାଳିମାନେ ଖୁସି ମନାଉଛନ୍ତି।

## ହାଇଦ୍ରାବାଦ-ଜାମସେଦପୁର ମ୍ୟାଚ ଡ୍ର

**ଭାସ୍କୋ,୨୪।୧(ପି.ଟି.):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ରବିବାର ଜାମସେଦପୁର ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ଗୋଲଶୂନ୍ୟ ଡ୍ର ଭାବେ ଶେଷ ହୋଇଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଅର୍ଜନ କରିଛନ୍ତି। ହାଇଦ୍ରାବାଦ ଦଳର ଏହା କ୍ରମାଗତ ତୃତୀୟ ଡ୍ର ହୋଇଥିବାବେଳେ ଜାମସେଦପୁରର କେତୋଟି ପରାଜୟ ପରେ ଏକ ପଏଣ୍ଟ ଅର୍ଜନ କରି ପାରିଛି। ଏହି ମ୍ୟାଚ ପାଇଁ ଜାମସେଦପୁର ଦଳରେ ୪ ପରିବର୍ତ୍ତନ କରିଛି। ନୂଆ ଚୁକ୍ତି କରିଥିବା ଫାରୁକ୍ ଚୌଧାରୀ ଓ ସେମିନଲେନ୍ ଡଙ୍ଗେଲଙ୍କୁ ସୁଯୋଗ ଦେଇଥିଲା। ଅନ୍ୟପକ୍ଷରେ ହାଇଦ୍ରାବାଦ ଦୁଇ ଖେଳାଳିଙ୍କୁ ବଦଳ କରିଥିଲା। ଦଳ ପ୍ରଥମ ଥର ରୋଲାଣ୍ଡ ଅଲବର୍ଗଙ୍କୁ ଖେଳାଇଥିଲା। ପଏଣ୍ଟ ଟେବୁଲରେ ହାଇଦ୍ରାବାଦ ୪ର୍ଥ ସ୍ଥାନରେ ରହିଥିବାବେଳେ ଜାମସେଦପୁର ୭ମ ସ୍ଥାନରେ ରହିଛି।




## ସାହାଣୀ କପ୍ ପାଇଁ ଚୟନ ଟ୍ରାଏଲ ୨୭ରେ

**ଭୁବନେଶ୍ୱର, ୨୪।୧(କ୍ରୀଡ଼ା ପ୍ରତିନିଧି)**

ସାହାଣୀ କପ୍ ସିନିୟର ପୁରୁଷ ଆନ୍ତଃଜିଲା ଫୁଟବଲ ଚାମ୍ପିୟନଶିପ୍ ପାଇଁ ଭୁବନେଶ୍ୱର ଦଳ ଚୟନ ଲାଗି ଚୟନ ଟ୍ରାଏଲ ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ୟୁନିଟ-୬ ବାଳକ ହାଇସ୍କୁଲ ପଡ଼ିଆରେ ହେବାକୁଥିବା ଏହି ଟ୍ରାଏଲରେ ସମସ୍ତ ଅନୁବନ୍ଧିତ କ୍ଲବ ଏବଂ ଭୁବନେଶ୍ୱର ମ୍ୟୁନିସପାଲ ଅଞ୍ଚଳର ଖେଳାଳି ଅଂଶଗ୍ରହଣ କରିପାରିବେ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବିଏଏ)ର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଜଣାଇଛନ୍ତି।

## ୟେଲୋର ପ୍ରଥମ ବିଜୟ

### ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍


ପୁରସ୍କାର ସହ ସଙ୍ଗୀତା ଖାଡ଼ିଆ।

**ଭୁବନେଶ୍ୱର, ୨୪।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କିଟ୍ ଷ୍ଟାଡିୟମରେ ଚାଲିଥିବା ଏମଜିଏମ୍ ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ୟେଲୋ ୬ ଉଇକେଟରେ ଭାଓଲେଟ୍‌କୁ ପରାସ୍ତ କରିଛି। ପୂର୍ବରୁ ଗ୍ରୀନ୍ ନିକଟରୁ ୩ ଉଇକେଟରେ ହାରିଥିବା ୟେଲୋର ୨ ମ୍ୟାଚରୁ ଏହା ପ୍ରଥମ ବିଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାଓଲେଟ୍ ୨୦ ଓଭରରେ ୨ ଉଇକେଟ ହରାଇ ୧୦୭ ରନ କରିଥିଲା। ଅଧିନାୟିକା ଅଞ୍ଜଳି ସିଂ ସର୍ବାଧିକ ୫୮(୫୧ ବଲ୍, ୬ ଚୌକା, ୧ ଛକା) ଓ ରଶ୍ମିତା ଚିନାରା ୩୦ ରନ କରିଥିଲେ। ବିପକ୍ଷ ଦଳର ସୁଜାତା ମଲିକ ଓ ପ୍ରିୟଙ୍କା ସାହୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୦୮ ରନର ବିଜୟ ଲକ୍ଷ୍ୟକୁ ୟେଲୋ ୧୯.୪ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ସଙ୍ଗୀତା ଖାଡ଼ିଆ ସର୍ବାଧିକ ୪୬ ଓ ପ୍ରିୟଙ୍କା ୨୩ ରନ କରି ଅପରାଜିତ ରହିଥିଲେ। ସସ୍ମିତା ମଲିକ ୨୮ ରନର ଯୋଗଦାନ ଦେଇଥିଲେ। ପରାଜିତ ଦଳର ବୋଲରଙ୍କ ମଧ୍ୟରେ ଅଞ୍ଜଳି ସିଂ, କଳ୍ପନା ନାୟକ ଓ ସ୍ମୃତି ମହନ୍ତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ସଙ୍ଗୀତାଙ୍କୁ ଓମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଓସିଏ ସଦସ୍ୟ ଗୌତମ ଗଜପତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଗ୍ରୀନ୍‌କୁ ହରାଇଲା ପର୍ପଲ

ଏମଜିଏମ୍ ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ପର୍ପଲ ୯ ଉଇକେଟରେ ଗ୍ରୀନ୍‌କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ ୧୯ ଓଭରରେ ୭୧ ରନକରି ଅଲଆଉଟ ହୋଇଥିଲା। ସୁମିତ୍ରା ସାହୁ ସର୍ବାଧିକ ୧୭ ରନ କରିଥିବାବେଳେ ଅଧିନାୟିକା ପ୍ରଜ୍ଞା ମହାନ୍ତିଙ୍କ ସମେତ ୯ ଜଣ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବିପକ୍ଷ ଦଳର ଡି.ଜେ. ରେଡ୍ଡୀ ୩ଟି, ଅଧିନାୟିକା ମଧୁସ୍ମିତା ବେହେରା ୨ଟି ଏବଂ ବନଲତା ମଲିକ୍, ଜି.ଅଳକାନନ୍ଦା ଓ ଶୁଭ୍ରା ଏନ୍. ସ୍ୱାଇଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୭୨ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ପର୍ପଲ ୧୬.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ୭୫ ରନ ସଂଗ୍ରହ କରି ନେଇଥିଲା। ମଧୁସ୍ମିତା ୪୮ ବଲରୁ ୪୦(୬ ଚୌକା) ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ସରିତା ମେହେର ୩୦ ରନ କରିଥିଲେ। ପରାଜିତ ଦଳର ରାନୀ ପ୍ରସାଦ ଗୋଟିଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଅଧିନାୟିକା ମଧୁସ୍ମିତା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ଲିଗ୍‌ରେ ପର୍ପଲର ଏହା ଦ୍ୱିତୀୟ ବିଜୟ। ଉଦ୍‌ଘାଟନୀ ମ୍ୟାଚରେ ଏହି ଦଳ ରେଡ୍‌କୁ ୫୭ ରନରେ ହରାଇଥିଲା।

## ଆଙ୍ଗୁଳି ଭାଙ୍ଗିବା ସତ୍ତ୍ୱେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଥିଲେ ଜାଡେଜା

**ନୂଆଦିଲ୍ଲୀ,୨୪।୧:** ସିଡ୍‌ନୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ତାରକା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ବାମ ବୁଢ଼ା ଆଙ୍ଗୁଳି ଭାଙ୍ଗିଯାଇଥିବା ସତ୍ତ୍ୱେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଥିଲେ ବୋଲି କହିଛନ୍ତି। ଅତିକମ୍‌ରେ ୧୦ରୁ ୧୫ ଓଭର ବ୍ୟାଟିଂ କରିବାକୁ ସ୍ଥିର କରି ନେଇଥିଲି। ଏଥିପାଇଁ ପେନ୍ କିଲର ଇଞ୍ଜେକ୍ସନ ମଧ୍ୟ ନେଇଥିଲି ବୋଲି ଜାଡେଜା କହିଛନ୍ତି।

ସିଡ୍‌ନୀ ଟେଷ୍ଟର ପ୍ରଥମ ଇନିଂସରେ ବ୍ୟାଟିଂ କରୁଥିବା ବେଳେ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଥିଲେ। ଫଳରେ ସେ ୬ ସପ୍ତାହ ଖେଳରୁ ବାଦ୍‌ପଡିଥିଲେ। ଏହା ସତ୍ତ୍ୱେ ମ୍ୟାଚ୍ ବଞ୍ଚାଇବା ପାଇଁ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଥିଲି ଓ ପ୍ୟାଡଅପ୍ ହୋଇଥିଲି ବୋଲି ସେ କହିଛନ୍ତି। ଫ୍ରାକ୍‌ଚର କାରଣରୁ ସବୁ ପ୍ରକାର ଶଟ୍ ଖେଳିବା ସମ୍ଭବ ନ ଥିଲା। ତେଣୁ ସୀମିତ ପ୍ରକାର ଶଟ୍ ଖେଳି ମ୍ୟାଚ୍ ବଞ୍ଚାଇବାକୁ ପ୍ରୟାସ କରିବାକୁ ଚାହୁଁଥିଲି ବୋଲି ସେ କହିଛନ୍ତି। ତେବେ ରବିଚନ୍ଦ୍ରନ ଅଶ୍ୱିନ ଓ ହନୁମା ବିହାରୀଙ୍କ ଧୈର୍ଯ୍ୟପୂର୍ଣ୍ଣ ପାର୍ଟନରଶିପ୍ ଯୋଗୁ ଜାଡେଜା ବ୍ୟାଟିଂ କରିବାର ଆବଶ୍ୟକତା ନ ଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଝିଲିମିଣ୍ଡାରେ ରଏବାରେନ ଯାତ୍ରା

ଜାମଟିକ୍ରା,(ଡି.ଏନ.ଏ): ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡାଠାରେ ରବିବାର ରଏବାରେନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୪ ଏକର ଏକ ଧାନକ୍ଷେତରେ ମାଁ ରଏବାରେନ ପୂଜା ପାଆନ୍ତି। ଏହି ଅବସରରେ ମାଁଙ୍କ ନିକଟରେ ବଳି ଦିଆଯାଇଥିଲା। ମାନସିକଧାରୀ ଶ୍ରଦ୍ଧାଳୁମାନେ ମାଁଙ୍କୁ ନଡିଆ ଅର୍ପଣ କରିଥିଲେ। ଗଣ୍ଡ ସମ୍ପ୍ରଦାୟର ପୂଜକ ଗୋପୀ ମରାଇ, ରହେମାନ ମରାଇ ପୂଜା କାର୍ଯ୍ୟ ତୁଲାଇଥିଲେ। ଡଗର ମଟାରୀ, ଜଗନ୍ନାଥ ଜୁଆଡି ଓ ବୁଲୁ ଜୁଆଡି ସହଯୋଗ କରିଥିଲେ। ଯାଦବ ଭୋଇ, ସଞ୍ଜୀବ ତ୍ରିପାଠୀ, ଅସିତ ମହାପାତ୍ର, ସୁଧୀର ପ୍ରଧାନ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ।



## ସଂକ୍ଷେପରେ

### ପୋଡବାଡ଼ିରେ ନେତାଜୀ ଜୟନ୍ତୀ

ଅତାବିରା, ୨୪।୧ (ଡି.ଏନ.ଏ): ବରଗଡ ଜିଲା ଅତାବିରା ବ୍ଲକ ପୋଡବାଡି ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀ କ୍ଲବ ପୋଡବାଡି, ନେହେରୁ ଯୁବକ କେନ୍ଦ୍ର ବରଗଡ ଓ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ର ଅଧିକାରୀ ରୋଶନ ଚନ୍ଦନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ସାମାଜିକ କର୍ମୀ ଜୀବର୍ଦ୍ଧନ କ୍ଷେତି, ତ୍ରିଲୋଚନ ଶତପଥି, ଲୋକନାଥ କ୍ଷେତୀ, ରାମଚନ୍ଦ୍ର ମିଶ୍ର, ନବୀନ ବେହେରା, ସୁରେଶ କର୍ଣ୍ଣ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

### ସୋନପୁରର ପ୍ରଥମ ବିଧାୟକଙ୍କ ପତ୍ନୀ ବିୟୋଗ

ସୋନପୁର, ୨୪।୧(ନି.ପ୍ର.): ଅବିଭକ୍ତ



ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରଥମ ନିର୍ବାଚିତ ବିଧାୟକ ଅଚ୍ୟୁତାନନ୍ଦ ମହାକୁରଙ୍କ ସ୍ତ୍ରୀ ମାଳତୀ ମହାକୁର(୮୮)ଙ୍କ ପରଲୋକ ହୋଇଯାଇଛି। ସମ୍ବଲପୁର ସହରର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ଥିବା ସମୟରେ ଶନିବାର ରାତି ୯ଟାରେ ତାଙ୍କର ମୃତ୍ୟୁ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତଦେହ ଉଲୁଣ୍ଡା ବ୍ଲକ କଳାପଥରସ୍ଥିତ ଗ୍ରାମରେ ପହଞ୍ଚିବା ପରେ ଅଞ୍ଚଳବାସୀ ଓ ପରିଜନ ଶେଷ ଦର୍ଶନ କରିଥିଲେ। ରବିବାର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ତଥା ବରିଷ୍ଠ ଆଇନଜୀବୀ ବିପିନ ମହାକୁର ମୁଖାଗ୍ନି ଦେଇଛନ୍ତି। ମାଳତୀଙ୍କର ୩ଝିଅ, ୪ ପୁଅ ଅଛନ୍ତି। ଅଚ୍ୟୁତାନନ୍ଦ ଗଣତନ୍ତ୍ର ପରିଷଦ ପାର୍ଟିରୁ ୧୯୫୨ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଛି।

### ରାମ ମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ

ଲାଠୋର, ୨୪।୧(ଡି.ଏନ.ଏ.): ଅଯୋଧ୍ୟାରେ ହେବାକୁ ଥିବା ଭବ୍ୟ ରାମ ମନ୍ଦିର ନିର୍ମାଣ ସକାଶେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ନିଧି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ରବିବାର ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କ ନେତୃତ୍ୱରେ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ କରାଯାଇଥିଲା। ବୈଠକରେ ବ୍ୟବସାୟୀ ସୁବାସ ଅଗ୍ରୱାଲ, ଶଙ୍କରଲାଲ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ, ଶିବ ପ୍ରସାଦ ବାରିକ, କାଶୀନାଥ ମେହେର, ସୁମିତ ସାହୁପ୍ରମୁଖ ଉପସ୍ଥିତ ଥିଲେ।

### କ୍ରିକେଟ: ଗାଇସିଲେଟ ଚାମ୍ପିୟନ

ପଦ୍ମପୁର, ୨୪।୧ (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡ ବରିହା ପୁଖାପାଣିରେ ସତ୍ୟସେବା ଯୁବକ ସଂଘ ତରଫରୁ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମି ଫାଇନାଲ ଗାଇସିଲେଟ ଓ ଡାଙ୍ଗବାହାଲ, ଦ୍ୱିତୀୟ ସେମି ଫାଇନାଲ ବରିହା ପୁଖାପାଣି ଓ ତାଲପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ ଗାଇସିଲେଟ ବନାମ ତାଲପାଲି ମଧ୍ୟରେ ହୋଇ ଗାଇସିଲେଟ ଦଳ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟକୁ ଗତିକୃଷ୍ଣ ମେହେର ଉଦ୍‌ଘାଟନ କରିଥିଲେ। ରିପୁ ସେଠ ମୁଖ୍ୟଅତିଥି, କନ୍ଦାଗାଡ ସରପଞ୍ଚ ପ୍ରମୋଦ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସତ୍ୟସେବା ସଂଘର ଦ୍ୱିତୀକୃଷ୍ଣ ମେହେର, ବେଦବ୍ୟାସ ସାହୁ, ଦିଲୀପ ସାହୁ, ଅଜିତ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।

### ବନ୍ଧୁ ମିଳନରେ ସ୍କୁଲ ସମୟର ସ୍ମୃତି ବାଣ୍ଟିଲେ

ଗୁଡ଼ଭେଲା,୨୪।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଗୁମାଗଡଠାସ୍ଥିତ ତୁଷୁରା ବାଳକ ହାଇସ୍କୁଲ ୧୯୯୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଅଜୟ ଜୟସ୍ୱାଲ ଓ ତରୁଣ କେଡିଆଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଛାତ୍ରମାନେ ସ୍କୁଲ ସମୟର ଅନୁଭୂତି ବଖାଣି ଥିଲେ। ଆଗାମୀ ଦିନରେ ଅଞ୍ଚଳର ବିକାଶରେ ଏହି ବ୍ୟାଚର ପିଲାମାନେ କାର୍ଯ୍ୟ କରିବା ଦିଗରେ ପଦକ୍ଷେପ ନେବା ପାଇଁ ମତ ପ୍ରକାଶ ପାଇଥିଲା। ହରିହର ସାହୁ, ସୁଦାମ ମାଝି, ଅଜିତ ମେହେର, ସଙ୍ଗୀତ ଜୈନ, ସରୋଜ ଦର୍ଜୀ, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହକ୍ ଲାଗି ଏକଜୁଟ ହେବାକୁ ଆହ୍ୱାନ

ଲୋଇସିଂହା, ୨୪।୧(ଡି.ଏନ.ଏ)



ବୈଠକରେ ଉପସ୍ଥିତ କେନ୍ଦୁପତ୍ର ସିଜିନାଲ କର୍ମଚାରୀ ସଂଘ ସଦସ୍ୟମାନେ।

- କେନ୍ଦୁପତ୍ର ସିଜିନାଲ କର୍ମଚାରୀଙ୍କ ବୈଠକ
- ଗଠନ ହେଲା ମୁନସି, ଚପରାସୀଙ୍କ ସ୍ଥାୟୀ ସଂଘ

ବର୍ଷବର୍ଷ ଧରି ସେମାନଙ୍କୁ ଅବହେଳା କରାଯାଉଛି। ଯୋଜନାବଦ୍ଧ ଭାବେ ବିଭାଗୀୟ ଶୋଷଣର ଶିକାର ସେମାନେ ହେଉଛନ୍ତି। ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ବଳଦେବ ମଠ ପରିସରରେ ରବିବାର ଅନୁଷ୍ଠିତ ବଲାଙ୍ଗୀର କେନ୍ଦୁପତ୍ର ବନଖଣ୍ଡ ଅଧୀନ ସିଜିନାଲ କର୍ମଚାରୀ ମୁନସୀ ଓ ଚପରାସୀଙ୍କ ବୈଠକରେ ଏହିଭଳି ଅଭିଯୋଗ କରାଯାଇଛି। ଏଣୁ ହକ ଓ ମୌଳିକ ଅଧିକାର ଲାଗି ଏକଜୁଟ ହେବାର ସମୟ ଉପନୀତ ହୋଇଛି ବୋଲି ବକ୍ତାମାନେ ମତବ୍ୟକ୍ତ କରଛନ୍ତି।

ଅସ୍ଥାୟୀ କମିଟି ସଭାପତି ଅରୂପା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ଉପଦେଷ୍ଟା ସଦସ୍ୟ ଶଙ୍କର ପ୍ରସାଦ ନାଏକ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ୧୯୭୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ କେନ୍ଦୁପତ୍ର ବିଭାଗକୁ ଜାତୀୟକରଣ କରି ସିଜିନାଲ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ଦେଇଥିଲେ। ୧୯୭୫ରେ ଚେକର, ମୁନସୀ ଓ ଚପରାଶୀଙ୍କୁ ନେଇ ଏକ ସଂଘ ଗଠନ କରାଯାଇଥିଲା। ସଂଘ ପାଇଁ ଅନେକ କିଛି କରିଥିଲେ ହେଁ ଗତ ୪୫ବର୍ଷ ଭିତରେ ମୁନସୀ ଓ ଚପରାଶୀଙ୍କୁ ଅଣଦେଖା କରାଯାଉଛି । ଏପରିକି ମିଳିଥିବା ଆରଟିଆଇ ତଥ୍ୟରୁ ସିଜିନାଲ କର୍ମଚାରୀଙ୍କ ଦରମା ଅସଙ୍ଗତି ସମ୍ପର୍କରେ ସୂଚନା ମିଳିଛି। ପୁନଶ୍ଚ ସରକାର ମୁନସୀ ଓ ଚେକରଙ୍କୁ ୬ ମାସର ଦରମା ପ୍ରଦାନ କରୁଥିଲେ ସୁଦ୍ଧା ବିଭାଗ ୪ ମାସର ପ୍ରାପ୍ୟ ଦେଉଛନ୍ତି। ଦରମାର ଅର୍ଦ୍ଧାଧିକ ଟଙ୍କା ବାଟମାରଣା ହେଉଥିବା ଆରଟିଆଇ ତଥ୍ୟରୁ ସ୍ପଷ୍ଟ ହୋଇଥିବା ବୈଠକରେ ଅଧ୍ୟକ୍ଷତା କରୁଥିବା ପଧାନ କହିଥିଲେ ।

୨୦୧୯ ଆର୍ଥିକ ବର୍ଷରେ ୧ହଜାର କେରିକୁ ରଚେଇ ବୁହାଇ ବାବଦକୁ ସରକାର ୮୯ ଟଙ୍କା ୯୦ପଇସା, ୨୦୨୦ରେ ୯୩ଟଙ୍କା ୫୭ପଇସା ଦେଇଥିଲେ। ହେଲେ ରେଞ୍ଜରେ କାର୍ଯ୍ୟରତ ଅଧିକାରୀ ମୁନସୀମାନଙ୍କୁ ୫୦ଟଙ୍କା ଦରରେ ପ୍ରାପ୍ୟ ପ୍ରଦାନ କରୁଥିବା ଅରୁପା ପ୍ରଧାନ କହିଥିଲେ। ଝାରବନ୍ଧଲି ରେଞ୍ଜ ଅନ୍ତର୍ଗତ ପାଣ୍ଡରୀଡୁଙ୍ଗରୀ ଫଡିର ମୁନସୀ ପୁରନ୍ଦର ମହାକୁରଙ୍କୁ ୨୦୧୮ମସିହାର ରଚେଇ ବୁହେଇ ଟଙ୍କା ମିଳି ନ ଥିବା ସେ ଅଭିଯୋଗ କରିଥିଲେ। ସେହିପରି ଖଲିଆପାଲି ରେଞ୍ଜର ଅସୁରମୁଣ୍ଡା ଫଡି, ସିଂବାହାଲି ରେଞ୍ଜର ବିଷିମୁଣ୍ଡା, ଗୋଏଲବେର୍ଣ୍ଣା, ସିଙ୍ଗନମୁଣ୍ଡା ପ୍ରଭୃତି ଫଡିରେ ସମାନ ଅବସ୍ଥା ହୋଇଥିବା ମୁନସୀମାନେ ବୈଠକରେ ଅଭିଯୋଗ କରିଥିଲେ । ବଲାଙ୍ଗୀର ବନଖଣ୍ଡର ଲୋଇସିଂହା, ଝାରବନ୍ଧଲି, ସିଂଗବାହାଲି, ଖଲିଆପାଲି, ବିନିକା, ତରଭା ଓ ଗଡଶଙ୍କର ଡୁଙ୍ଗରିପାଲି ରେଞ୍ଜ ଅଧୀନ ସିଜିନାଲ କର୍ମଚାରୀ ବୈଠକରେ ଉପସ୍ଥିତ ଥିଲେ । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସପ୍ତାହକ ମଧ୍ୟରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ବନଖଣ୍ଡ ଡିଏଫଓଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା ।

# ବିକାଶ ଷ୍ଟ୍ରାଇକର, ୱାକିଙ୍ଗ ଚକୁଳି ଫାର୍ମ ବିଜୟୀ

ସରଣ୍ଡା,୨୪।୧( ଡି.ଏନ.ଏ )

**ଚକୁଳି ଫାର୍ମ କ୍ରିକେଟ ଲିଗ୍ ଉଦ୍‌ଘାଟିତ**

ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଡୁମ୍ବେରମୁଣ୍ଡା ଖେଳ ପଡ଼ିଆରେ ରବିବାର ଚକୁଳି ଫାର୍ମ କ୍ରିକେଟ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ରବିବାର ଉଦଘାଟନୀ ମ୍ୟାଚ୍‌ରେ ବିକାଶ ଷ୍ଟ୍ରାଇକର ଓ ୱାକିଙ୍ଗ ଚକୁଳି ଫାର୍ମ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ବିକାଶ ଷ୍ଟ୍ରାଇକର ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୦୮ ରନ୍ କରିଥିଲା। ପ୍ରତିପକ୍ଷ ଚକୁଳି ଫାର୍ମ ଚ୍ୟାଲେଞ୍ଜର ଦଳ ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୪୮ରନ୍ କରି ପରାଜିତ ହୋଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ୱାକିଙ୍ଗ ଚକୁଳି ଫାର୍ମ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୧୮ରନ କରିଥିଲା। ଜବାବରେ ପ୍ରତିପକ୍ଷ ଜ୍ୟୋତି ସିକ୍ସର ଦଳ ୯ଉଇକେଟ ବିନିମୟରେ ୧୧୫ରନ କରି ପରାଜିତ ହୋଇଥିଲା। ୱାକିଙ୍ଗ ଚକୁଳି ଫାର୍ମର ବୋଲର ଅରବିନ୍ଦ ଭୁଏ ୩ଓଭରରେ ୧୪ରନ ଦେଇ ୪ଟି ଉଇକେଟ ନେବା ସହ ବ୍ୟାଟିଙ୍ଗରେ ୧୮ରନ କରି ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ପ୍ରଥମ ମ୍ୟାଚ୍‌ର କିଶାନ ଭୁଏଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଚୁଡ଼ାମଣି ଭୁଏ ଓ ଆର୍ତ୍ତ ନାଗ ମ୍ୟାଚ୍ ଗୁଡିକୁ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଲରାସରା ସରପଞ୍ଚ ରଣଜିତ ସାହୁ ଓ ଗୋଡ଼ଭଗା ସରପଞ୍ଚ କମଳାକାନ୍ତ ଛନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଜାବ୍ ବରଗଡ଼ ଜିଲା ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଆୟୋଜକ ସଭାପତି ରାଜେନ୍ଦ୍ର ମେହେର, ପ୍ରଯୋଜକ ଏସ. ଦୁର୍ଗା ରେଡ୍ଡୀ ମଞ୍ଚାସୀନ ଥିଲେ। ତନ୍ମୟ ବାରିକ ଦାୟିତ୍ୱ ଅନ୍‌ଲାଇନ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଟ୍ରାଫିକ୍ ନିୟମ ମାନିଲେ ଦୁର୍ଘଟଣା କମିବ

ସୋନପୁର,୨୪।୧(ନି.ପ୍ର.)



ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଜାତୀୟ ସଡକ ସୁରକ୍ଷା ମାସ ଉଦ୍‌ଘାଟିତ**

ସୁବର୍ଣ୍ଣପୁର ଜିଲାରେ ୩୨ ତମ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଏକ ଜିଲାସ୍ତରୀୟ ସଚେତନତା ସଭା ରବିବାର ସନ୍ଧ୍ୟାରେ ଭୀମଭୋଇ କଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଡିଆରଡିଏ ପିଡି ଡୋଲାମଣି ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନସାଧାରଣ ଟ୍ରାଫିକ ନିୟମକୁ ମାନିଲେ ଓ ସଚେତନ ହେଲେ ଦୁର୍ଘଟଣା ବହୁ ପରିମାଣରେ ହ୍ରାସ ପାଇବ ବୋଲି କହିଥିଲେ। ଜନସାଧାରଣ ଓ ଡ୍ରାଇଭର ଯାନ ଚଳାଇବା ସମୟରେ ମାନସିକ ଭାରସାମ୍ୟ ପ୍ରତି ସଜାଗ ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସଭାରେ ଅଧ୍ୟକ୍ଷତା କରି ଉପସ୍ଥିତ ଛାତ୍ରୀଛାତ୍ର, ଜନସାଧାରଣଙ୍କୁ ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଓ ସଡକ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସଚେତନ କରାଇଥିଲେ। ସଡକ ଦୁର୍ଘଟଣା ହ୍ରାସ ପାଇଁ ମାସେ ବ୍ୟାପୀ ଜିଲାରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ପଟ୍ଟନାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଟ୍ରାଫିକ ନିୟମ ନ ମାନିବା, ମୋବାଇଲ ଫୋନ ବ୍ୟବହାର କରି ଗାଡି ଚଳାଇବା, ଦ୍ରୁତ ଗତିରେ ଗାଡି ଚାଳନା ଓ ନିଶା ସେବନ କରି ଡ୍ରାଇଭିଂ ପାଇଁ ଦୁର୍ଘଟଣା ବୃଦ୍ଧି ପାଉଛି । ତେଣୁ ସଚେତନତା ହିଁ ଏକମାତ୍ର ପ୍ରତିଷେଧକ ବୋଲି କହିଥିଲେ। ସୋନପୁର ତହସିଲଦାର ନବୀନ କିଶୋର ପାଢୀ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନ୍ତ୍ରେରିଆ କେର୍କେଟା ଏକ ଦୁର୍ଘଟଣାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ସଙ୍କଳ୍ପବଦ୍ଧ ହେବା ନମନ୍ତେ ଅହ୍ୱାନ ଦେଇଥିଲେ। ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କୋସଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ସଡକ ସୁରକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିଥିବା ବିଭିନ୍ନ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା।

# ବରପାଲି ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

ବରପାଲି, ୨୪।୧ (ଡି.ଏନ.ଏ)

ବରପାଲି ସାମ୍ବାଦିକ ସଂଘର ୩୪ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମାରୱାଡି ଧର୍ମଶାଳାରେ ଆୟୋଜିତ ଉତ୍ସବରେ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ମୁଖ୍ୟଅତିଥି, ସରସରା କଲେଜ ଅଧ୍ୟାପିକା ସୁଶ୍ରୀ ଦମୟନ୍ତୀ କର ମୁଖ୍ୟବକ୍ତା ଓ ରକ୍ଷାକାରୀ ବିଶି ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ। ଉତ୍ସବରେ ସାମାଜିକ କର୍ମୀ ମୁକେଶ କୁମାର ସାହୁ, ଜନକଲ୍ୟାଣ ଟ୍ରଷ୍ଟର ମୁକୁନ୍ଦ ଦାଶ, ଖବରଦାତା ଆଶୁତୋଷ ରଥ ଓ ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ଆଶୁତୋଷ ରଥ ସ୍ୱାଗତ ଭାଷଣ ଓ ହର୍ଷ ବେହେରା ବିବରଣୀ ପାଠ କରିଥିଲେ। କୁନା ସା ସୂଚନା ପ୍ରଦାନ କରିଥିଲେ।

# ଭୂଆଁପଡ଼ାକୁ ଆଦର୍ଶ ଗ୍ରାମ କରିବାକୁ ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ



ବୈଠକରେ ଉପସ୍ଥିତ ମହିଳାମାନେ।

ଗୁଡ଼ଭେଲା,୨୪।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ମାଢେକେଲା ପଞ୍ଚାୟତ ଅଧୀନ ଭୁଆଁପଡା ଗ୍ରାମକୁ ନିଶାମୁକ୍ତ କରିବା ସହ ଏକ ଆଦର୍ଶ ଗ୍ରାମ ରୂପେ ଗଢିବା ପାଇଁ ମହିଳା ସ୍ୱୟଂ ସହାୟିକା ଦଳ ଅଣ୍ଟା ଭିଡିଛନ୍ତି। ଗ୍ରାମରେ ଏକ ବୈଠକ କରି ଏଥିପାଇଁ ସର୍ବସମ୍ମତିକ୍ରମେ ଏକ କମିଟି ଗଠନ କରିଛନ୍ତି। ସାବିତ୍ରୀ ଝାଙ୍କର ସଭାନେତ୍ରୀ, ବନଲତା ଦାଶ ଉପସଭାନେତ୍ରୀ, ଯଜ୍ଞେ ସୁନା ସମ୍ପାଦିକା, ସୁମିତ୍ରା ସା ସହସମ୍ପାଦିକା ଓ ଧରିତ୍ରୀ ମହାନନ୍ଦ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଗାଁରେ କୌଣସି ଲୋକ ମଦ ପିଇ ଗାଳିଗୁଲଜ କଲେ ୫ହଜାର ଟଙ୍କା ଓ ମଦ ବିକ୍ରି କଲେ ୧୦ହଜାର ଟଙ୍କା ଜରିମାନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନୂତନ କମିଟିର ସଭାନେତ୍ରୀ ସବିତା ଝାଙ୍କର ଏ ନେଇ ସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ପାଇକମାଲ, ୨୪।୧ (ଡି.ଏନ.ଏ)

ପାଇକମାଲ ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଏକ ବୈଠକ ଅନୀଲ କୁମାର କାଳିଆଙ୍କ ସଭାପତିତ୍ୱରେ ନୃସିଂହନାଥ ସ୍ଥିତ ଗାୟତ୍ରୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗିରିଶ ଚନ୍ଦ୍ର ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଅନୀଲ କୁମାର କାଳିଆ, ସମ୍ପାଦକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ କୁବେର ରଣା, ଉପସଭାପତି ଭାବେ ପିତାମ୍ବର ସାହୁ, ମୀନକେତନ ପ୍ରଧାନ ଏବଂ ଗିରିଶ ନାୟକ ମନୋନିତ ହୋଇଥିଲେ। ଶଙ୍କର ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ ବିକ୍ରି କରି ପାରିନାହାନ୍ତି ଥୁଆପଦରର ୨୨ ଚାଷୀ

ଭବାନୀପାଟଣା, ୨୪।୧ (ଡି.ଏନ.ଏ.): ଭବାନୀପାଟଣା ବ୍ଲକ ଥୁଆପଦର ପଞ୍ଚାୟତର ୨୨ ଜଣ ଚାଷୀ ଟୋକନ ପାଇ ମଧ୍ୟ ଧାନ ଆଜି ପର୍ଯ୍ୟନ୍ତ ବିକ୍ରି କରିପାରି ନାହାନ୍ତି। ସେମାନଙ୍କ ଧାନକୁ କ୍ରୟ କରିବା ପାଇଁ ଜିଲାପାଳ ଯୋଗାଣ ସଚିବଙ୍କୁ ପତ୍ର ଲେଖିବା ପରେ ମଧ୍ୟ ସେମାନଙ୍କ ୮ଶହ କୁଇଣ୍ଟାଲ ଧାନ ଆଜି ପର୍ଯ୍ୟନ୍ତ ବିକ୍ରି କରି ନ ପାରି ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଥୁଆପଦର ପଞ୍ଚାୟତକୁ ମରୁଡି ଘୋଷଣା ଦାବି କରି ଚାଷୀମାନେ ଆନ୍ଦୋଳନ କରିଥିଲେ। ଏପରି କି ଉକ୍ତ ପଞ୍ଚାୟତରେ ଧାନ କିଣାକୁ ମଧ୍ୟ ଆନ୍ଦୋଳନକାରୀମାନେ ବନ୍ଦ କରିଥିଲେ। ପରେ ପ୍ରଶାସନ ଏହି ମଣ୍ଡି ବଦଳରେ କର୍ଲାପଡା ଓ ପାଲସିଙ୍ଗରଣ ମଣ୍ଡି ଖୋଲିଥିଲା। କିନ୍ତୁ ଏହି ବିବାଦର ସମାଧାନ ପରେ ଥୁଆପଦର ପଞ୍ଚାୟତରେ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ୫୬ ଜଣ ଚାଷୀଙ୍କ ମଧ୍ୟରୁ ୨୨ ଜଣ ଚାଷୀଙ୍କ ତାରିଖ ସରିଯାଇଥିଲା। ଏଥିପାଇଁ ସମ୍ପୃକ୍ତ ଚାଷୀମାନେ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଚାଷୀମାନଙ୍କ ସମସ୍ୟାକୁ ନେଇ ଜିଲାପାଳ ପୁର୍ନବାର ଟୋକନ ଦେବା ପାଇଁ ଯୋଗାଣ ବିଭାଗ ସଚିବଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ଆଜିପର୍ଯ୍ୟନ୍ତ ସମୋନଙ୍କୁ ଟୋକନ ନ ମିଳିବାରୁ ୨୨ ଜଣ ଚାଷୀଙ୍କ ୮ ଶହ କୁଇଣ୍ଟାଲ ଧାନ ଅଦ୍ୟାବଧି ବିକ୍ରି କରିପାରିନାହାନ୍ତି।

# ଦିଲ୍ଲୀ ଗଲେ ଚାଷୀ ପ୍ରତିନିଧି

ବରଗଡ଼ ଅଫିସ୍,୨୪।୧

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନକୁ ନେଇ ଆନ୍ଦୋଳନ ଜାରି ରହିଛି । ଆସନ୍ତା ୨୬ତାରିଖ ସାଧାରଣତନ୍ତ୍ର ଦିବସରେ ଅଖିଳ ଭାରତୀୟ କିଶାନ ସଂଘର୍ଷ ସମନ୍ୱୟ ସମିତି ଦିଲ୍ଲୀରେ ଟ୍ରାକ୍ଟର ପରେଡ୍ କରିବାକୁ ନିଷ୍ପତ୍ତି ନେଇଛି । ଏହି ପରେଡ୍‌ରେ ଭାଗ ନେବା ପାଇଁ ରବିବାର ସକାଳୁ ଜୟ କିଶାନ ଆନ୍ଦୋଳନ, ବରଗଡ଼ ଜିଲା ପକ୍ଷରୁ ୨୮ଜଣିଆ ଚାଷୀ ପ୍ରତିନିଧି ଦିଲ୍ଲୀ ଯାତ୍ରା କରିଛନ୍ତି । ବରଗଡ଼ ରୋଡ୍ ରେଳ ଷ୍ଟେଶନରେ ସକାଳ ୬ଟାରୁ ସେମାନେ ସମ୍ବଲପୁର-ରାୟଗଡ଼ା ଯାତ୍ରୀବାହୀ ଟ୍ରେନରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଳଷ୍ଟେଶନକୁ ଯାଇଥିଲେ। ଅପରାହ୍ନ ପ୍ରାୟ ଅଢ଼େଇଟାରେ ଚାଷୀ ପ୍ରତିନିଧି ଟିଟିଲାଗଡ଼ରୁ ବିଶାଖାପାଟଣା-ନିଜାମୁଦ୍ଦିନ ଏକ୍ସପ୍ରେସରେ ଦିଲ୍ଲୀ ଯାତ୍ରା କରିଛନ୍ତି। ଜୟ କିଶାନ ଆନ୍ଦୋଳନର ସଭାପତି ସୁଶୀଲ କୁମାର ସାହୁ, ସମ୍ପାଦକ ହର ବଣିଆ, ଲକ୍ଷ୍ମଣ ସୁନା, ବିରଞ୍ଚି ମହାକୁର, ସୀତାରାମ ମେହେର, ଚିତ୍ତରଞ୍ଜନ ଛନ୍ଦ ପ୍ରମୁଖ ଏହି ପ୍ରତିନିଧି ଦଳରେ ରହିଛନ୍ତି ।




ଦିଲ୍ଲୀ ଯାଉଥିବା ଚାଷୀ ପ୍ରତିନିଧିମାନେ ଟିଟିଲାଗଡ଼ ଷ୍ଟେଶନରେ ଟ୍ରେନରେ ଚଢୁଛନ୍ତି ।

# ସାଇଣ୍ଟିଫିକ୍ ଟିମ୍‌ର ଛାନ୍‌ଭିନ୍, ୫ ଅଟକ

ବଲାଙ୍ଗୀର ଅଫିସ/ଦେଓଗାଁ, ୨୪।୧ (ଡି.ଏନ୍.ଏ.)





ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ସାଇଣ୍ଟିଫିକ୍ ଟିମ୍ ସହ ହତ୍ୟାକାଣ୍ଡ ସ୍ଥଳରେ ଛାନ୍‌ବିନ୍ କରୁଛନ୍ତି(ବାମ)। ହରଡ କ୍ଷେତରେ ପଡିଥିବା ଟାଙ୍ଗିଆ।

**ଜରାସିଂହା ଡବଲ ମର୍ଡର ଘଟଣା**

- ଘଟଣାସ୍ଥଳରେ ତଦାରଖ କଲେ ଏସ୍‌ଡିପିଓ
- ପାଣିମଡାକୁ କେନ୍ଦ୍ର କରି ଘଟିଥିଲା ହତ୍ୟାକାଣ୍ଡ
- ଜରାସିଂହାରେ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହା ଗାଁରେ ଶନିବାର ଅପରାହ୍ଣରେ ସଂଘଠିତ ଡବଲ ମର୍ଡର ଘଟଣାରେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ସେମାନେ ହେଲେ ଶ୍ରୀମନ୍ତ ଭେସ୍ରା, ମୋହନ ସୁନା, ଗୋବର୍ଦ୍ଧନ ଛତ୍ରିଆ, ରାଧାକାନ୍ତ ସୁନା, ଯୁଧିଷ୍ଠିର ସୁନା । ରବିବାର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଛାନ୍‌ଭିନ୍ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶନିବାର ଅପରାହ୍ଣରୁ ଜରାସିଂହା ଗାଁ ବାହାରପଡା ଓ ହରିଜନପଡାରେ ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରବିବାର ବ୍ୟବଚ୍ଛେଦ ପରେ ଶ୍ରୀପତି ଭେସ୍ରାଙ୍କ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଅନ୍ୟପକ୍ଷେ ଶନିବାର ଅପରାହ୍ଣରୁ ବାହାରପଡା ସ୍ଥିତ ଧନମତ ରାଉତଙ୍କ ଘରେ ଧନମତଙ୍କ ମୃତଦେହ ପଡିରହିଥିଲା। ସାଇଣ୍ଟିଫିକ୍ ଟିମ୍ ଛାନ୍‌ଭିନ୍ କରିବା ପରେ ରବିବାର ଅପରାହ୍ନ ୧ଟାରେ ତାଙ୍କ ମୃତଦେହ ଉଦ୍ଧାର କରି ପୋଲିସ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ପଠାଇଥିଲା। ଧନମତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଯିବା ପରେ ତାଙ୍କ ପରିବାର ସଦସ୍ୟମାନେ ପିଲାଛୁଆ ଧରି ଜରାସିଂହା ଛାଡି ଧରବଗଡ ପଳାଇ ଯାଇଥିବା ଜଣାପଡିଛି । ବହୁ ବର୍ଷ ପୂର୍ବରୁ ଧନମତ ଧରବଗଡରୁ ଆସି ଜରାସିଂହାରେ ଘରଜ୍ୱାଇଁ ଭାବେ ରହୁଥିଲେ ବୋଲି ଜଣାପଡିଛି। ଡବଲ ମର୍ଡର ଘଟଣା ପରେ ପୋଲିସ ଟିମ୍ ପକ୍ଷରୁ ତଦନ୍ତ ଜରି ରହିଛି । ଏସଡିପିଓ ବାରିକଙ୍କ ସହ ତୁଷରା ଥାନାଧିକାରୀ ଯଶବନ୍ତ ପ୍ରଧାନୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଚାଷଜମିରେ ପମ୍ପଯୋଗେ ପାଣିମଡାକୁ କେନ୍ଦ୍ରକରି କିଛିଦିନ ତଳେ ଜରାସିଂହା ଧନମତ ରାଉତ୍ ଓ ଶ୍ରୀପତି ଭେସ୍ରାଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା । ଶନିବାର ଅପରାହ୍ଣରେ କୁଲିହାବାହାଲ ରାସ୍ତାକଡ ଜମିରେ ଛେଳି ଚରାଉ ଥିବାବେଳେ ଧନମତ ଓ ଶ୍ରୀପତିଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଧନମତ ଏକ ଟାଙ୍ଗିଆରେ ଶ୍ରୀପତିଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା କର୍ମ ସୁନା, ବ୍ରହ୍ମା ସୁନା ଏଥିପାଇଁ ଧନମତଙ୍କ ବାରଣ କରିଥିଲେ । ତେବେ ସେମାନଙ୍କୁ ମଧ୍ୟ ଧନମତ ଆକ୍ରମଣ କରିଥିଲେ । ଧନମତଙ୍କ ଟାଙ୍ଗିଆ ଚୋଟରେ ଘଟଣାସ୍ଥଳରେ ଶ୍ରୀପତି ଟଳି ପଡିଥିଲେ । ଶ୍ରୀପତିଙ୍କୁ ହତ୍ୟା କରିବା ପରେ ଘଟଣାସ୍ଥଳରେ ଟାଙ୍ଗିଆ ପକାଇ ଦେଇ ଧନମତ ଘରକୁ ଯାଇ ଲୁଚିଥିଲେ। କିଛି ସମୟ ପରେ ୫/୭ ଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ତାଙ୍କ ଲୁହା କବାଟ ଭାଙ୍ଗି ଘର ଭିତରକୁ ଧସେଇ ପଶି ଧନମତଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ପାଣିମଡା ଘଟଣାକୁ ନେଇ ମାତ୍ର କିଛି ସମୟ ବ୍ୟବଧାନରେ ଦୁଇଜଣଙ୍କୁ ହତ୍ୟା କରାଯିବା ଘଟଣାକୁ ନେଇ ଜରାସିଂହା ଗାଁ ଓ ଆଖପାଖ ସ୍ତବ୍ଧ ହୋଇଯାଇଥିଲା।

## ଶିକ୍ଷକଙ୍କ ସମସ୍ୟା ନେଇ ଆଲୋଚନା

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ବ୍ଲକ ଲେବେଲ-୫ ଏକ୍ସ କ୍ୟାଡର ଗଣଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ସାଧାରଣ ବୈଠକ ସ୍ଥାନୀୟ ମାତେଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଶିକ୍ଷକ ସୁଧୀର କୁମାର ପଟ୍ଟନାୟକ, ଉପସଭାପତି ସୁରେନ୍ଦ୍ର କୁମାର ନାୟକ, ସମ୍ପାଦକ ମନ କୁମାର ମହାକୁଡ, ସହ-ସମ୍ପାଦକ ସୁଶାନ୍ତ କୁମାର ଅମାତ, କୋଷାଧ୍ୟକ୍ଷ ଲକ୍ଷୀନ୍ଦ୍ର ଥପ, ସହକୋଷାଧ୍ୟକ୍ଷ ମଧୁସୁଦନ ପ୍ରଧାନ ଓ ଉପଦେଷ୍ଟା କମିଟିର ସଭ୍ୟ ଭାବେ ଯୋଗେଶ ମିଶ୍ର, ସୟ କୁମାର ପ୍ରଧାନ, ଉମେଶ ସୁନା, ରଞ୍ଜନ ସାହୁଙ୍କୁ ଚୟନ କରାଯାଇଥିଲା।

## ସଂକ୍ଷେପରେ

### ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ, କୃଷି ବିଲ୍‌କୁ ବିରୋଧ

ଭବାନୀପାଟଣା,୨୪।୧(ସ୍ୱ.ପ୍ର.): କେନ୍ଦ୍ର ସରକାରଙ୍କ କୃଷି ବିଲକୁ ବିରୋଧ କରି ଚାଷୀମାନେ ଦୀର୍ଘ ୫୯ ଦିନ ହେଲା ଦିଲ୍ଲୀ ସୀମାନ୍ତ ସିନ୍ଧୁ ବୋର୍ଡ଼ରରେ ଆନ୍ଦୋଳନ ଚାଲିଛି। ଉକ୍ତ ଆନ୍ଦୋଳନକୁ ସମର୍ଥନ ଜଣାଇ ରବିବାର କଳାହାଣ୍ଡି ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଏକ ଯୁବ କଂଗ୍ରେସ ରବିବାର ସିନ୍ଧୁ ବୋର୍ଡ଼ରରେ ପହଞ୍ଚିଛି। ଏହି ପ୍ରତିନିଧି ଦଳ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ସିନ୍ଧୁ ବୋର୍ଡ଼ରରେ ଚାଷୀଙ୍କ ସହିତ ରହି ଆନ୍ଦୋଳନରେ ସାମିଲ ହେବ ବୋଲି ଜଣାପଡ଼ିଛି।

### କୋକସରା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ

କୋକସରା, ୨୪।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ପୋଲିସ ଆନୁକୂଲ୍ୟରେ ଶନିବାର ଥାନା ଅଧିକାରୀ ବାସୁଦେବ ଛତ୍ରିଆଙ୍କ ନେତୃତ୍ୱରେ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପୋଲିସ କର୍ମଚାରୀ ମୋଟେରସାଇକେଲ ରାଲିରେ ବାହାରି ଟ୍ରାଫିକ ନିୟମ ମାନିବା ସହ ହେଲମେଟ ବ୍ୟବହାର, ସିଟ ବେଲ୍ଟ ବ୍ୟବହାର, ନାବାଳକଙ୍କୁ ଗାଡି ଚଳାଇବାକୁ ନ ଦେବା, କୌଣସି ଦୁର୍ଘଟଣା ବ୍ୟକ୍ତିଙ୍କୁ ଦେଖିଲେ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେବା ଭଳି ସଚେତନ ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିରେ ପୋଲିସ କର୍ମଚାରୀ ପଙ୍କଜ ପ୍ରଧାନ, ଜନ୍ମେଜୟ ବାଗ, ମନୋରଞ୍ଜନ ଆଚାର୍ଯ୍ୟ, ଗୋପବନ୍ଧୁ ନାଏକ, ପରମାନନ୍ଦ ବାଗ, ଭାରତ ମାଝି, ଯୁବରାଜ ପୂଝାରୀ, ମକସିର ହରିଜନ, ଅମିତ ସୁନା, ବୈଲୋଚନ ମହାନନ୍ଦ, ଶିବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଜନ ଅଧିକାର ସୁରକ୍ଷା ମଞ୍ଚର ସାଧାରଣ ବୈଠକ

ବୌଦ୍ଧ,୨୪।୧(ସ୍ୱ.ପ୍ର.): ବୌଦ୍ଧ ଜନ ଅଧିକାର ସୁରକ୍ଷା ମଞ୍ଚର ସାଧାରଣ ବୈଠକ ଗିରାସିଙ୍ଗା ଶ୍ରୀଜଗନ୍ନାଥ ବନ ପ୍ରକଳ୍ପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଆବାହକ ସତ୍ୟଜିତ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବୌଦ୍ଧ ଜିଲାରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ଦୁର୍ନୀତି ବୃଦ୍ଧି ପାଉଥିବା ନେଇ ସମସ୍ତ ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ବୌଦ୍ଧ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ପାଲଝାର କୃଷିଫାର୍ମ ଓ ସମସ୍ତ ପଞ୍ଚାୟତରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତାରେ ଚାଲିଥିବା ଦୁର୍ନୀତି ଏହି ବୈଠକରେ ମୁଖ୍ୟ ଆଲୋଚନାର ବିଷୟ ହୋଇଥିଲା। ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ସହ ଆବଶ୍ୟକ ହେଲେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଶ୍ରୀନିବାସ ସାହୁ, ପରଦେଶୀ ବେହେରା, ଅଚ୍ୟୁତ କର୍ଣ୍ଣ, ପ୍ରଶାନ୍ତ ପାଣିଗ୍ରାହୀ, ପ୍ରଦୀପ ବେହେରା, ପୁରନ୍ଦର ଗିରି, ହିମାଂଶୁ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପୌଲସ୍ତି ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବୌଦ୍ଧରେ ନିଧି ସଂଗ୍ରହ ଅଭିଯାନ

ବୌଦ୍ଧ,୨୪।୧(ସ୍ୱ.ପ୍ର.): ଅଯୋଧାରେ ନୂତନ ଶ୍ରୀରାମ ମନ୍ଦିର ନିର୍ମାଣ କରାଯାଉଥିବାରୁ ବୌଦ୍ଧ ଜିଲାରେ ବିଶ୍ୱହିନ୍ଦୁ ପରିଷଦ ନେତୃତ୍ୱରେ ନିଧି ସଂଗ୍ରହ ଅଭିଯାନ ଆସନ୍ତାକାଲି ଠାରୁ ଶୁଭାରମ୍ଭ କରାଯିବ। ଏନେଇ ରବିବାର ବୌଦ୍ଧ ଜିଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସଭାପତି ଶମ୍ଭୁପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇଥିଲା। ସୋମବାର ବୌଦ୍ଧ ସହରର ଶ୍ରୀରଘୁନାଥ ମନ୍ଦିର ପରିସରରେ ହୋମଯଜ୍ଞ ଓ ହନୁମାନ ଚାଳିଶା ପାଠ ପରେ ନିଧି ସଂଗ୍ରହ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଇଥିଲା। ଏହି ଅବସରରେ ଶ୍ରୀରାମ ରଥ ସହର ମଧରେ ପରିକ୍ରମା କରି ବୁଟୁପାଲିଠାରେ ସମାପନ କରାଯିବ। ଜିଲାର ଶ୍ରୀରାମ ପ୍ରେମୀ ଭକ୍ତଙ୍କ ଠାରୁ ଟଙ୍କା ସଂଗ୍ରହ କରାଯାଇ ଶ୍ରୀରାମ ମନ୍ଦିର ନିର୍ମାଣ ସମିତିକୁ ପଠାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍ ପକ୍ଷରୁ ପଦ୍ମଚରଣ ମେହେର, ନିଧି ସଂଗ୍ରହ ଯୋଜନା ପ୍ରମୁଖ ତାପସ ପଟ୍ଟନାୟକ, ଦୁର୍ଯ୍ୟୋଧନ ବିଶି ଉପସ୍ଥିତ ଥିଲେ। ସୋମବାର ଜିଲାର ବୌଦ୍ଧ ବ୍ଲକ, ହରଭଙ୍ଗା ଓ କଣ୍ଟାମାଳ ବ୍ଲକରେ ମଧ ନିଧି ସଂଗ୍ରହ ଅଭିଯାନ ଶୁଭାରମ୍ଭ କରାଯିବ ବୋଲି ମିଶ୍ର ପ୍ରକାଶ କରଛନ୍ତି।

# ୩ ବର୍ଷ ବିତିଲା, ବିଦ୍ୟୁତ୍ ସଂଯୋଗ ହୋଇନି

କେସିଙ୍ଗା, ୨୪।୧ (ଡି.ଏନ.ଏ.)

**ସୌଭାଗ୍ୟ ଯୋଜନା**
- ଅନ୍ଧାରରେ ଜୀବନ ବିତାଉଛନ୍ତି ହିତାଧିକାରୀ
- ମିଟର ଲଗାଇବା ପାଇଁ ଲାଞ୍ଚ ନେବା ଅଭିଯୋଗ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପଥର୍ଲା ଗ୍ରାମପଞ୍ଚାୟତ ବାହାଦୂରପଦର ଗ୍ରାମର ଗରିବ ହିତାଧିକାରୀମାନେ ବିଦ୍ୟୁତ୍ ଆଲୁଅ ପାଇବାରୁ ବଞ୍ଚିତ ହୋଇ ଅନ୍ଧାରରେ ଜୀବନ କାଟୁଛନ୍ତି। ୨୦୧୭-୧୮ରେ ସମଗ୍ର ଜିଲା ତଥା କେସିଙ୍ଗା ବ୍ଲକରେ ସୌଭାଗ୍ୟ ଯୋଜନା ଆରମ୍ଭ ହୋଇଥିଲା। ଗରିବ ହିତାଧିକାରୀମାନଙ୍କୁ ମାଗଣାରେ ଏହି ଯୋଜନାରୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ଗତ ୩ବର୍ଷ ହେଲା ବାହାଦୂରପଦର ଗ୍ରାମର ପ୍ରାୟ ୪୦ଜଣ ଗରିବ ହିତାଧିକାରୀଙ୍କ


ବିଦ୍ୟୁତ୍ ସଂଯୋଗ ଅପେକ୍ଷାରେ ବାହାଦୂରପଦର ଗ୍ରାମର ଜଣେ ହିତାଧିକାରୀ।

ଘରେ ମିଟର ଓ ବିଦ୍ୟୁତ୍ ଲଗାଯାଇଛି। କିନ୍ତୁ ହିତାଧିକାରୀଙ୍କ ଘରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ଠିକାଦାର ଆଜିକାଲି କହି ଲୋକଙ୍କୁ ଭୁଆଭୁଲାଉଛନ୍ତି। ମିଟର ଲଗାଇ ଦେଲେ ଗରିବ ହିତାଧିକାରୀଙ୍କଠାରୁ ୨ ଶହରୁ ୩ ଶହ ଟଙ୍କା ଲାଞ୍ଚ ମଧ ନେଉଥିବା ବିଭାଗୀୟ ଏସଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଗରିବ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଠ ପଢ଼ିବାରେ ଘୋର ସମସ୍ୟା ଦେଖାଯାଉଛି। ଖରାରେ ଲୋକେ ପଙ୍ଖା କିମ୍ବା କୁଲରରୁ ଥଣ୍ଡା ପବନ ପାଇବାରୁ ବଞ୍ଚିତ ହେଉଛନ୍ତି। ବର୍ଷା, ଶୀତ ଦିନରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ଭୋଗୁଛନ୍ତି। ଉକ୍ତ ଗ୍ରାମର ପ୍ରାୟ ୪୦ଜଣ ଗରିବ ହିତାଧିକାରୀ ମନ୍ତ୍ରୀ ତଥା ବିଭାଗୀୟ ଅଧିକାରୀମାନେ ଅଭିଯୋଗ କଲେ ମଧ କର୍ଣ୍ଣପାତ କରୁନାହାନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଏସଡିଓ ମାଟି ବାବୁଙ୍କୁ ପଚାରିବାରୁ ମୁଁ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ।

# ଝୁପିରେ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ତରବୋଡ/ନୂଆପଡା ଅଫିସ, ୨୪।୧ (ଡି.ଏନ.ଏ.)

ନୂଆପଡ଼ା ଜିଲା ସଦର ଥାନା ଟାୱାଟ ପଞ୍ଚାୟତ ଧାମନପୁରି ଗାଁର ଦାଦନ ଶ୍ରମିକ ଜେଠୁରାମ ମାଝି (୫୧)ଙ୍କ ଝୁପିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏ ନେଇ ଜେଠୁରାମ କାମ କରୁଥିବା ମାଲିକ ପୋଲିସକୁ ଜଣାଇ ନ ଥିଲେ। ବାପାଙ୍କ ମୃତ୍ୟୁ ପରେ ସେଠାରେ କାମ କରୁଥିବା ଜେଠୁରାମଙ୍କ ପୁଅଝିଅ ମୃତଦେହ ଗାଁକୁ ନେବାକୁ ଅନୁରୋଧ କରିଥିଲେ। ମୃତଦେହ ଗାଁକୁ ନେଲେ ୩/୪ ଦିନ ଲାଗିଯିବ। ପୋଲିସ ଆସିବ, ତଦନ୍ତ କରିବ। ରାସ୍ତାରେ ପୋଲିସ ଅଟକାଇ ହଇରାଣ କରିବ ବୋଲି ତାଙ୍କୁ ଭୟଭୀତ କରାଇଥିଲେ। ଶେଷରେ ବାଧ୍ୟହୋଇ ସେମାନେ ମୃତଦେହକୁ ପୋତି ଦେଇଥିଲେ। ଶନିବାର ସନ୍ଧ୍ୟାରେ ନିରାଶ ହୋଇ ଘରକୁ ଫେରିଛନ୍ତି। ମୃତକଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବାରୁ କୌଣସି ସରକାରୀ ସହାୟତା ମିଳିବ ନାହିଁ। ଏବେ ମୃତକଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଟଙ୍କାର ଆବଶ୍ୟକତା ରହିଛି। ଘରେ ଖାଇବା ପାଇଁ କିଛି ନାହିଁ। ଏବେ ଦୁଇ ଭାଇ ଭଉଣୀ କେମିତି ଦଶାହ କରିବେ, ମା'ଙ୍କ ଚିକିତ୍ସା କରିବେ ସେହି ଚିନ୍ତା ଘାରିଛି। ଜିଲା ପ୍ରଶାସନ ଦୃଷ୍ଟିଦେଇ ଘଟଣାର ତଦନ୍ତ କରି ଦୋଷୀଙ୍କୁ ଦଣ୍ଡଦେବା ସହ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ଯେ, ଜୋଙ୍କ ଥାନା ମୁଢେଲା ଗାଁର ଦାଦନ ସର୍ଦ୍ଦାର ଚନ୍ଦନ ବଞ୍ଜାରାଙ୍କଠାରୁ ଜେଠୁରାମ ୫୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ସେହି ଟଙ୍କାରେ ରୋଗୀଣା ସ୍ତ୍ରୀ ମୋହର ବାଇ (୪୫)ଙ୍କ ଚିକିତ୍ସା କରିଥିଲେ। ପରେ ୧୫ ହଜାର ଟଙ୍କାରେ ଚାଷ ଜମିକୁ ସାହୁକାର ପାଖରେ ବନ୍ଧକ ରଖି ସ୍ତ୍ରୀଙ୍କ ଚିକିତ୍ସା କରାଇଥିଲେ। ତଥାପି ସେ ସୁସ୍ଥ ହୋଇ ନ ଥିଲେ। ଶେଷରେ ଜେଠୁରାମ ସ୍ତ୍ରୀ ଓ ବୁଢ଼ି ମା'ଙ୍କୁ ଘରେ ଛାଡ଼ି ଝିଅ ପୁଷ୍ପା (୨୦), ପୁଅ ଉଦେରାମ (୧୮)ଙ୍କୁ ସାଙ୍ଗରେ ଧରି ଗତ ୬ ତାରିଖରେ ଉତ୍ତର ପ୍ରଦେଶକୁ ଯାଇ ଏକ ଇଟାଭାଟିରେ କାମ କରୁଥିଲେ। ରୋଗୀଣା ସ୍ତ୍ରୀ ଓ ବୁଢ଼ି ମା'ଙ୍କ କଥା ଭାବି ଚିନ୍ତାରେ ଜେଠୁଙ୍କୁ ଜ୍ୱର ହୋଇଥିଲା। ତାଙ୍କୁ ହସ୍ପିଟାଲ ନେବା ବଦଳରେ କ୍ୱାକ ପାଖରେ ଚିକିତ୍ସା କରାଇଥିଲେ। ୧୯ ତାରିଖରେ ପୁଅଝିଅ କାମ କରୁଥିବା ବେଳେ ଜେଠୁ ଗୁଡସି (ଘରେ) ଶୋଇଥିଲେ। ଅପରାହ୍ନରେ ବାପା ସେଠାରେ ନ ଥିବା ଦେଖି ପୁଅଝିଅ ଖୋଜିଥିଲେ। ଶେଷରେ ଇଟାଭାଟି ପଛପଟେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁପାଇଥିଲେ।

# ପ୍ୟାକ୍ସରେ ତାଲା ପକାଇଲେ ଚାଷୀ

ତରବୋଡ/ନୂଆପଡା ଅଫିସ, ୨୪।୧ (ଡି.ଏନ.ଏ.)

ଆଜକୁ ପ୍ରାୟ ୨୦ ଦିନରୁ ଊର୍ଦ୍ଧ୍ୱ ହେବ ସଦର ବ୍ଲକ ପରକୋଡ ଅଧୀନ ୪ଟି ମଣ୍ଡିରୁ ଧାନ ଉଠା ନ ଯିବାରୁ ରବିବାର ଉତ୍ତ୍ୟକ୍ତ ଚାଷୀ ପରକୋଡ ପ୍ୟାକ୍ସରେ ତାଲା ପକାଇଛନ୍ତି। ପରକୋଡ ପ୍ୟାକ୍ସ ଅଧୀନରେ ୪ଟି ମଣ୍ଡି ବୁଢିପାଲି, ଭଇଁଷାତାଲ, ବଲୋଦା ଓ ପରକୋଡ ରହିଛି। ପ୍ରତେକ ମଣ୍ଡିରେ ୧୦ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଲେଖାଏଁ ଧାନ ପଡିରହିଛି। ପ୍ରାୟ ୨୦ରୁ ଅଧିକ ଦିନ ହୋଇଗଲାଣି ମଣ୍ଡିରୁ ଧାନ ଉଠାଯାଉ ନାହିଁ। ଚାଷୀ ଖୋଲା ଆକାଶ ତଳେ ଶୀତ କାକରରେ ଜଗି ରହିଛନ୍ତି। କେତେ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଗଲାଣି। କଟନୀ ଛଟନୀ ୩ କି.ଗ୍ରା.ରୁ ଆରମ୍ଭ କରି ୬ କି.ଗ୍ରା. ନେଉଥିବା ଅଭିଯୋଗ ହେଉଛି। କିନ୍ତୁ ବୁଢିପାଲି ଓ ଭଇଁଷାତାଲ ମଣ୍ଡିରୁ କିଛି ଧାନ ଉଠାଇଥିବା ବେଳେ ବଲୋଦା ଓ ପରକୋଡ ମଣ୍ଡିରୁ ଧାନ ଉଠା ନ ଯିବାରୁ ଉତ୍ତ୍ୟକ୍ତ ଚାଷୀ ରବିବାର ସକାଳ ୮ଟାରେ ବଲୋଦା ଓ ପରକୋଡ ଚାଷୀ ପରକୋଡ ପ୍ୟାକ୍ସରେ ତାଲା ପକାଇଥିଲେ। ଜିଲା ଯୋଗାଣ ଅଧିକାରୀଙ୍କୁ ଚାଷୀ ଫୋନରେ ଯୋଗାଯୋଗ କରିବାରୁ ସେ ଜିଲା ପ୍ରଶାସନ ଜାଣିବେ ଆମ ହାତରେ କ'ଣ ଅଛି ବୋଲି କହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଫୋନ ଯୋଗେ ସମସ୍ତଙ୍କ ଧାନ କିଣାଯିବା ପାଇଁ ପ୍ରତିଶ୍ରୁତି ମିଳିବାରୁ ୧୦ଟାରେ ତାଲା ଖୋଲାଯାଇଥିଲା।


ଉତ୍ତ୍ୟକ୍ତ ଚାଷୀ ପ୍ୟାକ୍ସରେ ତାଲା ପକାଇଛନ୍ତି।

## କଫ୍ ସିରପ୍ ଜବତ, ୩ ବ୍ୟବସାୟୀ ଗିରଫ

ତରବୋଡ/ନୂଆପଡା ଅଫିସ, ୨୪।୧ (ଡି.ଏନ.ଏ.)

ସଦର ଥାନା ଖୋକସା ଛକ ୩୫୩ ନଂ. ଜାତୀୟ ରାଜପଥ ଉପରେ ନୂଆପଡା ପୋଲିସ ଚଢାଉ କରି ୩୧ ବୋତଲ କଫ୍ ସିରପ୍ ଜବତ କରି ୩ ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ରତିପାଲି ଗାଁର ଟିକମସିଂ ଠାକୁର (୩୮), ଲୋକନାଥ ସାହୁ (୨୩) ଓ ମହେଶ ନାଏକ (୨୩)। ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କୌଣସି ସୂତ୍ରରୁ ଖବର ପାଇ ନୂଆପଡା ଏସଡିପିଓ ପ୍ରଶାନ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ ଶନିବାର ମଧ୍ୟାହ୍ନରେ ଖୋକସା ଛକ ନିକଟରେ ଜଗି ରହିଥିଲା। ଗୋଟିଏ ବାଇକ୍‌ରେ ୩ ଜଣ ଆସୁଥିବା ବେଳେ ତାଙ୍କୁ ଅଟକାଇ ପୋଲିସ ଯାଞ୍ଚ କରିବାରୁ ୩୧ ବୋତଲ କଫ୍ ସିରପ୍ ଜବତ କରିଥିଲା। ତାଙ୍କଠାରୁ ୨ ହଜାର ଟଙ୍କା, ୩ଟି ମୋବାଇଲ ସହ ଏକ ବାଇକ୍ ଜବତ କରାଯାଇଛି।

# କ୍ରିକେଟ: ଚାରବାହାଲକୁ ଟାଇଟଲ


ଫାଇନାଲ ମ୍ୟାଚ୍ ଅବସରରେ ଉଭୟ ଦଳର ଖେଳାଳିମାନେ।

କୋକସରା, ୨୪।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୂଷାପାଲି ପଞ୍ଚାୟତ ଗହନାମୁଣ୍ଡାଠାରେ ତ୍ରିଲକ୍ଷ ଖମାରୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଚାରବାହାଲ ଓ ଝରିଆଗୁଡା ମଧ୍ୟରେ ମ୍ୟାଚ ହୋଇଥିବା ବେଳେ ଚାରବାହାଲ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ବିଜୟୀ ଦଳ ଓ ରନର୍ସ ଅପ ଦଳକୁ ଉପସ୍ଥିତ ଅତିଥି ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ନବନିର୍ବାଚିତ ଭାଜପା କଳାହାଣ୍ଡି ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ସମ୍ମାନିତ ଅତିଥି ବିଜେଡି ଛାତ୍ର ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ଇଂ ବୈଶାଖୀ ନନ୍ଦ, ମୁଖ୍ୟବକ୍ତା ଭାବେ ଦୈତାରି ଖମାରି, ବିଜୁ ଛାତ୍ର ଜନତା ଦଳର ଜିଲା ସଦସ୍ୟା ପୂଜା ସାଗର, ବିଜୁ ଛାତ୍ର ଜନତା ଦଳ କଳାହାଣ୍ଡି ଉପସଭାପତି ମୁକ୍ତେଶ୍ୱର ନାଗ, ଡମ୍ବରୁ ଖମାରି ଯୋଗଦେଇଥିଲେ। ଫାଇନାଲ ଖେଳରେ ଅଭୟ ନାଏକ ଓ କ୍ଷୀରୋଦ ପଣ୍ଡା ଖେଳ ପରିଚାଳନା କରିଥିଲେ।

# ଜାତୀୟ ବାଳିକା ଦିବସରେ ଘାସିରାମ ସମ୍ବର୍ଦ୍ଧିତ

ସୋନପୁର,୨୪।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ରୁଗୁଡିପାଲିଠାରେ ଜାତୀୟ ବାଳିକା ଦିବସ ପାଳନ ଅବସରରେ ଶିଶୁ ଅଧିକାର କର୍ମୀ ଘାସିରାମ ପଣ୍ଡାଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ରୁଗୁଡିପାଲିକୁ ରାଜ୍ୟର ପ୍ରଥମ ବାଲ୍ୟ ବିବାହମୁକ୍ତ ଗ୍ରାମ ଭାବେ ପରିଚିତ କରାଇବାରେ ତାଙ୍କର ଅବଦାନ ପାଇଁ ଗ୍ରାମବାସୀଙ୍କ ତରଫରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟରେ ଏକ ସାମାଜିକ ଆନ୍ଦୋଳନର ରୂପ ନେଇଥିବା ବାଲ୍ୟ ବିବାହ ମୁକ୍ତ ଗ୍ରାମ ଅଭିଯାନ ବର୍ଷେ ତଳେ ଘାସିରାମଙ୍କ ଦ୍ୱାରା ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ରଣାଙ୍କ ସହାୟତାରେ ରୁଗୁଡିପାଲି ଗ୍ରାମରୁ ହିଁ ଆରମ୍ଭ ହୋଇଥିଲା। ପରେ ବିଭିନ୍ନ ଜିଲାରେ ଗ୍ରାମଗୁଡିକୁ ବାଲ୍ୟ ବିବାହ ମୁକ୍ତ କରାଯାଇ ଏହି ପ୍ରକ୍ରିୟାରେ ସାମିଲ କରାଯାଇଛି। ବର୍ତ୍ତମାନ ସୁଦ୍ଧା ନବରଙ୍ଗପୁର ଜିଲାରୁ ୫, ବୌଦ୍ଧରୁ ୧୦, ସୁବର୍ଣ୍ଣପୁରରୁ ୧୨, ମାଲକାନଗିରିରୁ ୨୪, ମୟୁରଭଞ୍ଜରୁ ୨୦, ନୟାଗଡରୁ ୪୧, ଦେବଗଡରୁ ୩୭୦ ଓ ଗଞ୍ଜାମରୁ ୧୦୩୨ଟି ଗ୍ରାମକୁ ଜିଲା ପ୍ରଶାସନ ଦ୍ୱାରା ବାଲ୍ୟ ବିବାହ ମୁକ୍ତ ଘୋଷିତ କରାଯାଇ ସାରିଛି।



ଘାସିରାମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

୨୦୧୯ ମସିହାରେ ରୁଗୁଡିପାଲିରେ ହେବାକୁ ଥିବା ସମସ୍ତ ବାଲ୍ୟ ବିବାହକୁ ସଫଳତାର ସହ ବନ୍ଦ କରାଯାଇ ପାରିଥିଲା। ଫଳସ୍ୱରୂପ ୬ ଜାନୁୟାରୀ, ୨୦୨୦ରେ ଘାସିରାମଙ୍କ ଉପସ୍ଥିତିରେ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀଙ୍କ ଦ୍ୱାରା ରାଜ୍ୟର ପ୍ରଥମ ବାଲ୍ୟ ବିବାହମୁକ୍ତ ଗ୍ରାମ ଭାବରେ ରୁଗୁଡିପାଲି ଘୋଷିତ ହୋଇଥିଲା। ଏହି ପ୍ରୟାସକୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରଶଂସା କରିଥିଲେ। ରାଜ୍ୟର ଅନ୍ୟ ସବୁ ଜିଲାମାନଙ୍କରେ ମଧ ଏଭଳି ବାଲ୍ୟ ବିବାହମୁକ୍ତ ଗ୍ରାମ ପ୍ରସ୍ତୁତ କରିବାକୁ ବିଭାଗ ତରଫରୁ ଜୁନ୍ ୧୨, ୨୦୨୦ରେ ସମସ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା। ଫଳସ୍ୱରୂପ ଗୋଟିଏ ଗାଁରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ରାଜ୍ୟର ୮ଟି ଜିଲାର ୧୫୦୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ପହଞ୍ଚି ପାରିଛି। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ସମାଜ ମଙ୍ଗଳ ଅଧିକାରୀ ଅନ୍ତ୍ରେରିଆ କେର୍କେଟା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଏକ୍ସନଏଡ୍‌ର ଜିଲା ସଂଯୋଜକ ରାକେଶ ପ୍ରଧାନ, ଆଇନଜୀବୀ ସ୍ୱାଧିନ ମେହେର, ମୟୁରଉଡାନ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାଗ୍ୟବତୀ ବାଘ ଯୋଗ ଦେଇଥିଲେ। ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ରଣା ସଭା ପରିଚାଳନା କରିଥିଲେ।

## କନ୍ୟା କିରଣ କାର୍ଯ୍ୟକ୍ରମରେ ୩ ସମ୍ବର୍ଦ୍ଧିତ

ବରଗଡ଼ ଅଫିସ୍,୨୪।୧

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ରାଷ୍ଟ୍ରୀୟ କନ୍ୟା ଦିବସ ପାଳିତ ହୋଇଛି। ଏହି ଅବସରରେ କିସ୍ ବରଗଡ଼ ପକ୍ଷରୁ କନ୍ୟା କିରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ଉପଜିଲାପାଳ ପ୍ରଭାସ ଦଣ୍ଡସନା, ଡା. ସୁସ୍ମିତା ତ୍ରିପାଠୀ, ଅଧ୍ୟାପିକା ସଂଘମିତ୍ରା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ନାରୀଶିକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। ଜିଲାର ତିନିଜଣ କନ୍ୟା ପ୍ରତିଭା ଅର୍ଥାତ୍ ଗତବର୍ଷ ମାଟ୍ରିକ ପରୀକ୍ଷାରେ ଝିଅମାନଙ୍କ ମଧ୍ୟରେ ସର୍ବାଧିକ ନମ୍ବର ରଖିଥିବା ଶୁଭଶ୍ରୀ ପ୍ରଧାନ, ସାମାଜିକ କର୍ମୀ ଦୀପା ବାରିକ ଏବଂ ସୀମା ସୁରକ୍ଷା ବଳରେ ଯୋଗଦେବା ପାଇଁ କୃତିତ୍ୱ ଅର୍ଜନ କରିଥିବା ମାଧବୀ ମହାକୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହେନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଲଡୁଗାଁ ଚାମ୍ପିୟନ

କୋକସରା, ୨୪।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ସିଉନୀଠାରେ ରଷିମଣି ପୂଝାରୀ ମେମୋରିଆଲ କ୍ରିକେଟ ଫାଇନାଲ ମ୍ୟାଚ ଏମଏମସିସି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୈଦାଲପୁର ଓ ଲଡୁଗାଁ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଲଡୁଗାଁ ଦଳ ବିଜୟୀ ହୋଇ ଟ୍ରଫି ହାସଲ କରିଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୧ ହଜାର ଓ ରନର୍ସଅପ ଦଳକୁ ଟ୍ରଫି ସହ ୭ ହଜାର ପୁରସ୍କାର ଅର୍ଥ ରାଶି ଅତିଥି ପ୍ରଦାନ କରିଥିଲେ। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ନବନିର୍ବାଚିତ ଭାଜପା କଳାହାଣ୍ଡି ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ସମ୍ମାନିତ ଅତିଥି ବରାଡଙ୍ଗା ସରପଞ୍ଚ ଗୋକୁଳ ନାଏକ, କେଦାର ଚନ୍ଦ୍ର ବେହେରା, ଚନ୍ଦ୍ରମଣି ବେମାଲ, ସୀତାକାନ୍ତ ବାଗ, ଗୋପିଚନ୍ଦ୍ର ନାଏକ, ନରେନ୍ଦ୍ର ପ୍ରଧାନୀ ଯୋଗଦେଇଥିଲେ। ସୁଧୀର କୁମାର ଧଙ୍ଗଡ଼ାମାଝି ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିବା ବେଳେ ଈଶ୍ୱରୀ ପ୍ରସାଦ ଅଗସ୍ତି ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ: ସମ୍ବଲପୁର ଚାମ୍ପିୟନ

ବଘିଆପଡା,୨୪।୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବଘିଆପଡା ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଟେନିସବଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସମ୍ବଲପୁର ଓ ବୌଦ୍ଧ ମଧ୍ୟରେ ହୋଇଥିଲା। ଖେଳ ୩ ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ୧୨ ଓଭର ଖେଳ ହୋଇଥିଲା। ଏଥିରେ ସମ୍ବଲପୁର ଦଳ ୬ ଉଇକେଟରେ ୧୩୨ ରନ କରିଥିଲା। ବୌଦ୍ଧ ୧୦ ଓଭରରେ ସମସ୍ତ ଉଇକେଟରେ ୯୯ ରନ କରିଥିଲା। ଦ୍ୱିତୀୟ ଫର୍ମାଟ ୬ ଓଭର ହୋଇଥିଲା। ବୌଦ୍ଧ ସମସ୍ତ ଓଭରରେ ୨ ଉଇକେଟ ବିନିମୟରେ ୬୭ ରନ କରିଥିଲା। ସମ୍ବଲପୁର ୭ ଉଇକେଟ ହରାଇ ୫୭ ରନ ସଂଗ୍ରହ କରିଥିଲା। ତୃତୀୟ ଫର୍ମାଟ ଗୋଟିଏ ଓଭର ହୋଇଥିଲା। ଏଥିରେ ସମ୍ବଲପୁର ୨ରନ କରିଥିବା ବେଳେ ବୌଦ୍ଧ ୨ ଉଇକେଟ ବିନିମୟରେ ଗୋଟିଏ ରନ ସଂଗ୍ରହ କରିଥିଲା। ତିନି ଫର୍ମାଟରୁ ସମ୍ବଲପୁର ୨ଟିରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୨ ହଜାର ଓ ରନର୍ସ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବ୍ଲକ ଅଧକ୍ଷା ରେବତୀ ମହାଲିକ, ସରପଞ୍ଚ ରିଙ୍କି ଗିରି, ସୌରେନ୍ଦ୍ରି ମହାକୁଡ, ସମିତିସଭ୍ୟ କଷ୍ଟେଶ୍ୱର ଖଟୁଆ, ଅରୁଣ ବାଘ, ଫାଣ୍ଡି ଅଧିକାରୀ ତପନ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ।


ଟ୍ରଫି ସହ ଚାମ୍ପିୟନ ସମ୍ବଲପୁର ଦଳ ଓ ଅତିଥି।

# ସଞ୍ଚାରରୁ ଧନୁଯାତ୍ରା ଉପଲବ୍ଧି

ବରଗଡ଼ ଅଫିସ୍,୨୪।୧

ସଞ୍ଚାର ଏକ ପ୍ରାଚୀନ ଲୋକକଳା। ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ଏହା ମୂଳ ଅଙ୍ଗ। ତଥାପି ଆଜିକାର କମ୍ପ୍ୟୁଟର, ପ୍ରଯୁକ୍ତିବିଦ୍ୟା ଯୁଗରେ ଆଧୁନିକ ପିଢ଼ି ଏଭଳି ଏକ ଲୋକକଳା ଉପରେ ସେତେ ଅବଗତ ନୁହଁନ୍ତି। ଏଥର କରୋନା କଟକଣା ଯୋଗୁ ଧନୁଯାତ୍ରା ହୋଇପାରିନାହିଁ। ଏଭଳି ସମୟରେ ସର୍ବଭାରତୀୟ ସଞ୍ଚାର ସମ୍ମିଳନୀ ଆୟୋଜନ ଧନୁଯାତ୍ରାର ଉପଲବ୍ଧିକୁ ପରିସ୍ଫୁଟ କରି ପାରିଛି। ରବିବାର ବରଗଡ଼ ପୁରୁଣା କଚେରୀ ପରିସରରେ ଆୟୋଜିତ ସର୍ବଭାରତୀୟ ସଞ୍ଚାର ସମ୍ମିଳନୀ ତଥା ଗାହାକ୍ ବାହାକ୍ (ସଞ୍ଚାର ପରମ୍ପରାରେ କୃଷ୍ଣଲୀଳା) କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ବକ୍ତାମାନେ ଏହା ମତପ୍ରକାଶ କରିଛନ୍ତି।


ସର୍ବଭାରତୀୟ ସଞ୍ଚାର ସମ୍ମିଳନୀର ଉଦ୍‌ଘାଟନୀ ଦିବସରେ ଯୋଗ ଦେଇଥିବା କଳାକାରବୃନ୍ଦ।

**ସର୍ବଭାରତୀୟ ସଞ୍ଚାର ସମ୍ମିଳନୀରେ ମତ**

ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ତଥା ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟାପକ ଶେଷନ ବିଶି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଲୁପ୍ତପ୍ରାୟ ସଞ୍ଚାର ଲୋକକଳାକୁ ଉଜ୍ଜୀବିତ କରି ପାରିଛି ବୋଲି ମତପ୍ରକାଶ କରିଥିଲେ। ବରଗଡ଼ ସାମ୍ବାଦିକ ସଂଘର ଉପସଭାପତି ଉମେଶ ବିଶ୍ୱାଳ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ତଥା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶ ସଭା ପରିଚାଳନା କରିଥିଲେ। ୪ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ଜୟନ୍ତୀ ଦୀପ୍, ପିଙ୍କି ଭୋଇ, ଗୋପେଶ ବେହେରା, ଅଲେଖ ସାହୁ, ଅଚ୍ୟୁତ ବେହେରା, ହରିଲାଲ ସାହୁ, ପ୍ରହଲ୍ଲାଦ ଦୀପ ଏବଂ ସାଥୀମାନେ ସଞ୍ଚାର ପରିବେଷଣ କରିଥିଲେ। ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ।